


ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

VOLUME- 43 ◆ISSUE-74 ◆SUNDAY ◆7 SEPTEMBER 2025 ◆PAGE-12 ◆₹ 6.00 | JEYPORE | ◆ବର୍ଷ-୪୩ ◆ସଂଖ୍ୟା-୭୪ ◆ରବିବାର ◆୭ ସେପ୍ଟେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦ (ସିନ୍ଦୂରା ସହ)


## ଆଜି ପୂର୍ଣ୍ଣଗ୍ରାସ ଚନ୍ଦ୍ରଗ୍ରହଣ: ଦେଖାଯିବ 'ବ୍ଲଡ୍ ମୁନ୍'


■ **ପୁରୀ, ୬।୯ (ସମିସ):** ଆସନ୍ତାକାଲି ଭାଦ୍ରବ ଶୁକ୍ଳ ପୂର୍ଣ୍ଣିମାରେ ସଂଘଟିତ ହେଉଛି ରାହୁଗ୍ରସ୍ତ ପୂର୍ଣ୍ଣଗ୍ରାସ ଚନ୍ଦ୍ରଗ୍ରହଣ। ଚଳିତ ବର୍ଷର ଏହା ଶେଷ ଚନ୍ଦ୍ରଗ୍ରହଣ। ଏଥିପାଇଁ ରବିବାର ମଧ୍ୟାହ୍ନ ୧୨ଟା ୫୭ ମିନିଟ୍ ୨୨ ସେକେଣ୍ଡରୁ ଅନ୍ନଭୋଜନ, ପାକତ୍ୟାଗ ଓ ଦେବନୀତି ନିଷେଧ କରାଯାଇଛି। ବାଳୁତ, ବୃଦ୍ଧ, ରୋଗୀମାନଙ୍କ ପକ୍ଷେ ଏହି ନିୟମ କୋହଳ ରହିଛି। ରାତି ୯ଟା ୫୭ ମିନିଟ୍ ୨୨ ସେକେଣ୍ଡରେ ଗ୍ରହଣ ସ୍ପର୍ଶ ହୋଇ ରାତି ୧ଟା ୨୭ ମିନିଟ୍ ୧୭ ସେକେଣ୍ଡରେ ସର୍ବମୋକ୍ଷ ହେବ। ତେଣୁ ମଧ୍ୟାହ୍ନ ୧୨ଟା ୫୭ମିନିଟ୍ ପୂର୍ବରୁ ଦେବନୀତି ଶେଷ ହେବ। ସର୍ବମୋକ୍ଷ ପରେ ସ୍ନାନପୂର୍ବକ ଦେବନୀତି ଓ ଅନ୍ନଭୋଜନ କରାଯାଇପାରିବ ବୋଲି ପଞ୍ଜିକାରେ କୁହାଯାଇଛି।

ଚଳିତ ବର୍ଷର ଭାଦ୍ରବ ପୂର୍ଣ୍ଣିମାରେ ଆକାଶରେ 'ବ୍ଲଡ୍ ମୁନ୍' ଦୃଶ୍ୟମାନ ହେବ। ଚନ୍ଦ୍ରଗ୍ରହଣ ପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ନୀତିନିର୍ଘଣ୍ଟ କରାଯାଇଛି। ଏହି ଦିନ ଶ୍ରୀମନ୍ଦିରରେ ବିଶେଷ ନୀତି ଇନ୍ଦ୍ରଗୋବିନ୍ଦ ବନ୍ଦାପନା ଓ ଇନ୍ଦ୍ର ହାତୀ ପ୍ରସ୍ତାବ ନୀତି ରହିଥିବାରୁ ନୀତିକୁ ତ୍ୱରାନ୍ୱିତ କରାଯିବ। ଗ୍ରହଣ ସ୍ପର୍ଶ ପରେ ଶ୍ରୀମନ୍ଦିରରେ ଗ୍ରହଣ ମହାସ୍ନାନ ଓ ଗ୍ରହଣ ଭୋଗ ନୀତି ସରି ଅନ୍ୟାନ୍ୟ ନୀତି କରାଯିବ। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଗ୍ରହଣ ପାଇଁ ହୋଇଥିବା ସ୍ୱତନ୍ତ୍ର ନୀତି ଅନୁଯାୟୀ, ଶନିବାର ରାତି ୨ଟାରୁ ଦ୍ୱାର ଫିଟାଯିବ। ୨ଟା ୪୦ରେ ମଙ୍ଗଳଆଳତି ବଢ଼ି ଅନ୍ୟାନ୍ୟ ନୀତିକାନ୍ତି ଚାଲିବ। ଗ୍ରହଣ ସ୍ପର୍ଶ ପରେ ଗ୍ରହଣ ମହାସ୍ନାନ, ଗ୍ରହଣଭୋଗ ଓ ଅନ୍ୟାନ୍ୟ ନୀତି ହେବ।



**ମଧ୍ୟାହ୍ନ ୧୨.୫୭ରୁ ପାକତ୍ୟାଗ**
**ରାତି ୯.୫୭ରୁ ଗ୍ରହଣ ଆରମ୍ଭ**
**୧.୨୭ ମିନିଟ୍‌ରେ ସର୍ବମୋକ୍ଷ**

# ୧୨ ଘଣ୍ଟାରେ ଟ୍ରମ୍ପଙ୍କ ୟୁ'ଟର୍ଣ୍ଣ




■ **ୱାସିଂଟନ, ୬।୯ (ଏଜେନ୍ସି):** 'କେବେ ନା, କେବେ ହଁ'। ଆମେରିକାରେ ଏମିତି ଶାସନ ଚଳାଇଛନ୍ତି ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ। ନିଜ କଥାକୁ ନିଜେ ଭାଙ୍ଗିବାରେ ସେ ସିଦ୍ଧହସ୍ତ। ରାଷ୍ଟ୍ରପତି ଭାବେ ଦାୟିତ୍ୱ ଗ୍ରହଣ କରିବା ପରଠାରୁ ଏଭଳି ସେ ଅନେକ ନିଷ୍ପତ୍ତି ନେଇଛନ୍ତି, ଯାହାକୁ ପରବର୍ତ୍ତୀ ସମୟରେ ସେ ନିଜେ ପ୍ରତ୍ୟାହାର କରିଛନ୍ତି। ଶୁଳ୍କ ଧମକ ଦେଇ ବିଶ୍ୱରେ ଅସ୍ଥିରତା ସୃଷ୍ଟି କରିଥିବା ଟ୍ରମ୍ପ ଭାରତ ପ୍ରତି ତାଙ୍କର ଆଭିମୁଖ୍ୟରେ ପରିବର୍ତ୍ତନ କରୁଥିବା ଲକ୍ଷ କରାଯାଉଛି। ୫୦ ପ୍ରତିଶତ ଶୁଳ୍କ ଘୋଷଣା କରିବା ପରେ ଭାରତ ଏବଂ ଏହାର ନେତାଙ୍କ ବିରୋଧରେ ବିଷୋଦଗାର କରି ଚାଲିଥିବା ଟ୍ରମ୍ପ ୧୨ ଘଣ୍ଟା ଭିତରେ ମତ ବଦଳାଇବା ଏବେ ଆଲୋଚନାର ବିଷୟ ହୋଇଛି। ଚୀନ ଓ ରୁଷ ସହିତ ସଂପର୍କ ନେଇ ଗତକାଲି ଭାରତକୁ କଟାକ୍ଷ କରିଥିବା ଟ୍ରମ୍ପ ଆଜି ଭାରତ ଏବଂ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଭୂରି ଭୂରି ପ୍ରଶଂସା କରିଛନ୍ତି। ପ୍ରଧାନମନ୍ତ୍ରୀ ମୋଦୀ ମଧ୍ୟ ତାଙ୍କର ନୂଆ ଆଭିମୁଖ୍ୟର ସମ୍ମାନ କରୁଥିବା ଜଣାଇଛନ୍ତି। ଦୁଇ ନେତାଙ୍କର ଏଭଳି ମନ୍ତବ୍ୟ ତିକ୍ତ ହୋଇପଡ଼ିଥିବା ଭାରତ ଓ ଆମେରିକା ସଂପର୍କରେ ସୁଧାର ଆଣିପାରେ ବୋଲି ଅନୁମାନ କରାଯାଉଛି।

ଗତକାଲି ଟ୍ରମ୍ପ କହିଥିଲେ ଯେ ଚୀନ ହାତରେ ଭାରତ ଓ ରୁଷକୁ ଆମେରିକା ହରାଇଛି। ଏହି ତିନି ଦେଶ ମଧ୍ୟରେ ସଂପର୍କର କଟାକ୍ଷ କରି ଶୁଭକାମନା ଜଣାଇଥିଲେ। କିନ୍ତୁ ଏହାର ୧୨ ଘଣ୍ଟା ଭିତରେ ଭାରତ ଓ ମୋଦୀଙ୍କୁ ସେ ଏମିତି ପ୍ରଶଂସା କରିଛନ୍ତି ଯେ ଯେମିତି ସଂପର୍କ ସୁଦୃଢ଼ ରହିଛି। ▶ପୃଷ୍ଠା-୭

## ଶୁଳ୍କ କମାଇବାକୁ ୩ ସର୍ତ୍ତ

**ବ୍ରିକ୍ସ ଛାଡ଼ | ରୁଷଠୁ ତେଲ କିଣନି | ଆମକୁ ସମର୍ଥନ ଦିଅ**

■ **ୱାସିଂଟନ, ୬।୯ (ଏଜେନ୍ସି):** ଭାରତ ସହ ଆମେରିକା ଡବଲ୍ ଗେମ୍ ଖେଳୁଛି। ଭାରତକୁ ଧମକ ଦେବାର ୧୨ ଘଣ୍ଟା ଭିତରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ନରମ ଆଭିମୁଖ୍ୟ ଗ୍ରହଣ କରିଛନ୍ତି। କିନ୍ତୁ ତାଙ୍କ ବାଣିଜ୍ୟମନ୍ତ୍ରୀ ହାୱାର୍ଡ ଲୁଟ୍‌ନିକ ଭାରତକୁ ଧମକ ଦେଇଛନ୍ତି। ସେ ଭାରତ ପାଇଁ ତିନି ସର୍ତ୍ତ ରଖିଛନ୍ତି। ଏହି ତିନୋଟି ସର୍ତ୍ତ ମାନିଲେ ଭାରତ ଉପରୁ ଅତିରିକ୍ତ ୨୫ ପ୍ରତିଶତ ଶୁଳ୍କ ହଟାଯିବ। ଭାରତକୁ ରୁଷ୍ ତୈଳ କ୍ରୟ ବନ୍ଦ କରିବାକୁ ହେବ ଏବଂ ବ୍ରିକ୍ସ ଗୋଷ୍ଠୀରୁ ଅଲଗା ହେବାକୁ ପଡ଼ିବ। ଏହା ସହିତ ଆମେରିକାକୁ ସମର୍ଥନ ଦେବାକୁ ହେବ ବୋଲି ଲୁଟ୍‌ନିକ କହିଛନ୍ତି। ସେ ବ୍ଲୁମ୍‌ବର୍ଗ ଟିଭିକୁ ସାକ୍ଷାତକାର କରି ଦେଇ ଶୁକ୍ରବାର ଏହି ଟିପ୍ପଣୀ ଦେଇଥିଲେ। ଏଥିରୁ ଆମେରିକା ରାଷ୍ଟ୍ରପତିଙ୍କ କହିବା ଏବଂ କରିବାରେ ଆକାଶ ପାତାଳ ଫରକ ଥିବା ଜଣାପଡୁଛି। ଟ୍ରମ୍ପ ନିଜେ ଭାରତ ସହ ସମ୍ପର୍କ ସୁଧାରିବାକୁ ପ୍ରସ୍ତୁତ ଥିବା ନେଇ କହୁଥିବାବେଳେ ତାଙ୍କ ମନ୍ତ୍ରୀ ଏଥିରେ ବ୍ରେକ୍ ଲଗାଉଛନ୍ତି।

ଲୁଟ୍‌ନିକ କହିଥିଲେ ଯେ ଯଦି ରୁଷ୍ ଏବଂ ଚୀନ୍ ମଧ୍ୟରେ ଭାରତ ସେତୁ ହେବାକୁ ଚାହୁଁଛି ତେବେ ହେଉ। କିନ୍ତୁ ଭାରତକୁ ଡଲାରକୁ କିମ୍ବା ଆମେରିକାକୁ ସମର୍ଥନ କରିବାକୁ ହେବ। ନୂଆଦିଲ୍ଲୀ ନିଜର ▶ପୃଷ୍ଠା-୭

# ଏସିଆ କପ୍ ହକି ଫାଇନାଲ୍‌ରେ ଭାରତ

**ଦ.କୋରିଆ ସହ ଟାଇଟଲ୍ ଲଢ଼େଇ ଆଜି**



**ସୁପର୍-୪ରେ ଚୀନ ୭-୦ରେ ଧରାଶାୟୀ**
**ଓଡ଼ିଶାର ଶୀଳାନନ୍ଦ ଶ୍ରେଷ୍ଠ ଖେଳାଳି**
**୨୦୨୬ ଏଫ୍ଆଇଏଚ୍ ହକି ବିଶ୍ୱକପ୍ ଆଶା ଉଜ୍ଜ୍ୱଳ**

■ **ରାଜଗିର, ୬।୯ (ଏଜେନ୍ସି):** ବିହାରରେ ଚାଲିଥିବା ପୁରୁଷ ଏସିଆ କପ୍ ହକିର ଦ୍ୱାଦଶ ସଂସ୍କରଣରେ ଆୟୋଜକ ଭାରତୀୟ ଦଳ ଫାଇନାଲରେ ପ୍ରବେଶ କରିଛି। ଶନିବାର ଖେଳାଯାଇଥିବା ଶେଷ ସୁପର୍-୪ ମୁକାବିଲାରେ ଚୀନକୁ ୭-୦ ଗୋଲ୍‌ର ବୃହତ୍ ବ୍ୟବଧାନରେ ପରାସ୍ତ କରିଛି। ମ୍ୟାଚରେ ପ୍ରଭାବୀ ପ୍ରଦର୍ଶନ କରିଥିବା ଓଡ଼ିଆ ଖେଳାଳି ଶିଳାନନ୍ଦ ଲାକ୍ରା ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି। ହର୍‌ମନ୍‌ପ୍ରୀତ୍ ସିଂହଙ୍କ ନେତୃତ୍ୱାଧୀନ ଭାରତ ସୁପର୍-୪ରେ ୩ ମ୍ୟାଚରୁ ୨ ବିଜୟ ଓ ଗୋଟିଏ ଡ୍ର ରଖି ସର୍ବାଧିକ ୭ ପଏଣ୍ଟ ସହ ଟେବୁଲ୍‌ର ଶୀର୍ଷରେ ରହିଛି। ରବିବାର ଖେଳାଯିବାକୁ ଥିବା ଟାଇଟଲ୍ ଲଢ଼େଇରେ ପାଞ୍ଚ ଥରର ବିଜେତା ଦକ୍ଷିଣ କୋରିଆ ସହ ଭାରତର ମୁକାବିଲା ହେବ। ଏଥିରେ ବିଜୟୀ ଦଳ ସ୍ୱର୍ଣ୍ଣ ପଦକ ସହ ୨୦୨୬ ଏଫ୍ଆଇଏଚ୍ ହକି ବିଶ୍ୱକପ୍‌କୁ ସିଧାସଳଖ ଯୋଗ୍ୟତା ଅର୍ଜନ କରିବ। ଏସିଆ କପ୍ ଇତିହାସରେ ଭାରତ ୩ଥର ଚାମ୍ପିଅନ ଓ ୫ଥର ରନର୍ସଅପ୍ ହୋଇଛି। ଶେଷଥର ଲାଗି ୨୦୧୭ରେ ଭାରତ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିଲା।

## କାର୍ ତଳେ ଚାପି ହୋଇଗଲା ଅଟୋ
# ଦମ୍ପତିଙ୍କ ସମେତ ୩ ମୃତ

■ **ଅନୁଗୋଳ, ୬।୯ (ସମିସ):** ଅନୁଗୋଳ ସଦର ଥାନା ଅନ୍ତର୍ଗତ ଖଣ୍ଡହତା ବ୍ରିଜ୍ ନିକଟରେ ଆଜି ଏକ ମର୍ମନ୍ତୁଦ ଦୁର୍ଘଟଣାରେ ୩ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୩ଜଣ ଗୁରୁତର ଆହତ ହୋଇଛନ୍ତି। ଏକ କାର୍ ତଳେ ଅଟୋ ଚାପି ହୋଇଯିବାରୁ ଏହି ଅଘଟଣ ଘଟିଛି। ମୃତକଙ୍କ ମଧ୍ୟରେ ଏକ ଦମ୍ପତି ଅଛନ୍ତି। ସେମାନେ ହେଲେ, ବାଲିମି ଥାନା କାରନ୍ଦା ଅଞ୍ଚଳର ବଂଶୀଧର ସେଠୀ, ତାଙ୍କ ସ୍ତ୍ରୀ କମଳା ସେଠୀ ଏବଂ ଅଟୋ ଚାଳକ ମଣ୍ଟୁ ମୁଦୁଲି। ବଂଶୀଧରଙ୍କ ବୋହୂ ସୁନିତା ସେଠୀ, ସୁନିତାଙ୍କ ପୁଅ ଶ୍ରୀସାଇ ସେଠୀ ଓ କାର୍ ମାଲିକ ବିଶ୍ୱଜିତ୍ ଗୁରୁତର ଆହତ ହୋଇଛନ୍ତି।

ସୂଚନାନୁଯାୟୀ, ବଂଶୀଧରଙ୍କ ଦେହ ଖରାପ ଥିବାରୁ ଏକ ଅଟୋ ଯୋଗେ ସ୍ତ୍ରୀ କମଳା, ବୋହୂ ସୁନିତା, ନାତି ଶ୍ରୀସାଇଙ୍କ ସହ ଚିକିତ୍ସା ପାଇଁ ଅନୁଗୋଳ ଡାକ୍ତରଖାନା ଆସିଥିଲେ। ଡାକ୍ତରଙ୍କୁ ଦେଖାଇବା ପରେ ସମସ୍ତେ ବଂଶୀଧରଙ୍କ ସମୁଦି ଘର ତୁରଙ୍ଗ ଗ୍ରାମକୁ ଯାଇଥିଲେ। ସେଠାରେ ଖାଇ ସାରି ଅଟୋ ଯୋଗେ ନିଜ ଗ୍ରାମକୁ ଫେରୁଥିବା ବେଳେ ନରସିଂହପୁର ଅଞ୍ଚଳରୁ ଆସୁଥିବା ଏକ କାର୍ ସହ ଅଟୋଟି ଧକ୍କା ହୋଇଥିଲା।



ଅଟୋ ଓ କାର୍ ରାସ୍ତା ପାର୍ଶ୍ୱ ବିଲ ଭିତରକୁ ପଶିଯାଇଥିଲା। ଅଟୋଟି କାର୍ ତଳେ ଚାପି ହୋଇ ରହିଯାଇଥିଲା। ଏହି ଦୁର୍ଘଟଣାରେ ଅଟୋରେ ଥିବା ବଂଶୀଧର, କମଳା ଏବଂ ଅଟୋ ଚାଳକ ମଣ୍ଟୁଙ୍କ ମୃତ୍ୟୁ ଘଟିଥିବା ବେଳେ ସୁନିତା, ଶ୍ରୀସାଇ ଓ କାର୍ ମାଲିକ ବିଶ୍ୱଜିତ ଗୁରୁତର ହୋଇଥିଲେ। ଅନ୍ୟପଟେ କାର୍ ଚାଳକଙ୍କ କୌଣସି ଖବର ମିଳିନାହିଁ। ଅନୁଗୋଳ ଅଗ୍ନିଶମ ବାହିନୀ ପହଞ୍ଚି ଆହତମାନଙ୍କୁ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲା। ପୁଲିସ ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଛି।

## ମହାନଦୀ ଜଳ ବିବାଦ ଟ୍ରିବ୍ୟୁନାଲରେ ପକ୍ଷ ରଖିଲା ଓଡ଼ିଶା
# ଆପୋସ ସମାଧାନ ପ୍ରୟାସ ଚାଲିଛି

■ **ଭୁବନେଶ୍ୱର, ୬।୯ (ସମିସ):** ମହାନଦୀ ଜଳ ବିବାଦ ମାମଲାରେ ଓଡ଼ିଶା ଓ ଛତିଶଗଡ଼ ଆପୋସ ସମାଧାନ ପାଇଁ ଉଦ୍ୟମ କରୁଛନ୍ତି। ଉଭୟ ରାଜ୍ୟ ମଧ୍ୟରେ କିଛି ପର୍ଯ୍ୟାୟ ଆଲୋଚନା ହୋଇଛି ଓ ଦୁଇ ରାଜ୍ୟର ମୁଖ୍ୟମନ୍ତ୍ରୀ ପରସ୍ପର ମଧ୍ୟରେ ଦୁଇ ପର୍ଯ୍ୟାୟ ଆଲୋଚନା କରିଛନ୍ତି। ସେହିପରି ଦୁଇ ରାଜ୍ୟର ଜଳସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀସ୍ତରରେ ମଧ୍ୟ କଥାବାର୍ତ୍ତା ଆରମ୍ଭ ହୋଇଛି ବୋଲି ମହାନଦୀ ବିବାଦ ଟ୍ରିବ୍ୟୁନାଲରେ ତଥ୍ୟ ରଖିଛି ଓଡ଼ିଶା।

ରାଜ୍ୟ ପକ୍ଷରୁ ମାମଲା ପରିଚାଳନା କରୁଥିବା ଆଡଭୋକେଟ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ ଗତ ଅଗଷ୍ଟ ୨ ତାରିଖରୁ ଏଯାବତ୍ ଉଭୟ ରାଜ୍ୟ ମଧ୍ୟରେ ମହାନଦୀ ପ୍ରସଙ୍ଗରେ ଆପୋସ ବୁଝାମଣାର ବିସ୍ତୃତ ଅଗ୍ରଗତିର ତଥ୍ୟ ଉପସ୍ଥାପନ କରିଛନ୍ତି। ଟ୍ରିବ୍ୟୁନାଲ ଅଧ୍ୟକ୍ଷ ଜଷ୍ଟିସ ବେଲା ଏମ୍ ତ୍ରିବେଦୀ ଆସନ୍ତା ଅକ୍ଟୋବର ୧୧କୁ ପରବର୍ତ୍ତୀ ଶୁଣାଣି ଧାର୍ଯ୍ୟ କରିବା ସହ ଏହି ତାରିଖ ସୁଦ୍ଧା ଆପୋସ ବୁଝାମଣାର ଅଗ୍ରଗତି ତଥ୍ୟ ଉପସ୍ଥାପନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ଜଳବିବାଦ ସଂକ୍ରାନ୍ତରେ ଟ୍ରିବ୍ୟୁନାଲ ଶୁଣାଣି ସମ୍ପର୍କରେ ଆଡଭୋକେଟ୍ ଜେନେରାଲ ଶ୍ରୀ ଆଚାର୍ଯ୍ୟ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା, କେନ୍ଦ୍ର ଜଳଶକ୍ତି ମନ୍ତ୍ରୀ ସି ଆର ପାଟିଲଙ୍କ ସହ ବିବାଦର ସମାଧାନ ନିମନ୍ତେ ଆଲୋଚନା କରିଛନ୍ତି। ପ୍ରତିପକ୍ଷ



**ଅଗ୍ରଗତି ତଥ୍ୟ ଦେବାକୁ ଟ୍ରିବ୍ୟୁନାଲଙ୍କ ନିର୍ଦ୍ଦେଶ**
**ଅକ୍ଟୋବର ୧୧ ତାରିଖରେ ପରବର୍ତ୍ତୀ ଶୁଣାଣି**
**ସର୍ବୋଚ୍ଚ ଯନ୍ତ୍ରୀସ୍ତରୀୟ ଆଲୋଚନା ଆରମ୍ଭ**

ଛତିଶଗଡ଼ ମୁଖ୍ୟମନ୍ତ୍ରୀଙ୍କ ସହ ମଧ୍ୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦୁଇଥର ଆଲୋଚନା କରି ସାରିଛନ୍ତି। ଗତ ୩୦ ତାରିଖରେ ଉଭୟ ରାଜ୍ୟର ମୁଖ୍ୟ ସଚିବ ନୂଆଦିଲ୍ଲୀରେ ଜଳ ବିବାଦ ଆପୋଷ ସମାଧାନ ନେଇ ଆଲୋଚନା କରିଥିଲେ। ଗତକାଲି ଅର୍ଥାତ୍ ଶୁକ୍ରବାର ଦୁଇ ରାଜ୍ୟର ଜଳ ସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଏବଂ ଗଠିତ ବୈଷୟିକ ଟିମ୍ ମଧ୍ୟରେ ମଧ୍ୟ ଆଲୋଚନା ହୋଇଛି। କେନ୍ଦ୍ର ସରକାରଙ୍କ ମଧ୍ୟସ୍ଥତାରେ ସମାଧାନ ପାଇଁ ଆଲୋଚନା ଜାରି ରହିଛି।

କୌଣସି ଜଳ ବିବାଦର ସମାଧାନ ଟ୍ରିବ୍ୟୁନାଲ୍‌ରେ ହୋଇପାରି ନାହିଁ। ଏହା ଏକ ରାଜନୈତିକ ବିବାଦ ଏବଂ ଦୁଇ ରାଜ୍ୟର ରାଜନୈତିକ ନେତୃତ୍ୱ ଏ ସମ୍ପର୍କରେ ଆଲୋଚନା କରି ସମାଧନର ବାଟ କାଢ଼ିଲେ ସମସ୍ୟାର ଅନ୍ତ ହେବ। ଅତୀତରେ କୃଷ୍ଣା, କାବେରୀ, ରାବି, ବ୍ୟାସ ନଦୀ ଜଳ ବିବାଦରେ ଟ୍ରିବ୍ୟୁନାଲରେ ସୁଫଳ ମିଳିନାହିଁ। ଯଦି ବିବାଦ ସମାଧାନ ନ ହୁଏ ତାହେଲେ ଓଡ଼ିଶାର ପ୍ରକଳ୍ପ ପାଇଁ କେନ୍ଦ୍ରୀୟ ଜଳ କମିଶନଙ୍କ ସ୍ୱୀକୃତି ମିଳିବ ନାହିଁ। ତେଣୁ ଉଭୟ ରାଜ୍ୟର ସ୍ୱାର୍ଥକୁ ସୁରକ୍ଷିତ ରଖାଯାଇ କିପରି ବିବାଦର ଆପୋଷ ଆଲୋଚନା ମାଧ୍ୟମରେ ସମାଧାନ ହୋଇପାରିବ, ସେନେଇ ଆଲୋଚନା ଅଗ୍ରଗତି ହେଉଛି। କେନ୍ଦ୍ର ସରକାରଙ୍କ ମଧ୍ୟସ୍ଥତାରେ ଯଦି ଉଭୟ ରାଜ୍ୟ ଯଦି ଆଲୋଚନା ମାଧ୍ୟମରେ ବିବାଦର ▶ପୃଷ୍ଠା-୭

## ୧୨ ହଜାର କୋଟିର ଡ୍ରଗ୍ସ ର୍‍ୟାକେଟ୍‌ର ପର୍ଦ୍ଦାଫାସ
# ଆଇଟି ବିଶେଷଜ୍ଞ ସମେତ ୧୨ ଗିରଫ

■ **ହାଇଦରାବାଦ୍, ୬।୯ (ଏଜେନ୍ସି):** ମହାରାଷ୍ଟ୍ର ପୁଲିସ ନିଶା ତଥା ଡ୍ରଗ୍ସ ବିରୋଧରେ ଏକ ବଡ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଥାଣେ ଜିଲ୍ଲାର ମୀରା ରୋଡ ପୁଲିସ୍ ଏହିକ୍ରମରେ ଶନିବାର ତେଲଙ୍ଗାନାର ହାଇଦରାବାଦ୍‌ରେ ଏକ ଡ୍ରଗ୍ସ ଉତ୍ପାଦନକାରୀ କାରଖାନା ଉପରେ ଚଢ଼ାଉ କରିବା ସହ ୧୨,୦୦୦ କୋଟି ଟଙ୍କାର ଏକ ଡ୍ରଗ୍ସ ର୍‍ୟାକେଟ୍‌ର ପର୍ଦ୍ଦାଫାସ କରିଛି। କଞ୍ଚାମାଲ ଜବତ କରିବା ସହିତ ୧୨ ଜଣଙ୍କୁ ଗିରଫ କରିଛି। ମହାରାଷ୍ଟ୍ର ନିଆଯାଇ ଏମାନଙ୍କୁ ପଚରାଉଚରା କରାଯାଉଛି। ଏହି ଗ୍ୟାଙ୍ଗର ମୁଖ୍ୟ ଅଭିଯୁକ୍ତ ହେଉଛନ୍ତି ଜଣେ ଆଇଟି ଏକ୍ସପର୍ଟ। ଏମାନଙ୍କ ମଧ୍ୟରେ ଜଣେ ବାଂଲାଦେଶୀ ମହିଳା ମଧ୍ୟ ସାମିଲ ରହିଛନ୍ତି। ଫାତିମା ସେଖ ନାମକ ଏହି ମହିଳା ଗତମାସରେ ମହାରାଷ୍ଟ୍ରର ମୀରା ରୋଡ୍‌ରେ ୨୪ ଲକ୍ଷ ଟଙ୍କା ନିଶାଦ୍ରବ୍ୟ ସହ ଧରାପଡ଼ିଥିଲା। ଏହି ରାକେଟ୍ ସହ ଏକ ଅନ୍ତର୍ଜାତୀୟ ଗୋଷ୍ଠୀ ଜଡ଼ିତ ଥିବା ପୁଲିସ ଆଶଙ୍କା କରୁଛି। ଡ୍ରଗ୍ସ ତିଆରି କରିବାକୁ ବ୍ୟବହାର କରାଯିବାକୁ ଥିବା ୩୫,୦୦୦ ଲିଟର ରାସାୟନିକ ପଦାର୍ଥକୁ ମଧ୍ୟ ଜବତ କରାଯାଇଛି। ତଦନ୍ତ ପରେ ଅଧିକ ସୂଚନା ମିଳିବ ବୋଲି ପୁଲିସ ପକ୍ଷରୁ କୁହାଯାଇଛି।

## ଗଣେଶ ବିସର୍ଜନ ବେଳେ ଗୋଷ୍ଠୀ ସଂଘର୍ଷ
# ଗାଁ ମୁଣ୍ଡରେ ଗଡ଼ିଲା ମୁଣ୍ଡ

■ **ଶେରଗଡ଼, ୬।୯ (ସମିସ):** ଗଣେଶ ଭସାଣିକୁ ନେଇ ଶେରଗଡ଼ ଥାନା ଅନ୍ତର୍ଗତ ଗୋଠଗାଁ ଗ୍ରାମରେ ଶୁକ୍ରବାର ରାତିରେ ଗୋଷ୍ଠୀସଂଘର୍ଷ ଘଟି ଜଣଙ୍କ ଜୀବନ ଯାଇଛି। ସନ୍ଧ୍ୟାରେ ଭସାଣି ପାଇଁ ଶୋଭାଯାତ୍ରା ବେଳେ ଦୁଇଗୋଷ୍ଠୀ ମୁହାଁମୁହିଁ ହୋଇଥିଲେ। ପରେ ବିଳମ୍ବିତ ରାତିରେ ଦୁଇଗୋଷ୍ଠୀଙ୍କ ମଧ୍ୟରେ ସଂଘର୍ଷ ଘଟିଥିଲା। ଖଣ୍ଡା, କାତି, ଠେଙ୍ଗା ସାହାଯ୍ୟରେ ପରସ୍ପରକୁ ଆକ୍ରମଣ କରିଥିଲେ। ଗୋଟିଏ ଗୋଷ୍ଠୀର ସମସ୍ତ ସଦସ୍ୟ ଖସି ପଳାଇ ଯାଇଥିବା ବେଳେ ସାନଖେମୁଣ୍ଡି ଥାନା ରାମଚନ୍ଦ୍ରପୁର ପଞ୍ଚାୟତ ଜଗନ୍ନାଥପୁର ଗ୍ରାମର ଚନ୍ଦନ ବିଷୋୟୀଙ୍କୁ ଏକୁଟିଆ ପାଇ ଅପରଗୋଷ୍ଠୀର ସଦସ୍ୟ ମରଣାନ୍ତକ ଆକ୍ରମଣ କରିଥିଲେ। ଫଳରେ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଥିଲା।

ପୂର୍ବରୁ ଉକ୍ତ ଗୋଷ୍ଠୀଙ୍କ ସହିତ ଚନ୍ଦନଙ୍କ ଗଣ୍ଡଗୋଳ ଲାଗି ରହିଥିଲା। ଅପରପକ୍ଷେ ଚନ୍ଦନ ଘରକୁ ନଫେରିବାରୁ ପରିବାର ସଦସ୍ୟମାନେ ଖୋଜିଥିଲେ। ଚନ୍ଦନଙ୍କ ସାଙ୍ଗମାନେ ଚନ୍ଦନଙ୍କୁ ଗୋଠଗାଁରେ ହତ୍ୟା କରାଯାଇଥିବା ପରିବାର ସଦସ୍ୟଙ୍କୁ ଜଣାଇଥିଲେ। ପରିବାରଲୋକେ ତାଙ୍କୁ ଉଦ୍ଧାର କରି ହିଞ୍ଜିଳିକାଟୁ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ଚନ୍ଦନଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସ ହିଞ୍ଜିଳିକାଟୁ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ଶବ ଜବତ କରିବା ସହ ବ୍ରହ୍ମପୁର ବଡ଼ ମେଡିକାଲକୁ ବ୍ୟବଚ୍ଛେଦ ଲାଗି ପଠାଇଛି। ଏନେଇ ଚନ୍ଦନଙ୍କ ସମ୍ପର୍କୀୟ ଶେରଗଡ଼ ଥାନାରେ ଲିଖିତ ଅଭିଯୋଗ କରିବାରୁ ଏକ ହତ୍ୟା ମାମଲା ରୁଜୁ କରି ଶେରଗଡ଼ ପୁଲିସ ୩ ଜଣଙ୍କୁ ଅଟକ ରଖି ତଦନ୍ତ କରୁଛି।

## ରାସ୍ତା ମରାମତି ସମୀକ୍ଷା ବୈଠକ
# ବିଭାଗ ମଧ୍ୟରେ ସମନ୍ୱୟ ଅଭାବରୁ ଦୁର୍ଦ୍ଦଶା

■ **ଭୁବନେଶ୍ୱର, ୬।୯ (ସମିସ):** ରାଜ୍ୟର ବିଭିନ୍ନ ସହରରେ ରାସ୍ତା ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଛି। ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟର ଘୋର ଅଭାବ ରହୁଛି। ଗୋଟିଏ ବିଭାଗ ରାସ୍ତା ତିଆରି କରି ଚାଲିଯାଉଛି, ୭ ଦିନ ମଧ୍ୟରେ ସେହି ବିଭାଗ ରାସ୍ତାକୁ ଆଉ କିଏ ଆସି ଖୋଳି ଦେଇ ଚାଲିଯାଉଛି। ୟୁଟିଲିଟି କରିଡର ନାମରେ ବିଭାଗଗୁଡ଼ିକ ଯେମିତି ପାରୁଛନ୍ତି ସେମିତି ରାସ୍ତାକୁ ବ୍ୟବହାର କରୁଛନ୍ତି। ବିନା ଅନୁମତିରେ କିଏ ପାଇପ୍ ବିଛାଉଛି ତ ଆଉ କିଏ ବିଦ୍ୟୁତ୍ ଲାଇନ୍ ପକାଇବା ଅବା ଅନ୍ୟ



**୨୦ ସେପ୍ଟେମ୍ବର ସୁଦ୍ଧା ସବୁ ରାସ୍ତା ମରାମତି ସାରିବାକୁ ମନ୍ତ୍ରୀଙ୍କ ତାଗିଦ**
**୨ ଦିନରେ ରାସ୍ତା ସ୍ଥିତି ସମ୍ପର୍କରେ ରିପୋର୍ଟ ଦେବାକୁ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ**

ୟୁଟିଲିଟି କରିଡର୍ ନାମରେ ଭଲ ଥିବା ରାସ୍ତାକୁ ଖୋଳି ପକାଉଛନ୍ତି। ଏହାଦ୍ୱାରା ପରବର୍ତ୍ତୀ ସମୟରେ ସମ୍ପୂର୍ଣ୍ଣ ରାସ୍ତାଟି ଖରାପ ଅବସ୍ଥାକୁ ଚାଲିଆସୁଛି। ରାସ୍ତାଘାଟର ଦୁରବସ୍ଥା ପାଇଁ ବିଭାଗ ମଧ୍ୟରେ ସମନ୍ୱୟର ଅଭାବ ରହୁଥିବା ଶନିବାର ହୋଇଥିବା ଏକ ସମୀକ୍ଷାରୁ ସ୍ପଷ୍ଟ ଜଣାପଡ଼ିଛି। ରାଜ୍ୟରେ ରାସ୍ତାଘାଟ ମରାମତିକୁ ନେଇ ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ ଆଜି ଅନୁଷ୍ଠିତ ସମୀକ୍ଷା ବୈଠକରେ ଦୁର୍ଗାପୂଜାକୁ ଦୃଷ୍ଟିରେ ରଖି ଆସନ୍ତା ୨୦ ତାରିଖ ସୁଦ୍ଧା ରାଜ୍ୟର ସମସ୍ତ ରାସ୍ତାକୁ ଖାଲଖମାମୁକ୍ତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଅକ୍ଟୋବର ୨ ତାରିଖରୁ ଖରାପ ଅବସ୍ଥାରେ ଥିବା ରାସ୍ତାର ସମ୍ପୂର୍ଣ୍ଣ ନବୀକରଣ କରିବା ପାଇଁ ମନ୍ତ୍ରୀ ବିଭାଗୀୟ ଯନ୍ତ୍ରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ବୈଠକରେ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଭୁବନେଶ୍ୱର, କଟକ, ବ୍ରହ୍ମପୁର, ▶ପୃଷ୍ଠା-୭

# ବିସ୍ଫୋରଣ ଧମକ ଦେଇଥିବା 'ଆତଙ୍କବାଦୀ' ଉତ୍ତର ପ୍ରଦେଶରୁ ଗିରଫ



ନୂଆଦିଲ୍ଲୀ, ୬।୯(ଏଜେନ୍ସି): ମୁମ୍ବାଇରେ ଗଣେଶ ଉତ୍ସବ ବିସର୍ଜନ ଚାଲିଥିବା ବେଳେ ବିସ୍ଫୋରଣ ଧମକ ଦେଇଥିବା ବ୍ୟକ୍ତି ଉତ୍ତର ପ୍ରଦେଶର ନୋଏଡାରୁ ଗିରଫ ହୋଇଛି। ଏହି ବ୍ୟକ୍ତି ହେଉଛନ୍ତି ୫୦ ବର୍ଷୀୟ ଅଶ୍ୱିନ କୁମାର ସୁପ୍ରା। ସେ ବିହାର ରାଜଧାନୀ ପାଟନାରେ ରୁହନ୍ତି। ସେ ଗତ ୫ ବର୍ଷ ହେବ ନୋଏଡାରେ ରହିଆସୁଛନ୍ତି ଏବଂ ଜ୍ୟୋତିଷ ଓ ବାସ୍ତୁଶାସ୍ତ୍ରରେ କାର୍ଯ୍ୟ କରୁଛନ୍ତି। ଅଶ୍ୱିନ ଗୁରୁବାର ମୁମ୍ବଇ ପୁଲିସକୁ ହ୍ୱାଟ୍ସଆପ୍‌ରେ ଧମକପୂର୍ଣ୍ଣ ମେସେଜ ଦେଇଥିଲା। ଲସ୍କର-ଏ- ଜେହାଦୀର ୧୪ଜଣ ଆତଙ୍କବାଦୀ ମୁମ୍ବଇରେ ବୁଲୁଛନ୍ତି ଓ ୪୦୦ କେଜି ଆରଡିଏକ୍ସ ୩୪ଟି ଗାଡିରେ ଲଗାଇଛନ୍ତି। ଆତଙ୍କିମାନେ ବିସ୍ଫୋରଣ କରିବେ ଓ ଏହା ଦ୍ୱାରା ପାଖାପାଖି ଏକ କୋଟି ଲୋକ ମୃତ୍ୟୁବରଣ କରିବେ ବୋଲି ସେ ମେସେଜରେ ଉଲ୍ଲେଖ କରିଥିଲା। ଏହି ମେସେଜ ମିଳିବା ପରେ ପୁଲିସ ସାରା ମୁମ୍ବଇରେ ହାଇଆଲର୍ଟ ଜାରି କରିଥିଲା ଓ କ୍ରାଇମ ବ୍ରାଞ୍ଚକୁ ଯାଞ୍ଚ କରିବାକୁ ନିର୍ଦ୍ଦେଶ ଦେଇଥିଲା। ଏହିକ୍ରମରେ ଆଣ୍ଟି ଟେରରିଜମ୍ ସ୍କ୍ୱାଡ (ଏଟିଏସ୍) ଓ ଅନ୍ୟ ସୁରକ୍ଷା ଏଜେନ୍ସିଗୁଡିକ ମଧ ହାଇ ଆଲର୍ଟରେ ଥିଲେ। ଯାଞ୍ଚ ପରେ ମୁମ୍ବଇ କ୍ରାଇମ ବ୍ରାଞ୍ଚ ନୋଏଡାରେ ପହଞ୍ଚି ସେକ୍ଟର-୭୯ ସୋସାଇଟିରୁ ଗିରଫ କରିଛି। ଅଶ୍ୱିନଙ୍କୁ କ୍ରାଇମ ବ୍ରାଞ୍ଚ ନୋଏଡାରୁ ମୁମ୍ବାଇ ନେଇଛି ଓ ତାର ମୋବାଇଲ ଫୋନ୍ ଓ ସିମକାର୍ଡକୁ ଜବତ କରାଯାଇଛି। ଏହାକୁ ବାଦ୍ ଦେଲେ ତା ପାଖରେ ୪ଟି ସିମ୍‌କାର୍ଡ ହୋଲ୍ଡର, ୬ ମେମୋରି କାର୍ଡ ହୋଲ୍ଡର, ଏକ ସିମ୍ ସ୍ଲଟ ଏକ୍ସଟରନାଲ ଓ ଦୁଇଟି ଡିଜିଟାଲ କାର୍ଡ ଜବତ କରାଯାଇଛି। ୨୦୨୩ରେ ସେ ଏକ ଠକେଇ ମାମଲାରେ ପାଟନା ଜେଲରେ ୩ ମାସ ରହିଥିବା କଥା କ୍ରାଇମ୍ ବ୍ରାଞ୍ଚ ଜାଣିବାକୁ ପାଇଛି। ଫିରୋଜ ନାମକ ଏକ ବ୍ୟକ୍ତି ତା ବିରୋଧରେ ଅଭିଯୋଗ କରିଥିଲା। ଫିରୋଜ ବିରୋଧରେ ପ୍ରତିଶୋଧ ନେବାକୁ ସେ ତା ନାମରେ ଏହି ମେସେଜ ପଠାଇଥିଲା ବୋଲି ଅଶ୍ୱିନ କହିଛି। ତେବେ ଫିରୋଜ କିଏ ଓ ଠକେଇ ମାମଲା କଣ ସେ ନେଇ କିଛି ସ୍ପଷ୍ଟ ହୋଇନାହିଁ। ପୂର୍ବରୁ ଅଗଷ୍ଟ ୨୫ରେ ମହାରାଷ୍ଟ୍ରର ଥାଣେ ରେଲ ଷ୍ଟେସନରେ ବମ୍ ଦ୍ୱାରା ବିସ୍ଫୋରଣରେ ଉଡାଇ ଦେବାକୁ ଧମକ ମିଳିଥିଲା।

# ଦେଶ ଛାଡ଼ି ପଳାଇଲେ ପୂର୍ବତନ ପ୍ରଧାନମନ୍ତ୍ରୀ



ବ୍ୟାଙ୍କକ୍, ୬।୯(ଏଜେନ୍ସି): ଥାଇଲାଣ୍ଡ ପୂର୍ବତନ ପ୍ରଧାନମନ୍ତ୍ରୀ ଥାକସିନ ସିନବାତ୍ରା ଦେଶ ଛାଡ଼ି ନିଜ ବ୍ୟକ୍ତିଗତ ଜେଟ୍‌ରେ ଦୁବାଇ ଚାଲିଯାଇଛନ୍ତି। ସାମାଜିକ ଗଣମାଧମ ଏକ୍ସରେ ସେ ଏ ନେଇ ସୂଚନା ଦେଇଛନ୍ତି। ସେପ୍ଟେମ୍ବର ୯ରେ ଥାଇଲାଣ୍ଡର କୋର୍ଟ ତାଙ୍କ ବିରୋଧରେ ଦୁର୍ନୀତି ମାମଲାରେ ରାୟ ଦେବାକୁ ଯାଉଥିବା ବେଳେ ସେ ଦେଶ ଛାଡି ଚାଲି ଯାଇଛନ୍ତି ବୋଲି କୁହାଯାଉଛି। ସେ ଚିକିତ୍ସା ପାଇଁ ସିଙ୍ଗାପୁର ଯାଉଥିଲେ। କିନ୍ତୁ ସେଠାରେ ଜେଟ୍ ବିମାନ ଅବତରଣ କରିହେବ ନାହିଁ ବୋଲି ତାଙ୍କ ପାଇଲଟ କହିଥିଲେ। ଫଳରେ ଆମକୁ ଦୁବାଇ ଯିବାକୁ ହେଲା ବୋଲି ସେ ଏକ୍ସରେ ଉଲ୍ଲେଖ କରିଛନ୍ତି। ତେବେ କୋର୍ଟ ରାୟ ଶୁଣାଇବାକୁ ଯାଉଥିବା ବେଳେ ସେ ଖୁବ୍‌ଶୀଘ୍ର ସ୍ୱଦେଶ ଫେରିବେ ବୋଲି ସ୍ପଷ୍ଟ କରିଛନ୍ତି। କିନ୍ତୁ ସେ ଆଉ ଦେଶକୁ ଫେରିବେ ନାହିଁ ବୋଲି ରାଜନୈତିକ ପଣ୍ଡିତମାନେ ଅନୁମାନ କରିଛନ୍ତି। ୨୦୦୬ରେ ପଦରୁ ହଟିବା ପରେ ତାଙ୍କ ବିରୋଧରେ ଦୁର୍ନୀତି ମାମଲାରେ ୧୫ ବର୍ଷର ଜେଲ୍ ଦଣ୍ଡାଦେଶ ମିଳିବା ପରେ ସେ ଦେଶ ଛାଡି ଚାଲିଯାଇଥିଲେ।

# ଲିପୁଲେଖ ବିବାଦରେ ଚୀନ୍ ମୁଣ୍ଡ ପୂରାଇବନି

ବେଜିଂ, ୬।୯(ଏଜେନ୍ସି): ଭାରତ ଓ ନେପାଳ ମଧ୍ୟରେ ଦୀର୍ଘଦିନ ଧରି ଥିବା ଲିପୁଲେଖ ବିବାଦରେ ମୁଣ୍ଡ ପୂରାଇବାକୁ ଚୀନ୍ ମନା କରିଦେଇଛି। ଲିପୁଲେଖ୍ ଏକ ପାରମ୍ପରିକ ଗିରିପଥ। ନେପାଳର ଦାବିକୁ ଚୀନ୍ ସମ୍ମାନ କରୁଛି। ଏହି ବିବାଦ ଭାରତ ଓ ନେପାଳର ଦ୍ୱିପାକ୍ଷିକ ମାମଲା। ତେଣୁ କଥାବାର୍ତ୍ତା ମାଧ୍ୟମରେ ଦୁଇ ଦେଶ ଏହି ବିବାଦର ସମାଧାନ କରିବା ଉଚିତ ବୋଲି ଚୀନ୍ ରାଷ୍ଟ୍ରପତି ଜିନ୍‌ପିଙ୍ଗ କହିଥିବା କଥା ନେପାଳ ବୈଦେଶିକ ସଚିବ ଅମୃତ ବାହାଦୂର ରାୟ କହିଛନ୍ତି। ନେପାଳ ପ୍ରଧାନମନ୍ତ୍ରୀ କେପି ଶର୍ମା ଓଲି ଅଗଷ୍ଟ ୩୧ ଓ ସେପ୍ଟେମ୍ବର ୧ ରେ ଏସ୍‌ସିଓ ସମ୍ମିଳନୀରେ ଯୋଗ ଦେବାକୁ ଚୀନ୍ ଗସ୍ତ କରିଥିଲେ। ଏହି ଅବସରରେ ସେ ଜିନପିଙ୍ଗ୍‌ଙ୍କ ସମ୍ମୁଖରେ ଲିପୁଲେଖ ବିବାଦ ଉପସ୍ଥାପନ କରିଥିଲେ। ଲିପୁଲେଖ ଅଞ୍ଚଳ ନେପାଳର ଅଂଶ ବିଶେଷ ବୋଲି ଓଲି କହିଛନ୍ତି। କିନ୍ତୁ ଭାରତ ଓ ଚୀନ୍ ମଧ୍ୟରେ ଏହି ଗିରିପଥ ଦେଇ ହୋଇଥିବା ବ୍ୟବସାୟିକ ସହମତି ନେଇ ଓଲି ଆପତ୍ତି ଉଠାଇଥିଲେ। ଅଗଷ୍ଟ ୧୯ ରେ ଭାରତ ଓ ଚୀନ ଲିପୁଲେଖ ଦେଇ ବ୍ୟବସାୟ କରିବାକୁ ଏହି ପଥ ଖୋଲିବା ନେଇ ସହମତି ପ୍ରକାଶ କରିଥିଲେ। କିନ୍ତୁ ନେପାଳ ଏହାକୁ ସେତେବେଳେ ବିରୋଧ କରିଥିଲା। ଉଲ୍ଲେଖଥାଉ କି, ୨୦୨୦ରେ ନେପାଳ ଏକ ନୂଆ ମାନଚିତ୍ର ଜାରି କରିଥିଲା। ଏଥିରେ ଲିପୁଲେଖ, ଲିମ୍ପିୟାଧୁରା ଓ କାଲାପାନୀକୁ ନେପାଳ ନିଜର ବୋଲି ଜାହିର କରିବାକୁ ପ୍ରୟାସ କରିଥିଲା। କିନ୍ତୁ ଭାରତ ପୂର୍ବରୁ ଏହି ୩ଟି ସ୍ଥାନକୁ ନିଜର ବୋଲି ବିବେଚନା କରିଆସୁଛି।

# ହଜରତବଲ ଦର୍‌ଘାରେ ଅଶୋକ ସ୍ତମ୍ଭ ଚିହ୍ନକୁ ନେଇ ବିବାଦ

ଶ୍ରୀନଗର, ୬।୯(ଏଜେନ୍ସି): ଜମ୍ମୁ-କଶ୍ମୀର ରାଜଧାନୀ ଶ୍ରୀନଗରସ୍ଥିତ ହଜରତବଲ ଦର୍‌ଘାରେ ନୂଆ କରି ଲଗାଯାଇଥିବା ଏକ ଫଳକରେ ରାଷ୍ଟ୍ରୀୟ ଚିହ୍ନ 'ଅାଶୋକ ସ୍ତମ୍ଭ'କୁ ନେଇ ବିବାଦ ସୃଷ୍ଟି ହୋଇଛି। ଶୁକ୍ରବାର ପ୍ରାର୍ଥନା ପରେ କେତେଜଣ ଲୋକ ଏହି ଫଳକକୁ ଭାଙ୍ଗି ଦେଇଛନ୍ତି। ଜୁମାର ନମାଜ ପଢ଼ିବା ପରେ ଏହି ଫଳକ ନିକଟରେ ଭିଡ ହୋଇଥିଲେ ଓ ୱାକଅଫ୍ ବୋର୍ଡ ବିରୋଧରେ ସ୍ଲୋଗାନ ଦେବା ସହ ପଥର ପିଙ୍ଗିଥିଲେ। ଏହି ଘଟଣାକୁ ନେଇ ବିବାଦ ସୃଷ୍ଟି ହୋଇଛି। ବହୁବର୍ଷ ହେବ ହଜରତବଲ ଦର୍‌ଘାକୁ ମୁସଲିମ ସମ୍ପ୍ରଦାୟର ଲୋକମାନେ ଏକ ପବିତ୍ରସ୍ଥଳ ବୋଲି ବିବେଚନା କରନ୍ତି। ଚଳିତ ସପ୍ତାହରେ ୱାକଅଫ୍ ବୋର୍ଡ କୋଟି କୋଟି ଟଙ୍କା ଖର୍ଚ୍ଚ କରି ଏହି ଦର୍‌ଘାର ପୁନର୍ଗଠନ କାର୍ଯ୍ୟ କରିବା ପରେ ଉଦ୍‌ଘାଟନ କରିଥିଲା। ଉଦ୍‌ଘାଟନ ଫଳକରେ ରାଷ୍ଟ୍ରୀୟ ଚିହ୍ନ ଆଶୋକ ସ୍ତମ୍ଭ ଥିଲା ଓ ଏହାକୁ ନେଇ ସମାଲୋଚନା କରାଯାଉଥିଲା। ଏହାକୁ ନ୍ୟାସନାଲ କନଫରେନ୍ସ ସମେତ ଅନ୍ୟ ରାଜନୈତିକ ଦଳଗୁଡିକ ନିନ୍ଦା କରିଥିଲେ। ଏ ନେଇ ମୁଖ୍ୟମନ୍ତ୍ରୀ ଫାରୁକ ଅବଦୁଲ୍ଲା ନିଜର ପ୍ରତିକ୍ରିୟା ଦେଇଛନ୍ତି। କୌଣସି ଧାର୍ମିକ ସ୍ଥଳରେ ରାଷ୍ଟ୍ରୀୟ ଚିହ୍ନ ପୂର୍ବରୁ କେବେ ଦେଖି ନଥିଲି। ତେଣୁ ହଜରତବଲ ଦର୍‌ଘାର ପଥର ଉପରେ ରାଷ୍ଟ୍ରୀୟ ଚିହ୍ନ ଲଗାଇବାର ଆବଶ୍ୟକତା କ'ଣ ବୋଲି ସେ ପ୍ରଶ୍ନ କରିଛନ୍ତି।

# ଧନଖଡ଼ଙ୍କ ପେନ୍‌ସନ୍ ଆବେଦନ ମଞ୍ଜୁର

ନୂଆଦିଲ୍ଲୀ, ୬।୯(ଏଜେନ୍ସି): ପୂର୍ବତନ ଉପ- ରାଷ୍ଟ୍ରପତି ଜଗଦୀପ ଧନଖଡ଼ଙ୍କୁ ଜଣେ ପୂର୍ବତନ ବିଧାୟକ ଭାବେ ପେନସନ ମିଳିବା ନିଶ୍ଚିତ ହୋଇଛି। ଏ ନେଇ ସେ ପୂର୍ବରୁ କରିଥିବା ଆବେଦନକୁ ମଞ୍ଜୁର କରାଯାଇଛି। ୭୫ ବର୍ଷୀୟ ଧନଖଡ଼ ରାଜସ୍ଥାନ ବିଧାନସଭାରେ ପୂର୍ବରୁ ବିଧାୟକ ଥିଲେ। ଉପ- ରାଷ୍ଟ୍ରପତି ଭାବେ ଇସ୍ତଫା ଦେବାପରେ ତାଙ୍କର ଏହି ବିଧାୟକ ପେନ୍‌ସନ୍‌କୁ ମଞ୍ଜୁର କରାଯାଇଛି। ତାଙ୍କ ଆବେଦନର ସବୁ ପ୍ରକ୍ରିୟା ଓ ଔପଚାରିକତା ସମ୍ପନ୍ନ ହେବା ପରେ ଏହି ନିଷ୍ପତ୍ତି ନିଆଯାଇଛି ବୋଲି ସଚିବାଳୟ ତରଫରୁ କୁହାଯାଇଛି। ଏବେ ସେ ଜଣେ ପୂର୍ବତନ ବିଧାୟକ ଭାବେ ପେନ୍‌ସନ ସମେତ ସବୁପ୍ରକାର ସୁବିଧାସୁଯୋଗ ପାଇବେ। ସେ ଗତ ସପ୍ତାହରେ ଏ ନେଇ ରାଜସ୍ଥାନ ସଚିବାଳୟରେ ପେନ୍‌ସନ ପାଇଁ ଆବେଦନ କରିଥିଲେ। ଏବେ ସେ ମାସକୁ ପେନ୍‌ସନ ବାବଦରେ ୪୨, ୦୦୦ ଟଙ୍କା ପାଇବେ। ଉଲ୍ଲେଖଥାଉ କି, ସେ ୧୯୯୩ରୁ ୧୯୯୮ ମଧ୍ୟରେ ରାଜସ୍ଥାନର କିଶନଗଡ଼ ନିର୍ବାଚନମଣ୍ଡଳୀରୁ କଂଗ୍ରେସ ଦଳ ତରଫରୁ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। କିନ୍ତୁ ୨୦୧୯ ଜୁଲାଇରେ ପଶ୍ଚିମବଙ୍ଗର ରାଜ୍ୟପାଳ ନିଯୁକ୍ତ ହେବା ପରେ ତାଙ୍କ ପେନ୍‌ସନକୁ ବନ୍ଦ କରିଦିଆଯାଇଥିଲା।

# ଦିଲ୍ଲୀ, ୟୁପିକୁ ଯମୁନା ଯନ୍ତ୍ରଣା

## ମୌସୁମୀ ବର୍ଷା ବିପର୍ଯ୍ୟୟ

## ପାଣି ଘେରରେ ଦିଲ୍ଲୀର ଅନେକ ଅଞ୍ଚଳ

## ପଞ୍ଜାବର ୧୯୦୦ ଗାଁ ୧୨ ଦିନ ହେଲା ବନ୍ୟା ଘେରରେ



ନୂଆଦିଲ୍ଲୀ, ୬।୯(ଏଜେନ୍ସି): ଉତ୍ତର ଭାରତର କେତୋଟି ରାଜ୍ୟରେ ପ୍ରବଳ ମୌସୁମୀ ବର୍ଷା କାରଣରୁ ଭୂସ୍ଖଳନ ଓ ବନ୍ୟା ସ୍ଥିତି ଜାରି ରହିଛି। ଯମୁନା ନଦୀର ଜଳସ୍ତର ଶନିବାର ମଧ ବିପଦ ସଂକେତ ଉପରେ ପ୍ରବାହିତ ହେଉଛି। ଫଳରେ ରାଜଧାନୀ ଦିଲ୍ଲୀର କେତେକ ଅଞ୍ଚଳରେ ଏବେ ମଧ ପାଣି ଜମି ରହିଛି। ମୋନାଷ୍ଟେରୀ ମାର୍କେଟ, ଯମୁନା ବଜାର, ମୟୂର ବିହାର ଓ କଶ୍ମୀର ଗେଟ୍ ଅଞ୍ଚଳ ପାଣି ଘେରରେ ରହିଛି। ସ୍ୱାମୀ ନାରାୟଣ ମନ୍ଦିର ପରିସରରେ ୫ ଫୁଟ୍ ଉଚ୍ଚର ପାଣି ପଶିଛି। ଉତ୍ତରପ୍ରଦେଶର ମଥୁରାର ୨୦ଟିରୁ ଅଧିକ କଲୋନୀଗୁଡିକରେ ଯମୁନା ପାଣି ପଶିଛି। ଆଗ୍ରାରେ ତାଜମହଲର ପାଚେରି ପର୍ଯ୍ୟନ୍ତ ପାଣି ଆସିଛି। ତାଜମହଲ ପଛରେ ଥିବା ପାର୍କ ମଧ ବୁଡି ଯାଇଛି। ଶୁକ୍ରବାର ଏହି ସହରରେ ପ୍ରବଳ ବର୍ଷା କାରଣରୁ ୫୦ରୁ ଊର୍ଦ୍ଧ୍ୱ ସଡକରେ ୪ ଫୁଟ ପର୍ଯ୍ୟନ୍ତ ପାଣି ଠିଆ ହୋଇଛି। ଫଳରେ ବାଇକ ସମେତ କାର ଅନ୍ୟ ଗାଡି ସବୁ ବୁଡ଼ିଯାଇଛି। ଉତ୍ତରାଖଣ୍ଡରେ ଶନିବାର ୪ ଧାମ ଯାତ୍ରା ପୁଣି ଆରମ୍ଭ ହୋଇଛି। ଖରାପ ପାଗ ଓ କ୍ରମାଗତ ବର୍ଷା କାରଣରୁ ସରକାର ସେପ୍ଟେମ୍ବର ୧ରୁ ୫ ପର୍ଯ୍ୟନ୍ତ ଏହି ଯାତ୍ରାକୁ ସ୍ଥଗିତ ରଖିବାକୁ ନିଷ୍ପତ୍ତି ନେଇଥିଲେ। ଶନିବାରଠାରୁ ୪ ଧାମ ଯାତ୍ରା ପାଇଁ ପଞ୍ଜୀକରଣ ଆରମ୍ଭ ହୋଇଛି।

ବର୍ଷା ଜାରିରହିଥିବାରୁ ପଞ୍ଜାବର ୨୩ଟି ଜିଲ୍ଲାର ୧୯୦୦ଟି ଗାଁ ପାଖାପାଖି ୧୨ ଦିନ ହେବ ବନ୍ୟା ଘେରରେ ରହିଛି। ଫଳରେ ନାହିଁ ନଥିବା ସ୍ଥିତି ସୃଷ୍ଟି ହୋଇଛି। ପଞ୍ଜାବ ଇତିହାସର ସବୁଠାରୁ ବଡ଼ ବନ୍ୟାର ସମ୍ମୁଖୀନ ହୋଇଛି କହିଲେ ଭୁଲ ହେବନାହିଁ। ଏଥିରେ ୩.୮୪ ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ପ୍ରଭାବିତ ହୋଇଛନ୍ତି। ଏହି ଉତ୍ତରପଶ୍ଚିମ ରାଜ୍ୟରେ ବର୍ଷା ଓ ବନ୍ୟାଜନିତ କାରଣରୁ ୪୩ ଲୋକ ମୃତ୍ୟୁବରଣ କରିଛନ୍ତି। ପାଖାପାଖି ୧.୭୨ ହେକ୍ଟର ଚାଷ ଜମିର ଫସଲ ନଷ୍ଟ ହୋଇଛି। ତେବେ ଆଗାମୀ ୪ ଦିନ ପର୍ଯ୍ୟନ୍ତ ପଞ୍ଜାବରେ ବର୍ଷା ନେଇ କୌଣସି ସତର୍କତା ଜାରି କରାଯାଇନାହିଁ। ତେଣୁ ବନ୍ୟା ସ୍ଥିତରେ ଉନ୍ନତି ହେବ ବୋଲି ଆଶା କରାଯାଉଛି।

ସେପଟେ ଜମ୍ମୁ-କଶ୍ମୀରରେ ଭୂସ୍ଖଳନ କାରଣରୁ ଜମ୍ମୁ- ଶ୍ରୀନଗର ରାଜପଥ ଓ ସିନ୍ଥନ ସଡକ ବନ୍ଦ ହେବା କାରଣରୁ ୩,୭୦୦ ଗାଡି ଅଟକି ରହିଛି। ଶ୍ରୀନଗର ଓ ବଡ଼ଗାଁଓରେ ପ୍ରବଳ ବର୍ଷା କାରଣରୁ କେତେକ ଅଞ୍ଚଳରେ ପାଣି ପସିଯାଇଛି। ମାତା ବୈଷ୍ଣୋଦେବୀ ମନ୍ଦିରର ତୀର୍ଥଯାତ୍ରା କ୍ରମାଗତ ୧୧ ଦିନ ପାଇଁ ବନ୍ଦ ରହିଛି। ଅଗଷ୍ଟ ୨୬ରେ ହୋଇଥିବା ଭୂସ୍ଖଳନ କାରଣରୁ ଏହି ଯାତ୍ରାକୁ ସ୍ଥଗିତ କରାଯାଇଥିଲା। ସେହିପରି ଗୁଜରାଟ୍‌ର ଭଦୋଦାରା ଜିଲ୍ଲାରେ କ୍ରମାଗତ ବର୍ଷା କାରଣରୁ ସ୍ଥିତି ବିଗିଡିଛି। ନର୍ମଦା ଓ କିମ୍ ନଦୀରେ ଜଳସ୍ତର ଦ୍ରୁତଗତିରେ ବୃଦ୍ଧିପାଇବା କାରଣରୁ ବିପଦ ସୃଷ୍ଟି ହୋଇଛି। ତଳିଆ ଅଞ୍ଚଳରେ ରହୁଥିବା ଲୋକଙ୍କୁ ସତର୍କ ରହିବା ପାଇଁ ପ୍ରଶାସନ ତରଫରୁ ସତର୍କ କରାଯାଇଛି।

ହରିୟାଣାରେ ପ୍ରବଳ ବର୍ଷା କାରଣରୁ ସବୁ ନଦୀର ଜଳସ୍ତର ବୃଦ୍ଧିପାଇଛି। ଫରିଦାବାଦ୍‌ରେ ଯମୁନା, ସିର୍ସାରେ ଘାଗର, କୁରୁକ୍ଷେତ୍ରରେ ମାର୍କଣ୍ଡ ଓ ଅମ୍ବାଲାରେ ଟାଙ୍ଗ୍ରି ନଦୀରେ ଜଳସ୍ତର ବୃଦ୍ଧି ପାଇଛି। ସେହିପରି ହିମାଚଳ ପ୍ରଦେଶରେ ପାହାଡ଼ ଉପରୁ ବଡ଼ବଡ଼ ପଥର ଖସିବା କାରଣରୁ ଶିମ୍ଲା-କିନ୍ନାଉର ଜାତୀୟ ରାଜପଥରେ ଯିବା ଆସିବା ଏକ ପ୍ରକାର ବନ୍ଦ ରହିଛି। ମୌସୁମୀଜନିତ ବର୍ଷା କାରଣରୁ ହିମାଚଳରେ ଏପର୍ଯ୍ୟନ୍ତ ୩୬୦ ଲୋକ ମୃତ୍ୟୁବରଣ କରିଛନ୍ତି। ସେହିପରି ମଧ୍ୟପ୍ରଦେଶର ୧୨ଟି ଜିଲ୍ଲାରେ ପ୍ରବଳ ବର୍ଷା ହେବ ବୋଲି ସତର୍କତା ଜାରି କରାଯାଇଛି।

# କାନାଡ଼ା ମାନିଲା, ଖଲିସ୍ତାନୀଙ୍କୁ ପାଣ୍ଠି ଯୋଗାଉଥିଲା

ନୂଆଦିଲ୍ଲୀ, ୬।୯(ଏଜେନ୍ସି): ଖଲିସ୍ତାନୀ ଆତଙ୍କବାଦୀଙ୍କୁ ପାଣ୍ଠି ଯୋଗାଣ ଓ ଶରଣ ଦେବା ନେଇ କାନାଡା ସରକାର ପ୍ରଥମଥର ପାଇଁ ଏକ ବଡ଼ ସ୍ୱୀକାର କରିଛନ୍ତି। କାନାଡାର ମାଟିରେ ହିଁ ଏହି ଖଲିସ୍ତାନୀ ଆତଙ୍କବାଦୀ ସଂଗଠନ କାର୍ଯ୍ୟ କରୁଛି ବୋଲି ପ୍ରକାଶିତ ଏକ ରିପୋର୍ଟରେ ସରକାର ମାନିଛନ୍ତି। ବାବର ଖାଲସା, ଅନ୍ତର୍ଜାତୀୟ ଶିଖ୍ ୟୁଥ ଫେଡେରେସନ ଓ ଶିଖ୍ ଫର ଜଷ୍ଟିସ୍ ଭଳି ଖଲିସ୍ତାନୀ ଆତଙ୍କବାଦୀ ସଂଗଠନ କାନାଡାରେ ସକ୍ରିୟ ବୋଲି ସମସ୍ତେ ଜାଣନ୍ତି ଓ କାନାଡା ଖୋଲାଖୋଲି ଭାବେ ଏହି ସଂଗଠନଗୁଡିକୁ ଶରଣ ଦେଉଛି। ତେବେ କାନାଡା ଏବେ ପ୍ରଥମଥର ପାଇଁ ଆନୁଷ୍ଠାନିକ ଭାବେ ଏହାକୁ ସ୍ୱୀକାର କରିଛି ଓ ଏହାକୁ ବହୁତ ବଡ଼ କଥା ବୋଲି ବିବେଚନା କରାଯାଉଛି। ଭାରତୀୟ ଦୃଷ୍ଟିକୋଣରୁ ଏହା ଏକ ଶୁଭ ସଂକେତ ବୋଲି କୁହାଯାଇପାରେ। କାନାଡାର ଅର୍ଥ ବିଭାଗ କଳା ଧନକୁ ଧଳା କରିବା ପ୍ରକ୍ରିୟା ଅର୍ଥାତ ମନିଲଣ୍ଡରିଂ ଓ ଆତଙ୍କବାଦୀଙ୍କ ଭରଣପୋଷଣ ସହିତ ଜଡିତ ଏକ ଆକଳନ ରିପୋର୍ଟ ଜାରି କରିଛି। କାନାଡା ସହିତ ଏହି ସଂଗଠନଗୁଡିକ ବିଭନ୍ନ ଦେଶରେ ପାଣ୍ଠି ସଂଗ୍ରହ କରୁଛନ୍ତି ବୋଲି ଏହି ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଏହି ସଂଗଠନଗୁଡିକ ଡ୍ରଗ୍ସ ଚୋରାଚାଲାଣ ଓ ଅଟୋ ଚୋରି ପାଇଁ ଚାରିଟେବଲ ଟ୍ରଷ୍ଟ ତଥା ଦାତବ୍ୟ ଅନୁଷ୍ଠାନର ବ୍ୟବହାର କରୁଛି। କାନାଡା ଏବେ ଏହି ଆତିଙ୍କବାଦୀ ସଂଗଠନଗୁଡିକ ପାଇଁ ଭୂସ୍ୱର୍ଗ ପାଲିଟିଛି ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି।

# ପତିଙ୍କୁ ଛୁରି ଭୁସି ହତ୍ୟା କଲେ ପତ୍ନୀଙ୍କ ପାର୍ଟନର

କୋଲାମ୍, ୬।୯(ଏଜେନ୍ସି): ଦକ୍ଷିଣ କେରଳ ଜିଲ୍ଲାର ନାଦୁଭାତୁରଠାରେ ଜଣେ ବ୍ୟକ୍ତିଙ୍କୁ ତାଙ୍କ ପତ୍ନୀଙ୍କ ଲିଭ୍- ଇନ୍ ପାର୍ଟନର ଛୁରି ଭୁଶି ହତ୍ୟା କରିଛନ୍ତି। ମୃତ ବ୍ୟକ୍ତି ହେଉଛନ୍ତି ୪୧ ବର୍ଷୀୟ ଶ୍ୟାମସୁନ୍ଦର। ଅଭିଯୁକ୍ତ ହେଉଛନ୍ତି ତାଙ୍କ ଘର ପାଖରେ ରହୁଥିବା ୩୭ ବର୍ଷୀୟ ଧନେଶ। ଗତ ୪ ବର୍ଷ ହେବ ଶ୍ୟାମସୁନ୍ଦରଙ୍କୁ ଛାଡି ତାଙ୍କ ପତ୍ନୀ ଓ ପିଲା ଧନେଶଙ୍କ ପାଖରେ ରହୁଥିଲେ। ତେଣୁ ଦୁହିଁଙ୍କ ମଧ୍ୟରେ ବହୁ ସମୟରେ ଝଗଡ଼ା ହେଉଥିଲା। କିନ୍ତୁ ଶୁକ୍ରବାର ରାତି ୧୦ଟାରେ ପତ୍ନୀ ଓ ପିଲାଙ୍କ ମାଧ୍ୟମରେ ଧନେଶ ମୋ ଧନସମ୍ପତ୍ତି ହଡପ୍ କରିବାକୁ ପ୍ରୟାସ କରୁଛନ୍ତି ବୋଲି ଶ୍ୟାମସୁନ୍ଦର ଅଭିଯୋଗ କରିଥିଲେ ଓ ଏ ନେଇ ଦୁହିଁଙ୍କ ମଧ ପ୍ରବଳ ଝଗଡ଼ା ହୋଇଥିଲା। କିନ୍ତୁ ଲୋକେ ଦୁହିଁଙ୍କୁ ବୁଝାଶୁଝା କରି ଅଲଗା କରିଥିଲେ। କିନ୍ତୁ ରାତି ୧୧.୫୦ରେ ଧନେଶ ପ୍ରତ୍ୟାବର୍ତ୍ତନ କରି ଶ୍ୟାମସୁନ୍ଦରଙ୍କୁ ଛୁରି ଭୁସି ଥିଲା। ଆହତ ଶ୍ୟାମସୁନ୍ଦରଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲେ ମଧ ସେ ମୃତ୍ୟୁବରଣ କରିଥିଲେ।

# ରୋପୱେ ଛିଡ଼ିପଡ଼ି; ୬ ମୃତ

ଅହମଦାବାଦ, ୬।୯(ଏଜେନ୍ସି): ଗୁଜରାଟର ପଞ୍ଚମହଲ ଜିଲ୍ଲାର ପାଭାଗଡ଼ ହିଲ୍ ଟେମ୍ପଲ ତଥା ମହାକାଳୀ ମନ୍ଦିରର ଶକ୍ତିପୀଠରେ ଶନିବାର ଗୁଡ୍ସ ରୋପୱେ ଛିଡିବା ଫଳରେ ଏକ ବଡ଼ ଦୁର୍ଘଟଣା ଘଟିଛି। ଶନିବାର ଅପରାହ୍ଣରେ ହୋଇଥିବା ଦୁର୍ଘଟଣାରେ ୬ଜଣ ଲୋକ ମୃତ୍ୟୁବରଣ କରିଥିବା ବେଳେ ଆଉ କେତେଜଣ ଆହତ ହୋଇଛନ୍ତି। ଏହି ଗୁଡ୍ସ ରୋପୱେରେ ଜିନଷ ପତ୍ର ନବା ଆଣିବା ହୋଇଥାଏ। ସୂଚନା ମିଳିବା ମାତ୍ରେ ସ୍ଥାନୀୟ ପୁଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ଉଦ୍ଧାର କାର୍ଯ୍ୟ ଜାରି ରହିଛି। ରୋପୱେର ତାର ଛିଡିବା ଫଳରେ ଟ୍ରଲି ଉପରୁ ସିଧା ତଳକୁ ଖସିପଡ଼ିଥିଲା। ମୃତକଙ୍କ ମଧ୍ୟରେ ୨ ଜଣ ଲିଫ୍ଟ ଅପରେଟର, ୨ ଜଣ ଶ୍ରମିକ ଓ ଅନ୍ୟ ୨ ଜଣ ଅଛନ୍ତି।

# ଲାଲ୍‌କିଲ୍ଲାରୁ ଏକ କୋଟିର ସୁନା କଳସ ଚୋରି



ନୂଆଦିଲ୍ଲୀ, ୬।୯(ଏଜେନ୍ସି): ଦିଲ୍ଲୀର ଲାଲ୍ କିଲ୍ଲା ପରିସରରେ ଆୟୋଜିତ ହୋଇଥିବା ଏକ ଜୈନ ଧାର୍ମିକ ଶିବିରରୁ ଦୁଇଟି ସୁନା କଳସ ସମେତ ଦେଢ଼ କୋଟି ଟଙ୍କାର ଜିନିଷ ଚୋରି ହୋଇଛି` ସେପ୍ଟେମ୍ବର ୨ରେ ଏହି ଧାର୍ମିକ ସମ୍ମିଳନୀ ଆୟୋଜିତ ହୋଇଥିଲା। ଏବେ ଏହାର ସିସିଟିଭି ଫୁଟେଜ ସାମ୍ନାକୁ ଆସିଛି। ଏଥିରେ ଜଣେ ଚୋର ଜୈନ ପୂଜାରୀ ବେଶ ଧାରଣ କରି ଏହି ବହୁମୂଲ୍ୟ ଜିନିଷରେ ଭରିଥିବା ବ୍ୟାଗ୍‌କୁ ନେଇଯାଇଥିବାର ଦେଖାଯାଉଛି। ଏହି ସଂଦିଗ୍ଧ ଚୋରକୁ ଚିହ୍ନଟ କରାଯାଇଛି ଓ ଖୁବ୍‌ଶୀଘ୍ର ତାକୁ ଗିରଫ କରାଯିବ ବୋଲି ପୁଲିସ କହିଛି।

ହୀରାରେ ଖଚିତ ଏହି ସୁନା କଳସର ଓଜନ ହେଉଛି ୭୬୦ ଗ୍ରାମ୍। ଏଥିରେ ଏକ ନଡ଼ିଆ ଲଗା ହୋଇଥିଲା। ସେହିପରି ୧୧୫ ଗ୍ରାମ୍‌ର ଦ୍ୱିତୀୟ କଳସରେ ହୀରା, ରୁବି ଓ ମାଣିକ ରହିଥିଲା। ଏହି କଳସକୁ ଜୈନ ଧର୍ମରେ ସବୁଠାରୁ ପବିତ୍ର ବୋଲି ବିବେଚନା କରାଯାଏ ଓ ଏହାକୁ ବିଭିନ୍ନ ଧାର୍ମିକ କାର୍ଯ୍ୟରେ ସ୍ଥାନ ଦିଆଯାଇଥାଏ।

ଉଲ୍ଲେଖଥାଉ କି, ଗତ ଅଗଷ୍ଟ ୧୫ ତାରିଖରେ ଲାଲକିଲ୍ଲା ପରିସରରେ ଥିବା ପାର୍କରେ ୧୦ ଦିନ ପାଇଁ ଧାର୍ମିକ ଆୟୋଜନ 'ଦଶଲକ୍ଷଣ ମହାପର୍ବ' ଆୟୋଜିତ ହୋଇଥିଲା। ଏହି ସୁନା କଳସ ଓ ବହୁମୂଲ୍ୟ ଜିନିଷ ବ୍ୟବସାୟୀ ସୁଧୀର ଜୈନଙ୍କର ଥିଲା। ସୁଧୀର ଅନୁଷ୍ଠାନ ପାଇଁ ସବୁଦିନ ମୂଲ୍ୟବାନ ଜିନିଷ ଆଣିଥାନ୍ତି। ଗତ ବୁଧବାର ସେ ଅନୁଷ୍ଠାନ ପାଇଁ କଳସ ଆଣିଥିଲେ। ଏହି କାର୍ଯ୍ୟକ୍ରମରେ ଲୋକସଭା ବାଚସ୍ପତି ଓମ୍ ବିର୍ଲା ମଧ ସାମିଲ ଥିଲେ। ଓମ ବିର୍ଲାଙ୍କ ସ୍ୱାଗତ ଅବସରରେ ସୃଷ୍ଟି ହୋଇଥିବା ଭିଡ଼ ଓ ଦୌଡ଼ାଦୌଡ଼ରେ ଏହି କଳସ ଓ ଅନ୍ୟ ଜିନିଷ ଚୋରି ହୋଇଥିଲା ବୋଲି ପୁଲିସ କହିଛି।

## ଅନୀଲ ଅମ୍ବାନୀଙ୍କ ଉପରେ ପୁଣି ବଡ଼ କାର୍ଯ୍ୟାନୁଷ୍ଠାନ

# ଠକ ଘୋଷଣା କଲା ବ୍ୟାଙ୍କ ଅଫ ବରୋଦା

ମୁମ୍ବାଇ, ୬।୯ (ଏଜେନ୍ସି): ଶିଳ୍ପପତି ତଥା ରିଲାଏନ୍ସ କମ୍ୟୁନିକେସନ୍ସର ଅଧ୍ୟକ୍ଷ ଅନୀଲ ଅମ୍ବାନୀଙ୍କ ସମସ୍ୟା କ୍ରମାଗତ ଭାବେ ବଢ଼ିବାରେ ଲାଗିଛି। ଏବେ ଆଉ ଏକ ବ୍ୟାଙ୍କ ତାଙ୍କ ବିରୋଧରେ ବଡ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଅଲଗା ଅଲଗା ଋଣ ଠକେଇ ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଏବଂ ସିବିଆଇ କାର୍ଯ୍ୟାନୁଷ୍ଠାନର ସମ୍ମୁଖୀନ ହେଉଥିବା ଅନୀଲଙ୍କୁ ବ୍ୟାଙ୍କ ଅଫ୍ ବରୋଦା (ବିଓବି) ଠକ ଘୋଷଣା କରିଛି। ଏହା ପୂର୍ବରୁ ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଏସ୍‌ବିଆଇ) ଏବଂ ବ୍ୟାଙ୍କ ଅଫ୍ ଇଣ୍ଡିଆ (ବିଓଆଇ) ତାଙ୍କୁ ଠକ ଘୋଷଣା କରିଥିଲା।

ରିଲାଏନ୍ସ କମ୍ୟୁନିକେସନ୍ସ (ଆରକମ୍) ପକ୍ଷରୁ କୁହାଯାଇଛି ଯେ ଗତ ୨ ତାରିଖରେ ଏନେଇ କମ୍ପାନୀକୁ ବ୍ୟାଙ୍କ ପକ୍ଷରୁ ସୂଚନା ଦିଆଯାଇଥିଲା। କମ୍ପାନୀକୁ ବିଓବି ୧୬୦୦ କୋଟି ଟଙ୍କାର ଋଣ ଏବଂ ୮୬୨.୫୦ କୋଟି ଟଙ୍କାର 'ଲାଇନ ଅଫ୍ କ୍ରେଡିଟ୍' (ଏଲଓସି) ଦେଇଥିଲା। ସେହିପରି ବ୍ୟାଙ୍କ ପକ୍ଷରୁ କୁହାଯାଇଛି ଯେ ଆରକମ୍ ୨,୪୬୨.୫୦ କୋଟି ଟଙ୍କାର ଋଣ ନେଇଥିଲା। ଗତ ୨୮ ତାରିଖ ସୁଦ୍ଧା ଏଥିରୁ ୧୬୫୬.୦୭ କୋଟି ଟଙ୍କା ବାକି ରହିଥିଲା। ୨୦୧୭ ଜୁନ୍ ୫ ପରଠାରୁ ଋଣ ପରିଶୋଧ କରାଯାଇ ନାହିଁ। ଋଣ ନେଇଥିବା ବ୍ୟାଙ୍କ ଆକାଉଣ୍ଟ ଟି ସେହି ଦିନଠାରୁ ନନ୍ ପରଫର୍ମିଂ ଆସେଟ (ଏନ୍‌ପିଏ) ହୋଇଯାଇଛି। ଯଦି କୌଣସି ବ୍ୟକ୍ତି କିମ୍ବା କମ୍ପାନୀ ଋଣର



କିସ୍ତି କିମ୍ବା ସୁଧ ୯୦ ଦିନ କିମ୍ବା ତାଠାରୁ ଅଧିକ ଦିନ ପର୍ଯ୍ୟନ୍ତ ଦିଏ ନାହିଁ ତେବେ ତାହା ଏନ୍‌ପିଏ ହୋଇଯାଏ। ସେହିପରି ଏଲ୍‌ଓସି ହେଉଛି ରିଭଲଭିଂ କ୍ରେଡିଟ। ଏହା ମାଧ୍ୟମରେ ବ୍ୟାଙ୍କ କିମ୍ବା ଆର୍ଥିକ ପ୍ରତିଷ୍ଠାନଠାରୁ ନିର୍ଦ୍ଧାରିତ ସୀମା ପର୍ଯ୍ୟନ୍ତ ଆବଶ୍ୟକତା ହିସାବରେ ଋଣ ନେଇ ପରିଶୋଧ କରିହେବ। ଏହା ସାଧାରଣ ଋଣଠାରୁ ଭିନ୍ନ। ଆରକମ୍‌ର ପ୍ରବକ୍ତା କହିଛନ୍ତି ଯେ ଏହି ମାମଲା ୧୨ ବର୍ଷର ତଳର। ଅନୀଲ ୨୦୦୬ରୁ ୨୦୧୯ ପର୍ଯ୍ୟନ୍ତ ଅଣ-କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଥିଲେ। କମ୍ପାନୀର ଦୈନିକ ପରିଚାଳନା କିମ୍ବା ନିଷ୍ପତ୍ତିରେ ତାଙ୍କର କୌଣସି ହସ୍ତକ୍ଷେପ ନ ଥିଲା। ସମସ୍ତ ଅଭିଯୋଗ ଭିତ୍ତିହୀନ। ଏ ନେଇ ଆଇନଗତ ପଦକ୍ଷେପ ନିଆଯିବ।

# ହନିମୁନ୍ ହତ୍ୟା ମାମଲା: ପତ୍ନୀ ସୋନମ୍, ପ୍ରେମିକ ରାଜ ମୁଖ୍ୟ ଅଭିଯୁକ୍ତ

ଇନ୍ଦୋର, ୬।୯(ଏଜେନ୍ସି): ଇନ୍ଦୋର ଟ୍ରାନ୍ସପୋର୍ଟ ବ୍ୟବସାୟୀ ରାଜା ରଘୁବଂଶୀ ହତ୍ୟା ମାମଲାରେ ମୃତଦେହ ମିଳିବାର ୯୭ ଦିନପରେ ଶନିବାର ସ୍ୱତନ୍ତ୍ର ତଦନ୍ତକାରୀ ଦଳ (ଏସ୍‌ଆଇଟି) ଚାର୍ଜସିଟ୍ ଦାଖଲ କରିଛି। ମେଘାଳୟ ପୁଲିସର ଏସ୍‌ଆଇଟି ଶିଲଂ କୋର୍ଟରେ ୭୯୦ ପୃଷ୍ଠାର ଅଭିଯୋଗ ପତ୍ର ବା ଚାର୍ଜସିଟ୍ ଦାଖଲ କରିଛି। ଏ ନେଇ ରାଜା ରଘୁବଂଶୀ ପରିବାରକୁ ମଧ ଅବଗତ କରାଯାଇଛି। ରାଜାଙ୍କ ଭାଇ ବିପିନ ରଘୁବଂଶୀ ଏ ନେଇ ସୂଚନା ଦେଇଛନ୍ତି। ଏହି ଚାର୍ଜସିଟ୍‌ରେ ରାଜାଙ୍କ ପତ୍ନୀ ସୋନମ ଓ ତାଙ୍କ ପ୍ରେମିକ ରାଜ କୁଶୱାହଙ୍କୁ ମୁଖ୍ୟ ଅଭିଯୁକ୍ତ ଭାବେ ଦର୍ଶାଯାଇଛି। ସୋନମ ଓ ରାଜଙ୍କ ସମେତ ମୋଟ୍ ୩ ଜଣ ବିରୋଧରେ ହତ୍ୟା ନେଇ ଅଭିଯୋଗ କରାଯାଇଛି। ଏହି ମାମଲାରେ ୫ଜଣ ଅଭିଯୁକ୍ତ ଏବେ ବିଚାର ବିଭାଗୀୟ ହାଜତରେ ରହିଛନ୍ତି। ସୋନମ ଓ ରାଜଙ୍କ ସମେତ ହତ୍ୟାରେ ସହଯୋଗ କରିଥିବା ଆକାଶ ରାଜପୁତ, ଆନନ୍ଦ କୁର୍ମି ଓ ବିଶାଳ ସିଂ ଚୌହାନଙ୍କ ବିରୋଧରେ ମଧ ଅଭିଯୋଗ ଫର୍ଦ୍ଦ ଦାଖଲ କରାଯାଇଛି।

**୭୯୦ ପୃଷ୍ଠାର ଚାର୍ଜସିଟ୍ ଦାଖଲ**

ରାଜା ରଘୁବଂଶୀ ଓ ସୋନମ ବିବାହ ପରେ ହନିମୁନ ପାଇଁ ମେଘାଳୟ ଯାଇଥିଲେ। ତେବେ ମେ ୨୩ରେ ରାଜାଙ୍କୁ ଷଡ଼ଯନ୍ତ୍ରପୂର୍ବକ ହତ୍ୟା କରାଯାଇଥିଲା। ପୂର୍ବ ଖାସୀ ହିଲ୍ସ ଏସ୍‌ପି ବିବେକ ସିମ୍ କହିଛନ୍ତି ଯେ, ଅତିରିକ୍ତ ଫରେନସିକ୍ ରିପୋର୍ଟ ଆସିବା ପରେ ଅନ୍ୟ ୩ ଜଣ ଅଭିଯୁକ୍ତଙ୍କ ବିରୋଧରେ ସପ୍ଲିମେଣ୍ଟାରୀ ଚାର୍ଜସିଟ୍ ଦାଖଲ କରାଯିବ। ପ୍ରମାଣ ନଷ୍ଟ କରିବା ଓ ଲୁଚାଇବା ଅଭିଯୋଗରେ ଏହି ୩ ଜଣଙ୍କୁ ଗିରଫ କରାଯାଇଥିଲା। ଅବଶ୍ୟ ଏହି ୩ ଜଣ ଏବେ ଜାମିନ ପାଇ ବାହାରେ ଅଛନ୍ତି। ଗତ ମେ ୧୧ରେ ରାଜା ଓ ସୋନମଙ୍କ ବିବାହ ହୋଇଥିଲା। ମେ ୨୦ରେ ଦୁହେଁ ହନିମୁନ ପାଇଁ ମେଘାଳୟ ଯାଇଥିଲେ। କିନ୍ତୁ ବହୁ ଖୋଜାଖୋଜି କରିବା ପରେ ଶିଲଂର ଏକ ଖାଇରେ ରାଜାଙ୍କ ମୃତଦେହକୁ ଉଦ୍ଧାର କରାଯାଇଥିଲା। ଗଛ କାଟିବା ଅସ୍ତ୍ରରେ ରାଜାଙ୍କୁ ହତ୍ୟା କାରଯାଇଥିଲା। ଜୁନ୍ ୯ରେ ପୁଲିସ ସୋନମଙ୍କୁ ଉତ୍ତରପ୍ରଦେଶ ଗାଜିପୁରରେ ଏକ ଢ଼ାବାରୁ



ଗିରଫ କରିଥିଲା। ସେତେବେଳେ ଏହି ଘଟଣାକୁ ନେଇ ସାରା ଦେଶରେ ଚର୍ଚ୍ଚା ସୃଷ୍ଟି ହୋଇଥିଲା।

ଜିଲ୍ଲାପାଳଙ୍କୁ ପଞ୍ଚାୟତିରାଜ ବିଭାଗର ଚିଠି

## ପଞ୍ଚାୟତରୁ ଜିଲ୍ଲା ପରିଷଦ କାର୍ଯ୍ୟାଳୟ ଯାଏଁ ବାୟୋମେଟ୍ରିକ୍ ଉପସ୍ଥାନ ବାଧ୍ୟତାମୂଳକ

ଭୁବନେଶ୍ୱର,୬।୯(ସମିସ): ସମୟାନୁବର୍ତ୍ତିତା ଓ କାମରେ ସ୍ୱଚ୍ଛତା ଆଣିବାକୁ ଲକ୍ଷ୍ୟ ରଖି ସରକାର ରାଜ୍ୟର ସମସ୍ତ ଗ୍ରାମ ପଞ୍ଚାୟତ, ପଞ୍ଚାୟତ ସମିତି ଓ ଜିଲ୍ଲା ପରିଷଦ କାର୍ଯ୍ୟାଳୟରେ ବାୟୋମେଟ୍ରିକ୍ ଉପସ୍ଥାନ ବ୍ୟବସ୍ଥାକୁ ବାଧ୍ୟତାମୂଳକ କରିଛନ୍ତି। ଏସବୁ କାର୍ଯ୍ୟାଳୟରେ କାର୍ଯ୍ୟରତ ସରକାରୀ କର୍ମଚାରୀମାନେ ଯେପରି ଠିକ୍ ସମୟରେ କାର୍ଯ୍ୟାଳୟକୁ ଆସି ଜନସାଧାରଣଙ୍କୁ ସେବା ଯୋଗାଇବେ, ତାହା ନିଶ୍ଚିତ କରିବା ପାଇଁ ତୁରନ୍ତ ଏହି ବ୍ୟବସ୍ଥା କାର୍ଯ୍ୟକାରୀ କରିବାକୁ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ପକ୍ଷରୁ ସମସ୍ତ ଜିଲ୍ଲାପାଳଙ୍କୁ ଚିଠି କରାଯାଇଛି। ବାୟୋମେଟ୍ରିକ୍ ଉପସ୍ଥାନ ବ୍ୟବସ୍ଥା କାର୍ଯ୍ୟକାରୀ କରି ତୁରନ୍ତ ଅଗ୍ରଗତିର ରିପୋର୍ଟ ଦେବାକୁ ମଧ୍ୟ ଜିଲ୍ଲାପାଳମାନଙ୍କୁ ବିଭାଗ ନିର୍ଦ୍ଦେଶ ଦେଇଛି।

## ହଷ୍ଟେଲରେ ଛାତ୍ରଙ୍କ ସନ୍ଦେହଜନକ ମୃତ୍ୟୁ

କଣ୍ଟାବାଞ୍ଜି, ୬।୯(ସମିସ): ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ଥାନା ହିଆଁଲସ୍ଥିତ ଅନ୍ୱେଷା ଛାତ୍ରନିବାସରେ ଜଣେ ନବମ ଶ୍ରେଣୀ ଛାତ୍ରଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ମୃତ ଛାତ୍ରଜଣଙ୍କ ହେଲେ,



ପାଟଣାଗଡ଼ ଉପଖଣ୍ଡ ବେଲପଡ଼ାର ଆଦର୍ଶ ସେଠ। କଣ୍ଟାବାଞ୍ଜି ପୁଲିସ୍ ଫ୍ୟାନ୍‌ରୁ ତାଙ୍କ ଝୁଲନ୍ତା ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। କଣ୍ଟାବାଞ୍ଜି ଡାକ୍ତରଖାନାରେ ଶବ ରଖାଯାଇଛି। ରବିବାର ବ୍ୟବଚ୍ଛେଦ ହେବ ବୋଲି ଥାନା ଅଧିକାରୀ ରଶ୍ମିତା ବେହେରା କହିଛନ୍ତି। ଅପରପକ୍ଷେ, ଏସ୍‌ଡିପିଓ ଲକ୍ଷ୍ମୀନାରାୟଣ ମାରାଣ୍ଡି ଓ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ତଦନ୍ତ କରିଛନ୍ତି।

ସୂଚନାନୁଯାୟୀ, ଆଦର୍ଶ ଅନ୍ୱେଷା ହଷ୍ଟେଲରେ ରହି କଣ୍ଟାବାଞ୍ଜିସ୍ଥିତ ଲାୟନ୍ସ ପବ୍ଲିକ ସ୍କୁଲରେ ପଢୁଥିଲେ। ନୂଆଁଖାଇ ଛୁଟିରେ ସେ ଗାଁକୁ ଯାଇଥିବା ବେଳେ ୩ତାରିଖରେ ହଷ୍ଟେଲକୁ ଫେରିଥିଲେ। ତେବେ ଆଜି ଛାତ୍ରାବାସରେ ତାଙ୍କ ଶବ ଫ୍ୟାନ୍‌ରେ ଝୁଲୁଥିବା ଦେଖି ହଷ୍ଟେଲ କର୍ତ୍ତୃପକ୍ଷ କଣ୍ଟାବାଞ୍ଜି ଥାନାକୁ ସୂଚନା ଦେଇଥିଲେ। ଖବର ପାଇ ଆଦର୍ଶଙ୍କ ମା' ହଷ୍ଟେଲରେ ପହଞ୍ଚିଥିଲେ। ତେବେ ଆଦର୍ଶ ଆତ୍ମହତ୍ୟା କରିଛନ୍ତି ନା ତାଙ୍କ ମୃତ୍ୟୁ ପଛରେ ଅନ୍ୟ କିଛି ରହସ୍ୟ ଅଛି, ସେନେଇ ପୁଲିସ ତଦନ୍ତ ଚଳାଇଛି।

■ ଦଳବିରୋଧୀ କାର୍ଯ୍ୟ

## ଉମରକୋଟ ମ୍ୟୁନିସିପାଲିଟି ଉପାଧ୍ୟକ୍ଷ ବିଜେଡିରୁ ନିଲମ୍ବିତ

ଭୁବନେଶ୍ୱର,୬।୯(ସମିସ): ଦଳ ବିରୋଧୀ ଗତିବିଧିରେ ସମ୍ପୃକ୍ତି ଥିବା କାରଣରୁ ନବରଙ୍ଗପୁର ଜିଲ୍ଲା ଉମରକୋଟ ମ୍ୟୁନିସିପାଲିଟି ଉପାଧ୍ୟକ୍ଷ ସୁଧାଂଶୁ ଦାସ ବିଜେଡିରୁ ନିଲମ୍ବିତ ହୋଇଛନ୍ତି। ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଉପ ସଭାପତି(ମୁଖ୍ୟାଳୟ) ପ୍ରତାପ ଜେନାଙ୍କ ଦସ୍ତଖତରେ ଦଳୀୟ କାର୍ଯ୍ୟାଳୟରୁ ଶନିବାର ଏନେଇ ନିର୍ଦ୍ଦେଶନାମା ପ୍ରକାଶ ପାଇଛି।

ନବୀନ ନିବାସରେ ବିଜେଡିର ପିଏସି ବୈଠକ

# ତୃଣମୂଳରୁ ସୁଦୃଢ଼ ହେବ ସଂଗଠନ

ଭୁବନେଶ୍ୱର,୬।୯(ସମିସ): ଶନିବାର ନବୀନ ନିବାସରେ ବିଜେଡି ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି ଦଳର ରାଜନୈତିକ ବ୍ୟାପାର କମିଟି(ପିଏସି) ବୈଠକ। ତୃଣମୂଳସ୍ତରରୁ ଦଳକୁ ଅଧିକ ସୁଦୃଢ଼ କରାଯିବା ସହ ଯୁବ-ଛାତ୍ର-ମହିଳା ଟିମ୍ ମିଳିତ ଭାବରେ ନିଜନିଜ ମଧ୍ୟରେ ସମନ୍ୱୟ ରଖି କାର୍ଯ୍ୟ କରିବାକୁ ଏହ ଅବସରରେ ଦଳୀୟ ନେତାଙ୍କୁ ନବୀନ ପରାମର୍ଶ ଦେଇଥିବା ସୂଚନା ଦେଇଛନ୍ତି କମିଟିର ସଦସ୍ୟ ପ୍ରମିଳା ମଲ୍ଲିକ।



ଶ୍ରୀମତୀ ମଲ୍ଲିକ କହିଛନ୍ତି ଯେ ନିକଟରେ ସଭାପତି ଦଳର ଛାତ୍ର, ଯୁବ ଓ ମହିଳା ଟିମ୍ ଗଠନ କରିଛନ୍ତି। ବୈଠକରେ ଏହି ତିନି ଛାମୁଆ ସଙ୍ଗଠନ କିପରି ସକ୍ରିୟ ଭାବରେ ତୃଣମୂଳସ୍ତରରୁ କାମ କରିବେ, ସେ ସମ୍ପର୍କରେ ଦଳର ସଭାପତି ପରାମର୍ଶ ଦେଇଛନ୍ତି। ସେହିପରି ଆସନ୍ତା ବିଧାନସଭାରେ ସରକାରଙ୍କ ବିଫଳତା ଓ ଅପାରଗତାକୁ କିପରି ଶାଣିତ ଭାବରେ ଉପସ୍ଥାପନ କରାଯିବ ସେ ସଂକ୍ରାନ୍ତରେ ମଧ୍ୟ ସଭାପତି ଆମମାନଙ୍କୁ ପରାମର୍ଶ ଦେଇଛନ୍ତି ବୋଲି ପ୍ରମିଳା କହିଛନ୍ତି। ଏହା ସହ ରାଜ୍ୟର ରାଜନୈତିକ ସ୍ଥିତି ଓ ଦଳର ଆଗାମୀ ପଦକ୍ଷେପ ସହ କେତେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା ହୋଇଥିବା ମଧ୍ୟ ସୂଚନା ମିଳିଛି । ଏହି ବୈଠକରେ ପିଏସି ସଦସ୍ୟ ତଥା ଦଳର ବରିଷ୍ଠ ଉପ ସଭାପତି ଦେବୀ ପ୍ରସାଦ ମିଶ୍ର, ନବୀନଙ୍କ ରାଜନୈତିକ ସଚିବ ସଂତୃପ୍ତ ମିଶ୍ର, ବରିଷ୍ଠ ନେତା ନିରଞ୍ଜନ ପୂଜାରୀ, ପ୍ରଣବ ପ୍ରକାଶ ଦାସ, ସଞ୍ଜୟ କୁମାର ଦାସବର୍ମା, ସୁଦାମ ମାର୍ଣ୍ଡି ଓ ଟୁକୁନି ସାହୁ ପ୍ରମୁଖ ଯୋଗ ଦେଇଥିଲେ।

ଗଣେଶ ଭସାଣି ବେଳେ ଅଘଟଣ

## ହୃଦ୍‌ଘାତରେ ଚାଲିଗଲା ୨ ଜୀବନ

ରାୟଗଡ଼ା/ କଲ୍ୟାଣସିଂହପୁର, ୬।୯(ସମିସ): ଗଣେଶ ବିସର୍ଜନ ବେଳେ ହୃଦ୍‌ଘାତରେ ଚାଲିଗଲା ୨ ଜୀବନ। ଗତ ୨୪ ଘଣ୍ଟାରେ ରାୟଗଡ଼ା ଜିଲ୍ଲାରେ ପୃଥକ୍ ପୃଥକ୍ ସ୍ଥାନରେ ଏପରି ଅଘଟଣ ଘଟିଛି। ମୃତକଦ୍ୱୟ ହେଲେ, ରାୟଗଡ଼ା ସହର ରାମକୃଷ୍ଣ ନଗର ପୋଷ୍ଟ ଅଫିସ୍ ଲାଇନର ବାସିନ୍ଦା ଚନ୍ଦ୍ର ଖରାଙ୍କ ପୁଅ ସୂରଜ ଖରା (୨୮) ଏବଂ କଲ୍ୟାଣସିଂହପୁର ବ୍ଲକ ମାଝୀଗୁଡା ଗ୍ରାମର ଜାଡି ବେଣୁଗୋପାଳ। ବିସର୍ଜନ ଶୋଭାଯାତ୍ରାରେ ସୂରଜ ନାଚୁନାଚୁ ଗଳି ପଡ଼ିଥିବା ବେଳେ ଡିଜେର ଅତ୍ୟଧିକ ଶବ୍ଦ ବେଣୁଗୋପାଳଙ୍କ ମୃତ୍ୟୁ ହୋଇଥିବା କୁହାଯାଉଛି।

ସୂଚନାନୁଯାୟୀ, ଗତକାଲି ରାୟଗଡ଼ା ସହରସ୍ଥିତ ରାମକୃଷ୍ଣନଗର ନବମ ଲାଇନରେ ଗଣେଶ ଭସାଣି ଶୋଭାଯାତ୍ରା ଚାଲିଥିଲା। ଶୋଭାଯାତ୍ରାରେ ସୂରଜ ନାଚିନାଚି ଯାଉଥିବା ବେଳେ ହଠାତ୍ ଟଳି ପଡ଼ିଥିଲେ। ସ୍ଥାନୀୟ ଲୋକ ତାଙ୍କୁ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ରାୟଗଡ଼ା ପୁଲିସ ଶବକୁ ବ୍ୟବଚ୍ଛେଦ କରାଇ ପରିବାରଲୋକଙ୍କୁ ହସ୍ତାନ୍ତର





କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ବ୍ୟବଚ୍ଛେଦ ରିପୋର୍ଟ ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ଥାନା ଅଧିକାରୀ ପ୍ରସନ୍ନ ବେହେରା ସୂଚନା ଦେଇଛନ୍ତି।

ସେହିପରି ଆଜି ସଂଧ୍ୟା ପ୍ରାୟ ୬ଟାରେ କଲ୍ୟାଣସିଂହପୁର ବ୍ଲକ୍ ମାଝୀଗୁଡ଼ା ଗ୍ରାମରେ ଗଣେଶ ଭସାଣି ଚାଲିଥିଲା। ଶୋଭଯାତ୍ରାରେ ଜାଡି ବେଣୁଗୋପାଳ ସାମିଲ ଥିଲେ। ତେବେ ଅତ୍ୟଧିକ ଡିଜେ ସାଉଣ୍ଡ ଯୋଗୁଁ ବେଣୁଗୋପାଳଙ୍କ ହୃଦ୍‌ଘାତ ହୋଇଥିଲା ଏବଂ ସେ ଘଟଣାସ୍ଥଳରେ ଟଳି ପଡ଼ିଥିଲେ।

## ଆଜି ରାଜ୍ୟବ୍ୟାପୀ ବର୍ଷା

ଭୁବନେଶ୍ୱର, ୬।୯ (ସମିସ): ଆସନ୍ତା ୧୦ ତାରିଖ ପର୍ଯ୍ୟନ୍ତ ରାଜ୍ୟର ପ୍ରାୟ ସମସ୍ତ ଜିଲ୍ଲାରେ ଅଳ୍ପ ବହୁତେ ବର୍ଷା ହେବାର ସମ୍ଭାବନା ରହିଛି। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଶନିବାର ଏ ସଂକ୍ରାନ୍ତରେ ସୂଚନା ଦିଆଯାଇଛି। ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି ଯେ ରବିବାର ରାଜ୍ୟର ପ୍ରାୟ ସମସ୍ତ ଜିଲ୍ଲାରେ ବର୍ଷା ସମ୍ଭାବନା ରହିଛି। ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ, ଗଞ୍ଜାମ ଓ ଗଜପତି ଜିଲ୍ଲାରେ ପ୍ରବଳ ବର୍ଷା ସାଙ୍ଗକୁ ବିଜୁଳି ଓ ଘଡଘଡିର ସମ୍ଭାବନା ରହିଛି। ଏଥିପାଇଁ ଉପରୋକ୍ତ ଜିଲ୍ଲାଗୁଡ଼ିକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଉପରୋକ୍ତ ୫ ଜିଲ୍ଲା ବ୍ୟତୀତ ଅନ୍ୟ ୨୫ଟି ଜିଲ୍ଲାରେ ବର୍ଷା ସାଙ୍ଗକୁ ବିଜୁଳି, ଘଡଘଡିର ସମ୍ଭାବନା ଅଛି। ସୋମବାର ବର୍ଷାର ବିସ୍ତୃତି ସାମାନ୍ୟ ହ୍ରାସ ପାଇବ, ମାତ୍ର ମଙ୍ଗଳବାର ଓ ବୁଧବାର ବର୍ଷାର ବିସ୍ତୃତି ବଢ଼ିବ। ଉକ୍ତ ୨ ଦିନ ରାଜ୍ୟର ପ୍ରାୟ ସମସ୍ତ ଅଞ୍ଚଳରେ ବର୍ଷା ହେବାର ସମ୍ଭାବନା ଥିବାବେଳେ ଗୁରବାରଠାରୁ ପାଗରେ ପରିବର୍ତ୍ତନ ହୋଇପାରେ ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ ଆକଳନ କରାଯାଇଛି। ଅପରପକ୍ଷେ ଶନିବାର ପାଣିପାଗ କେନ୍ଦ୍ର ପ୍ରଦତ୍ତ ସୂଚନା ଅନୁଯାୟୀ ଗତ ୨୪ ଘଣ୍ଟାରେ ରାଜ୍ୟର ୩ଟି ସ୍ଥାନରେ ପ୍ରବଳ ବର୍ଷା ରେକର୍ଡ କରାଯାଇଛି। ବୌଦ୍ଧରେ ସର୍ବାଧିକ ୮୯ ମିମି ବର୍ଷା ରେକର୍ଡ କରାଯାଇଥିବା ବେଳେ ଡୁଙ୍ଗୁରିପାଲୀରେ ୮୦ ମିମି, ବଲାଙ୍ଗୀରରେ ୭୫ ମିମି, କୋଟଗଡରେ ୬୨ ମିମି ବର୍ଷା ରେକର୍ଡ କରାଯାଇଛି।



୫ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ

ଗୁରୁବାରରୁ ବଦଳିବ ପାଗ

## ଦ୍ୱାପରର ପ୍ରତିଶୋଧ 'କଳି'ରେ ନେଲେ ଇନ୍ଦ୍ର | ଗିରି ଗୋବର୍ଦ୍ଧନ ପୂଜା ବେଳେ ବଜ୍ରପାତ; ୫୦ ଆହତ

ଦେବଗଡ଼/କଣିହାଁ, ୬।୯ (ସମିସ): ଦ୍ୱାପରର ପରାଜୟର ପ୍ରତିଶୋଧ 'କଳି'ରେ ନେଲେ ଦେବରାଜ ଇନ୍ଦ୍ର। ଗିରିଗୋବର୍ଦ୍ଧନ ପୂଜା ବେଳେ ବଜ୍ରପାତ କଲେ। ଦେବଗଡ଼ ଜିଲ୍ଲାରେ ଆଜି ଏପରି ଏକ ଚର୍ଚ୍ଚା ଜୋର୍ ଧରିଛି। ଦେବଗଡ଼ ଜିଲ୍ଲା

୩ ଗୁରୁତରଙ୍କ ଚେତା ଫେରିନି

ରିଆମାଳ ବ୍ଲକ୍ କୁଣ୍ଢେଇଗୋଳା ଥାନା ପରା ପଞ୍ଚାୟତ ଅନ୍ତର୍ଗତ ଜରାଛାଟ ଗାଁରେ ଆଜି ବଜ୍ରପାତରେ ୫୦ରୁ ଊର୍ଦ୍ଧ୍ୱ ଗ୍ରାମବାସୀ ଆହତ ହେବା ଏଭଳି ଏକ ଚର୍ଚ୍ଚାକୁ ବଳ ଦେଇଛି। ଆହତମାନଙ୍କୁ ନିକଟସ୍ଥ କଣିହାଁ, ଛେଣ୍ଡିପଦା ଓ କୋସଳା ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି। ଆହତମାନଙ୍କ ମଧ୍ୟରୁ ରାକେଶ ସାହୁ, ବିକାଶ ବିଶ୍ୱାଳ ଓ କଣିହାଁ ଅଞ୍ଚଳର ଅନ୍ୟ ଜଣେ ବ୍ୟକ୍ତିଙ୍କ ସଂଜ୍ଞା ଫେରିନଥିବା ଜଣାପଡ଼ିଛି।





ସୂଚନାନୁଯାୟୀ, ଜରାଛାଟ ଗାଁ କମିଟି ଆନୁକୂଲ୍ୟରେ ଆଜି ଗାଁରେ ଥିବା ଚିତ୍ରକୂଟ ପର୍ବତରେ ଗିରିଗୋବର୍ଦ୍ଧନ ପୂଜା ଆୟୋଜନ କରାଯାଇଥିଲା। କଣିହାଁ ଅଞ୍ଚଳରେ ଥିବା ଚାଙ୍ଗୁଡ଼ିଆ ମଠର ବାବା ଚନ୍ଦ୍ରଶେଖର ପୂଜକ ଭାବେ ଚିତ୍ରକୂଟ ପର୍ବତ ଉପରେ ପୂଜା ଓ ଯଜ୍ଞ ପାଇଁ ପ୍ରସ୍ତୁତି ଚଳାଇଥିଲେ। ଅପରାହ୍ଣ ପ୍ରାୟ ୪ଟାରେ ପାହାଡ଼ ଉପରେ ଗିରିପୂଜା ଦେଖିବା ପାଇଁ ଗାଁରୁ ପ୍ରାୟ ୭୦/୮୦ଜଣ ମହିଳା ପୁରୁଷ ଓ ଶିଶୁ ଉପସ୍ଥିତ ଥିଲେ। ପୂଜା ଆରମ୍ଭ ହେବାର ମାତ୍ର କିଛି ସମୟ ପରେ ଆକାଶରେ କଳାହାଣ୍ଡିଆ ମେଘ ମାଡ଼ି ଆସିବା ସହ ପ୍ରବଳ ଘଡ଼ଘଡ଼ି ଓ ବଜ୍ରପାତ ହୋଇଥିଲା। ଏଥିରେ ପାହାଡ଼ ଉପର ପୂଜାସ୍ଥଳୀ ନିକଟରେ ଥିବା ୪୦/୫୦ଜଣ ସଂଜ୍ଞାହୀନ ହୋଇପଡ଼ି ଯାଇଥିଲେ। ଏହାକୁ ନେଇ ସେଠାରେ ଭୟର ବାତାବରଣ ଖେଳିଯାଇଥିଲା। ମାତ୍ର, ପୂଜକ ଚନ୍ଦ୍ରଶେଖର ବାବା ଗାଁ କମିଟି ସଭାପତି ତ୍ରିବିକ୍ରମ ସାହୁ ଓ ସମ୍ପାଦକ ସୁରେଶ ଚନ୍ଦ୍ର ସାହୁ ପ୍ରମୁଖ ବର୍ତ୍ତି ଯାଇଥିବାରୁ ସେମାନେ ଘଟଣା ସମ୍ପର୍କରେ ଗାଁ ଲୋକଙ୍କୁ ଖବର ଦେବା ସହ ଆମ୍ବୁଲାନ୍ସକୁ ଡାକିଥିଲେ। ମାତ୍ର ଆମ୍ବୁଲାନ୍ସ ନ ଆସିବାରୁ ପରା ପଞ୍ଚାୟତର ପୂର୍ବତନ ସରପଞ୍ଚ ତପନ ସାହୁ ବୋଲେରୋ ଯୋଗେ ଗୁରୁତର ଭାବେ ଆହତଙ୍କୁ ପାହାଡ଼ରୁ ୪ କିମି ତଳକୁ ଆଣି ଭିନ୍ନଭିନ୍ନ ଡାକ୍ତରଖାନାକୁ ପଠାଇଥିବା ସୂଚନା ମିଳିଛି। ଏ ସମ୍ପର୍କରେ କୁଣ୍ଢେଇଗୋଳା ପୁଲିସ ନିକଟରେ କୌଣସି ସୂଚନା ନଥିବା ଥାନା ଅଧିକାରୀ ପ୍ରକାଶ କରିଛନ୍ତି।

ପୁଣି ଇସ୍କନ୍ ଉପରେ ବର୍ଷିଲେ ଗଜପତି

# ନୀତି, ପରମ୍ପରା ନ ମାନିଲେ ଆଇନର ଆଶ୍ରୟ ନେବୁ: ଗଜପତି

ଭୁବନେଶ୍ୱର, ୬।୯ (ସମିସ): ଭଗବାନ ଶ୍ରୀକୃଷ୍ଣଙ୍କ ପ୍ରଚାର କରିବା ଭଲ; କିନ୍ତୁ ଅଦିନରେ କଲେ ମଙ୍ଗଳ ନୁହେଁ। ଶନିବାର ସନ୍ଧ୍ୟାରେ ଭୁବନେଶ୍ୱରସ୍ଥିତ ରାଜ୍ୟ ଅତିଥି ଭବନରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ପୁରୀ ଗଜପତି ମହାରାଜ ଦିବ୍ୟସିଂହଦେବ ଏପରି କହିବା ସହ ଇସ୍କନର କାର୍ଯ୍ୟଶୈଳୀ ଉପରେ ଭୀଷଣ ବର୍ଷିଛନ୍ତି।

ଗଜପତି କହିଛନ୍ତି ଯେ ମହାପ୍ରଭୁଙ୍କ ସବୁ ନୀତି ନିଜେ ମହାପ୍ରଭୁ ନିର୍ଦ୍ଧାରଣ କରିଛନ୍ତି। କିନ୍ତୁ ଇସ୍କନ ବାରମ୍ବାର ଏହାକୁ ଉଲ୍ଲଂଘନ କରିଆସୁଛି। ନୀତି ଓ ପରମ୍ପରାକୁ ନ ମାନିଲେ ଆମେ ବାଧ ହୋଇ ଆଇନର ଆଶ୍ରୟ ନେବୁ। ପଶ୍ଚିମବଙ୍ଗର ମାୟାପୁରୀରେ ଥିବା ଇସ୍କନ କାର୍ଯ୍ୟାଳୟ କର୍ତ୍ତୃପକ୍ଷଙ୍କୁ ୧୦୦ ପୃଷ୍ଠା ବିଶିଷ୍ଟ ଏକ ରିପୋର୍ଟ ପଠାଯାଇଛି। ଇସ୍କନ କ'ଣ ଉତ୍ତର ଦେଉଛି, ତାହାକୁ ଅପେକ୍ଷା କରାଯାଇଛି। ସେ ଆହୁରି କହିଥିଲେ, ଶ୍ରୀଜଗନ୍ନାଥଙ୍କ ସଂସ୍କୃତି ଉପରେ ଯଦି ପଡ଼ିବେ, ୫୦ବର୍ଷ ଧରି ଇସ୍କନ ଭୁଲ୍ କାମ କରିଆସୁଛି। ବିଦେଶରେ ଯେତେବେଳେ ରଥଯାତ୍ରା ଆରମ୍ଭ ହୋଇଥିଲା, ପୁରୀ ପରମ୍ପରା ଅନୁସାରେ ଅନୁଷ୍ଠିତ ହୋଇଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ବିଭ୍ରାଟ ଦେଖାଯାଇଥିଲା। ଅଳ୍ପ କିଛି ସ୍ଥାନରେ ପୁରୀ ସହ ସ୍ନାନଯାତ୍ରା ଓ ରଥଯାତ୍ରା ଅନୁଷ୍ଠିତ ହୋଇଥିଲା। ଏବେ ଅନେକ ସ୍ଥାନରେ ରଥଯାତ୍ରା ତିଥି ବାହାରେ ଆୟୋଜନ ହେଉଛି।

୨୦୨୧ ଜୁଲାଇ ୨୧ରେ ଇସ୍କନ କର୍ତ୍ତୃପକ୍ଷ ନିଷ୍ପତ୍ତି ନେଇଥିଲେ ଯେ ଭାରତ ଭିତରେ ପୁରୀ ପରମ୍ପରା ସହିତ ରଥଯାତ୍ରାର ଆୟୋଜନ କରାଯିବ। କିନ୍ତୁ ଚଳିତବର୍ଷ ଭାରତ ଭିତରେ ଏହାର ଉଲ୍ଲଂଘନ କରାଯାଇଛି। ସେହିପରି ଚଳିତବର୍ଷ ବିଦେଶରେ ୬୮ଟି ସ୍ଥାନରେ ଅଦିନିଆ ରଥଯାତ୍ରା ପାଳନ କରାଯାଇଛି। ଇସ୍କନ ସହ ଯୋଗାଯୋଗ କରିବାରୁ ଜାଣିବାକୁ ପାଇଲୁ ଯେ, ସ୍ନାନଯାତ୍ରାରେ ମଧ୍ୟ ଏଭଳି ବିଭ୍ରାଟ ଦେଖାଯାଉଛି। ଜୁଲାଇ ପର୍ଯ୍ୟନ୍ତ ଦେଶରେ ୪୦ଟି ସ୍ଥାନରେ ସ୍ନାନଯାତ୍ରା ଆୟୋଜନ କରାଯାଇଛି। ଅନେକ ଚିଠି ସତ୍ତ୍ୱେ ଇସ୍କନ ପକ୍ଷରୁ ଭାରତ ବାହାରେ ଅଦିନିଆ ସ୍ନାନଯାତ୍ରା ଓ ରଥଯାତ୍ରା ଆୟୋଜନ କରାଯାଉଛି। ମହାପ୍ରଭୁଙ୍କ ସ୍ନାନଯାତ୍ରା ଜ୍ୟେଷ୍ଠ ପୂର୍ଣ୍ଣିମା ଓ ରଥଯାତ୍ରା ଆଷାଢ଼ ଶୁକ୍ଳପକ୍ଷ ଦ୍ୱିତୀୟ ତିଥିରେ ଆୟୋଜନ କରିବାକୁ ଏକ ପ୍ରସ୍ତାବ ଦିଆଯାଇଛି। ତେଣୁ ଏହା ଉପରେ ଇସ୍କନ ଉପଯୁକ୍ତ ପଦକ୍ଷେପ ନିଅନ୍ତୁ ବୋଲି ଗଜପତି ମହାରାଜ ପରାମର୍ଶ ଦେଇଛନ୍ତି।



"ଭଗବାନ କୃଷ୍ଣଙ୍କ ପ୍ରଚାର କରିବା ଭଲ; ଅଦିନରେ କଲେ ମଙ୍ଗଳ ନୁହେଁ"

ନୀତି ଅନୁଯାୟୀ ପରମ୍ପରା ପାଳନ କରିବାକୁ ଇସ୍କନକୁ ଏକ ମାସର ମହଲତ

ଏହି ସାମ୍ବାଦିକ ସମ୍ମିଳନୀରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ କହିଥିଲେ, ଇସ୍କନ ପକ୍ଷରୁ ବିଦେଶରେ ଆୟୋଜିତ ଅଦିନିଆ ସ୍ନାନଯାତ୍ରା ଓ ରଥଯାତ୍ରା ଆଦୌ ଗ୍ରହଣୀୟ ନୁହେଁ। ପୁରୀ ସହ ଦେଶ-ବିଦେଶରେ ରଥଯାତ୍ରା ଓ ସ୍ନାନ ଯାତ୍ରା ଗୋଟିଏ ଦିନରେ ହେବା ଉଚିତ। ମହାପ୍ରଭୁଙ୍କ ସ୍ନାନଯାତ୍ରା ପୂର୍ବରୁ ଇସ୍କନ ପକ୍ଷରୁ ୧୮ଟି ସ୍ଥାନରେ ସ୍ନାନଯାତ୍ରା କରାଯାଇଥିଲା। ଇସ୍କନ ପକ୍ଷରୁ ମିଳିଥିବା ଦସ୍ତାବିଜ୍ ଅନୁଧ୍ୟାନ ପରେ ଏହା ଜଣାଯାଇଛି। କିନ୍ତୁ ଇସ୍କନର ଏହି ପଦକ୍ଷେପ ଆଦୌ ଗ୍ରହଣୀୟ ନୁହେଁ ବୋଲି ଶ୍ରୀ ପାଢ଼ୀ କହିଛନ୍ତି।

ଶାସ୍ତ୍ର ତଥା ପରମ୍ପରା ବିରୋଧୀ ଇସ୍କନର ଏହି କାର୍ଯ୍ୟକୁ ଜଗତଗୁରୁ ଶଙ୍କରାଚାର୍ଯ୍ୟ ଶ୍ରୀ ନିଶ୍ଚଳାନନ୍ଦ ସରସ୍ୱତୀ ମଧ୍ୟ ଘୋର୍ ନିନ୍ଦା କରିଛନ୍ତି। ମହାପ୍ରଭୁ ଜଗନ୍ନାଥଙ୍କ ପବିତ୍ର ସ୍ନାନଯାତ୍ରା ଏବଂ ରଥଯାତ୍ରା ପାଳନ କରିବାରେ ଇସ୍କନ କର୍ତ୍ତୃପକ୍ଷ ବାରମ୍ବାର ଶାସ୍ତ୍ର ଏବଂ ପରମ୍ପରାକୁ ଅମାନ୍ୟ ତଥା ଅସମ୍ମାନ କରିବା ସମଗ୍ର ବିଶ୍ୱର କୋଟିକୋଟି ଶ୍ରୀଜଗନ୍ନାଥ ପ୍ରେମୀଙ୍କ ଧର୍ମୀୟ ଭାବନାକୁ କୁଠାରାଘାତ କରୁଛି। ଏଭଳି ପରିସ୍ଥିତିରେ ଶାସ୍ତ୍ର ତଥା ପ୍ରଚଳିତ ପରମ୍ପରା ଅନୁସାରେ, ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଯାହା ସମସ୍ତ ଇସ୍କନ ମନ୍ଦିର ତଥା କେନ୍ଦ୍ରରେ ପାଳନ କରିବାକୁ ତୁରନ୍ତ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ (ଏକ ମାସ ମଧ୍ୟରେ) ଇସ୍କନର ଗଭର୍ଣ୍ଣିଂ ବଡି କମିଶନ୍ (ମାୟାପୁର)ଙ୍କୁ ପୁଣି ଥରେ ଅନୁରୋଧ କରିଯାଇଛି। ସାମ୍ବାଦିକ ସମ୍ମିଳନୀରେ ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ଓ ବିଦ୍ୱାନ୍, ଶ୍ରୀମନ୍ଦିର ପରିଚାଳନା କମିଟିର ସଦସ୍ୟମାନେ ମଧ୍ୟ ଉପସ୍ଥିତ ଥିଲେ।

■ ସାଇନ୍ସ ସିଟି ନିର୍ମାଣ ପାଇଁ ସରକାର ତତ୍ପର

## ପାଟନା ଅବଦୁଲ କଲାମ ସାଇନ୍ସ ସିଟିରୁ ଆସିବେ ସ୍ୱତନ୍ତ୍ର ଅଧିକାରୀ

ଭୁବନେଶ୍ୱର, ୬।୯ (ସମିସ): ରାଜ୍ୟରେ ସାଇନ୍ସ ସିଟି ନିର୍ମାଣ ପାଇଁ ପ୍ରକ୍ରିୟା ଜାରି ରହିଛି। ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ବିଭାଗ ପକ୍ଷରୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଉଛି। ଏହି ମର୍ମରେ ବିଭାଗୀୟ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ଅନ୍ୟ ରାଜ୍ୟକୁ ଯାଇ ସେଠାରେ ଥିବା ସାଇନ୍ସ ସିଟିର ନିର୍ମାଣ ଶୈଳୀ ଓ କାର୍ଯ୍ୟଦକ୍ଷତା ମଧ୍ୟ ଅନୁଧ୍ୟାନ କରୁଛନ୍ତି। ଗତ ସପ୍ତାହରେ ବିଭାଗୀୟ ମନ୍ତ୍ରୀ ଶ୍ରୀ ପାତ୍ର ବିହାର ଗସ୍ତ କରି ପାଟନାସ୍ଥିତ ଡ. ଏପିଜେ ଅବଦୁଲ କଲାମ ସାଇନ୍ସ ସିଟି ପରିଦର୍ଶନ କରିଥିଲେ। ଏହି ଗସ୍ତ ସମୟରେ ସେ ବିହାରର ଦୁଇ ଉପମୁଖ୍ୟମନ୍ତ୍ରୀ ବିଜୟ କୁମାର ସିହ୍ନା ଓ ସମ୍ରାଟ ଚୌଧୁରୀଙ୍କୁ ସାକ୍ଷାତ କରି ଏହି ପ୍ରସଙ୍ଗରେ ଆଲୋଚନା କରିଥିଲେ। ଭୁବନେଶ୍ୱରରେ ୧୦୦ ଏକର ଜାଗାରେ ନିର୍ମାଣ ହେବାକୁ ଥିବା ଉକ୍ତ ସାଇନ୍ସ ସିଟିରେ ଆଧୁନିକ ପ୍ରଦର୍ଶନୀ, ନିମଜ୍ଜିତ ଶିକ୍ଷଣ ସ୍ଥାନ ଏବଂ ଗବେଷଣା ସୁବିଧା ରହିବ। ସାଇନ୍ସ ସିଟି ନିର୍ମାଣ ପାଇଁ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରାଯିବ। ବିହାର ରାଜ୍ୟର ସ୍ୱତନ୍ତ୍ର ଅଧିକାରୀଙ୍କୁ ଆମ ରାଜ୍ୟକୁ ଆମନ୍ତ୍ରଣ କରାଯିବ। ଆବଶ୍ୟକ ଅନୁସାରେ ସେମାନଙ୍କ ପରାମର୍ଶ ନିଆଯିବ ବୋଲି ମନ୍ତ୍ରୀ କହିଛନ୍ତି।

# ଓଡ଼ିଶା ଛାଡୁଛନ୍ତି ଗୋଟିଏ ପରେ ଗୋଟିଏ ଶିଳ୍ପାନୁଷ୍ଠାନ: ବିଜେଡି

ଭୁବନେଶ୍ୱର,୬।୯(ସମିସ): ପ୍ରତିଷ୍ଠିତ ଶିଳ୍ପ ଅନୁଷ୍ଠାନମାନେ ଓଡ଼ିଶାରେ ଶିଳ୍ପ ପ୍ରତିଷ୍ଠା କରିବାକୁ ବିଶେଷ ଆଗ୍ରହ ପ୍ରକାଶ କରୁଛନ୍ତି ବୋଲି ରାଜ୍ୟ ସରକାର ଏବେ ଡିଣ୍ଡିମ ପିଟୁଛନ୍ତି। ମାତ୍ର ପୂର୍ବ ସରକାରଙ୍କ ସମୟରେ ଚୁକ୍ତିବଦ୍ଧ ହୋଇଥିବା ଗୋଟିଏ ପରେ ଗୋଟିଏ ଶିଳ୍ପ ଅନୁଷ୍ଠାନ ଓଡ଼ିଶା ଛାଡୁଛନ୍ତି ବୋଲି ଉଲ୍ଲେଖ କରି କ୍ଷୋଭ ପ୍ରକାଶ କରିଛି ବିଜେଡି । ୨୦୨୩ ମସିହାରେ ରାଜ୍ୟ ସରକାରଙ୍କ ସହ ବୁଝାମଣା ପତ୍ର ସ୍ୱାକ୍ଷରିତ କରିଥିବା ସେମିକଣ୍ଡକ୍ଟର କମ୍ପାନୀ ଏସଆରଏଏମ ଆଣ୍ଡ ଏମଆରଏଏମ କାରଖାନା ସ୍ଥାପନ ନିମନ୍ତେ ଆନ୍ଧ୍ରପ୍ରଦେଶ ସରକାରଙ୍କ ସହ ଚୁକ୍ତି ପରେ ଏହି କମ୍ପାନୀ ଓଡ଼ିଶା ଛାଡିବା ସ୍ପଷ୍ଟ ହୋଇଛି। ନିକଟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦିଲ୍ଲୀ ଗସ୍ତ ସମୟରେ ଦୁଇଟି ନୂଆ ସେମିକଣ୍ଡକ୍ଟର କମ୍ପାନୀ ଓଡ଼ିଶାରେ ଶିଳ୍ପ ପ୍ରତିଷ୍ଠା କରିବେ ବୋଲି ସୂଚନା ଦେଇଥିଲେ; କିନ୍ତୁ ମୁଖ୍ୟମନ୍ତ୍ରୀ ଦିଲ୍ଲୀରୁ ଫେରିବା ବେଳକୁ ପୂର୍ବରୁ ଚୁକ୍ତି କରିଥିବା ଗୋଟିଏ ସେମିକଣ୍ଡକ୍ଟର କମ୍ପାନୀ ଓଡ଼ିଶା ଛାଡୁଥିବା ଖବର ରାଜ୍ୟବାସୀଙ୍କୁ ବ୍ୟଥିତ କରିଛି ବୋଲି କହିଛି ବିଜେଡି।



ସେମିକଣ୍ଡକ୍ଟର କମ୍ପାନୀ ଏସଆରଏଏମ ଆଣ୍ଡ ଏମଆରଏଏମ ସଦ୍ୟତମ ନମୁନା

ଜେଏସ୍‌ଡବ୍ଲୁ ଇଭି ଓ ଆର୍ସେଲର ମିତ୍ତଲ ମଧ୍ୟ ଅନ୍ୟ ରାଜ୍ୟ ସହିତ ଚୁକ୍ତି କରିଛନ୍ତି

ଶନିବାର ବିଧାୟକ ତଥା ଦଳର ସାଧାରଣ ସମ୍ପାଦକ ତୁଷାରକାନ୍ତି ବେହେରା କହିଛନ୍ତି ଯେ ସେମିକଣ୍ଡକ୍ଟର କମ୍ପାନୀ ଏସଆରଏଏମ ଆଣ୍ଡ ଏମଆରଏଏମ ଓଡ଼ିଶାରେ ୩୦୦୦୦ କୋଟି ନିବେଶରେ ଶିଳ୍ପ ପ୍ରତିଷ୍ଠା ପାଇଁ ଏକ ବୁଝାମଣା କରିଥିଲା। ଗଞ୍ଜାମ ଜିଲ୍ଲାର ଛତ୍ରପୁର ଅଞ୍ଚଳରେ ଏହି ଶିଳ୍ପ ପ୍ରତିଷ୍ଠା ପାଇଁ ପ୍ରାୟ ୭୦୦ ଏକର ଜମି ଚିହ୍ନଟ ହୋଇଥିଲା। କିନ୍ତୁ ଏବେ ସେହି କମ୍ପାନୀ ଆନ୍ଧ୍ର ପ୍ରଦେଶରେ କମ୍ପାନୀ ପ୍ରତିଷ୍ଠା କରିବା ପାଇଁ ଆନ୍ଧ୍ର ସରକାରଙ୍କ ସହିତ ବୁଝାମଣା ପତ୍ର ସ୍ୱାକ୍ଷର କରିଛି। ଏହା ପୂର୍ବରୁ ଓଡ଼ିଶା ସରକାରଙ୍କ ସହିତ ବୁଝାମଣା ପତ୍ର ସ୍ୱାକ୍ଷର କରିଥିବା ଜେଏସଡବ୍ଲୁ ଇଭି ଓ ଆର୍ସେଲର ମିତ୍ତଲ ଇସ୍ପାତ ପ୍ରକଳ୍ପ ଯଥାକ୍ରମେ ମହାରାଷ୍ଟ୍ର ଓ ଆନ୍ଧ୍ର ପ୍ରଦେଶ ସରକାରଙ୍କ ସହିତ ବୁଝାମଣା ସ୍ୱାକ୍ଷର କରିଛନ୍ତି।

ଦଳର ବରିଷ୍ଠ ନେତା ତଥା ପୂର୍ବତନ ମନ୍ତ୍ରୀ ଅଶୋକ ପଣ୍ଡା କହିଛନ୍ତି ଯେ ରାଜ୍ୟର ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଖୋର୍ଦ୍ଧା ଠାରେ ସାଇନ୍ସ ସିଟି ପ୍ରତିଷ୍ଠା ହେବ ବୋଲି କରିଥିବା ଘୋଷଣା ବାସ୍ତବରେ ନବୀନ ସରକାରଙ୍କ ସମୟରେ ରୂପ ଦିଆଯାଇଥିଲା। ଖୋର୍ଦ୍ଧା ନିକଟବର୍ତ୍ତୀ ବରୁଣେଇ ଅଞ୍ଚଳରେ ୫୦ ଏକର ଜମିରେ ସାଇନ୍ସ ସିଟି ନିର୍ମାଣ କରିବା ପାଇଁ ନବୀନ ସରକାର ନୀତିଗତ ଭାବେ ନିଷ୍ପତ୍ତି ନେବା ସହିତ ଆବଶ୍ୟକୀୟ ଜମି ପ୍ରଦାନ କରାଯାଇଥିଲା। ସେହିପରି ରାଜ୍ୟର ସମସ୍ତ ୩୦ଟି ଜିଲ୍ଲାରେ ସାଇନ୍ସ ପାର୍କ କମ୍ ପ୍ଲାନେଟୋରିଅମ ପ୍ରତିଷ୍ଠା ହେବା ପାଇଁ ନିଷ୍ପତ୍ତି ହୋଇଥିଲା।

## ହୀରାକୁଦ ବନ୍ଦକଲା ୮ ଗେଟ୍

୧୬ ଗେଟ୍ ଦେଇ ଜଳ ନିଷ୍କାସନ ଜାରି

ସମ୍ବଲପୁର, ୬।୯ (ସମିସ): ହୀରାକୁଦ ଜଳଭଣ୍ଡାରର ଉପରମୁଣ୍ଡରେ ବର୍ଷା କମିବା ପରେ ଆଜି ସକାଳୁ ପର୍ଯ୍ୟାୟକ୍ରମେ ୮ଟି ଗେଟ୍ ବନ୍ଦ କରାଯାଇଛି। ବର୍ତ୍ତମାନ ୧୬ଟି ଗେଟ୍ ଖୋଲା ରହିଛି। ଜଳଭଣ୍ଡାରକୁ ପ୍ରବେଶ ଜଳର ପରିମାଣ ଅନୁଯାୟୀ ପର୍ଯ୍ୟାୟକ୍ରମେ ଅଧିକ ଗେଟ୍ ବନ୍ଦ ହେବ ବୋଲି ଜଣାପଡ଼ିଛି।

ଶନିବାର ସନ୍ଧ୍ୟା ପ୍ରାୟ ୬ଟାରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୨୬.୩୭ ଫୁଟ୍ ରହିଛି। ନଦୀବନ୍ଧର ବାମପାର୍ଶ୍ୱର ୧୧ଟି ଓ ଡାହାଣ ପାର୍ଶ୍ୱର ୫ଟି; ଏହିଭଳି ମୋଟ୍ ୧୬ଟି ସ୍ଲୁଇସ୍ ଗେଟ୍ ଖୋଲାଯାଇ ବନ୍ୟାଜଳ ନିଷ୍କାସନ କରାଯାଉଛି। ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୩,୩୮,୯୮୭ ଘନଫୁଟ ଜଳ ପ୍ରବେଶ କରୁଥିବା ବେଳେ ପାୱାର ଚ୍ୟାନେଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ୨,୯୪,୯୩୮ ଘନଫୁଟ ଜଳ ନିଷ୍କାସିତ ହେଉଛି। ସ୍ପିଲୱେ ଦେଇ ୨,୫୮,୬୫୬ଘନଫୁଟ ଜଳ ପ୍ରବାହିତ ହେଉଥିବା ବେଳେ ପାୱାର ଚେନାଲ ଦେଇ ୩୨,୦୦୫ ଘନଫୁଟ, ଶିଳ୍ପାନୁଷ୍ଠାନ ସକାଶେ ୨୪୩ ଘନଫୁଟ, କେନାଲ ପାଇଁ ୪,୦୩୪ ଘନଫୁଟ ଜଳ ନିଷ୍କାସିତ ହେଉଛି।



ଅନ୍ୟପକ୍ଷରେ ତଳମୁଣ୍ଡରେ ବେଲଗାଁଠାରେ ୧୨,୪୦୦ ଘନଫୁଟ ଜଳ ପ୍ରବାହିତ ହେଉଥିବା ବେଳେ ପର୍ଥଲାଠାରେ ୩୩,୧୩୪ ଘନଫୁଟ, ଖଇରମାଲଠାରେ ୫,୩୪,୦୦୦ ଘନଫୁଟ, ବାରମୁଲଠାରେ ୪,୮୪,୫୦୦ ଘନଫୁଟ ଏବଂ ମୁଣ୍ଡଳୀଠାରେ ୪,୩୬,୮୦୩ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବା। ହୀରାକୁଦ ମୁଖ୍ୟ ନଦୀବନ୍ଧ ସୂତ୍ରରୁ ପ୍ରକାଶ। ଗତ ୨୪ଘଣ୍ଟା ମଧ୍ୟରେ ଉପରମୁଣ୍ଡରେ ୧.୨୦ମିମି ବର୍ଷା ହୋଇଥିବା ବେଳେ ତଳମୁଣ୍ଡରେ ୮.୭୭ ମିମି ବର୍ଷା ହୋଇଥିବା ସୂଚନା ମିଳିଛି। ଗତବର୍ଷ ଆଜିର ଦିନରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୨୩.୨୭ ଫୁଟ୍ ରହିଥିଲା।

■ ପୌରାଧ୍ୟକ୍ଷାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ପ୍ରସଙ୍ଗ

# ୧୦ରେ ୧୪ କାଉନସିଲରଙ୍କ ସହ ଜିଲ୍ଲାପାଳଙ୍କ ଆଲୋଚନା

ଉମରକୋଟ,୬।୯ (ସମିସ): ନବରଙ୍ଗପୁର ଜିଲ୍ଲା ଉମରକୋଟ ପୌରାଧ୍ୟକ୍ଷା ରାଧା ଭତ୍ରାଙ୍କ ବିରୋଧରେ ପରିଷଦର ସମସ୍ତ ୧୪ କାଉନସିଲର ଆଣିଥିବା ଅନାସ୍ଥା ପ୍ରସ୍ତାବ ଉପରେ ଆଲୋଚନା ପାଇଁ ଏକ ସ୍ୱତନ୍ତ୍ର ବୈଠକ ଆସନ୍ତା ୧୦ ତାରିଖ ବୁଧବାର ସକାଳ ୧୦ଟାରେ ପୌର ପରିଷଦ କାର୍ଯ୍ୟାଳୟରେ ହେବ। ଏଥିପାଇଁ ନବରଙ୍ଗପୁର ଜିଲ୍ଲାପାଳ ସମସ୍ତ ୧୪ କାଉନସିଲରଙ୍କୁ ନୋଟିସ ଜାରି କରି ଉପସ୍ଥିତ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି। ପୌରପାଳିକା ଧାରା ୧୯୫୦ ଭାଗ ୫୪ ଅନୁସାରେ ଜିଲ୍ଲାପାଳ ନୋଟିସ ଜାରି କରିଥିବା ଉକ୍ତ ନୋଟିସରେ ଉଲ୍ଲେଖ ରହିଛି। ତେବେ ଏହି ବୈଠକରେ ଉପଜିଲ୍ଲାପାଳ ଉପସ୍ଥିତ ରହିବେ ବୋଲି ନୋଟିସରେ ଉଲ୍ଲେଖ ରହିଛି। ବୈଠକରେ ବିଶଦ ଆଲୋଚନା ପରେ ଯଦି ନିଷ୍କର୍ଷ ନ ବାହାରେ ତେବେ ସେହି ଦିନ ହିଁ ଅନାସ୍ଥା ପ୍ରସ୍ତାବ ଉପରେ ଭୋଟିଂ ହୋଇପାରେ ବୋଲି ଜଣାପଡ଼ିଛି। ଉଲ୍ଲେଖଯୋଗ୍ୟ, ଗତ୨୬ ତାରିଖରେ ଉମରକୋଟ ପୌର ପରିଷଦର ସମସ୍ତ ୧୪ କାଉନସିଲ ପୌରାଧ୍ୟକ୍ଷା ରାଧା ଭତ୍ରାଙ୍କ ବିରୋଧରେ ବିଭିନ୍ନ ଅଭିଯୋଗ ଆଣିଥିଲେ। ଅନାସ୍ଥା ପ୍ରସ୍ତାବ ଆଣିବା ପାଇଁ ନବରଙ୍ଗପୁର ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଏହାପରେ ଜିଲ୍ଲାପାଳ ଏହି ପଦକ୍ଷେପ ନେଇଛନ୍ତି। ଅପରପକ୍ଷରେ କିଛି ଦିନ ତଳେ ବୁର୍ଗା ନିକଟସ୍ଥ ଏକ ଅଜ୍ଞାତ ସ୍ଥାନରେ ବିଜେଡିର ସମସ୍ତ ୧୨ ଜଣ କାଉନସିଲର ଓ ପୌରାଧ୍ୟକ୍ଷା ରାଧା ଭତ୍ରାଙ୍କୁ ନେଇ ଏକ ରୁଦ୍ଧଦ୍ୱାର ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ନବରଙ୍ଗପୁର ଜିଲ୍ଲା ବିଜେଡି ସଭାପତି ତଥା ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ, ପୂର୍ବତନ ସାଂସଦ ରମେଶ ଚନ୍ଦ୍ର ମାଝୀ ଓ ପ୍ରଦୀପ ମାଝୀ ଯୋଗଦେଇଥିଲେ। ତେବେ ବିଜେଡିର ସମସ୍ତ କାଉନସିଲର ନିଷ୍ପତ୍ତି ନେବା ପାଇଁ ୨ ଦିନ ସମୟ ମାଗିଥିଲେ। ବିଜେଡିର ୩ ମହାରଥୀ ନିଜ ଦଳର ଅଧ୍ୟକ୍ଷ, ଅଧ୍ୟକ୍ଷାଙ୍କ ଆସନ ବଞ୍ଚାଇବାରେ ସଫଳ ହେଉଛନ୍ତି କି ନାହିଁ ସେ ନେଇ ଆଲୋଚନା ଜୋର୍ ଧରିଛି।

# ପୋଡ଼ାଗଡ଼ ପର୍ଯ୍ୟଟନ ସ୍ଥଳକୁ ରାସ୍ତା ନିର୍ମାଣ ଦାବି

ଉମରକୋଟ,୬।୯ (ସମିସ): ଐତିହାସିକ ପର୍ଯ୍ୟଟନ ସ୍ଥଳ ପୋଡାଗଡକୁ ରାସ୍ତା ନିର୍ମାଣ ଦାବିରେ ଆଜି ଛଟାଗୁଡ଼ା ଛକଠାରେ ଭଣ୍ଡାରିଗୁଡ଼ା ଓ ରାଜପୁର ଗ୍ରାମ ରାସ୍ତାକୁ ନିର୍ମାଣ କରିବାକୁ ଏହି ୨ ଗ୍ରାମ ପଞ୍ଚାୟତର ଲୋକେ ଦାବି କରୁଛନ୍ତି। ଏହି ରାସ୍ତାର ନିର୍ମାଣ ତୁରନ୍ତ ନହେଲେ ଆଗାମୀ ଦିନରେ ରାଜ୍ୟ ରାଜପଥକୁ ଅବରୋଧ କରିବୁ ବୋଲି ଚେତାବନୀ ଦେଇଛନ୍ତି। ଏହି ରାସ୍ତାକୁ



## ଗ୍ରାମବାସୀଙ୍କ ରାସ୍ତାରୋକ

ପଞ୍ଚାୟତର ଶତାଧିକ ଲୋକ ରାସ୍ତାରୋକ କରିଛନ୍ତି। ଜିରାଗୁଡ଼ା ଠାରୁ ପୋଡ଼ାଗଡ଼ ପ୍ରାୟ ୧୦ କିଲୋମିଟର ରାସ୍ତା ଖରାପ ହୋଇଥିବାରୁ ଉକ୍ତ ରାସ୍ତା ଦେଇ ଯିବାଆସିବା କରୁଥିବା ରୋଗୀ, ଗର୍ଭବତୀ, ଛାତ୍ରଛାତ୍ରୀ ଓ ଜନସାଧାରଣ ଲୋକେ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଶେଷ କରି ରାସ୍ତା ଖରାପ ଯୋଗୁଁ ପୋଡ଼ାଗଡ଼ ପର୍ଯ୍ୟଟକଙ୍କୁ ଆକର୍ଷଣ କରି ପାରୁନାହିଁ। ଅତିଶୀଘ୍ର ଏହି ନେଇ ଆଜି ପୂର୍ତ୍ତ ଓ ଗ୍ରାମ୍ୟ ଉନ୍ନୟନ ବିଭାଗ ମଧ୍ୟରେ ଟଣା ଓଟରା ଦେଖିବାକୁ ମିଳିଥିଲା। ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧିକାରୀଙ୍କ ସହ ଯୋଗାଯୋଗ କରିବାରୁ ପୂର୍ତ୍ତ ବିଭାଗକୁ ରାସ୍ତାକୁ ହସ୍ତାନ୍ତର କରିଦେଇଥିବା କହିଥିବା ବେଳେ ପୂର୍ତ୍ତ ବିଭାଗ ପକ୍ଷରୁ ରାସ୍ତା ଆମର ନାହିଁ ବୋଲି କହିଥିବା ଶୁଣିବାକୁ ମିଳିଥିଲା। ଶେଷରେ ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତା ପୂର୍ତ୍ତ ବିଭାଗକୁ ବର୍ତ୍ତମାନ ପର୍ଯ୍ୟନ୍ତ ହସ୍ତାନ୍ତର କରାଯାଇ ନଥିବା ନେଇ କୁହାଯାଇଥିଲା। ଆଜିର ଏହି ରାସ୍ତା ରୋକ ଆନ୍ଦୋଳନ ସମୟରେ ଭଣ୍ଡାରିଗୁଡାର ପୂର୍ବତନ ସରପଞ୍ଚ ଉଦ୍ଧବ ଚରଣ ନାୟକଙ୍କ ସମେତ କାରାଗାଁର ସମିତି ସଭ୍ୟ ବିକ୍ରମ ସିଂ, ଅକ୍ଷୟ କୁମାର ନାୟକ, ଚକ୍ରଧର ନାୟକ, ମସୁ ପନକା, ଅମର ନାୟକ, ରାମଚନ୍ଦ୍ର ନାୟକ ଓ ନରସିଂହ ରାଜ ଗଣ୍ଡଙ୍କ ସହ ଶତାଧିକ ଗ୍ରାମବାସୀ ଉପସ୍ଥିତ ଥିଲେ। ଖବରପାଇ ଗ୍ରାମ୍ୟ ଉନ୍ନୟନ ବିଭାଗର ନିର୍ବାହୀ ଯନ୍ତ୍ରୀ ତିଲୋତ୍ତମା ପ୍ରଧାନ ଘଟଣା ସ୍ଥଳରେ ପହଞ୍ଚି ୭ ଦିନ ମଧ୍ୟରେ ରାସ୍ତା ନିର୍ମାଣ ହେବ ବୋଲି ଲିଖିତ ପ୍ରତିଶ୍ରୁତି ଦେବା ପରେ ଲୋକେ ରାସ୍ତା ଅବରୋଧରୁ ହଟିଥିଲେ।

# ଗୁରୁ ଦିବସରେ ସମାଜସେବୀ ସମ୍ବର୍ଦ୍ଧିତ

ଦାମନଯୋଡି /ସେମିଳିଗୁଡା,୬।୯ (ସମିସ): କୋରାପୁଟ ଜିଲ୍ଲାର ସେମିଳିଗୁଡ଼ାର ବରିଷ୍ଠ ସମାଜସେବୀ, ଏଫବିଡିଓର କୋରାପୁଟ ଜିଲ୍ଲାର ସଂପାଦିକା, ଲିଭ୍ ଫର୍ ଅଦର୍ସର ସାଧାରଣ ସମ୍ପାଦିକା ସ୍ନିଗ୍ଧାରାଣୀ ମିଶ୍ରଙ୍କୁ ସରସ୍ୱତୀ ବିଦ୍ୟାମନ୍ଦିର ଦାମନଯୋଡିରେ ଗୁରୁ ଦିବସ ପାଳନ ଅବସରରେ ଅନୁଷ୍ଠିତ ରକ୍ତଦାନ ଶିବିରରେ ସମ୍ମାନୀତ କରାଯାଇଛି। ରକ୍ତଦାନ କ୍ଷେତ୍ରରେ ତାଙ୍କ ସଂସ୍ଥାର ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଯୁବ ରେଡକ୍ରସର ଜିଲ୍ଲା ସଂଯୋଜକଙ୍କ ତରଫରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶିବିରରେ ମୁଖ୍ୟଅତିଥି ଭାବରେ ଯୋଗ ଦେଇଥିବା ନାଲକୋର ଜିଏମ୍ ଫାଇନାନ୍ସ ପ୍ରଶାନ୍ତ କୁମାର ମହାରଣା ଉପଢୌକନ ଓ




ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହି ସମୟରେ ମାନବ ସମ୍ବଳ ଜିଏମ୍. ଚନ୍ଦ୍ର ମୋହନ ମହାନ୍ତ, ବିଦ୍ୟାଳୟର ସଂପାଦକ ଡକ୍ଟର ଚିତ୍ତରଞ୍ଜନ ମିଶ୍ର, ଅଧ୍ୟକ୍ଷ ଡକ୍ଟର ଶୁଭ୍ରାଂଶୁ ଶେଖର ବାହିନୀପତି, ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ, ଶ୍ରୀମତୀ ମିଶ୍ର ୫୪ଥର ରକ୍ତଦାନ କରି ମହିଳା ରକ୍ତଦାନ କ୍ଷେତ୍ରରେ ଅବିଭକ୍ତ କୋରାପୁଟ ଜିଲ୍ଲାରେ ରେକର୍ଡ କରିଛନ୍ତି।

## ବ୍ଲକ୍‌ସ୍ତରୀୟ ମନରେଗା ଜନଶୁଣାଣି

# ମନରେଗା ଯୋଜନାର ସଚେତନତା ହେଉ ନଥିବା ଅଭିଯୋଗ

କୁନ୍ଦୁରା,୬।୯ (ସମିସ): ଗ୍ରାମାଞ୍ଚଳରେ ମନରେଗା ଯୋଜନାର ସଚେତନତା ସଠିକ ଭାବେ ହେଉନଥିବା ଅଭିଯୋଗ ହୋଇଛି। ଯଦ୍ୱାରାକି କେନ୍ଦ୍ର ସରକାରଙ୍କ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନରେ ବାଧା ସୃଷ୍ଟି ହେଉଛି ବୋଲି ବ୍ଲକ୍‌ସ୍ତରୀୟ ଜନଶୁଣାଣି ଶିବିରରେ ଅଭିଯୋଗ ଆଣିଛନ୍ତି ଜନ ପ୍ରତିନିଧି। ଆଜି କୁନ୍ଦୁରା ବ୍ଲକ୍ କାର୍ଯ୍ୟାଳୟ ସଭାଗୃହଠାରେ ବ୍ଲକ୍‌ସ୍ତରୀୟ ମନରେଗା, ପିଡିଏସ୍ ଏବଂ ସମଗ୍ର ଶିକ୍ଷା କାର୍ଯ୍ୟକ୍ରମର ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଥିଲା। ବିଡିଓ ପି. ମନସ୍ମିତାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉକ୍ତ ଶିବିରରେ ଅତିରିକ୍ତ ଜିଲ୍ଲାପାଳ ବିଜେ ଦଳେଇ, ଜିଲ୍ଲା ସାମାଜିକ ସମୀକ୍ଷକ ଅନିଲ କୁମାର ମହାରଣା, ବ୍ଲକ୍ ଅଧ୍ୟକ୍ଷା ରାଜେଶ୍ୱରୀ ପରଜା ପ୍ରମୁଖ ମଞ୍ଚାସୀନ ଥିଲେ। ଗତ ଅକ୍ଟୋବର ୨୦୨୪ ଠାରୁ ମାର୍ଚ୍ଚ ୨୦୨୫ ପର୍ଯ୍ୟନ୍ତ ମନରେଗା, ୨୪-୨୫ ଆର୍ଥିକ ବର୍ଷର ପିଡିଏସ୍ ଏବଂ ସମଗ୍ର ଶିକ୍ଷା କାର୍ଯ୍ୟକ୍ରମର ସାମାଜିକ ସମୀକ୍ଷା ଜନଶୁଣାଣି ହୋଇଥିଲା। ଏହି ଶିବିରଟି କେବଳ ନାମକୁ ମାତ୍ର, ଏଥିରେ କୌଣସି ସୁଫଳ ମିଳୁନାହିଁ ବୋଲି କୁନ୍ଦୁରା ସମିତି ସଭ୍ୟ ଦାମୋଦର ଗଣ୍ଡା, ଫୁପୁଗାଁ ସମିତି ସଭ୍ୟା ଚନ୍ଦ୍ରିକା କାନ୍ଦଲିଆ ସମତ ଅନ୍ୟାନ୍ୟ ଜନ ପ୍ରତିନିଧି ଅଭିଯୋଗ ଆଣିଥିଲେ। ସରକାଙ୍କ ଯୋଜନା ଅନୁଯାଇ ପ୍ରତ୍ୟେକ ଜବକାର୍ଡ ଧାରୀମାନଙ୍କୁ ବର୍ଷକୁ ଶହେ ଦିନର କାମ ଯୋଗାଇ ଦେବା ବ୍ୟବସ୍ଥା ରହିଥିଲେ ସୁଦ୍ଧା କୌଣସି ସଫଳତା ମିଳୁନାହିଁ। ଜନସାଧାରଣ, ମେଟ୍ କିମ୍ବା ଅଣକୁଶଳୀ ଶ୍ରମିକଙ୍କ ନିଜର କାର୍ଯ୍ୟ ଦକ୍ଷତାକୁ ନେଇ ସଚେତନତାର ଅଭାବ ରହୁଛି। ସରକାରୀଙ୍କ ପକ୍ଷରୁ ମନରେଗା ସଚେତନତା ପାଇଁ କାନ୍ଥ ଲେଖା, ଡେଙ୍ଗୁରା ପିଟି ଜଣାଇବା ଆଦି ପାଇଁ ନରେଗାରେ ପାଣ୍ଠି ମଧ୍ୟ ରହିଛି। ଏହା ସତ୍ତ୍ୱେ ମଧ୍ୟ କୁନ୍ଦୁରା ପଂଚାୟତ ସମିତି ପକ୍ଷରୁ ସଚେତନତା ଉଦ୍ୟମ ବିଫଳ ହୋଇଛି ବୋଲି ଅଭିଯୋଗ ଆଣିଛନ୍ତି କୁନ୍ଦୁରା ଜନପ୍ରତିନିଧି ମାନେ।

# ୩.୭ କେଜି ଗଞ୍ଜେଇ ଜବତ; ଜଣେ ଗିରଫ

ପୋଡ଼ାଗଡ଼, ୬।୯ (ସମିସ): ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଅରୁଣ କୁମାର ପାଢ଼ୀଙ୍କ ନିର୍ଦ୍ଦେଶ କ୍ରମେ ଲକ୍ଷ୍ମୀପୁର ଅବକାରୀ ଥାନା ଅଧିକାରୀ କୁଶ ଜାଲ ଓ ଅବକାରୀ ନିରୀକ୍ଷକ ସୁଧିର କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଦଶମନ୍ତପୁର ଥାନା ଅଧୀନସ୍ଥ ପରଜା ବାରିକଣ୍ଟା ଗାଁ ଛକ ନିକଟରେ ଅବକାରୀ ବିଭାଗ ଏକ ଟିମ୍ ଯାଞ୍ଚ କରିଥିଲେ। ଏହି ସମୟରେ ମାଛପୁଟ ଗାଁର ଧର୍ମେନ୍ଦ୍ର ଚେଟି ନିଜ ହୋଣ୍ଡା ବାଇକ୍ ଯୋଗେ ୩.୭ କିଲୋଗ୍ରାମ ଗଞ୍ଜେଇ ନେଉଥିବା ବେଳେ ଅବକାରୀ ବିଭାଗ କର୍ମଚାରୀ ତାହାକୁ ଜବତ କରିଛନ୍ତି। ବାଇକ୍‌ରେ ଏକ ଧଳା ରଙ୍ଗର ଜରି ବ୍ୟାଗ୍‌ରେ ଗଞ୍ଜେଇ ଧରି ନିଜ ଗାଁ ଆଡ଼କୁ ଆସୁଥିବା ବେଳେ ଅବକାରୀ ବିଭାଗ ତାଙ୍କ ବାଇକ୍‌କୁ ପିଛା କରି ତାଙ୍କୁ କାବୁ କରିଥିଲା। ଅଭିଯୁକ୍ତ ଧର୍ମେନ୍ଦ୍ର ଚେଟିକୁ ଗିରଫ କରି କୋରାପୁଟ କୋର୍ଟରେ ହାଜର କରାଯାଇଥିବା ଅବକାରୀ ବିଭାଗ ପକ୍ଷରୁ କୁହାଯାଇଛି। ଉକ୍ତ ଚଢ଼ଉରେ ଶୁଭେନ୍ଦୁ କୁମାର ତୁରୁକ, ସ୍ମୃତିକାନ୍ତ ବିଶ୍ୱାଳ, ଉଷା ଭତ୍ରା, ନକୁଳ ନାୟକ ପ୍ରମୁଖ ଲକ୍ଷ୍ମୀପୁର ଅବକାରୀ ବିଭାଗୀୟ କର୍ମଚାରୀ ସାମିଲ୍ ଥିବା ଜଣାପଡିଛି।

# ଅଜଣା ଗାଡ଼ି ଧକ୍କାରେ ଜଣେ ମୃତ

ରାମନାଗୁଡା,୬।୯ (ସମିସ): ରାୟଗଡ଼ା ଜିଲ୍ଲା ରାମନାଗୁଡ଼ା ଥାନା ଅନ୍ତର୍ଗତ ପେଟ୍ରୋଲ ପମ୍ପ ନିକଟରେ ଏକ ଅଜଣା ଗାଡ଼ି ଧକ୍କାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଛି। ମୃତକ ଜଣକ ହେଲେ କେ. ମୋହନ (୪୦)। ସ୍ଥାନୀୟ ଲୋକେ ଗୁରୁତର ଅବସ୍ଥାରେ ମୋହନଙ୍କୁ ରାମନାଗୁଡ଼ା ସିଏଚସି ମେଡିକାଲରେ ଭର୍ତ୍ତି କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ସେଠାରେ ମୋହନଙ୍କ ମୃତ୍ୟୁ ହୋଇଥିବା ଡାକ୍ତର ଅଭିଷେକ ପଟ୍ଟନାୟକ ଜଣାଇଛନ୍ତି। ତେବେ ମୃତକ ଜଣକ କେଉଁ ଆଡେ ଯାଉଥିଲେ ତାହା ଜଣାପଡ଼ି ନ ଥିବା ବେଳେ ତାଙ୍କ ବାଇକ୍ ନମ୍ବର ଅନୁଯାୟୀ ମୃତକଙ୍କ ଘର ପାରଳାଖେମୁଣ୍ଡି ଅଧିନସ୍ଥ ଜିବା ଗ୍ରାମର ବୋଲି ଜଣାପଡିଛି। ରାମନାଗୁଡ଼ା ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଛି।

# ପଞ୍ଚାନନ ମନ୍ଦିର ପୂଜକଙ୍କ ପରଲୋକ



ଜୟପୁର,୬।୯ (ସମିସ): ଜୟପୁର ରାଜୁସାହି ସ୍ଥିତ ପଞ୍ଚାନନ ମନ୍ଦିରର ପୂଜକ ହରିଦାସ ତ୍ରିପାଠୀଙ୍କ ଆଜି ପରଲୋକ ହୋଇଯାଇଛି। ସ୍ୱର୍ଗତ ତ୍ରିପାଠୀ ଫୁସଫୁସ କର୍କଟ ରୋଗରେ ପୀଡିତ ଥିଲେ। ଆଜି ସକାଳ ସାଢେ ୫ଟା ବେଳେ ତାଙ୍କର ମୃତ୍ୟୁ ହୋଇଥିଲା। ତାଙ୍କ ମୃତ୍ୟୁ ଖବର ପ୍ରଚାର ହେବା ପରେ ବିଧାୟକ ତାରା ପ୍ରସାଦ ବାହିନୀପତି ଓ ବହୁ ମାଣ୍ୟଗଣ୍ୟ ବ୍ୟକ୍ତି ତାଙ୍କ ଘରେ ପହଞ୍ଚି ଶେଷ ଦର୍ଶନ କରିଛନ୍ତି। ପ୍ରଥମେ ସେ ସୁଆର ଭାବେ ପଞ୍ଚାନନ ମନ୍ଦିରରେ କାର୍ଯ୍ୟରତ ଥିବା ବେଳେ ବର୍ତ୍ତମାନ ସେ ପୂଜକ ଭାବେ ଭଗବାନଙ୍କ ସେବା କରିଆସୁଥିଲେ। ସେ ଜଣେ ମେଳାପି ଓ ପରୋପକାରୀ ବ୍ୟକ୍ତି ଥିଲେ। ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

● ଜମି ବିବାଦକୁ ନେଇ ବାପା ପୁଅକୁ ଆକ୍ରମଣ ଘଟଣା

# ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଶବ ରଖି ଗ୍ରାମବାସୀଙ୍କ ବିକ୍ଷୋଭ

କୋରାପୁଟ,୬।୯ (ସମିସ): ଜମିଜମା ବିବାଦକୁ ନେଇ ବିଶିପୁର ଥାନା ପାଙ୍ଗିଗୁଡ଼ା ଗ୍ରାମରେ ଗୁରୁବାର ଅପରାହ୍ନରେ କୋରାପୁଟ ପୌର ପରିଷଦ ୧୦ନଂ ୱାର୍ଡ କାଉନସିଲର କମଳା ନାୟକଙ୍କ ସ୍ୱାମୀ ଧନୁର୍ଜୟ ନାୟକ ଓ ପୁଅ ଶିବା ନାୟକଙ୍କୁ ଦୁର୍ବୃତ୍ତମାନେ ଖଣ୍ଡାରେ ହାଣି ମରଣାନ୍ତକ ଆକ୍ରମଣ କରିଥିବାବେଳେ ଶୁକ୍ରବାର ସକାଳେ ପୁଅ ଶିବା ନାୟକଙ୍କ ବିଶାଖାପାଟଣାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ଶନିବାର ଅପରାହ୍ନରେ ମୃତଦେହ ଗାଁରେ ପହଞ୍ଚିବା ପରେ ଉତ୍ତେଜନା ପ୍ରକାଶ ପାଇଥିଲା। ଅଭିଯୁକ୍ତମାନଙ୍କୁ ତୁରନ୍ତ ଗିରଫ ଦାବିରେ ସ୍ଥାନୀୟ ଅଞ୍ଚଳବାସୀ ରାଣୀଗଡ଼ ଫାଣ୍ଡି ସମ୍ମୁଖରେ ମୃତଦେହ ରଖି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପୁଲିସ ମାତ୍ର ୪ ଜଣଙ୍କୁ ଅଟକ ରଖି ଅନ୍ୟ ଅଭିଯୁକ୍ତମାନଙ୍କୁ ଗିରଫ କରୁନଥିବା ଅଭିଯୋଗ କରିଥିଲେ। ବୋରିଗୁମ୍ମା ଏସଡିପିଓ, ବିଶିପୁର ଥାନା ଅଧିକାରୀ ଲିମାରାଜ ପ୍ରଧାନ ପହଞ୍ଚି



ଖୁବ୍‌ଶୀଘ୍ର ଅନ୍ୟ ଅଭିଯୁକ୍ତମାନଙ୍କୁ ଗିରଫ କରିବାକୁ ପ୍ରତିଶ୍ରୁତି ଦେବା ପରେ ଲୋକେ ମୃତଦେହ ନେଇ ସତ୍କାର କରିଥିଲେ। ସୂଚନା ଥାଉକି, ଗୁରୁବାର ଧନୁର୍ଜୟ ଓ ପୁଅ ଶିବା ନାୟକ ବୋରିଗୁମ୍ମା ବ୍ଲକ ବିଶିପୁର ଥାନା ବୁଜୁନିଗୁଡ଼ା ପଞ୍ଚାୟତ ଅନ୍ତର୍ଗତ ପାଙ୍ଗିଗୁଡ଼ା ଗ୍ରାମକୁ ଯାଇଥିଲେ। ଜମି ବିବାଦକୁ ନେଇ ସେଠାରେ କଥା କଟାକଟି ହେବାରୁ ପ୍ରାୟ ୧୦ ଜଣ ଧନୁର୍ଜୟ ଓ ଶିବାକୁ ଖଣ୍ଡାରେ ଆକ୍ରମଣ କରିଥିଲେ। ସ୍ଥାନୀୟ ଲୋକେ ତୁରନ୍ତ ବାପା ଓ ପୁଅକୁ ବୋରିଗୁମ୍ମା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ, ଅବସ୍ଥା ଗୁରୁତର ହେବାରୁ ଉଭୟଙ୍କ କୋରାପୁଟ ବଡ଼ ମେଡ଼ିକାଲକୁ ସ୍ଥାନାନ୍ତର କରା ଯାଇଥିଲା। ପୁଅ ଶିବାର ଅବସ୍ଥା ଅତ୍ୟନ୍ତ ଗୁରୁତର ହେବାରୁ ବିଶାଖାପାଟଣା ସ୍ଥାନାନ୍ତର କରାଯାଇଥିଲା, ହେଲେ ସେଠାରେ ଶୁକ୍ରବାର ସକାଳେ ତାଙ୍କର ମୃତ୍ୟୁ ହୋଇଥିଲା।

# ୮ ରୁ ରାଜ୍ୟପାଳଙ୍କ ଦୁଇ ଦିନିଆ କୋରାପୁଟ ଗସ୍ତ

କୋରାପୁଟ,୬।୯ (ସମିସ): ରାଜ୍ୟପାଳ ଡ. ହରିବାବୁ କମ୍ଭମପତି ୮ ତାରିଖରୁ ଦୁଇ ଦିନିଆ କୋରାପୁଟ ଜିଲ୍ଲା ଗସ୍ତରେ ଆସୁଛନ୍ତି। ୮ ତାରିଖ ପୂର୍ବାହ୍ନରେ ଜୟପୁର ବିମାନ ବନ୍ଦରରେ ପହଞ୍ଚିବା ପରେ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ, ଏସ୍‌ପି ରୋହିତ ବର୍ମା ଏବଂ ଅନ୍ୟାନ୍ୟ ଅଧିକାରୀ ତାଙ୍କୁ ସ୍ୱାଗତ କରିବାର କାର୍ଯ୍ୟକ୍ରମ ରହିଛି। ଏହାପରେ ଜୟପୁରରୁ କୋରାପୁଟ କଫି ବୋର୍ଡ କାର୍ଯ୍ୟାଳୟରେ ପହଞ୍ଚି କଫି ଚାଷୀମାନଙ୍କ ସହ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି। କୋରାପୁଟ ସ୍ୱତନ୍ତ୍ର ସର୍କିଟ ହାଉସଠାରେ ନାଲକୋ, ହାଲ, କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, ସହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍‌ପିଟାଲ, କୋଟସ ଅଧିକାରୀମାନଙ୍କ ସହ ସମୀକ୍ଷା ବୈଠକ କରିବାର କାର୍ଯ୍ୟକ୍ରମ ରହିଛି। ଏଥିସହ ମୁଦ୍ରା ହିତାଧୀକାରୀ ଏବଂ ଭାରତୀୟ ରେଡକ୍ରସ ସୋସାଇଟିର ଅଧିକାରୀମାନଙ୍କ ସହ ଆଲୋଚନା କରିବାର ମଧ୍ୟ କାର୍ଯ୍ୟକ୍ରମ ରହିଛି। ସେହିଦିନ ସନ୍ଧ୍ୟାରେ ଶାବର ଶ୍ରୀକ୍ଷେତ୍ର କୋରାପୁଟ ଜଗନ୍ନାଥ ମନ୍ଦିର ଦର୍ଶନ କରିବେ। ୯ ତାରିଖ ଦିନ ସକାଳେ ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ବାଉଁଶଗୁଡ଼ା କଫି ନର୍ସରୀ ପରିଦର୍ଶନ କରିବା ସହ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ସଦସ୍ୟାମାନଙ୍କ ସହ ଆଲୋଚନା କରିବେ। ମଙ୍ଗଳ ବିଭାଗ ଦ୍ୱାରା ପରିଚାଳିତ ସୁନାବେଡ଼ା ହାଇସ୍କୁଲ ପରିଦର୍ଶନ କରି ଛାତ୍ରଛାତ୍ରୀ ଏବଂ ଶିକ୍ଷକମାନଙ୍କ ସହ ଆଲୋଚନା କରିବା ସହ ମାଧୋ ସିଂ ହାତଖର୍ଚ୍ଚ ଏବଂ ସିଏମ୍ ପୋଷଣ ଯୋଜନା ସଂପର୍କରେ ସମୀକ୍ଷା କରିବେ ବୋଲି ଜଣାପଡ଼ିଛି। ଏହାପରେ କୁନ୍ଦୁଲି ଗ୍ରାମକୁ ଯାଇ ଜଙ୍ଗଲ ଜମି ପଟ୍ଟା ହିତାଧିକାରୀଙ୍କ ସହ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଥିବା ଜଣାପଡିଛି। ଏହାପରେ ଦେଓମାଳି ପର୍ଯ୍ୟଟନ ସ୍ଥଳୀ ପରିଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି। ୧୦ ତାରିଖରେ ରାଜ୍ୟପାଳ ଡ.ହରିବାବୁ କମ୍ଭମପତି ମାଲକାନଗିରି ଜିଲ୍ଲା ଗସ୍ତ କାର୍ଯ୍ୟକ୍ରମ ରହିଥିବା ଜଣାପଡ଼ିଛି।

## ଜିଲ୍ଲା ରୋଗୀ କଲ୍ୟାଣ ସମିତିର ବୈଠକ

# ଜିଲ୍ଲା ଚିକିତ୍ସାଳୟର ସମସ୍ୟାକୁ ନେଇ ସାଂସଦ, ବିଧାୟକଙ୍କ ଅସନ୍ତୋଷ

## ଅଧିକ ରେଫେରାଲ କରୁଥିବା ଡାକ୍ତରଙ୍କ ବିରୋଧରେ ହେବ କାର୍ଯ୍ୟାନୁଷ୍ଠାନ

ଜୟପୁର,୬।୯ (ସମିସ): କୋରାପୁଟ ଜିଲ୍ଲା ଜୟପୁରସ୍ଥିତ ଜିଲ୍ଲା ଚିକିତ୍ସାଳୟର ସମ୍ମିଳନୀ କକ୍ଷରେ ଶନିବାର ଜିଲ୍ଲା ରୋଗୀ କଲ୍ୟାଣ ସମିତିର ବୈଠକ ଅନୁଷ୍ଠିତ ହୋଇଥିଲା। କୋରାପୁଟ ସାଂସଦ ସପ୍ତଗିରି ଉଲକାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି, ପଟ୍ଟାଙ୍ଗି ବିଧାୟକ ରାମଚନ୍ଦ୍ର କାଡାମ, କୋରାପୁଟ ବିଧାୟକ ରଘୁରାମ ମାଛ, ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉନ୍ତା ପ୍ରମୁଖ ଉପସ୍ଥିତ ରହି ଜିଲ୍ଲା ଚିକିତ୍ସାଳୟ ଶୁଭାରମ୍ଭ ହୋଇ ମାତ୍ର ଏକବର୍ଷ ହୋଇଥିଲେ ସୁଦ୍ଧା ଏହାର ସମସ୍ୟା ବୃଦ୍ଧି ପାଇବାରେ ଲାଗିଛି। ଏନେଇ ବାରମ୍ବାର ଅଭିଯୋଗ ହୋଇଥିଲେ ସୁଦ୍ଧା ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏହାର ସମାଧାନ ନେଇ କୌଣସି ଉପଯୁକ୍ତ ପଦକ୍ଷେପ ଗ୍ରହଣ କରାଯାଉନାହିଁ ବୋଲି ବୈଠକରେ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଜିଲ୍ଲା ଚିକିତ୍ସାଳୟର ମାନ୍ୟତା ପାଇଥିଲେ ସୁଦ୍ଧା ଏହାର ମୁଖ୍ୟ ସମସ୍ୟା ବିଭାଗରେ ବିଶେଷଜ୍ଞ ଡାକ୍ତରଙ୍କ ଅଭାବ ଏବଂ କନିଷ୍ଠ ଡାକ୍ତରମାନେ ଏଠାରେ ନିଯୁକ୍ତି ପାଉଥିଲେ ସୁଦ୍ଧା ସେମାନେ ଉଚ୍ଚ ଶିକ୍ଷାପାଇଁ ବ୍ୟସ୍ତତା ରହି ରୋଗିଙ୍କୁ ଉପଯୁକ୍ତ ସେବା ପ୍ରଦାନ କରୁନାହାଁନ୍ତି ବୋଲି ଅଭିଯୋଗ ହୋଇଥିଲା। ଜିଲ୍ଲା ଚିକିତ୍ସାଳୟରେ ୧୫୬ ଜଣ ଡାକ୍ତରଙ୍କ ମଧ୍ୟରୁ ମାତ୍ର ୪୮ ଜଣ ଡାକ୍ତର ରହିଛନ୍ତି। ୧୦୮ ଡାକ୍ତର ପଦବୀ ଖାଲି ପଡିଥିବା ଯୋଗୁଁ ରୋଗୀ ସମସ୍ୟାର ସମ୍ମୁଖିନ ହେଉଛନ୍ତି। ଏଠାକୁ ସମାନ୍ୟ ଦୁର୍ଘଟଣା ଏବଂ




ଅନ୍ୟାନ୍ୟ ସାମାନ୍ୟ ରୋଗର ଚିକିତ୍ସା ନେଇ ଡାକ୍ତରମାନେ କୌଣସି ଆଗ୍ରହ ପ୍ରକାଶ କରୁନାହାଁନ୍ତି। ଫଳରେ ଅଧିକାଂଶ ରୋଗୀଙ୍କୁ ମେଡିକାଲ କଲେଜକୁ ରିଫେର କରାଯାଉଛି। ତେଣୁ ଏପରି ବ୍ୟବସ୍ଥା ବନ୍ଦ କରିବା ସହ କେଉଁ ଡାକ୍ତର ଅଧିକାଂଶ ରୋଗିଙ୍କୁ ରିଫେର କରୁଛନ୍ତି, ତାହାର ସୂଚୀ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଉପସ୍ଥିତ ଜନ ପ୍ରତିନିଧି ମାନେ ନିର୍ଦ୍ଦେଶ ଦେଇଛନ୍ତି। ଗତବର୍ଷ ୨୫ ପ୍ରତିଶତ ରୋଗୀଙ୍କୁ ରିଫେରାଲ କରାଯାଇଥିବା ବେଳେ ଚଳିତ ବର୍ଷ ତାହା ହ୍ରାସ ପାଇ ୧୮ ପ୍ରତିଶତକୁ ଆସିଛି ବୋଲି ବୈଠକରେ ଜିଲ୍ଲା ଚିକିତ୍ସାଳୟ କର୍ତ୍ତୃପକ୍ଷଙ୍କୁ ପକ୍ଷରୁ ସୂଚନା ଦିଆଯାଇଛି। ସ୍ତ୍ରୀ ଓ ପ୍ରସୁତି, ସର୍ଜରୀ ଓ ନିଶ୍ଚେତକ ବିଭାଗରେ ବିଶେଷଜ୍ଞ ଡାକ୍ତର ଅଭାବ ଯୋଗୁଁ ଜିଲ୍ଲା ଚିକିତ୍ସାଳକୁ ଏହି ବିଭାଗକୁ ଆସୁଥିବା ରୋଗିମାନେ ଉପଯୁକ୍ତ ସୁବିଧା ପାଇପାରୁନାହାଁନ୍ତି। ତୁରନ୍ତ ସରକାର ଏଥିପ୍ରତି ଯେପରି ଗୁରୁତ୍ୱ ଦେବେ ସେନେଇ ବିଧାନସଭାରେ ଆଲୋଚନା କରାଯିବ ଏବଂ ସରକାରଙ୍କ ଅବଗତ କରାଯାଇ ବିଶେଷଜ୍ଞ ଡାକ୍ତର ପଦବୀ ପୂରଣ କରାଯିବ। ଆବଶ୍ୟକ ହେଉଥିବା ସିଟିସ୍କାନ ଓ ଏମଆରଆଇ ଦୁଇଟି ମେସିନ ଜିଲ୍ଲା ଚିକିତ୍ସାଳୟରେ ନୂତନ ଭାବେ ପ୍ରଦାନ କରାଯାଇ କାର୍ଯ୍ୟକାରୀ କରିବାକୁ ପରାମର୍ଶ ଦିଆଯାଇଥିଲା। ଚିକିତ୍ସାଳୟରେ ଆବଶ୍ୟକ ରୋଗିଙ୍କ ବେଡ ଅଭାବ ଯୋଗୁଁ ରୋଗୀମାନେ ଚଟାଣରେ ଶୋଇ ହନ୍ତସନ୍ତ ହେଉଛନ୍ତି। ପ୍ରସୂତିମାନଙ୍କୁ ନେଇ ଡାଇରିଆ ୱାର୍ଡରେ ରୋଗୀମାନଙ୍କ ନିକଟରେ ରଖାଯାଉଥିବା ନେଇ ବୈଠକରେ କ୍ଷୋଭ ପ୍ରକାଶ ପାଇଥିଲା। ବର୍ଷା ହେଲେ ଡାକ୍ତରଖାନା ପରିସରର ପାଣି ଜମା ରହୁଛି, ନୂତନ କୋଠା ଗୁଡିକରୁ ବର୍ଷା ହେଲେ ପାଣି ଗଳିବା, ଚିକିତ୍ସାଳୟ ନିକଟରେ ଥିବା ବାସଗୃହ ଗୁଡିକରେ ମଧ୍ୟ ପାଣି ଗଳୁଥିବା ଯୋଗୁଁ ଜନପ୍ରତିନିଧିମାନେ ଠିକାଦାରଙ୍କ ବିଲ ପାସ ବିନା ଲୋକ ପ୍ରତିନିଧିଙ୍କୁ ଅବଗତ ନକରି ପ୍ରଦାନ କରିବା ମନା କରାଯାଇଛି। ପୂର୍ବ ବୈଠକ ସମ୍ପର୍କରେ ଆଲୋଚନା କରାଯିବା ପରେ ଆସନ୍ତା ୨୦୨୫-୨୬ ମସିହା ପାଇଁ ଆବଶ୍ୟକ ବିଭିନ୍ନ ଉନ୍ନତୀମୂଳକ କାର୍ଯ୍ୟ ଏବଂ ବଜେଟ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଚିକିତ୍ସାଳୟ ଏକ୍ସରେ ଅଲଟ୍ରା ସାଉଣ୍ଡ ବ୍ୟବସ୍ଥା ଚିକିତ୍ସାଳୟରେ ରହିଛି; କିନ୍ତୁ ରାତିରେ ଜରୁରୀକାଳୀନ ପରସ୍ଥିତିରେ ଏହା ପ୍ରଦାନ କରାଯାଉନାହିଁ, ଆବଶ୍ୟକ ବୈଷୟିକ କର୍ମଚାରୀ ଏବଂ ଅନ୍ୟାନ୍ୟ କର୍ମଚାରୀ ଅଭାବ ଯୋଗୁଁ କାର୍ଯ୍ୟରେ ସମସ୍ୟା ସୃଷ୍ଟି ହେଉଥିବା ନେଇ ହୋଇଥିବା ଅଭିଯୋଗ ଉପରେ ଆଲୋଚନା ହୋଇଥିଲା। ଉପସ୍ଥିତ ଅଗ୍ନିଶମ ବିଭାଗର ପକ୍ଷରୁ ତୁରନ୍ତ ଚିକିତ୍ସାଳୟକୁ ଅଗ୍ନିସୁରକ୍ଷା ପ୍ରମାଣପତ୍ର ପ୍ରଦାନ ପାଇଁ ପରାମର୍ଶ ଦିଆଯାଇଥିଲା। ତେବେ ସାଂସଦ ଏବଂ ବିଧାୟକମାନଙ୍କୁ ବିଭିନ୍ନ ପ୍ରଶ୍ନର ସଠିକ ଉତ୍ତର ମିଳି ନ ଥିବା ଯୋଗୁଁ ବିରକ୍ତ ହୋଇଥିବା ଦେଖିବାକୁ ମିଳିଥିଲା। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ, ଉପଜିଲ୍ଲାପାଳ ଏ.ସସ୍ୟାରେ‡ୀ, ସିଡିଏମ୍‌ଓ ରବିନ୍ଦ୍ରନାଥ ମିଶ୍ର, ଜିଲ୍ଲା ଚିକିତ୍ସାଳୟ ଅଧିକ୍ଷକ ଦୀଲିପ କୁମାର ବିଶ୍ୱାଳ, ଏସ୍‌ଡିପିଓ ପାର୍ଥ କଶ୍ୟପ, ବିଡିଓ ଶକ୍ତି ମହାପାତ୍ର ପ୍ରମୁଖଙ୍କ ସମେତ ଅନ୍ୟାନ୍ୟ ବରିଷ୍ଠ ଡାକ୍ତର, ଚିକିତ୍ସାଳୟର ଦୁଇ ମ୍ୟାନେଜର ଏବଂ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଗୀତାରାଣୀଙ୍କୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର



ନବରଙ୍ଗପୁର,୬।୯ (ସମିସ): ପବିତ୍ର ଗୁରୁଦିବସ ପାଳନ ଅବସରରେ ଶିକ୍ଷୟିତ୍ରୀ ଗୀତା ରାଣୀ ଦାଶଙ୍କୁ ଚଳିତ ୨୦୨୫ ଶିକ୍ଷା ବର୍ଷ ପାଇଁ ରାଜ୍ୟସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାରରେ ପୁରସ୍କୃତ କରାଯାଇଛି। ସେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା ଗୁରୁ ଦିବସ ଦିନ ଭୁବନେଶ୍ୱରସ୍ଥିତ ଲୋକସେବା ଭବନଠାରେ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଗ୍ରହଣ କରିଛନ୍ତି। ଏହି ଅବସରରେ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଉପସ୍ଥିତ ରହିଥିଲେ। ଏହି ପୁରସ୍କାର ପାଇଁ ଶ୍ରୀମତୀ ଦାଶ ନିଜ ପିତାଙ୍କ ଆଦର୍ଶ ଶିକ୍ଷା ବୃତ୍ତିର ପ୍ରେରଣା, ନିଜ ମା'ଙ୍କ ଠାରୁ ପାଇଥିବା କର୍ତ୍ତବ୍ୟ ନିଷ୍ଠାର ସଂସ୍କାର, ସ୍ୱାମୀଙ୍କ ଅଶେଷ ସହଯୋଗ, ଜିଲ୍ଲା ଶିକ୍ଷା ଅଧିକାରୀ ଛତ୍ରପତି ସାହୁଙ୍କ ପ୍ରେରଣା, ପ୍ରଧାନ ଶିକ୍ଷକ ରଞ୍ଜନ କୁମାର ମହାପାତ୍ରଙ୍କ ସହଯୋଗ ଏବଂ ନିଜ ବିଦ୍ୟାଳୟ ର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ,ଛାତ୍ରଛାତ୍ରୀଙ୍କୁ ଶ୍ରେୟ ଦେଇଥିବା ସୂଚନା ମିଳିଛି।

# ପୌର ଉପାଧ୍ୟକ୍ଷ ବିଜେଡିରୁ ନିଲମ୍ବିତ

ଉମରକୋଟ,୬।୯ (ସମିସ): ଉମରକୋଟ ପୌର ପରିଷଦର ଉପାଧ୍ୟକ୍ଷ ସୁଧାଂଶୁ ଦାସଙ୍କୁ ଆଜି ବିଜେଡ଼ି ଦଳରୁ ନିଲମ୍ବନ କରାଯାଇଛି। ଦଳ ବିରୋଧୀ କାର୍ଯ୍ୟ ପାଇଁ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ରାଜ୍ୟ ବିଜେଡିର ଉପସଭାପତି ପ୍ରତାପ ଜେନା ନିଲମ୍ବନ ପତ୍ରରେ ଉଲ୍ଲେଖ କରିଛନ୍ତି।

## ନବ ନିଯୁକ୍ତ ଜିଲ୍ଲା ବିଜେଡି ସଭାପତିଙ୍କୁ ଶୁଭେଚ୍ଛା

କୋରାପୁଟ,୬।୯(ସମିସ): ଗୁରୁବାର ବିଜେଡ଼ି ସୁପ୍ରିମୋ ନବୀନ ପଟ୍ଟନାୟକ ବିଭିନ୍ନ ଜିଲ୍ଲାର ସଭାପତି ନିଯୁକ୍ତ କରିଥିବାବେଳେ ପୂର୍ବତନ ସାଂସଦ ଝିନ୍ନ ହିକକାଙ୍କୁ କୋରାପୁଟ ଜିଲ୍ଲା ସଭାପତି ଭାବେ ନିଯୁକ୍ତ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଶ୍ରୀ ହିକକାଙ୍କୁ ଶୁକ୍ରବାର କୋରାପୁଟର ପୂର୍ବତନ ବିଧାୟକ ରଘୁରାମ ପଡ଼ାଲ, ଯୁବନେତା ଅମିତ ଅଗ୍ରୱାଲ, ଅଶୋକ ପ୍ରଧାନ ସାକ୍ଷାତ କରି ଅଭିନନ୍ଦନ ଜଣାଇଛନ୍ତି। ଶ୍ରୀ ହିକକାଙ୍କ ନେତୃତ୍ୱରେ ଆସନ୍ତା ଦିନରେ ଦଳ ଅଧିକ ଶକ୍ତିଶାଳୀ ହେବ ବୋଲି ଶ୍ରୀ ପଡ଼ାଲ ଆଶା ବ୍ୟକ୍ତ କରିଛନ୍ତି। ଅନ୍ୟପକ୍ଷରେ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ଜଣେ ଆଦିବାସୀ ବର୍ଗର ଯୁବ ଚେହେରାକୁ ଜିଲ୍ଲା ସଭାପତି କରିଥିବାରୁ ଶ୍ରୀ ପଡ଼ାଲ ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

## ଜିଲ୍ଲାରେ ଡିଡିଆରସି କେନ୍ଦ୍ର ସ୍ଥାପନ ଦାବି

● ଜିଲ୍ଲାପାଳଙ୍କୁ ଓଡ଼ିଶା ବିକଳାଙ୍ଗ ମଞ୍ଚର ଦାବିପତ୍ର



ରାୟଗଡ଼ା,୬।୯(ସମିସ): ଓଡ଼ିଶା ବିକଳାଙ୍ଗ ମଞ୍ଚ ରାୟଗଡ଼ା ଜିଲ୍ଲା ଶାଖା ତରଫରୁ ଆଜି ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣିଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏହି ଦାବିପତ୍ରରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପ୍ରାଙ୍ଗଣରେ ନିର୍ମିତ ହେଉଥିବା ସରକାରୀ କାର୍ଯ୍ୟାଳୟ କୋଠାରେ ଲିଫ୍ଟ ବ୍ୟବସ୍ଥା, ରାୟଗଡ଼ା ରେଳ ଷ୍ଟେସନରେ ଇ-ରିକ୍ସା ବ୍ୟବସ୍ଥା, ଜିଲ୍ଲାର ଭିନ୍ନକ୍ଷମ ବ୍ୟକ୍ତିମାନଙ୍କ ପାଇଁ ଜିଲ୍ଲା ଭିନ୍ନକ୍ଷମ ପୁର୍ନବାସ କେନ୍ଦ୍ର (ଡିଡିଆରସି) ସ୍ଥାପନ କରିବା ପାଇଁ ଦାବି କରାଯାଇଛି। ଦାବିପତ୍ର ଗ୍ରହଣ କରି ଜରୁରି ଅତ୍ୟାବଶ୍ୟକୀୟ ବିଷୟଗୁଡିକ ପୂରଣ ଦିଗରେ ଯଥାଶୀଘ୍ର ପଦକ୍ଷେପ ଗ୍ରହଣ କରିବାକୁ ଜିଲ୍ଲାପାଳ ପ୍ରତିଶୃତି ଦେଇଥିବା ଓଡ଼ିଶା ବିକଳାଙ୍ଗ ମଞ୍ଚ ରାୟଗଡ଼ା ଜିଲ୍ଲା ଶାଖା ସାଧାରଣ ସଂପାଦକ ଜଳନ୍ଧର ବାଡେଲି ପ୍ରକାଶ କରିଛନ୍ତି।

# ମନରେଗା ଯୋଜନାରେ ଏନ୍‌ଏମ୍‌ଏମ୍‌ଏସ୍ ପାଲଟିଛି ପ୍ରହସନ

## ଆପ୍‌ରେ ମୋବାଇଲ ଫଟୋରୁ ଫଟୋ ଅପ୍‌ଲୋଡ ହେଉଥିବା ଅଭିଯୋଗ

କାଲିମେଲା,୬।୯(ସମିସ): ମାଲକାନଗିରି ଜିଲ୍ଲାରେ ଶ୍ରମିକଙ୍କୁ ରୋଜଗାର ଯୋଗାଇଦେବା ପାଇଁ ସରକାରଙ୍କ ପକ୍ଷରୁ ମନରେଗା ଯୋଜନା ମାଧ୍ୟମରେ ବିଭିନ୍ନ କାର୍ଯ୍ୟ ପାଇଁ କୋଟି କୋଟି ଟଙ୍କା ବ୍ୟୟ କରାଯାଉଛି। ହେଲେ ବାସ୍ତବ କ୍ଷେତ୍ରରେ ମନରେଗା ଯୋଜନା ମାଧ୍ୟମରେ ଆସୁଥିବା ଏହି ଅର୍ଥକୁ ବାଟମାରଣା କରିବା ପାଇଁ ସରକାରୀ କର୍ମଚାରୀ ନୂଆ ନୂଆ କୌଶଳ ଅପଣାଇଛନ୍ତି। ମନରେଗା ଯୋଜନା କାର୍ଯ୍ୟରେ କେବେ ମେସିନ ବ୍ୟବାହର ହେଉଛି ତ କେବେ କାମ ନ ହୋଇ ବିଲ୍ ଉଠାଯାଉଛି। ପୁଣି କେବେ ମୃତ ଶ୍ରମିକଙ୍କ ନାମରେ ଅର୍ଥ ପୈଠ ହେଉଛି। ଏ ସବୁ ବାଦେ ବର୍ତ୍ତମାନ ମନରେଗା ଯୋଜନାର ଅର୍ଥ ଲୁଟ ପାଇଁ ଶ୍ରମିକଙ୍କ ବଦଳରେ ଫଟୋରୁ ଫୋଟ ନେଇ ତାହାକୁ ମନରେଗା ପୋର୍ଟାଲ୍‌ରେ ଅପଲୋଡ଼୍ କରାଯାଉଛି। ଦାଦନ ସମସ୍ୟାକୁ ଦୁର କରିବା ଓ ଶ୍ରମିକଙ୍କ ରୋଜଗାର ବଢ଼େଇବା ଲକ୍ଷ୍ୟ ନେଇ ସରକାରଙ୍କ ପକ୍ଷରୁ ଆରମ୍ଭ କରାଯାଇଥିବା ଏହି ମନରେଗା ଯୋଜନାରେ ବାଟମାରଣାର ଏସବୁ ଚିତ୍ର ଦେଖିବା ପରେ ବାସ୍ତବିକ କ୍ଷେତ୍ରରେ ଯୋଜନା କେତେଦୂର ସଫଳ ହୋଇଛି ତାହା ତଦନ୍ତ ସାପେକ୍ଷ। ଏପରି ଘଟଣା ମାଲକାନଗିରି ଜିଲ୍ଲାର କାଲିମେଲା ବ୍ଲକ୍ ଅନ୍ତର୍ଗତ ପୁଶୁଗୁଡା ପଞ୍ଚାୟତର ନର୍ଥ କେନାଲ ଠାରୁ ପୂଜାରୀ ଲ୍ୟାଣ୍ଡ ପର୍ଯ୍ୟନ୍ତ ଚାଲିଥିବା ଫିଲ ଚାନେଲ କାମ ଯାହାର କୋଡ଼୍ ନମ୍ବର ୨୪୩୧୦୧୪୦୦୮/ ଆଇସି/୧୦୬୨୧୦୮୩ ଏହି କାମରେ ଶ୍ରମିକମାନେ କାର୍ଯ୍ୟ କରୁଥିବା ସମୟର ଫୋଟ ଏନଏମଏମଏସ ଆପ୍‌ରେ ଅପଲୋଡ଼୍ କରିବା ପରିବର୍ତ୍ତେ ମେଟ ରାମଚନ୍ଦ୍ର ଓ୍ୱାଙ୍କ ମୋବାଇଲ ଫଟୋରୁ ଫୋଟ ଉଠେଇଥିବା ଏକ ଫୋଟ ଅପଲୋଡ଼୍ କରିଥିବା ବର୍ତ୍ତମାନ ଚର୍ଚ୍ଚାର ବିଷୟ ପାଲଟିଛି। ମନରେଗା ଯୋଜନାରେ ଯେକୌଣସି କାଯ୍ୟ ଆରମ୍ଭ ହେଲେ କାଯ୍ୟ ଜାରି ଥିବା ସମୟରେ ସରକାରୀ ନିୟମ ଅନୁଯାୟୀ ଏହାର ଏନଏମଏମଏସ କରାଯାଏ। ଏନଏମଏମଏସ ଅର୍ଥ ହେଉଛି ନେସନାଲ ମେଫିଂ ସିଷ୍ଟମ। ଏହି ଏନଏମଏମଏସ ଦ୍ୱାରା କାର୍ଯ୍ୟରତ ଶ୍ରମିକଙ୍କ ନାମ ଓ କାର୍ଯ୍ୟସ୍ଥଳୀରେ ଶ୍ରମିକମାନେ କାର୍ଯ୍ୟ କରୁଥିବା ଫଟୋ ଅପଲୋଡ଼୍ କରାଗଲେ ପ୍ରକୃତରେ କାଯ୍ୟରେ କେତେ ଶ୍ରମିକ ନିୟୋଜିତ ହୋଇଛନ୍ତି ଏବଂ କାର୍ଯ୍ୟ ସଠିକ ଭାବରେ ହେଉଛି କି ନାହିଁ ତାହା ସ୍ପଷ୍ଟ ହୋଇଥାଏ। ତେବେ ଫଟୋ ରୁ ଫୋଟ ଅପଲୋଡ଼୍ କରିବା ସରକାରଙ୍କ ଆଖିରେ ଧୂଳି ଦେବା ବୋଲି ବୁଦ୍ଧିଜୀବୀମାନେ ମତ ପ୍ରକାଶ କରିଛନ୍ତି। ତେଣୁ ଏପରି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ଦାବି ହୋଇଛି।

## ବୈପାରୀଗୁଡ଼ାରେ ୯ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା

ବୈପାରୀଗୁଡ଼ା,୬।୯(ସମିସ): ବୈପାରୀଗୁଡ଼ା ସ୍ଥିତ ଶିକ୍ଷକ ଭବନ ପରିସରରେ ବ୍ଲକ୍‌ସ୍ତରୀୟ ଗୁରୁ ଦିବସ ପାଳିତ ହୋଇଯାଇଛି। ମିଳିତ ପ୍ରାଥମିକ ଶିକ୍ଷକ ସଙ୍ଘର ସଭାପତି ସୁରେନ୍ଦ୍ର ଖରାଙ୍କ ନେତୃତ୍ୱରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବ୍ଲକ୍ ଅଧକ୍ଷ ପ୍ରଶାନ୍ତ କୁମାର ଗୁପ୍ତା, ଉପାଧକ୍ଷା ପୂର୍ଣ୍ଣିମା ବାରିକ, ଗୋଷ୍ଠୀ ଶିକ୍ଷା ଅଧିକରୀ ସୁକାନ୍ତ କର୍ତ୍ତାମୀ, ଷ୍ଟେଟ ବ୍ୟାଙ୍କ ମ୍ୟାନେଜର ପ୍ରୀତମ ସମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ବ୍ଲକ୍‌ର ୯ ଜଣ ଅବସର ଗ୍ରହଣ ଶିକ୍ଷକଙ୍କୁ ଉପଢ଼ୌକନ ସହ ମାନପତ୍ର ଦେଇ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଅବସର ଗ୍ରହଣ କରିଥିବା ଶିକ୍ଷକଙ୍କ ମଧ୍ୟରୁ ରମେଶ ଚନ୍ଦ୍ର ସ୍ୱାଇଁ, ଚତୁର୍ଭୁଜ ସ୍ୱାଇଁ, ସାମନ୍ତ ସାହୁ, ପ୍ରଶାନ୍ତ କୁମାର କର, ପ୍ରଦୀପ କୁମାର ଦାସ, ଖିରୋଦ କୁମାର ଭଟମିଶ୍ର, ସୁରେଶ ଚନ୍ଦ୍ର ଦାସ, ସରତ କୁମର ବେହେରା, ସଂଯୁକ୍ତା ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟାଳୟରେ ବ୍ଲକ୍‌ର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

## ବିଧାୟକଙ୍କୁ ହାଇସ୍କୁଲ ଶିକ୍ଷକ ଏନ୍‌ପିଏସ ସଂଘର ଦାବିପତ୍ର



ମାଲକାନଗିରି,୬।୯(ସମିସ): ମାଲକାନଗିରି ଜିଲ୍ଲା ସରକାରୀ ହାଇସ୍କୁଲ ଶିକ୍ଷକ ଏନ୍‌ପିଏସ ସଂଘ ମାଲକାନଗିରି ବିଧାୟକ ନରସିଂହ ମାଡକାମିଙ୍କୁ ନିଜର ଦୁଇ ଦଫା ଦାବି ସମ୍ପର୍କରେ ଜଣାଇବା ସହ ଆଲୋଚନା କରିଥିଲେ। ୨୦୦୪ ମସିହାରୁ ୨୦୧୪ ମସିହା ପର୍ଯ୍ୟନ୍ତ ସମସ୍ତ ହାଇସ୍କୁଲ ଶିକ୍ଷକ ୬ ବର୍ଷ ମୂଳ ଚାକିରିରେ ଯୋଗ ଓ ୬ଟି ନାସନାଲ ଇଙ୍କ୍ରିମେଣ୍ଟ ପ୍ରଦାନ ଏବଂ ହାଇସ୍କୁଲ ଶିକ୍ଷକମାନଙ୍କ କ୍ୟାଡର ପୁନର୍ଗଠନ ଭଳି ଦୁଇଟି ଦାବିକୁ ଆଗାମୀ ବିଧାନସଭା ଅଧିବେଶନରେ ଉପସ୍ଥାପନା କରି ଶିକ୍ଷକମାନଙ୍କ ନ୍ୟାର୍ଯ୍ୟ ଦାବି ପୂରଣ ପାଇଁ ସହଯୋଗ କରିବାକୁ ସଂଘ ପକ୍ଷରୁ ଅନୁରୋଧ କରାଯାଇଥିଲା। ଏହି ଅବସରରେ ବିଧାୟକ ଶ୍ରୀ ମାଡକାମୀ ମଧ୍ୟ ଉପରସ୍ତରରେ ଆଲୋଚନା କରିବାକୁ ସଙ୍ଘକୁ ପ୍ରତିଶୃତି ଦେଇଥିବା ଜଣାପଡ଼ିଛି। ଏହି ଆଲୋଚନାରେ ସଂଘ ସଭାପତି ସଂଜୀବ କୁମାର ବୈଦ୍ୟ, କାର୍ଯ୍ୟକାରୀ ସଭାପତି ସୁଧୀର ରଞ୍ଜନ ସିକଦାର, ସମ୍ପାଦକ ସନାତନ ଦାସ, ଉପଦେଷ୍ଟା ଜଗନ୍ନାଥ ପ୍ରସାଦ ବେହେରା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସନ୍ଦୀପ୍ତ କୁମାର ଦାସ, ଉପ ସଭାପତି ସନାତନ ପ୍ରଧାନ, ଚତୁର୍ଭୁଜ ଦାସ, ରତନ ଆଚାର୍ଯ୍ୟ, ସମୀରରଞ୍ଜନ ଜେନା, ବାସୁଦେବ ପଣ୍ଡା, ଶରତ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ଦୁର୍ଘଟଣାରେ ୨ ଗୁରୁତର

ପୋଡ଼ାଗଡ଼,୬।୯(ସମିସ): କୋରାପୁଟ-ରାୟଗଡ଼ା ୩୨୬ ନମ୍ବର ଜାତୀୟ ରାଜପଥ ନିକଟ ଲମତାପୁଟ ନିକଟରେ ଦୁଇ ବାଇକ୍ ମୁହାମୁହିଁ ଧକ୍କାରେ ଦୁଇ ଜଣ ଗୁରୁତର ହୋଇଛନ୍ତି। ପୋଡ଼ାଗଡ଼ରୁ ପଡୟପୁଟ ଅଭିମୁଖେ ଯାଉଥିବା ସମୟରେ ଲମତାପୁଟ ବାରିଗୁଡ଼ା ନିକଟ ବୁଲାନି ରାସ୍ତାରେ ବିପରୀତ ଦିଗରୁ ଆସୁଥିବା ଏକ ସ୍କୁଟି ସହ ବାଇକ୍ ମୁହାମୁହିଁ ଧକ୍କା ହୋଇଥିବାରୁ ଉଭୟ ବାଇକ୍ ଓ ସ୍କୁଟି ଚାଳକ ଗୁରୁତର ହୋଇଛନ୍ତି। ସେମାନଙ୍କୁ ଚିକିତ୍ସା ପାଇଁ ସହିଦ ଲକ୍ଷ୍ମଣ ନାୟକ ମେଡ଼ିକାଲ କଲେଜ ଓ ହସ୍‌ପିଟାଲରେ ଭର୍ତ୍ତି କରାଯାଇଛି।

## ସିଆର୍‌ପିଏଫ୍‌ର ଚାରାରୋପଣ



ଚନ୍ଦ୍ରପୁର,୬।୯(ସମିସ): ରାୟଗଡ଼ା ଜିଲ୍ଲା ଚନ୍ଦ୍ରପୁର ବ୍ଲକ୍‌ସଦର ମହକୁମାରେ ଥିବା ଆଦର୍ଶ ବିଦ୍ୟାଳୟରେ ଗୁରୁଦିବସ ସହ ଚାରାରୋପଣ କାର୍ଯ୍ୟକ୍ରମ ପାଳିତ ହୋଇଯାଇଛି। ଚନ୍ଦ୍ରପୁର ୪ର୍ଥ ସୁରକ୍ଷା ବଳ କାମାଣ୍ଡେଣ୍ଟ ଟି. ପୋଲାନିଙ୍କ ସଂଯୋଜନାରେ ମୁଖ୍ୟଅତିଥି ଭାବେ ଆଦର୍ଶ ବିଦ୍ୟାଳୟର ଅଧକ୍ଷ କାଳନ୍ଦୀ ଚରଣ ରାଉତ, ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟର ଅଧାପକ, ଅଧାପିକା, ଶିକ୍ଷକ ,ଶିକ୍ଷୟିତ୍ରୀ, ୪ର୍ଥ ସିଆରପିଏଫ ସୁରକ୍ଷା ବଳଙ୍କ ଉପସ୍ଥିତିରେ ଆଜି ଆଦର୍ଶ ବିଦ୍ୟାଳୟର ପରିସରରେ ଅଁଳା, କାଜୁ, ଆମ୍ବ, ପିସ୍ତା ବାଦାମ ପ୍ରାୟ ୩୫୦ ଚାରାରୋପଣ କରାଗଲା। ଶେଷରେ କମାଣ୍ଡର ଟି. ପୋଲାନି ଧନ୍ୟବାଦ ଦେଇଥିଲେ।

## ମାଥିଲି ଲ୍ୟାମ୍ପସର ୟୁରିଆ ଘୋଟାଲାର ତଦନ୍ତ ଜାରି

ମାଥିଲି,୬।୯(ସମିସ): ରାଜ୍ୟରେ ୟୁରିଆ ପାଇଁ ଚାଷୀମାନେ ହନ୍ତସନ୍ତ ହେଉଥିବା ଚିତ୍ର ସାମ୍ନାକୁ ଆସୁଛି। କିନ୍ତୁ ଆଦିବାସୀ ଅଧ୍ୟୁଷିତ ମାଲକାନଗିରି ଜିଲ୍ଲା ମାଥିଲି ଲ୍ୟାମ୍ପସରେ ୟୁରିଆର ମହା ଘୋଟାଲା ହେଉଥିବା କିଛି ଦିନ ପୂର୍ବରୁ ଆଦିବାସୀ ନେତା ଶରତ ଚନ୍ଦ୍ର ବୁରୁଦା ଏକ ସାମ୍ବାଦିକ ସମ୍ମିଳନୀରେ ଅଭିଯୋଗ କରିଥିଲେ। ଯାହା ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇଥିଲା। ଅଭିଯୋଗ ଆଧାରରେ ସମବାୟ ସମିତିର ନିର୍ଦ୍ଦେଶ କ୍ରମେ ଗତକାଲି ମାଥିଲି କେସିସି ବ୍ୟାଙ୍କ ପରିଚାଳକ ମନୋଜ କୁମାର ମଣ୍ଡଳ ମାଥିଲି ଲ୍ୟାମ୍ପସରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଗତବର୍ଷ ସାର ବାବଦକୁ ୧୭ଲକ୍ଷ ଟଙ୍କା ଲ୍ୟାମ୍ପସ ବକେୟା ଥିବା ବ୍ୟାଙ୍କରେ ଜମା କରି ନଥିବା ବେଳେ ଚଳିତ ବର୍ଷ ଖରିଫ ଋତୁରେ ୩୧ଲକ୍ଷ ଟଙ୍କାରେ ସାର ଆସିଥିବା ତଦନ୍ତ ସମୟରେ ଜଣାପଡ଼ିଛି। ତେବେ ଗତବର୍ଷ ଲ୍ୟାମ୍ପସର ୧୭ ଲକ୍ଷ ଟଙ୍କା ବକେୟା ପୈଠ ହୋଇ ନଥିବା ବେଳେ ଏହାର ତଦାରଖ ନକରି ଚଳିତ ବର୍ଷ ୩୧ ଲକ୍ଷ ଟଙ୍କାର ସାର କିପରି ମଞ୍ଜୁର ହେଲା ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କେସିସି ବ୍ୟାଙ୍କର କର୍ତ୍ତୃପକ୍ଷ କାର୍ଯ୍ୟକାରିତା ଉପରେ ସନ୍ଦେହ ସୃଷ୍ଟି କରିଛି। ସବୁଠାରୁ ବଡ଼ କଥା ହେଲା ଏବେ ଖରିଫ ଋତୁରେ ସାଧାରଣ ଚାଷୀମାନଙ୍କୁ ଗୋଟିଏ ୟୁରିଆ ବିକ୍ରୟ କରୁଥିବା ବେଳେ ଲ୍ୟାମ୍ପସର ନିର୍ବାଚିତ ପଦାଧିକାରୀମାନେ ୪୦ ବସ୍ତା ଲେଖାଏ ବକେୟା ଭାବରେ ନେଇଛନ୍ତି। ଯାହା ଲ୍ୟାମ୍ପସର ୟୁରିଆ ବିକ୍ରୟ ଚାର୍ଜରେ ଥିବା କର୍ମଚାରୀ ଚନ୍ଦନ କୁମାର ପଣ୍ଡା ଗଣମାଧ୍ୟମଙ୍କୁ ଓ ତଦନ୍ତକାରି ଅଧିକାରୀ ଶ୍ରୀ ମଣ୍ଡଳଙ୍କୁ ସଠିକ ତଥ୍ୟ ପ୍ରଦାନ କରି ପାରିନଥିବା ଜଣାପଡ଼ିଛି। ଶ୍ରୀ ପଣ୍ଡା ସଠିକ ତଥ୍ୟ ଦେବାକୁ ଦୁଇ ଦିନ ସମୟ ମାଗିଛନ୍ତି ବୋଲି ତଦନ୍ତକାରୀ ଅଧିକାରୀ ଶ୍ରୀ ମଣ୍ଡଳ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ତେବେ ମୌଖିକ ଭାବେ ଯାହା ସୂଚନା ମିଳିଛି, ଚଳିତ ବର୍ଷ ୪ ଟନ ୫୧୫ କୁଇଣ୍ଟାଲ ୟୁରିଆ ଆସିଥିବା ବେଳେ ମୋଟ ସାର ମଧ୍ୟରେ ନାଫେଡକୁ ମାତ୍ର ୧୦ ଲକ୍ଷ ଟଙ୍କା ପୈଠ କରାଯାଇଛି, ବାକି ପାଖାପାଖି ୧୯ ଲକ୍ଷ ଟଙ୍କାର ସାର ମହଜୁଦ ଅଛି। ତେବେ ବାକି ଲକ୍ଷ ଲକ୍ଷ ଟଙ୍କା ଗଲା କୁଆଡେ ବୋଲି ଏବେ ପ୍ରଶ୍ନ ଉଠିଛି। ଏହାର ବିଧିବଦ୍ଧ ଭାବେ ଉଚ୍ଚସ୍ତରୀୟ ତଦନ୍ତ ହେଲେ ସତ୍ୟ ସାମ୍ନାକୁ ଆସିବ ବୋଲି ଚାଷୀମାନେ ଦାବି କରିଛନ୍ତି।

## କତାମେଟା କେନ୍ଦୁପତ୍ର ବନାଞ୍ଚଳର ସ୍ୱାସ୍ଥ୍ୟ ଶିବିର



ମାଲକାନଗିରି,୬।୯(ସମିସ): ମାଲକାନଗିରି ଜିଲ୍ଲା କତାମେଟା କେନ୍ଦୁପତ୍ର ବନାଞ୍ଚଳ ତରଫରୁ ଜୟପୁର କେନ୍ଦୁପତ୍ର ବନଖଣ୍ଡ ଅଧିକାରୀ ଶ୍ରୀ ଏ.ଉମା ମହେଶଙ୍କ ତତ୍ୱାବଧାନ ରେ କତାପାଲୀ ଗ୍ରାମପଞ୍ଚାୟତ ଦୁସାନାଡ଼ ଗ୍ରାମରେ କେନ୍ଦୁପତ୍ର ତୋଳାଳୀଙ୍କ ନିମନ୍ତେ ଏକ ମାଗଣା ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯାଇଥିଲା। ଉକ୍ତ ଶିବିରରେ ଅନେକ କେନ୍ଦୁପତ୍ର ତୋଳାଳୀ ନିଜ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରାଇ ଆବଶ୍ୟକତା ଅନୁସାରେ ଔଷଧ ମଧ୍ୟ ନେଇଥିଲେ। ଏହି କାର୍ଯ୍ୟକ୍ରମରେ ମାଥିଲି ଉପଖଣ୍ଡ ଚିକିତ୍ସାଳୟର ଡାକ୍ତର ଏବଂ କର୍ମଚାରୀ ସ୍ୱାସ୍ଥ୍ୟ ସେବା ଯୋଗାଇଦେଇଥିବା ବେଳେ ବନାଞ୍ଚଳ ଅଧିକାରୀ ବେତାଳ ଜୟରାମ, ବନପାଳ ଧିରେନ ସଥପତି, ବିବେକାନନ୍ଦ ସାନ୍ତରା, ବିଜୟ କୁମାର ବିଶ୍ୱାଳ, ରଞ୍ଜି ଦେ, କେଦାରନାଥ ସାହୁ ଏବଂ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ରହି ସମ୍ପୂର୍ଣ୍ଣ ସହଯୋଗ କରିଥିଲେ।

## ଶିକ୍ଷକଙ୍କ ପରିବାର ପକ୍ଷରୁ ଗୁରୁଦିବସ

କୋରୁକୋଣ୍ଡା/ବାଲିମେଳା,୬।୯(ସମିସ): ମାଲକାନଗିରି ଜିଲ୍ଲା ବାଲିମେଳା ଏନଏସି ଅନ୍ତର୍ଗତ ଟାଉନହଲଠାରେ ପ୍ରାଥମିକ ଶିକ୍ଷକ ଶିକ୍ଷୟିତ୍ରୀ ପରିବାର ଦ୍ୱାରା ଗୁରୁଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧକ୍ଷ ପ୍ରଦୀପ କୁମାର ନାୟକ ଯୋଗ ଦେଇଥିବାବେଳେ ମୁଖ୍ୟବକ୍ତା ଭାବେ ବାଲିମେଳା କଲେଜର ପୂର୍ବତନ ଅଧକ୍ଷ ଅମୂଲ୍ୟ କୁମାର ପ୍ରଧାନ ଯୋଗ ଦେଇଥିଲେ। ଅନ୍ୟତମ ଅତିଥି ଭାବରେ ବାଲିମେଳା ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ସୁଶୀଳା ହିଆଲ, ଚିତ୍ରକୋଣ୍ଡା ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଶ୍ରୀ ଗାୟତ୍ରୀ ଦେବୀ, ପ୍ରଧାନ ଶିକ୍ଷକ ଅଜୟ କୁମାର ନାୟକ ଓ ସ୍ୱତନ୍ତ୍ର ଅତିଥି ଭାବରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଅମରେଶ୍ୱର ବେହେରା , ମନୋରଞ୍ଜନ ପ୍ରହରାଜ ଉପସ୍ଥିତ ଥିଲେ। କୋରୁକୋଣ୍ଡା ଗୋଷ୍ଠୀ ଶିକ୍ଷା ଅଧିକାରୀ ଅସିତ କୁମାର ମିସ୍ତ୍ରୀ ସଭାପତିତ୍ୱ କରିଥିଲେ। ପ୍ରଧାନ ଶିକ୍ଷକ ବିଶ୍ୱନାଥ ଶବର ଜଗନ୍ନାଥଙ୍କ ବନ୍ଦନା ଗାନ କରିଥିଲେ। ଉପସ୍ଥିତ ସମସ୍ତ ଅବସର ପ୍ରାପ୍ତ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଉପଢ଼ୌକନ ଦେଇ ସମ୍ମାନିତ କରାଯାଇଥିଲା। ମଞ୍ଚ ପରିଚାଳନା ପ୍ରଧାନ ଶିକ୍ଷକ ଶେଷଦେବ ପ୍ରଧାନ କରିଥିଲେ।

## ୱାକର୍ସ କ୍ଲବ୍‌ରେ ଶିକ୍ଷକ ଦିବସ



ରାୟଗଡ଼ା,୬।୯(ସମିସ): ୱାକର୍ସ କ୍ଲବ୍ ରାୟଗଡ଼ ଆନୁକୁଲ୍ୟରେ ଉପଦେଷ୍ଟା ସତ୍ୟବାଦୀ ପତି, ବରିଷ୍ଠ ସଭ୍ୟ ଅଭିମନ୍ୟୁ ନାୟକ, ଟି. ଜୟରାମ, ସୁବାସ ଚନ୍ଦ୍ର ରଥ, ବ୍ରଜସୁନ୍ଦର ନାୟକ, ରମେଶ ଗୁଲାନି, କିଶୋର ଚନ୍ଦ୍ର ପଣ୍ଡାଙ୍କ ଉପସ୍ଥିତିରେ କ୍ଲବର ସଭାପତି ଦାସରଥୀ ରାଜଗୁରୁଙ୍କ ସଭାପତିତ୍ୱରେ ଶିକ୍ଷକ ଦିବସ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବରେ ମୁକ୍ତିକାନ୍ତ ଅଗସ୍ତି ଯୋଗଦେଇ ଜିଲ୍ଲାର ପାଞ୍ଚ ଜଣ ଶିକ୍ଷକ ଯଥା ରାଜେନ୍ଦ୍ର ପାଢୀ, ଅବସରପ୍ରାପ୍ତ ଅଧକ୍ଷ ସିଟି ସ୍କୁଲ, ନୀଳାଞ୍ଚଳ ମିଶ୍ର, ସହକାରୀ ଶିକ୍ଷକ ଗୁଣୁପୁର ବିଲିକା ଉଚ୍ଚବିଦ୍ୟାଳୟ, ରବିନ୍ଦ୍ର କୁମାର ତ୍ରିପାଠୀ, ଟିକିରି ପ୍ରାଥମିକ ବିଦ୍ୟାଳୟ, ରସ୍ମିତି ହୋତା, ସହକାରୀ ଶିକ୍ଷୟତ୍ରୀ, ଟିକିରପଡା ପ୍ରାଥମିକ ବିଦ୍ୟାଳୟ ଓ କୋଲନାରା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ରାଜେନ୍ଦ୍ର ପଢିଙ୍କୁ ଉତ୍ତମ ଶିକ୍ଷାଦାନ ସହିତ ବିଦ୍ୟାଳୟର ଉତ୍ତମ ପରିବେଶ ସୃଷ୍ଟି କରି ସୁନାମ କରିଥିବା ହେତୁ ଶ୍ରେଷ୍ଠ ଶିକ୍ଷକ ଭାବରେ ମାନପତ୍ର ସହିତ ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହା ସହିତ କ୍ଲବ୍‌ର ୨୩ ଜଣ ଶିକ୍ଷକ ସଭ୍ୟବୃନ୍ଦଙ୍କୁ ମଧ୍ୟ ଉପଢୌକନ ଦେଇ ସମ୍ବର୍ଦ୍ଧନା ଦିଆଯାଇଥିଲା। ଡ଼ଃ ଦୁଷ୍ମନ୍ତ ମହାନ୍ତି ସଭା ପରିଚାଳନା ଓ ଶେଷରେ ଧନ୍ୟବାଦ ଅର୍ପଣ କରିଥିବା ବେଳେ କୋଷାଧକ୍ଷ ଗୋପାଳ ଜୈନ, ଏଲି ୱକର ରାଜୁ ସାହୁ, ବି. ଡାଲିରାଜୁ , ରୁଦ୍ର ଚୈଧୁରୀ, ବଳରାମ ଚୌଧୁରୀ, ଜଳନ୍ଧର ପୁସିକା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ସୁନୀଲ ମେମୋରିଆଲ ଡ୍ୟୁଜ ବଲ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ



ଗୁଣୁପୁର,୬।୯(ସମିସ): ଆଜି ଗୁଣୁପୁର ମିନି ଷ୍ଟାଡିୟମ ଠାରେ ସୁନୀଲ ମେମୋରିଆଲ ଚାରିଟେବୁଲ ଫାଉଣ୍ଡେସନ, ଭୁବନେଶ୍ୱର ପକ୍ଷରୁ ଶିକ୍ଷକ ନେତା ତଥା ବରିଷ୍ଠ ସାମ୍ବାଦିକ ତଥା କ୍ରୀଡ଼ା ପ୍ରେମୀ ସ୍ୱର୍ଗତ. ସୁନୀଲ କୁମାର ଦାଶଙ୍କ ସ୍ମୃତିରେ ଅୟୋଜିତ ଡ୍ୟୁଜ୍ ବଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଏହା ଆଗାମୀ ୧୭ ତାରିଖରେ ସମାପ୍ତ ହେବ ବୋଲି ସୁନୀଲ ମେମୋରିଆଲ ଚାରିଟେବୁଲ ଫାଉଣ୍ଡେସନର ନିର୍ଦ୍ଦେଶକ ଶକ୍ତି ଦାଶ ସୂଚନା ଦେଇଛନ୍ତି। ଏହାର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଗୁଣପୁର ପୌର ପରିଷଦ ଉପାଧକ୍ଷ ଶିବ ପ୍ରସାଦ ଗୌଡ, ସମ୍ମାନିତ ଅତିଥି ଭାବେ ଓକିଲ ସଂଘ ସଭାପତି ଗୌରୀ ଶଙ୍କର ଦାଶ, ସନ୍ତୋଷ କୁମାର ଗୁରୁ ଓ ରାଜେଶ କୁମାର ପଣ୍ଡା, କ୍ରୀଡ଼ାବିତ୍ ରବିନ୍ଦ୍ର କୁମାର ପଣ୍ଡା, କଳିଙ୍ଗ ସାମ୍ବାଦିକ ସଙ୍ଘର ଉପସଭାପତି ସୂର୍ଯ୍ୟ ପ୍ରକାଶ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଆଜି ପ୍ରଥମ ଦିନର ମ୍ୟାଚ୍ ପାରଳାଖେମୁଣ୍ଡି ଓ ଗୁଣପୁର ଜିଆଇଇଟି ବିଶ୍ୱ ବିଦ୍ୟାଳୟ ମଧ୍ୟରେ ହୋଇଥିଲା। ଏଥିରେ ପ୍ରଥମେ ଜିଆଇଇଟି ବିଶ୍ୱ ବିଦ୍ୟାଳୟ ଟସ୍ ଜିତି ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇ ସମୁଦାୟ ୨୫ ଓଭର ଖେଳି ୯ ଗୋଟି ୱିକେଟ ହରାଇ ୧୩୭ ରନ୍ କରିଥିବାବେଳେ ପାରଳାଖେମୁଣ୍ଡି ଦ୍ୱିତୀୟ ପର୍ଯ୍ୟାୟରେ ୨୪ ଓଭର ୩ ଟି ବଲ ଖେଳି ୩ ୱିକେଟରେ ବିଜୟୀ ହୋଇଛି। ଜିଆଇଇଟି ବିଶ୍ୱ ବିଦ୍ୟାଳୟ ପକ୍ଷରୁ ପ୍ରୀତମ ପ୍ରଧାନ ସର୍ବାଧିକ ୪୧ ରନ୍ କରିଥବା ବେଳେ ପାରଳାଖେମୁଣ୍ଡି ପକ୍ଷରୁ ସୁନିତ ବେହେରା ସର୍ବାଧିକ ୪୭ ରନ୍ କରି ମେନ୍ ଅଫ୍ ଦି ମ୍ୟାଚ୍ ଲାଭ କରିଛନ୍ତି। ପାରଳାଖେମୁଣ୍ଡି ପକ୍ଷରୁ ସର୍ବାଧିକ ଭାବେ ପି. ସତୀଶ ୩ ଗୋଟି ଓ ଶୁଭମ୍ ରାଉତ ୩ ଗୋଟି ୱିକେଟ ନେଇଥିଲେ।

## ଆଲୋକ ଖୋସଲାଙ୍କୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର

କୁନ୍ଦୁରା,୬।୯(ସମିସ): କୁନ୍ଦୁରା ବ୍ଲକ୍ ଅନ୍ତର୍ଗତ ଯନ୍ତାପୁଟ ସରକାରୀ ଉନ୍ନିତ ଉଚ୍ଚ ବିଦ୍ୟାଳୟ ଶିକ୍ଷକ ଆଲୋକ ଖୋସଲା ପାଇଛନ୍ତି ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ କୋରାପୁଟ ସ୍ଥିତ ସଦଭାବନା ସଭା ଗୃହରେ ଜିଲ୍ଲାସ୍ତରୀୟ ଗୁରୁ ଦିବସ ଉତ୍ସବ ଏବଂ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଶ୍ରୀ ଖୋସଲା ଜିଲ୍ଲାର ଉତ୍ତମ ସାମାଜିକ ବିଜ୍ଞାନ ଶିକ୍ଷକ ଭାବେ ପୁରସ୍କୃତ ହୋଇଛନ୍ତି। ଶିକ୍ଷକଙ୍କୁ ମାନପତ୍ର ଦେଇ ସମ୍ମାନୀତ କରିଛନ୍ତି ବିଧାୟକ, ଜିଲ୍ଲାପାଳ, ଜିଲ୍ଲା ଶିକ୍ଷାଧିକାରୀ ଓ ଅନ୍ୟାନ୍ୟ ଅତିଥିମାନେ। ସାମାଜିକ ବିଜ୍ଞାନ ଶିକ୍ଷକ ଆଲୋକ ଖୋସଲାଙ୍କୁ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ସମେତ ଯନ୍ତାପୁଟ ବିଦ୍ୟାଳୟ ଷ୍ଟାପ୍ ଏବଂ କୁନ୍ଦୁରା ବ୍ଲକ୍ ଶିକ୍ଷକ ସଙ୍ଘ ପକ୍ଷରୁ ଅଭିନନ୍ଦନ ଜଣାଇଛନ୍ତି।

# ବ୍ୟବସାୟିକ ପ୍ରତିଷ୍ଠାନରେ ଓଡ଼ିଆ ନାମ ଫଳକ ବାଧ୍ୟତାମୂଳକ

## ୩୦ରୁ ଖିଲାପକାରୀ ଗଣିବେ ଜରିମାନା




ରାୟଗଡ଼ା,୬।୯(ସମିସ): ରାୟଗଡ଼ା ପୌରାଞ୍ଚଳରେ ଥିବା ବ୍ୟବସାୟିକ ପ୍ରତିଷ୍ଠାନଗୁଡିକରେ ଏଣିକି ଓଡ଼ିଆ ନାମ ଫଳକ ଲଗାଇବା ବାଧ୍ୟତାମୂଳକ କରିବା ପାଇଁ ଅଣ୍ଟା ଭିଡିଛି ପୌର ପ୍ରଶାସନ। ରାୟଗଡ଼ା ପୌର ପରିଷଦରେ ବ୍ୟବସାୟ କରୁଥିବା ସମସ୍ତ ଦୋକାନୀ ତଥା ବ୍ୟବସାୟିକ ସଂଗଠନ ଗୁଡ଼ିକୁ ସେମାନଙ୍କର ନାମଫଳକ ଓଡିଆରେ ଲେଖିବା ପାଇଁ ରାୟଗଡ଼ା ପୌର ପରିଷଦ ତରଫରୁ ସୁଚିତ କରାଯାଇଛି। ଓଡ଼ିଶା ସରକାରଙ୍କ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ନିର୍ଦ୍ଦେଶନାମା ଅନୁଯାଇ ଦୋକାନ ଏବଂ ବାଣିଜ୍ୟିକ ପ୍ରତିଷ୍ଠାନମାନଙ୍କ ସାଇନବୋର୍ଡରେ ଓଡିଆ ଭାଷାର ବ୍ୟବହାର ବାଧ୍ୟତା ମୂଳକ କରାଯାଇଛି। ସାଇନବୋର୍ଡର ସମୁଦାୟ କ୍ଷେତ୍ରଫଳର ଅନୁନ୍ୟ ୬୦ ପ୍ରତିଶତ ଓଡ଼ିଆ ଭାଷାରେ ଲିପିବଦ୍ଧ ରହିବା ଆବଶ୍ୟକ। ଏହି ନିୟମକୁ ଅନୁପାଳନ ପାଇଁ ସରକାରୀ ପ୍ରୋତ୍ସାହନ ରୂପେ ଟ୍ରେଡ ଲାଇସେନ୍ସ ନବୀକରଣ ସମୟରେ ୫୦ ପ୍ରତିଶତ ରିହାତି ପ୍ରଦାନ କରିବାର ବ୍ୟବସ୍ଥା ରହିଛି। ଏହି ନିର୍ଦ୍ଦେଶନାମାକୁ ସମସ୍ତଙ୍କ ପାଖରେ ପହଞ୍ଚାଇବା ପାଇଁ ମାଇକ ଯୋଗେ ପ୍ରଚାର କରାଯିବା ସହ ଏନଫୋର୍ସମେଣ୍ଟ ଟିମ ଦ୍ୱାରା ପ୍ରତ୍ୟେକ ପ୍ରତିଷ୍ଠାନ ଗୁଡିକୁ ସଚେତନ କରାଯାଉଥିବା ପରିଷଦର କାର୍ଯ୍ୟ ନିର୍ବାହୀ ଅଧିକାରୀ କୁଳଦୀପ କୁମାର ମତବ୍ୟକ୍ତ କରିଛନ୍ତି। ଏହି ନିର୍ଦ୍ଦେଶକୁ ଖିଲାପ କରୁଥିବା ପ୍ରତିଷ୍ଠାନମାନଙ୍କ ଠାରୁ ଆସନ୍ତା ସେପ୍ଟେମ୍ବର ୩୦ ପରେ ଦିନକୁ ୫୦୦ ଟଙ୍କା ହିସାବରେ ଜରିମାନା ଆଦାୟ କରାଯିବ। ଏହି ନିୟମକୁ କଡାକଡି ଭାବେ କାର୍ଯ୍ୟକାରୀ କରିବା ପାଇଁ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ପୌର କାର୍ଯ୍ୟ ନିର୍ବାହୀ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ସେ କହିଛନ୍ତି। ପୌର ପରିଷଦ ଅଧୀନସ୍ଥ ସମସ୍ତ ବ୍ୟବସାୟୀ ତଥା ବାଣିଜ୍ୟିକ ପ୍ରତିଷ୍ଠାନ ଯଥାଶୀଘ୍ର ଓଡ଼ିଆରେ ନାମ ଫଳକ ଲେଖିବା ପାଇଁ ପୌରାଧକ୍ଷ ପି. ମହେଶ ପଟନାୟକ ସମସ୍ତଙ୍କୁ ନିବେଦନ କରିଛନ୍ତି।

## ଜିଲ୍ଲାସ୍ତରୀୟ ଜୁନିୟର ରେଡ଼କ୍ରସ ଶିକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ




ମାଲକାନଗିରି,୬।୯(ସମିସ): ଜୁନିଅର ରେଡ଼କ୍ରସର ଅଣ ତାଲିମ ପରାମର୍ଶଦାତାମାନଙ୍କର ଏକ ତିନି ଦିନିଆ ପ୍ରଶିକ୍ଷଣ ଶିବିର ମାଲକାନଗିରି ଜିଲ୍ଲା ସ୍ଥିତ ଜଗନ୍ନାଥପଲ୍ଲୀ ଉଚ୍ଚ ବିଦ୍ୟାଳୟ ଏମ୍‌ଭି-୭୦ଠାରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଶିବିର ଆଜିଠାରୁ ଆସନ୍ତା ୮ ତାରିଖ ଯାଏଁ ଜାରି ରହିବ। ଆଜିର ଉଦ୍‌ଘାଟନୀ ସଭାରେ ମୁଖ୍ୟଅତିଥି ଭାବରେ ଅତିରିକ୍ତ ଜିଲ୍ଲାପାଳ ତଥା ଜିଲ୍ଲା ରେଡ଼କ୍ରସ ୟୁନିଟ୍‌ର ଉପାଧକ୍ଷ ବେଦବର ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥିଭାବେ ଜିଲ୍ଲା ଶାରିରୀକ ଶିକ୍ଷା ଅଧିକାରୀ କାର୍ତ୍ତିକ ଚନ୍ଦ୍ର ବେହେରା, ଜିଲ୍ଲା ବିଜ୍ଞାନ ନିରୀକ୍ଷକ ଶରତ କୁମାର ରାଉତ, ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଏ ଇଶ୍ୱର ରାଓ, ଜିଲ୍ଲା ଜେଆର୍‌ସି ଅଫିସର ନିରଞ୍ଜନ ମହାରଣା ପ୍ରମୁଖ ଉପସ୍ଥିତ ଥିଲେ। ଏହି ସଭାକୁ ଜେଆର୍‌ସି ସଂଯୋଜକ ଦେବାରାଜ ସେଠୀ ସଂଯୋଜନା କରିଥିଲେ। ଶେଷରେ ଜେଆରସି କାଉନସିଲର ଦୀନବନ୍ଧୁ ବେଜ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଜୁନିୟର ରେଡ଼କ୍ରସ କାଉନସିଲର ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଜିଲ୍ଲାରୁ ପ୍ରାୟ ୫୩ ଟି ବିଦ୍ୟାଳୟର କାଉନସିଲର ଉପସ୍ଥିତ ରହିଛନ୍ତି। ପ୍ରଥମ ଦିବସରେ ପ୍ରାକୃତିକ ବିପର୍ଯ୍ୟୟ ଓ ତାର ମୁକାବିଲା ଉପରେ ଜେ ଆର.ସି ସଂଯୋଜକ ଦେବରାଜ ସେଠୀ ଶିକ୍ଷା ଦାନ କରିଥିଲେ।

# ଜେଜେ



ଗଂଗାଧର ବିଶ୍ୱାଳ


ଜେଜେ ନାମକ ଅନ୍ତରଙ୍ଗ ସଂପର୍କର ମଣିଷ ସହିତ ପରିଚିତ ହେବା ଆଗରୁ ଜେଜେ ଚାଲିଯାଇଥିଲେ। ତେଣୁ ପ୍ରାପ୍ତବୟସ୍କ ହେବା ପରେପରେ ପିଲାଦିନର ମଧୁର ଆଳାପକୁ ମନେ ପକାଇବା ବିନା ମୋର ଆଉ କିଛି ଉପାୟ ନ ଥିଲା। ମୁଁ ଶୁଣିଚି, ଶେଷ ସମୟ ବେଳକୁ ଜେଜେଙ୍କର ପାଗଳାମି ଆରମ୍ଭ ହୋଇଯାଇଥିଲା । କାହାକୁ କ'ଣ କହୁଥିଲେ ଜାଣି ପାରୁନଥିଲେ। ଆମ ଘର ଲୋକମାନେ ଜେଜେଙ୍କ ଅଭଦ୍ରୋଚିତ କଥା ଶୁଣି କିଛି ମନେ କରୁନଥିଲେ। ବରଂ ତାଙ୍କ ମଥା ଠିକ୍ ନାହିଁ କହି ଅତି ସହଜ ଭାବରେ ଗ୍ରହଣ କରୁଥିଲେ ଓ ଜମାରୁ ଗୁରୁତ୍ୱ ଦେଉନଥିଲେ।

ମୋର ମନେପଡୁଚି, ଦିନେ ଦିନେ ଜେଜେଙ୍କୁ ଘର ଭିତରେ ଅଟକ ରଖାଯାଉଥିଲା । କେବଳ ଖାଇବା ସମୟ ହେଇଗଲେ ଖାଦ୍ୟ ନେଇ ଅତି ସତର୍କତାର ସହିତ ଥୋଇ ଦିଆଯାଉଥିଲା । ମୁଁ କବାଟ ଫାଙ୍କରେ ଅତି ସନ୍ତର୍ପଣରେ ଲକ୍ଷ୍ୟ କରୁଥିଲି ଯେ, ଜେଜେ ଖାଦ୍ୟ ତକ ଝାମ୍ପିନେଇ ଘର ଭିତରର ଏକ ନିଛାଟିଆ ଅନ୍ଧାର ଆଡ଼କୁ ଉଠିଯାଉଥିଲେ।

ସେତେବେଳେ ମୁଁ କେବଳ ନିରୀହ ପଶୁପକ୍ଷୀର ନିର୍ଦ୍ଦୟତାରେ ଭିଜିଯିବା ବିନା ମୋର କିଛି କରିବାର ଚିନ୍ତା ବି ନଥିଲା । ହୁଏତ ମୋ ମନ ଭିତରେ ଭାବନାର ଝଡ଼ ଉଠୁଥିଲା ଓ ଯେଉଁ ଜେଜେଙ୍କ ପାଇଁ ଏ ଘର, ଏ ସଂସାର ସେଇ ଜେଜେଙ୍କର ଭଲ ହେବା ପାଇଁ ଆକୁଳତାର ଲେଶମାତ୍ର ଦେଖାଯାଉନଥିଲା ।

ଅବଶ୍ୟ ସେତେବେଳର ଘରୋଇ ଜଞ୍ଜାଳ, ପାରିବାରିକ ଝାମେଲା ଓ ଦାରିଦ୍ର୍ୟ ଯୋଗୁଁ ପେଟ ବିକଳରେ ଆଉ ସବୁ ନିଆରା ହେଇଯାଉଥିବାବେଳେ ବାପା କିମ୍ବା ମା' କେହି ଯେ ବିବ୍ରତ ନଥିଲେ ତାହା ନୁହେଁ, ମାତ୍ର ଅପାରଗତା ଏବଂ ଅକ୍ଷମତା ହିଁ ସମ୍ଭବତଃ ପ୍ରତିବନ୍ଧକର ଉଚ୍ଚ ପାଚେରି ହେଇ ଠିଆହେଇଥିଲା ।

କେବଳ ଖାଇବା କଥା ବୁଝିବା ବ୍ୟତୀତ ତାଙ୍କ ଗାଧୁଆ, ନିତ୍ୟକର୍ମ, ଶୋଇବା ଓ କୁନିକୁନି ନାତି ନାତୁଣୀଙ୍କ ସହିତ ମିଶିବା, ସକାଳ ସଞ୍ଜରେ ବୁଲିଯିବାର ଆନନ୍ଦକୁ କେହି ଚିନ୍ତା ବି କରୁନଥିଲେ। ହୁଏତ ଜେଜେ ବି ଆବଶ୍ୟକ ମନେ କରୁନଥିଲେ ଏସବୁ ।



ମୋର ମନେପଡୁଚି ଜେଜେ ଭଲ ଥିବାବେଳେ ବାରଣ୍ଡାରେ ବସୁଥିଲେ। ବାରଣ୍ଡା ଶେଷରେ ତିଆରି ହେଉଥିବା ମାଟିଲିପା ଶକ୍ତ ପାଚେରି ଭଳି ଉଚ୍ଚସ୍ଥାନଟିରେ ଜେଜେ ବସି ରହୁଥିଲେ । ତାଙ୍କର ତେଲିଆ ଜଙ୍ଘର ନିବିଡ଼ ଆକର୍ଷଣରେ କାନ୍ଥଡ଼ାଟିର ଦେହ ବି ତେଲିଆ ହେଇଯାଇଥିଲା ଓ ସେଠାରେ କେହି ବସିବାକୁ ରାଜି ହେଉନଥିଲେ ।

ବାରଣ୍ଡାର ଦକ୍ଷିଣ ପଟରେ ଗୋଟେ ଝରକା ଥିଲା । ସେଇଟା ସବୁବେଳେ ଖୋଲା ରହୁଥିଲେ ବି ତାଳପତର ତିଆରି ପରଦାରେ ଢାଙ୍କି ରହୁଥିଲା। ପାଖରେ ଗୋଟେ କାଠ ଚେୟାର୍ ପଡୁଥିଲା। ତହିଁରେ ଜେଜେ ବସୁଥିଲେ ଓ କେବେକେବେ ଆମ ଘରେ ରହୁଥିବା ଜଣେ ପାରିବାରିକ ସଭ୍ୟ ଟିପୁ (କୁକୁର) ଏବଂ ଆଉ ଜଣେ ଶଙ୍କି (ବିଲେଇ) ଜେଜେଙ୍କର ଖୁବ୍ ଆପଣାର ହେଇଯାଇଥିଲେ ।

ଯେଉଁ ସମୟରେ ଜେଜେଙ୍କର ଅନ୍ୟମନସ୍କତା ଓ ପାଗଳାମିର ରାଜୁତି ଦେଖାଗଲା, ସେ ସମୟରେ ଆମ ଘରର କେହି ହେଲେ ବି ଜେଜେ ଅଛନ୍ତି, ତାଙ୍କ କଥା ବୁଝିବା ଦରକାର ବୋଲି ଆଦୌ ଜଣାପଡୁନଥିଲା ।

ସମୟ ସମୟରେ ମୁଁ ଖାଇବାବେଳେ ଟିପୁ ଓ ଶଙ୍କି ଆସି ମୋ ପାଖରେ ଘଷିରଞ୍ଜି ହେଉଥିଲେ। ଅଥଚ କୁକୁର ଓ ବିଲେଇ ପ୍ରତି ଅନ୍ତରଙ୍ଗତାର ଅଭାବ ଦେଖାଦେବାରୁ ପାଖ ପଶେଇ ନଦେବାର ଯଥେଷ୍ଟ ଏଲର୍ଜି ଦେଖାଗଲା। ମୁଁ ଯେବେ ସେମାନଙ୍କୁ ମାରି ଗୋଡ଼େଇଲି ସେମାନେ ଆଶ୍ରୟ ଭିକ୍ଷା ପାଇଁ ଜେଜେଙ୍କ ରୁଦ୍ଧ କୋଠରି ଭିତରକୁ ପଶିଯାଉଥିଲେ।

କୁକୁର ଓ ବିଲେଇର ଅବାଧ ପ୍ରବେଶ ଦେଖି ମୁଁ ବିସ୍ମିତ ହେଇ ଯାଉଥିଲି । କାରଣ ଜେଜେଙ୍କ ପାଖକୁ ଯିବାକୁ କେହି ଆମେ ସାହସ କରୁନଥିବାବେଳେ ସେ ଦୁଇ ଜଣଙ୍କ ଯିବା ଆସିବା କଥା ଚିନ୍ତାକଲେ ନିଶ୍ଚୟ ଆଶ୍ଚର୍ଯ୍ୟ ଲାଗିବ। ସତ କହିବାକୁ ଗଲେ, ଜେଜେଙ୍କ କାର୍ଯ୍ୟକଳାପ ଦେଖିବା ପାଇଁ ଓ ଖାଦ୍ୟ ଦେବାପାଇଁ ଟିଣ କବାଟରେ ଗୋଟେ ଫାଙ୍କ ତିଆରି ହେଇଥିଲା ।

କିଛି ସମୟ ପରେ ଟିପୁ ଓ ଶଙ୍କି ଫେରିଆସି ବାହାର ବାରଣ୍ଡାରେ ବସି ରହୁଥିଲେ । ମୁଁ ଯେତେବେଳେ ବାହାରକୁ ଯାଉଥିଲି ଦେଖୁଥିଲି କୁକୁର ଓ ବିଲେଇ ଜନ୍ମରୁ ଘୋଡ଼ା-ମଇଁଷି କିମ୍ବା ସାପ-ନେଉଳର ସଂପର୍କରେ ପରିଚିତ ଥିବାବେଳେ ଟିପୁ ଓ ଶଙ୍କି ବ୍ୟତିକ୍ରମ କାହିଁକି ?

କେବେ ଜେଜେଙ୍କର ଦେହାନ୍ତ ହେଲା ମନେ ନାହିଁ । କିନ୍ତୁ ଘରର ଏକମାତ୍ର ନାତି ଭାବରେ ମୁଁ ତାଙ୍କ ଶବ ସହିତ ମଶାଣିକୁ ଯାଇଥିଲି। ମୋ ବାପା ଜେଜେଙ୍କୁ ମୁଖାଗ୍ନି ଦେଇଥିଲେ। ଗାଁ ରାସ୍ତା ଶେଷ ବରଗଛ ପାଖ ଫେରନ୍ତା ରାସ୍ତାରେ ଦେଖିଥିଲି, ଟିପୁ ଓ ଶଙ୍କି ଏକାଠି ବସି ଶୋକ ପାଳନ କରୁଥିଲେ।

ଏହାପରେ ଆମ ଘରେ ମୁଁ ଆଉ କେବେ ଟିପୁ ଓ ଶଙ୍କିକୁ ଦେଖିବାକୁ ପାଇନି କିମ୍ବା ଏପର୍ଯ୍ୟନ୍ତ ପୋଷା କୁକୁର କି ପୋଷା ବିଲେଇ ଆମ ଘରେ ରହିଥିବାର ପ୍ରମାଣ ବି ନାହିଁ ।


ଅବଶ୍ୟ ପ୍ରତିବର୍ଷ ଜେଜେଙ୍କ ଶ୍ରାଦ୍ଧ ବାର୍ଷିକୀରେ ମୋ ବାପା ବେଶ୍ ତତ୍ପର ଜଣାଯାଉଛନ୍ତି। ସେଇଦିନରେ ମୁଁ ଟିପୁ ଓ ଶଙ୍କି କଥା ମନେପକାଉଛି । ■


'ଆମ ଘର'
ନିଉ କଲୋନି, ନେଳିଆବାଗ
ଶ୍ରୀକଣ୍ଠପୁର
ବାଲେଶ୍ୱର-୭୫୬୦୦୧
ମୋ: ୯୪୩୭୧୨୯୨୬୫


## ପୁସ୍ତକ ପରିଚୟ

### ଜୀବନର ମୋଜାଇକ୍

ଡକ୍ଟର ମୌସୁମୀ ପରିଡ଼ା





ଶୌର୍ଯ୍ୟ ପ୍ରକାଶନ
ଓଡ଼ିଆ ବଜାର,
କଟକ-୭୫୩୦୦୧
ପ୍ରଥମ ସଂସ୍କରଣ: ୨୦୨୫
ମୂଲ୍ୟ: ୧୮୦ ଟଙ୍କା

ନିକଟ ଅତୀତରେ ପ୍ରକାଶ ପାଇଛି କଥାକାର ଡକ୍ଟର ମୌସୁମୀ ପରିଡ଼ାଙ୍କ 'ଜୀବନର ମୋଜାଇକ୍' ପୁସ୍ତକ। ଏହି ପୁସ୍ତକରେ 'କୃଷ୍ଣଗର୍ଭ' ଓ 'ଦୁଶ୍ଚରିତ୍ରା' ଶୀର୍ଷକ ଦୁଇଟି ଉପନ୍ୟାସ ସଂକଳିତ ହୋଇଛି। ପ୍ରେମ ମଣିଷ ମନରେ ବୁଣି ଦିଏ ରଙ୍ଗିନ ସ୍ୱପ୍ନ। ତେବେ ସବୁ ସ୍ୱପ୍ନ ସତ ହୁଏନା। ସବୁ ପ୍ରେମ ସଫଳ ହୁଏନା। ହୃଦୟର ଅନେକ କଥା ମନ ଭିତରେ ଚାପି ହୋଇ ରହିଯାଏ। ଏଭଳି ପ୍ରେମ ଓ ନାମହୀନ ସଂପର୍କକୁ ନେଇ ଗତିଶୀଳ ହୋଇଛି 'କୃଷ୍ଣଗର୍ଭ' ଉପନ୍ୟାସର କାହାଣୀ। ଶୁଭ ଓ ମୁକ୍ତାଙ୍କ ମନର ଭାବନା, ହୃଦୟର ଅନାବିଳ ପ୍ରେମ, ପରସ୍ପର ପ୍ରତି ବିଶ୍ୱାସ ଓ ଭଲ ପାଇବା ରହିଯାଇଛି ନିଜ ନିଜ ଭିତରେ। ସମୟ ଚକ୍ରରେ ଉଭୟେ ପାଲଟି ଯାଇଛନ୍ତି ଦୁଇଟି ଭିନ୍ନ ପଥର ଯାତ୍ରୀ। ଜୀବନ, ପ୍ରେମ, ମାନବୀୟ ସଂପର୍କର କମନୀୟ ଭାବ ପ୍ରସ୍ଫୁଟିତ ଫୁଟି ଉଠିଛି 'କୃଷ୍ଣଗର୍ଭ' ଉପନ୍ୟାସରେ। ସେହିପରି 'ଦୁଶ୍ଚରିତ୍ରା' ଉପନ୍ୟାସରେ ମାନବୀୟ ଆବେଗ, ଆତ୍ମୀୟତା, ପ୍ରେମକୁ ନେଇ ଏହାର କାହାଣୀ ଗତିଶୀଳ। ଉପନ୍ୟାସଟିକୁ ସରଳ ଓ ସୁଖପାଠ୍ୟ କରିବା ପାଇଁ ନଅଟି ଭାଗରେ ବିଭକ୍ତ କରାଯାଇଛି। ପରିସ୍ଥିତିରେ ପଡ଼ି ଜଣେ ନାରୀ ସମାଜ ପାଇଁ କିଭଳି ଦୁଶ୍ଚରିତ୍ରା ପାଲଟି ଯାଇଛି, ତାହା ଏହି ଉପନ୍ୟାସରେ ପ୍ରସ୍ଫୁଟିତ ହୋଇଉଠିଛି। ଶିବାନୀ, ଅମର, ବିମଳେନ୍ଦୁ, ଭବାନୀ, ଅଞ୍ଜନା ଦେବୀ, ମୈତ୍ରୀ ଅପା, କ୍ରାନ୍ତି ଭାଇ ପ୍ରଭୃତି ଚରିତ୍ର ଉପନ୍ୟାସର କାହାଣୀକୁ ରୋମାଞ୍ଚିତ କରିଛନ୍ତି। 'କୃଷ୍ଣଗର୍ଭ' ଓ 'ଦୁଶ୍ଚରିତ୍ରା' ଉପନ୍ୟାସର କାହାଣୀ ପାଠକମାନଙ୍କ ହୃଦୟକୁ ସ୍ପର୍ଶ କରିବ ବୋଲି ଆଶା କରାଯାଏ। ■

### ସଂକ୍ଷିପ୍ତ ଶ୍ରୀମଦ୍‌ଭାଗବତ

ପୂର୍ଣ୍ଣଚନ୍ଦ୍ର ପଧାନ




ତରାବତୀ ପଧାନ
ଭୈନାତୋରା
ଅମ୍ବାଭୋନା, ବରଗଡ଼
ପ୍ରଥମ ପ୍ରକାଶ: ୨୦୨୫
ମୂଲ୍ୟ: ୩୫୦ ଟଙ୍କା

ଅତିବଡ଼ୀ ଜଗନ୍ନାଥ ଦାସଙ୍କ ବିରଚିତ 'ଶ୍ରୀମଦ୍‌ଭାଗବତ' ଓଡ଼ିଆ ଜାତିର ଏକ ଅମୂଲ୍ୟ ସଂପଦ। ପ୍ରତିଟି ଓଡ଼ିଆ ଘରେ ଏହାକୁ ଶ୍ରଦ୍ଧା ଓ ଭକ୍ତିର ସହିତ ପୂଜା କରାଯାଏ। ଓଡ଼ିଆ ଭାଗବତକୁ ଅନୁସରଣ କରି ପୂର୍ଣ୍ଣଚନ୍ଦ୍ର ପଧାନ ରଚନା କରିଛନ୍ତି 'ସଂକ୍ଷିପ୍ତ ଶ୍ରୀମଦ୍‌ଭାଗବତ'। ଭାଗବତକୁ ସଂକ୍ଷିପ୍ତରେ ରଚନା କରିବା ପ୍ରୟାସ ନିଶ୍ଚିତ ପ୍ରଶଂସନୀୟ। ନିଜସ୍ୱ ଭାବ ଓ ଆଧ୍ୟାତ୍ମିକ ଚିନ୍ତନ ଦ୍ୱାରା ସେ ପ୍ରଥମ ସ୍କନ୍ଧରୁ ଦ୍ୱାଦଶ ସ୍କନ୍ଧ ପର୍ଯ୍ୟନ୍ତ ରଚନା କରିଛନ୍ତି। ପ୍ରତିଟି ସ୍କନ୍ଧରେ କେତୋଟି ଅଧ୍ୟାୟ ରହିଛି। ପୁରାଣ ଓ ଇତିହାସ ପ୍ରତି ତାଙ୍କର ଗଭୀର ପ୍ରବେଶର ଉଦାହରଣ ହେଉଛି 'ସଂକ୍ଷିପ୍ତ ଶ୍ରୀମଦ୍‌ଭାଗବତ'। ଖୁବ୍ ପରିଶ୍ରମ କରି ସେ ଭାଗବତର ସଂକ୍ଷିପ୍ତ ରୂପ ରଚନା କରିଛନ୍ତି। ଅତି କମ୍ ସମୟ ମଧ୍ୟରେ ପାଠକମାନେ ସଂପୂର୍ଣ୍ଣ ଭାଗବତ ଉପରେ ସମ୍ୟକ୍ ଧାରଣା ପାଇ ପାରିବେ। ପ୍ରତିଟି ଅଧ୍ୟାୟର ଶେଷରେ ଉପଦେଶାତ୍ମକ ପଦଟିଏ ରହିଛି। ଯାହା ସମାଜକୁ ଦିଗ୍‌ଦର୍ଶନ ଦେବା ସହିତ ଜନମାନସକୁ ସତ୍‌ପଥରେ ପରିଚାଳିତ ହେବା ପାଇଁ ସହାୟକ ହେବ। ସରଳ ଓ ବୋଧଗମ୍ୟ ଭାଷା, ନିରାଡ଼ମ୍ବର ଉପସ୍ଥାପନା ଶୈଳୀ, ଛଳ ଛଳ ଭାବ ପୁସ୍ତକଟିକୁ ସୁଖପାଠ୍ୟ କରିଛି। ଚଉଦ ଅକ୍ଷର ବିଶିଷ୍ଟ ପଦ ସଂଯୋଜନା କରି ଲେଖକ ନିଜର ସ୍ୱତନ୍ତ୍ରତା ପ୍ରତିପାଦନ କରିଛନ୍ତି। ଆଧ୍ୟାତ୍ମିକ ଭାବରେ ରସସିକ୍ତ ଏହି ପୁସ୍ତକର ପ୍ରତିଟି ସ୍କନ୍ଧ। 'ସଂକ୍ଷିପ୍ତ ଶ୍ରୀମଦ୍‌ଭାଗବତ' ପାଠକମାନଙ୍କ ଦ୍ୱାରା ଆଦୃତି ଲାଭ କରିବ ବୋଲି ଆଶା କରାଯାଏ। ■

# ହେନା



ବନଜ ଦେବୀ

ମୁହଁ ସଞ୍ଜର ଶେଷ ପହରଟି ଲେଉଟି ଗଲେ
ନୀରବତାର କୋମଳ ଆଉଁଷାଟି,
ଘୂରି ଆସିଲେ ଗାଁ ଚାରିଆଡ଼
ନିଦ ଅଳସ ରାତିର ସ୍ୱପ୍ନ ଉପରକୁ
କିଏ ସେ ସୁଗନ୍ଧର ସୌଦାଗର
ଫିଙ୍ଗିଦିଏ ସୁବାସିତ ଏକ ସୂକ୍ଷ୍ମଜାଲ ।

ଚାରିଆଡ଼ ଚହଟୁଥାଏ ଜହ୍ନ ଆଲୁଅରେ,
ମାନିନୀ ନଈଟା ନିଦ ଜରଜର ଅଳସରେ
ନିଛାଟିଆ ନଈ ପଠାରେ
ବଉଳ ଗଛର ଛାଇ ତଳେ
ବୁଦି ବୁଦି ବାଉଁଶ ବଣ ଓ ସରୁ ପାଦଚଲା ରାସ୍ତାରେ
ମର୍ମରିତ ପବନର ଟୁକୁରା ଅଂଶରେ
ପେଣ୍ଟା ପେଣ୍ଟା ସୁଗନ୍ଧର ସମ୍ମୋହନ
ଯାଦୁକରୀ ମାୟାବୀ ସ୍ପର୍ଶରେ
ସବୁଜ ଘେରାଉ ସେଇ ବସ୍ତିଟାକୁ
କରେ ସ୍ୱପ୍ନାଛନ୍ନ ।

ଘର ବାହୁଡ଼ା ବାଟୋଇଟି ଅଟକିଯାଏ କ୍ଷଣେ ଦଣ୍ଡେ,
ଉଡ଼ିଯାଉଥିବା ରାତିଚର ପକ୍ଷୀଟି
ଭୁଆଁ ବୁଲିଯାଏ
ଝରକା ପାଖେ ନୂଆ ବୋହୂଟିର ପ୍ରତୀକ୍ଷା, ବି
ପୁଲକି ଉଠେ ତୁହା ତୁହା
ଅସମର୍ଥ କବିଟିର ଶବ୍ଦ ପୁଟୁଳି ବତୁରିଯାଏ ସେ ପ୍ଲାବନରେ
ମନ୍ଦିର ବେଢ଼ାର ଚମ୍ପା ଗଛଟି ମଥା ନତ୍ କରିଦିଏ ନୀରବରେ

ହେ ଅପୂର୍ବ ସୁଗନ୍ଧର ଯାଦୁକର
ତୁ ପରିହାସ କରୁ ଦେବତାର ଅସ୍ୱୀକାର
ମାଳା କରି ଦେଇ ସୁଗନ୍ଧର କାରବାର,

ହେ, ବାସ୍ନା, ଯାଦୁକର
ତୋ ମାୟାର ସ୍ୱପ୍ନ ଜାଲରେ
ବନ୍ଧା ପଡ଼େ ବିଶ୍ୱ ଚରାଚର
ତୋର ପ୍ରଥମ ସ୍ପର୍ଶ ସ୍ପନ୍ଦନ
ଦ୍ୱିତୀୟ ସଂଚାଳନ
ଅବଲୀଳା କ୍ରମେ ପ୍ଲାବନ ଓ ନିଶ୍ଚେତନ
ତୁ ଅନାସକ୍ତ ପ୍ରେମର ଚେତନ । ■


ଶିବଛାୟା
ରଥ ରୋଡ୍, ଭୁବନେଶ୍ୱର-୨




# ଦେଖିପାରିନି ଏଯାଏଁ ସମୁଦ୍ର



ପ୍ରେମାନନ୍ଦ ଖଣ୍ଡୁଆଳ

ଭଲଭାବରେ ଦେଖିପାରିନି
ଏଯାଏଁ ସମୁଦ୍ର
ଲହଡ଼ିକୁ ଗଣି ପାରିନି ଆଙ୍ଗୁଳି ରେଖାରେ
ହାତ ବୁଲେଇ ସମତଳ କରିପାରିନି
କୁବା କୁବା ପିଠି,
ବୁଝି ପାରିନି ତା ଶବ୍ଦ
ବୁଝେଇ ପାରିନି କିଛି ଗୋଟେ ତାକୁ ।

ଦେଖେଇ ପାରିନି
ତା'ର ଖେଳ, ତା'ର ବୟସ୍କ ଚପଳ
ତା'ର ରାଗ, ତା'ର ଧାବମାନ ବେଗ
ପବନର ଡେଣା ଲାଗିଲେ
କେମିତି ଦାନ୍ତ, ନଖ ଖଞ୍ଜି ହୋଇଯାଏ
ଧାଡ଼ି ଧାଡ଼ି ଲହଡ଼ିରେ,
ମୁଣ୍ଡ ଝାମ୍ପୁରା କରି
ପାଲଟିଯାଏ ବାୟାଣୀ
ଚାକୁଲୁ ଚାକୁଲୁ ଖାଇଯାଏ
ମାଇଲ ମାଇଲ ମାଟି
ଚାଳ, ଚୁଲି, ଜମି, ଜଙ୍ଗଲ
ଅସଂଖ୍ୟ ମଣିଷଙ୍କ ଆଖିରୁ ନିଦ
ପେଟରୁ ଭୋକ
ଛାତିରୁ ବିବେକ
ସୁଖେଇ ଦିଏ ଲୁହ, ଲହୁ
ପକ୍ଷୀଙ୍କ କଣ୍ଠରୁ ଗୀତ
ଗଛଙ୍କ ସବୁଜ, ଫୁଲରୁ ରଙ୍ଗ, ମହୁ ।

ମୋ ନପାରିଲା ପଣରେ
ମୁଁ ଘାରି ହେଉଛି ଅହରହ
ହାତମୁଠାରୁ ଖସିଯାଇଥିବା ସମୟକୁ
ଟାଣିଆଣି ଦେଖେଇ ଦେବାକୁ ଚାହୁଁଥିଲି
କେମିତି ସମୁଦ୍ର ଧାସରେ
ଦରସିଝା ହୁଏ ଜୀବନ
କେମିତି ପାଦକୁ ଲାଗେ ଥରିଲେ ବସୁଧା
କେମିତି ଅଧାଗଢ଼ା ରହିଯାଏ ସପ୍ନ
ପ୍ରଖର ଦୌଡ଼େ ନିଃଶ୍ୱାସ
କେତେ କଷ୍ଟଲାଗେ ସଜାଡ଼ିବା
ବିଶ୍ୱାସ ଟିକକ,
କେମିତି ଲୁହରେ ଫୁଟାଯାଏ
ହସର ପ୍ରତିବିମ୍ବ
ଖୁସିର କଦମ୍ବ ।

ଭଲଭାବରେ ଦେଖିପାରିନି
ଏଯାଏଁ ସମୁଦ୍ର
ଆକାଶରେ ଦେଖିପାରିନି
ଇନ୍ଦ୍ରଧନୁର ଛବି
ଛାତିରେ ଆଙ୍କିପାରିନି
ସମୟ ଓ ସମୁଦ୍ରର ଯୁଗଳ ମିଳନ
ପଢ଼ି ପାରିନି ମନ ବର୍ଣ୍ଣବୋଧ
ଗାଇ ପାରିନି ତଥାପି
ଜୀବନ୍ତ ଜୀବନ ବେଦ । ■


ବାର୍ହାପୁର, ରାଜନଗର, କେନ୍ଦ୍ରାପଡ଼ା
ମୋ: ୯୩୩୭୩୧୩୬୬୫


# "ଲେଖାଲେଖି ମୋ' ଅନ୍ତରକୁ ନିର୍ମଳ ଓ ପରିଶୁଦ୍ଧ କରିବା ପାଇଁ ଏକ ସାଧନା"






ପ୍ରଫେସର ମଣୀନ୍ଦ୍ର କୁମାର ମେହେର

ଥରେ ବିଶ୍ୱକବି ରବୀନ୍ଦ୍ରନାଥ କହିଥିଲେ- "ଲେଖକ ତା'ର ପରିବାରରୁ ପ୍ରଥମେ ସାରସ୍ୱତ ସାଧନାର ମନ୍ତ୍ର ଶିଖିଥାଏ ।" ନିଜ ଲେଖାଲେଖି ସମ୍ପର୍କରେ ଭାବିଲା ବେଳେ ଏଇକଥା ହିଁ ସ୍ୱତଃ ମୋ ହୃଦୟରେ ଧ୍ୱନିତ ହେଉଥାଏ ସର୍ବଦା । ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ପରିବାରରେ ମୋର ଜନ୍ମ । ଅନେକ ବ୍ୟକ୍ତି ମୋତେ ବେଳେ ବେଳେ ପଚାରନ୍ତି, ଆପଣ କ'ଣ କବିଙ୍କୁ ଦେଖିଥିଲେ ? ମୁଁ ତାଙ୍କୁ କ'ଣ ଉତ୍ତର ଦେବି ଭାବିପାରେ ନାହିଁ । କାରଣ ବାଲ୍ୟକାଳରୁ ତାଙ୍କର ସୂକ୍ଷ୍ମ ଉପସ୍ଥିତି ଯେପରି ଅନୁଭବ କରି ଆସିଛି ଅତି ନିବିଡ଼ ଭାବରେ ତାଙ୍କୁ ଦେଖିନାହିଁ ପରି ଲାଗେ ନାହିଁ କେବେ । ତାଙ୍କ ଫଟୋଚିତ୍ର ବା ପ୍ରତିମୂର୍ତ୍ତି ମୋତେ କେବେ ନିଷ୍ପ୍ରାଣ ମନେ ହୋଇନାହିଁ । ପୁଣି ମୋର ପୂଜ୍ୟ ପିତାମହ କବିପୁତ୍ର ଭଗବାନ ମେହେରଙ୍କଠାରୁ ଆରମ୍ଭ କରି ପରିବାରର ପ୍ରତ୍ୟେକଙ୍କ ଭିତରେ ଦେଖିଛି କବି ଆତ୍ମାର ଅନନ୍ୟ ଝଲକ । ପରିବାରରେ ସଯତ୍ନରେ ସଂରକ୍ଷିତ ବ୍ୟାସକବି ଫକୀରମୋହନ, କବିବର ରାଧାନାଥଙ୍କଠାରୁ ଆରମ୍ଭ କରି ପ୍ରତିଟି କବିଙ୍କ ଚିଠିପତ୍ର, ସେ ସମୟର ଓଡ଼ିଆ ଓ ବଂଗଳା ପୁସ୍ତକ ତଥା ପତ୍ରପତ୍ରିକା ମୋ' ଭିତରେ ସୃଷ୍ଟି କରିଆସିଛନ୍ତି ଦିବ୍ୟ କଂପନ। ମନେପଡୁଛି ଛୋଟବେଳେ ପ୍ରତିଦିନ ରାତିରେ ପିତାମହଙ୍କ ସହ ଶୋଇବା ବେଳେ ରାମାୟଣର ମହନୀୟ ଚିରିତ୍ରସବୁ ସହ ମୋ' ଅନ୍ତସର୍ତ୍ତାକୁ କିପରି ସେ ଯୋଡ଼ି ଦେଉଥିଲେ । ସେହିପରି ବଡ଼ମା ଧନମତି ମେହେର ମହାଭାରତର ଚରିତ୍ରମାନଙ୍କ ସହ ଏକାତ୍ମ କରି ଦେଇଥିଲେ ମୋତେ । ଆଉ ମୋର ବାପା କବି ପୌତ୍ର କିଶୋର ଚନ୍ଦ୍ର ମେହେର ଭାରତୀୟ ସାହିତ୍ୟର ମହାନ ସ୍ରଷ୍ଟା ଓ ସୃଷ୍ଟି ସହ ସଂଯୁକ୍ତ କରି ଦେଉଥିଲେ ମୋ ହୃଦୟକୁ ନିବିଡ଼ ଆନ୍ତରିକତାରେ ।

ମୁଁ ବୁଦ୍ଧିମାନ କି ବିଚକ୍ଷଣ ଛାତ୍ର ତ ନଥିଲି ଆଦୌ । ତେବେ କିଏ ସ୍ନେହ ଛଳଛଳ ଦୃଷ୍ଟିରେ ମୋତେ ଟିକିଏ ଚାହିଁଦେଲେ, ଭଲ ଲେଖାଟିଏ ପଢ଼ିଦେଲେ, ଭଲ ଗୀତଟିଏ ଶୁଣିଦେଲେ କି ଭଲ ସିନେମାଟିଏ ଦେଖିଦେଲେ, ଛୋଟ ବାଛୁରୀର କଅଁଳ ଆଖିକୁ ଦେଖିଦେଲେ ଉଦ୍‌ବେଗଳିତ ହୋଇଉଠୁଥିଲା ହୃଦୟତନ୍ତ୍ରୀ। ମୋର ସକଳ ଅଯୋଗ୍ୟତା, ଅପାରଗତା ଓ ଅକ୍ଷମତା ସତ୍ତ୍ୱେ ଲେଖକଟିଏ ହେବାର ଭାବୋଚ୍ଛ୍ୱାସକୁ ମୁଁ ରୁଦ୍ଧ କରି ପାରିନଥିଲି । ହାଇସ୍କୁଲରେ ପଢ଼ିବା ବେଳେ ମୋର ବଡ଼ବାପା ପୂର୍ଣ୍ଣଚନ୍ଦ୍ର ମେହେର ବଂଗଳା ଅକ୍ଷର ସହ ମୋତେ ପରିଚିତ କରାଇ ଦେଇଥିଲେ । ସେତେବେଳେ ସ୍ୱାମୀ ବିବେକାନନ୍ଦଙ୍କ ଏକ ବଂଗଳା ଲେଖାକୁ ମୁଁ ଓଡ଼ିଆରେ ଅନୁବାଦ କରି ସ୍କୁଲ୍ ମାଗାଜିନ୍‌ରେ ଦେଇଥିଲି । ସେ ବର୍ଷ ମେଗାଜିନ୍ ନ ବାହାରିବାରୁ ମୋ ଲେଖା ବି ଅପ୍ରକାଶିତ ହୋଇ ରହିଗଲା ଚିରଦିନ ପାଇଁ । ପରେ କଲେଜ ଜୀବନରେ ଗଳ୍ପ ଲେଖା ଆରମ୍ଭ କରିଥିଲି ଆଉ ପରେ ପରେ ପ୍ରବନ୍ଧ ଆଉ ସମାଲୋଚନା । ସେଇ ୧୯୭୮-୭୯ ମସିହାରୁ ଏ ଯାବତ୍ ଅନ୍ତଃସ୍ଥଳର ପ୍ରେରଣାରେ ଉଦ୍‌ବୁଦ୍ଧ ହୋଇ ମୋର ସୀମିତ ଶକ୍ତି ଅନୁସାରେ କିଛି ନା କିଛି ଲେଖି ଚାଲିଛି । ବାଲ୍ୟକାଳରୁ ଏ ପର୍ଯ୍ୟନ୍ତ ଘର ଓ ବାହାରେ ବହୁ ମଣିଷଙ୍କ ଶ୍ରଦ୍ଧାରେ ମୁଁ ଆପ୍ଳୁତ । ପୁଣି କେତେ ତିକ୍ତ ଅନୁଭୂତିରେ ଭାରାକ୍ରାନ୍ତ ଓ ବେଦନାକ୍ତ । ତେବେ ମଣିଷ ଜୀବନ ପ୍ରତି ନିଜକୁ ଯେତିକି ଉନ୍ମୁଖ କରି ରଖିଛି ସେତିକି ଗଭୀର ଭାବରେ ଧୀରେ ଧୀରେ ଅନୁଭବ କରି ଆସିଛି ଯେ ମଣିଷର ଈର୍ଷା, ଦ୍ୱେଷ, କ୍ରୋଧ, ଘୃଣା-ଏସବୁ ତା'ର ଖୋଳପା ମାତ୍ର । ଏହାର ଅଭ୍ୟନ୍ତରରେ ଯେଉଁ ନିଦା ମଣିଷଟିଏ ଲୁଚି ରହିଥାଏ ସେ ହେଉଛି ସୁନ୍ଦରତମଙ୍କ ଦ୍ୟୁତିରେ ଚିର ଭାସ୍ୱର । ଗଙ୍ଗାଧର ସାହିତ୍ୟଠାରୁ ଆରମ୍ଭ କରି ମନୋଜ ଦାସଙ୍କ ସାହିତ୍ୟକୃତି ପର୍ଯ୍ୟନ୍ତ ସବୁଠି ମଣିଷ ଆତ୍ମାର ସ୍ନିଗ୍ଧତା ମୋତେ ଅଭିଭୂତ କରିଛି । ମୁଁ ଗଳ୍ପ, ମୌଳିକ ପ୍ରବନ୍ଧ, ସମାଲୋଚନାତ୍ମକ ପ୍ରବନ୍ଧ, ଗବେଷଣାତ୍ମକ ନିବନ୍ଧ, ଜୀବନୀ, ନାଟକ ଯାହା ବି ଯେତେବେଳେ ଲେଖିଛି ସବୁଥିରେ ମାନବିକତାର ଅନୁଭବରେ ମହିମ୍ନ ମଣିଷଟିକୁ ଆବିଷ୍କାର କରିବା ପାଇଁ ଅତି ଆନ୍ତରିକ ଭାବରେ ଚାହିଁଛି ।

ଅନେକ ବର୍ଷ ତଳେ ବଂଗଳା ସାହିତ୍ୟର ସୁପ୍ରସିଦ୍ଧ କଥାଶିଳ୍ପୀ ବିମଳ ମିତ୍ରଙ୍କ 'ଘାଟ୍‌ବାବୁ' ଗଳ୍ପଟି ମୋ ଭିତରେ ସୃଷ୍ଟି କରିଥିଲା ଅନନ୍ୟ ଶିହରଣ । ଲେଖକ ହେବାର ଆକାଂକ୍ଷା ରଖିଥିବା ପିଲାଟିକୁ ଚିଠିରେ ଦର୍ଶାଇଥିଲେ ଯେ, କେବଳ ବିଖ୍ୟାତ ଲେଖକ ହେବାର ବାସନା ରଖିବା ଜୀବନର ପ୍ରକୃତ ଆଭିମୁଖ୍ୟ ନୁହେଁ । ନିଜର ପରିପାର୍ଶ୍ୱର ମଣିଷମାନଙ୍କୁ ଆଉ ପୃଥିବୀକୁ ନିଃସ୍ୱାର୍ଥପର ଭାବରେ ଭଲ ପାଇବା ହିଁ ଆମର ସର୍ବପ୍ରଥମ ଓ ସର୍ବପ୍ରଧାନ କର୍ତ୍ତବ୍ୟ ।

କିଶୋର କାଳରୁ ସବୁବେଳେ ଏକ ସୁନ୍ଦରତମ ପୃଥିବୀର ସ୍ୱପ୍ନରେ ମୁଁ ଅଧୀର ହୋଇଛି । ନିଜ ପରିବାର, ପରିପାର୍ଶ୍ୱ, ନିଜ ଶିକ୍ଷାନୁଷ୍ଠାନ, ନିଜ ଅଞ୍ଚଳଠାରୁ ଆରମ୍ଭ କରି ସର୍ବତ୍ର, ଶ୍ରଦ୍ଧା ଭାବର ଏକ ନିର୍ଝର ହୋଇ ସମସ୍ତଙ୍କ ହୃଦୟକୁ ସୂକ୍ଷ୍ମ କୋମଳ ଭାବାବେଗରେ ସ୍ପନ୍ଦିତ କରିଦେବା ପାଇଁ ବ୍ୟାକୁଳ ହୋଇ ଉଠିଛି। ବୃକ୍ଷଲତା, ପାହାଡ଼ପର୍ବତ, ପରିଚିତ ଅପରିଚିତ ସବୁ ମଣିଷ ସହ ଏକାତ୍ମ ହୋଇଯିବାର ଅନୁଭବରେ ତଲ୍ଲୀନ ହୋଇଉଠିଛି ମୋ ହୃଦୟ । ରାତି ରାତି ଧରି ଦୁଇ ଆଖିରୁ ଅନବରତ ବୋହିଛି କୃତଜ୍ଞତାର ଅଶ୍ରୁଧାର । ପୁନଶ୍ଚ ପ୍ରତିଟି ଲୋମକୂପରେ ଏ କି କମ୍ପନ! ଏ କି ସଙ୍ଗୀତ!! ଏ କି ବିଗଳନ !!! ପ୍ରେମର ବର୍ଷାରେ ସାରା ପୃଥିବୀକୁ ଭିଜାଇ ଦେବାର ଏ କି ଉଦ୍‌ବେଳନ। ଏହି ବିରଳ ଅନୁଭୂତି ହିଁ ହାତରେ କଲମ ଧରିବାର ଶକ୍ତି ଦେଇଛି ମୋତେ । ତେବେ ସମୟ କ୍ରମେ ମୁଁ ସଚେତନ ହୋଇ ଉଠିଛି-ଆହା। ମୋର ଏ ଜୀବନ ଏ ସାରା ପୃଥିବୀରେ କେତେ କ୍ଷୁଦ୍ରାତିକ୍ଷୁଦ୍ର, କେଡ଼େ ନଗଣ୍ୟ, କେତେ ସାଧାରଣ ଓ କେତେ ପ୍ରଭାବହୀନ। ଏ ସବୁ ସତ୍ତ୍ୱେ ଏ ଜୀବନକୁ ଏକାନ୍ତ ତାତ୍ପର୍ଯ୍ୟହୀନ ବୋଲି ମୁଁ ଭାବି ପାରିନାହିଁ। ଅନ୍ତତଃ ଆପଣାକୁ ଏକ ଅତିକ୍ଷୁଦ୍ର ଶିଶିରବିନ୍ଦୁ ବୋଲି ମନେକରି ମୁଁ ଆଶ୍ୱସ୍ତ ହୋଇଛି। ମୋର ଆଉ ଏହାଠାରୁ ବେଶି ଭୂମିକା ନାହିଁ । ଶୀତଳ ସକାଳରେ କେଉଁ ସବୁଜ ପତ୍ର, କେଉଁ ସୁନ୍ଦର ଫୁଲର ମସୃଣ ପାଖୁଡ଼ା ଅବା କେଉଁ ଘାସ ଲଟା ଉପରେ ପଡ଼ିଥିବା ଛୋଟିଆ, ଅତି ଛୋଟିଆ ଶିଶିର ବିନ୍ଦୁଟିଏ ମୁଁ । କେତୋଟି ମୁହୂର୍ତ୍ତର ଏ ଜୀବନ ମୋର । ଏ ବିଶାଳ ଜଗତରେ କେଉଁ ନିସ୍ତବ୍ଧ ଗହନ ଅରଣ୍ୟରେ ଅପରିଚିତ, ଅଜ୍ଞାତ କାକର ବିନ୍ଦୁଟିଏ ହୋଇ ଖସି ପଡ଼ିବା ଓ ପୁଣି ସମସ୍ତଙ୍କ ଅଜାଣତରେ ନିମିଷକେ ଏ ବିଚିତ୍ର ରହସ୍ୟମୟ ବିଶ୍ୱର ଅନନ୍ତ ରହସ୍ୟରେ ସଂପୂର୍ଣ୍ଣ ନିରବ ଭାବରେ ମିଳେଇ ଯିବା ହିଁ ମୋର ନିୟତି । ତେବେ ଏପରି କ୍ଷୁଦ୍ର ଶିଶିର ବିନ୍ଦୁର ହୃଦୟରେ ମଧ୍ୟ ବିଶ୍ୱ ବିଧାତା କେତେ ସ୍ୱପ୍ନ ଭରି ନ ଦିଅନ୍ତି ! ସେ ସବୁ ସ୍ୱପ୍ନକୁ ଅସ୍ୱୀକାର କରିହେବ ବା କିପରି ! ସ୍ୱପ୍ନ ସବୁ ସାକାର ମଧ୍ୟ ହେବାର ସମ୍ଭାବନା ନାହିଁ। କେବଳ ଏତିକି ପ୍ରାର୍ଥନା ସବୁ ଉତ୍ତପ୍ତତା ଉପରେ ଶୀତଳ କାକର ବିନ୍ଦୁଟିଏ ହୋଇ ମୁଁ ଖସି ପଡୁଥାଏ । ଏ ପୃଥିବୀର ଦୁଃଖ ଓ ଯନ୍ତ୍ରଣା ଲାଘବ କରିବାର ସାମର୍ଥ୍ୟ ଯଦିଓ ଶିଶିର ବିନ୍ଦୁଟିଏର ନଥାଏ ତଥାପି ବେଦନା ଜର୍ଜରିତ କାହାର ଜୀବନରେ କୋମଳ ସ୍ପର୍ଶ ଟିକିଏ ଦେବା ପାଇଁ ଓହ୍ଲାଇ ଆସୁଥାଏ ମୁଁ । ସଂସାରକୁ ଆବିଳ କରି ଦେଉଥିବା ଅପଶକ୍ତିମାନଙ୍କୁ ଅପସାରଣ କରିବାର କ୍ଷମତା ଯଦିଓ ମୋର ନାହିଁ ତଥାପି ସରଳତାର ନିଷ୍କପଟତାର ଉଜ୍ଜ୍ୱଳ ବିନ୍ଦୁଟିଏ ହୋଇ ଝଟକି ଉଠିବାପାଇଁ ମୁଁ ନିରନ୍ତର ପ୍ରାର୍ଥନାରତ । ମୋ ଲେଖା ମୋ ନିଜ ଅନ୍ତରକୁ ନିର୍ମଳ ଓ ପରିଶୁଦ୍ଧ କରିବା ଲାଗି ଏକ ସାଧନା । ଯେତେ ଅଳ୍ପ ସଂଖ୍ୟକ ହୁଅନ୍ତୁ ପଛକେ ମୋ ପ୍ରିୟ ପାଠକଙ୍କ ଅନ୍ତର ସହ ସଂଯୁକ୍ତ ହୋଇଯିବା ପାଇଁ ମୋ ଲାଗି ଏହା ଏକ ଆନ୍ତରିକ ଧ୍ୟାନ । ଅତିକ୍ଷୁଦ୍ର ଶିଶିର ବିନ୍ଦୁଟିଏ ପରି ମୋ ଲେଖା ଯଦି କାହା ଅନ୍ତରକୁ ସାମାନ୍ୟ ବି ଶାନ୍ତି ଓ ଶୀତଳତା ପ୍ରଦାନ କରି ପାରିଲା, ଅନ୍ତରାତ୍ମାର ମହତ୍ ସ୍ପନ୍ଦନ ସହ ସଂଯୁକ୍ତ ହୋଇଯିବା ପାଇଁ ସାମାନ୍ୟ ବି ଶିହରଣର ସୃଷ୍ଟି କଲା, ସେତିକିରେ ମୁଁ ଆଶ୍ୱସ୍ତ ଓ ଆନନ୍ଦିତ । ■


ପରିଦର୍ଶକ ପ୍ରଫେସର
ଉତ୍କଳ ବିଶ୍ୱବିଦ୍ୟାଳୟ
ବାଣୀ ବିହାର, ଭୁବନେଶ୍ୱର
ମୋ: ୯୯୩୭୩୬୫୬୯୮

# ପାହାଡ଼ ଉପରୁ ନରକଙ୍କାଳ ଉଦ୍ଧାର

**କୁଆମରା,୬।୯ (ସମିସ):** ଦୁଇ ମାସ ତଳେ ନିଖୋଜ ହୋଇଥିବା ଜଣେ ବ୍ୟକ୍ତିଙ୍କ ନରକଙ୍କାଳକୁ ଶନିବାର ଖୁଣ୍ଟା ପୁଲିସ ଏକ ପାହାଡରୁ ଜବତ କରିଛି। ଖୁଣ୍ଟା ଥାନା ଅନ୍ତର୍ଗତ ମାହାଲିବସା ଗ୍ରାମର ଟେମ୍ପା ମାଙ୍କଡିଆ (୫୨) ଜୁଲାଇ ୧ ତାରିଖରେ ଘରୁ କୁଆଡେ ପଳାଇଥିଲେ। ପରିବାର ଲୋକେ ଖୋଜାଖୋଜି କରି ନ ପାଇବାରୁ ଥାନାରେ ଅଭିଯୋଗ କରିଥିଲେ। ପୁଲିସ ଏକ ନିଖୋଜ ମାମଲା ରୁଜୁକରି ତଦନ୍ତ ଚଳାଇଥିଲା; ହେଲେ ୨ମାସ ହେଲା କୌଣସି ପାଇନଥିଲା। ଶନିବାର ତାଙ୍କ ପୁଅ ନରେନ୍ଦ୍ର ଅଗ୍ନିକୁଆଁରୀ ଜଙ୍ଗଲକୁ କାଠ କାଟିବାକୁ ଯାଇଥିବାବେଳେ ପାହାଡ ଉପରକୁ ଉଠିଥିଲେ। ପରେ ଏକ ବରଗଛରେ ରଶି ଝୁଲୁଥିବା ଦେଖି ନିକଟକୁ ଯାଇଥିଲେ। ତଳେ ମଣିଷ କଙ୍କାଳ ପଡିଥିବା ଦେଖିବାକୁ ପାଇଥିଲେ। ସେଠାରେ ସେ ବାପାଙ୍କ ଲୁଗାପଟାରୁ ଚିହ୍ନିଥିଲେ। ପରେ ସାଇଣ୍ଟିଫିକ ଟିମ୍ ତଦନ୍ତ ଆରମ୍ଭ କରିଛି।

# ଭିଜିଲାନ୍ସ ଜାଲରେ ପୁଲିସ ଏସ୍ଆଇ

## ଇଟା କାରଖାନା ମାଲିକଙ୍କଠାରୁ ୨୦ହଜାର ଟଙ୍କା ନେଇ ଧରାପଡିଲେ

**କଟକ, ୬।୯ (ସମିସ):** ଜଣେ ପୁଲିସ ଅଧିକାରୀ ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। ସମ୍ପୃକ୍ତ ପୁଲିସ ଅଧିକାରୀଜଣଙ୍କ ହେଉଛନ୍ତି, କଟକ ଜିଲ୍ଲା ବାଙ୍କୀ ସୁବର୍ଣ୍ଣପୁର ଆଉଟପୋଷ୍ଟର ଏସ୍ଆଇ (ସବ୍-ଇନ୍ସପେକ୍ଟର) ପ୍ରସନ୍ନ କୁମାର ମାହାଲି। ବୀମା କମ୍ପାନୀଠାରୁ ଅର୍ଥ ଦାବି ପାଇଁ ଜଣେ ଇଟା କାରଖାନା ମାଲିକ ଏତଲାର ସାର୍ଟିଫାଏଡ୍ କପି ପାଇଁ ସମ୍ପୃକ୍ତ ପୁଲିସ ଏସ୍ଆଇଙ୍କୁ ନିବେଦନ କରିଆସୁଥିଲେ। ହେଲେ ଏହାକୁ ଦେଉନଥିଲେ ଓ ଏଥିପାଇଁ ୨୦ହଜାର ଟଙ୍କା ଲାଞ୍ଚ ଦାବି କରିଥିଲେ। ପରେ ଇଟା କାରଖାନା ମାଲିକଙ୍କଠାରୁ ୨୦ ହଜାର ଟଙ୍କା ଲାଞ୍ଚ ନେଉଥିବା ସମୟରେ ଶ୍ରୀ ମାହାଲିଙ୍କୁ ପୂର୍ବରୁ ଛକି ରହିଥିବା ଭିଜିଲାନ୍ସ ଟିମ୍ ଗିରଫ କରିଛି। କିଛି ଅଜଣା ଦୁର୍ବୃତ୍ତ ସମ୍ପୃକ୍ତ ବ୍ୟକ୍ତି ଅଭିଯୋଗକାରୀଙ୍କ ଇଟା କାରଖାନାକୁ ପୋଡ଼ି ଦେଇଥିଲେ।



**ସୁବର୍ଣ୍ଣପୁର ଫାଣ୍ଡି ପରିସରସ୍ଥ ବାସଭବନ ଓ ପାଟକୁରା ଥାନା ବେହୁଲା ଗ୍ରାମର ପୈତୃକ ଘର ଓ ଅନ୍ୟାନ୍ୟ ସ୍ଥାନରେ ଚଢ଼ଉ**

ଏନେଇ ଇଟା କାରଖାନା ମାଲିକ ପୂର୍ବରୁ ଏକ ଏତଲା ପ୍ରଦାନ କରିଥିଲେ। ତେବେ ବୀମା କମ୍ପାନୀଠାରୁ ଅର୍ଥ ପାଇବା ପାଇଁ ପଞ୍ଜିକୃତ ମାମଲା ସହିତ ଜଡ଼ିତ ଏତଲାର ପ୍ରମାଣିକୃତ କପି ସମ୍ପୃକ୍ତ ଏସ୍ଆଇଙ୍କୁ ମାଗିଥିଲେ। ଏସ୍ଆଇ ଶ୍ରୀ ମାହାଲି ତାଙ୍କ ନିକଟରୁ ୨୦ ହଜାର ଟଙ୍କା ଦାବି କରିଥିଲେ। ପରେ ଅଭିଯୋଗକାରୀ ଜଣକ ଭିଜିଲାନ୍ସ କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ କରିଥିଲେ।

ଏହାପରେ, ଯୋଜନା ମୁତାବକ ଭିଜିଲାନ୍ସର ଏକ ଟିମ ଆଜି ଶ୍ରୀ ମାହାଲିଙ୍କୁ କମ୍ପାନୀରୁ ୨୦,୦୦୦ ଟଙ୍କା ନେଉଥିବା ବେଳେ ଗିରଫ କରି ଉକ୍ତ ଲାଞ୍ଚ ଟଙ୍କା ଜବତ କରିଛି। ଏଥିସହ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ପ୍ରସଙ୍ଗରେ ଭିଜିଲାନ୍ସ ପକ୍ଷରୁ ଶ୍ରୀ ମାହାଲିଙ୍କ ସୁବର୍ଣ୍ଣପୁର ପୁଲିସ ଆଉଟପୋଷ୍ଟ ପରିସର ବାସଭବନ ଓ କେନ୍ଦ୍ରାପଡା ପାଟକୁରା ଥାନା ବେହୁଲା ଗ୍ରାମର ପୈତୃକ ଘର ଅନ୍ୟାନ୍ୟ ସ୍ଥାନରେ ଚଢଉ କରାଯାଇଛି। କଟକ ଭିଜିଲାନ୍ସ ଡିଭିଜନ ପକ୍ଷରୁ ଏକ ମାମଲା ରୁଜୁ ସହ ଅଧିକ ତଦନ୍ତ ଜାରି ରହିଛି।

# ୨୭ରେ ଓଟିଇଟି ପରୀକ୍ଷା

**କଟକ, ୬।୯ (ସମିସ):** ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଆନୁକୂଲ୍ୟରେ ସ୍ୱତନ୍ତ୍ର ଓଡ଼ିଶା ଶିକ୍ଷକ ଯୋଗ୍ୟତା ପରୀକ୍ଷା (ଓଟିଇଟି) ପରୀକ୍ଷା ଆସନ୍ତା ସେପ୍ଟେମ୍ବର ୨୭ରେ ଅନୁଷ୍ଠିତ ହେବ ବୋଲି ଧାର୍ଯ୍ୟ ହୋଇଛି। ଏ ସଂକ୍ରାନ୍ତରେ ବୋର୍ଡ ପକ୍ଷରୁ ଆଜି ବିଧିବଦ୍ଧ ବିଜ୍ଞପ୍ତି ଜାରି କରାଯାଇଛି। ପ୍ରଥମ ସିଟିଂରେ ପେପର୍-୧ ପରୀକ୍ଷା ସକାଳ ୯ଟାରୁ ଦିନ ସାଢ଼େ ୧୧ଟା ପର୍ଯ୍ୟନ୍ତ ଓ ଦ୍ୱିତୀୟ ସିଟିଂରେ ପେପର୍-୨ ପରୀକ୍ଷା ଦିନ୨ଟାରୁ ଅପରାହ୍ଣ ସାଢ଼େ ୪ଟା ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ବୋଲି କୁହାଯାଇଛି। ରାଜ୍ୟର ୧୯୩ଟି କେନ୍ଦ୍ରରେ ୭୫ହଜାର ୪୦୩ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବେ। ଆସନ୍ତା ୧୭ ତାରିଖରେ ପରୀକ୍ଷା ପାଇଁ ଆଡମିଟ୍ କାର୍ଡ ଉପଲବ୍ଧ ହେବ।

ପ୍ରକାଶଥାଉକି ପ୍ରଥମେ ଗତ ଜୁଲାଇ ୨୦ତାରିଖରେ ଏହି ପରୀକ୍ଷା କରାଯିବ ବୋଲି ସ୍ଥିର ହୋଇଥିଲା। ତେବେ ପ୍ରଶ୍ନପତ୍ର ଲିକ ଘଟଣା ପାଇଁ ଜୁଲାଇ ୨୦ରେ ହେବାକୁ ଥିବା ପରୀକ୍ଷାକୁ ସ୍ଥଗିତ ରଖାଯାଇଥିଲା। ପରେ ତରବରିଆ ଭାବେ ଅଗଷ୍ଟ୩୧ରେ ପରୀକ୍ଷା ପାଇଁ ବିଜ୍ଞପ୍ତି ଜାରି କରାଯାଇଥିଲା। ଏହାକୁ ମଧ୍ୟ ସ୍ଥଗିତ ରଖାଯାଇଥିଲା। ଓଟିଇଟି ପ୍ରଶ୍ନପତ୍ର ଲିକ ଘଟଣାରେ ବୋର୍ଡର ପ୍ରାକ୍ତନ ଉପସଭାପତି ନିହାର ମହାନ୍ତି ଓ ଡାଟା ଏଣ୍ଟ୍ରି ଅପରେଟର ଜିତନ ମହାରଣାଙ୍କ ସମେତ ମୋଟ୮ଜଣଙ୍କୁ ଗିରଫ କରିଥିଲା କ୍ରାଇମବ୍ରାଞ୍ଚ। ଅଭିଯୁକ୍ତମାନଙ୍କ ଜାମିନ ଖାରଜ ପରେ ସେମାନେ ଏବେ ବି ଜେଲରେ ରହିଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ୧୨ ଘଣ୍ଟାରେ...

ହ୍ୱାଇଟ୍ ହାଉସରେ ଏକ ସାମ୍ବାଦିକ ସମ୍ମିଳନୀରେ ଟ୍ରମ୍ପ କହିଲେ, 'ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ମୁଁ ଭଲ ମିତ୍ର ହୋଇରହିବୁ। ମୋଦୀ ହେଉଛନ୍ତି ଜଣେ ମହାନ ପ୍ରଧାନମନ୍ତ୍ରୀ। କିନ୍ତୁ ଏବେ ସେ ଯାହା କରୁଛନ୍ତି ତାହା ମୋତେ ପସନ୍ଦ ଲାଗୁନାହିଁ। ଏହାସତ୍ତ୍ୱେ ଭାରତ-ଆମେରିକା ସମ୍ପର୍କ ବହୁତ ସ୍ୱତନ୍ତ୍ର। ଚିନ୍ତା କରିବାର କୌଣସି କାରଣ ନାହିଁ।'

ଟ୍ରମ୍ପଙ୍କ ଏଭଳି ମତ ପରିବର୍ତ୍ତନକୁ ସ୍ୱାଗତ କରିଛନ୍ତି ପ୍ରଧାନମନ୍ତ୍ରୀ ମୋଦୀ। ଭାରତ ଉପରେ ଟ୍ରମ୍ପଙ୍କ ଶୁଳ୍କ ଘୋଷଣା ପରେ ନିରବ ରହିଥିବା ମୋଦୀ ଆଜି ଟ୍ରମ୍ପଙ୍କ ଟିପ୍ପଣୀକୁ ନିଜ ସାମାଜିକ ଗଣମାଧ୍ୟମରେ ସେୟାର କରିଛନ୍ତି। ରାଷ୍ଟ୍ରପତି ଟ୍ରମ୍ପଙ୍କ ଭାବନା ଏବଂ ଆମ ସମ୍ବନ୍ଧକୁ ନେଇ ଥିବା ତାଙ୍କ ବିଚାରକୁ ପ୍ରଶଂସା ଓ ସମର୍ଥନ କରୁଛି ବୋଲି ସେ ଉଲ୍ଲେଖ କରିଛନ୍ତି। ଭାରତ-ଆମେରିକା ମଧ୍ୟରେ ଏକ ସକରାତ୍ମକ ଏବଂ ଦୂରଦୃଷ୍ଟିସମ୍ପନ୍ନ ରଣନୈତିକ ସହଯୋଗ ରହିଛି ବୋଲି ମୋଦୀ କହିଛନ୍ତି।

ଏହା ପୂର୍ବରୁ ଶୁକ୍ରବାର ସକାଳେ ଟ୍ରମ୍ପ ଭାରତକୁ ଧମକ ଦେଇଥିଲେ। ସେ କହିଥିଲେ ଯେ 'ଭାରତ ଏବଂ ରୁଷକୁ ଆମେ ଚୀନ୍ ହାତରେ ହରାଇ ଦେଲା ଭଳି ଲାଗୁଛି। ଉଭୟ ଦେଶର ଭବିଷ୍ୟତ ଭଲ ହେବ ବୋଲି ଆଶା।।' ଅନ୍ୟପକ୍ଷରେ ଭାରତ ସହ କୌଣସି ବାଣିଜ୍ୟ ଆଲୋଚନା ହେବନାହିଁ ବୋଲି ପୂର୍ବରୁ ଟ୍ରମ୍ପ କହିଥିଲେ। କେବଳ ଏତିକି ନୁହେଁ. ଭାରତ ଉପରେ ଆହୁରି ଶୁଳ୍କ ବସାଇବାକୁ ମଧ୍ୟ ଧମକ ଦେଇଥିଲେ। କିନ୍ତୁ ସେ ଗତକାଲି ସନ୍ଧ୍ୟାରେ ଭାରତ ଏବଂ ଅନ୍ୟ ଦେଶଙ୍କ ସହ ବାଣିଜ୍ୟ ଆଲୋଚନା ଆଗେଇ ଚାଲିଛି ବୋଲି ସୂଚନା ଦେଇଥିଲେ। ଭାରତ ରୁଷ ତୈଳ କିଣିବା ନୈରାଶ୍ୟଜନକ। ଏଥିପାଇଁ ଭାରତ ଉପରେ ୫୦ ପ୍ରତିଶତ ଶୁଳ୍କ ଲଗା ଯାଇଛି ବୋଲି କହିଥିଲେ। ତେବେ ଭାରତ, ରୁଷ ଓ ଚୀନ ଏକାଠି ହେଉଥିବା ଦେଖି ଟ୍ରମ୍ପ ନିଜର ଭୁଲ ବୁଝିବା ଆରମ୍ଭ କରିଛନ୍ତି ବୋଲି କୁହାଯାଉଛି। ଭାରତ ସହ ତିକ୍ତତା ନେଇ ଆମେରିକାରେ ମଧ୍ୟ ଟ୍ରମ୍ପ ତୀବ୍ର ସମାଲୋଚନାର ଶିକାର ହୋଇଛନ୍ତି। ତେବେ ଟ୍ରମ୍ପ ଏଭଳି ଜଣେ ରାଷ୍ଟ୍ରପତି ଯାହାକୁ ନେଇ କିଛି ଭବିଷ୍ୟବାଣୀ କରାଯାଇପାରିବ ନାହିଁ ଅନେକ କୁଟନୀତି ବିଶେଷଜ୍ଞ ମତ ଦେଇଛନ୍ତି।

### ବ୍ରିକ୍ସ ଆଭାସୀ ବୈଠକରେ ପ୍ରତିନିଧିତ୍ୱ କରିବେ ଜୟଶଙ୍କର

**ନୂଆଦିଲ୍ଲୀ:** ସୋମବାର ବ୍ରାଜିଲ ରାଷ୍ଟ୍ରପତି ଲୁଇଜ ଇନାସିଓ ଲୁଲା ଡା ସିଲଭା ବ୍ରିକ୍ସ ନେତାମାନଙ୍କର ଆଭାସୀ ବୈଠକ ଡାକିଛନ୍ତି। କିନ୍ତୁ ଏହି ବୈଠକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଯୋଗ ଦେବେ ନାହିଁ। ମୋଦୀଙ୍କ ସ୍ଥାନରେ ବୈଦେଶିକ ମନ୍ତ୍ରୀ ଏସ୍ ଜୟଶଙ୍କର ଏହି ବୈଠକରେ ଭାରତ ତରଫରୁ ପ୍ରତିନିଧିତ୍ୱ କରିବେ ବୋଲି ବୈଦେଶିକ ମନ୍ତ୍ରଣାଳୟ ତରଫରୁ ସୂଚନା ଦିଆଯାଇଛି। ଆମେରିକା ବିଭିନ୍ନ ଦେଶରେ ଲାଗୁ କରିଥିବା ଉଚ୍ଚ ଟାରିଫ୍ ଓ ବହୁପକ୍ଷୀୟ ସହଯୋଗ ବୃଦ୍ଧି ନେଇ ଏହି ବୈଠକରେ ଆଲୋଚନା ହେବ ବୋଲି ଆଶା କରାଯାଉଛି। ତେବେ ଆମେରିକା ବିରୋଧରେ କୌଣସି ମଞ୍ଚ ପ୍ରସ୍ତୁତ କରିବା ଏହି ବୈଠକ ଉ।।ଦ୍ଦେଶ୍ୟ ନୁ।।ହେଁ ବୋଲି ବ୍ରାଜିଲ ରାଷ୍ଟ୍ରପତି ଲୁଲା ସ୍ପଷ୍ଟ କରିଛନ୍ତି। ୨୦୨୬ରେ ବ୍ରିକ୍ସ ସମ୍ମିଳନୀରେ ଅଧ୍ୟକ୍ଷତା ପୂର୍ବରୁ ଭାରତ ସାବଧାନତା ଅବଲମ୍ବନ କରୁଥିବାରୁ ମୋଦୀ ଏହି ଆଭାସୀ ବୈଠକରେ ଯୋଗ ଦେବେ ନାହିଁ ବୋଲି ଅନୁମାନ କରାଯାଉଛି। ପୂର୍ବରୁ ଆମେରିକା ଲାଗୁ କରିଥିବା ୫୦% ଟାରିଫ୍ ଉଠାଇବା ପାଇଁ ଭାରତକୁ ବ୍ରିକ୍ସ ଛାଡିବାକୁ କହିଛି। ଆମେରିକା ଶିଳ୍ପ ମନ୍ତ୍ରୀ ହାୱାର୍ଡ ଲୁଟନିକ୍ ଭାରତ ଉପରେ ଟାରିଫ ଉଠାଇବା ପାଇଁ ୩ଟି ସର୍ତ୍ତ ରଖିଛନ୍ତି। ଉଲ୍ଲେଖଥାଉ କି, ୨୦୨୬ରେ ଭାରତ ବ୍ରିକ୍ସ ସମ୍ମିଳନୀର ୧୮ତମ ସଂସ୍କରଣରେ ଆୟୋଜନ କରିବା ସହ ଅଧ୍ୟକ୍ଷତା କରିବ।

### ଶୁଳ୍କ କମାଇବାକୁ...

ସବୁଠାରୁ ବଡ଼ ଗ୍ରାହକକୁ ସମର୍ଥନ କରୁ କିମ୍ବା ୫୦ ପ୍ରତିଶତ ଶୁଳ୍କ ଦେଉ। ତେବେ ଭାରତ ଖୁବଶୀଘ୍ର ଆମେରିକା ସହ ଦ୍ୱିପାକ୍ଷିକ ବାଣିଜ୍ୟ ଆଲାଚନାରେ ସାମିଲ ହେବ ବୋଲି ଆମେରିକା ମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି। ଆମେରିକା ସର୍ବଦା ଆଲୋଚନା ପାଇଁ ପ୍ରସ୍ତୁତ ଅଛି। ଦୁଇ ଦେଶ ମଧ୍ୟରେ ବାଣିଜ୍ୟକୁ ନେଇ ବିବାଦ ରହିଛି ସତ, କିନ୍ତୁ ଖୁବଶୀଘ୍ର ଭାରତ କ୍ଷମା ମାଗି ଟ୍ରମ୍ପଙ୍କ ସହ ଆଲୋଚନା ପାଇଁ ଟେବୁଲକୁ ଆସିବ ବୋଲି ଲୁଟ୍ନିକ କହିଛନ୍ତି। ମାସେ ଦୁଇ ମାସ ଭିତରେ ଏଭଳି ହେବ। ଟ୍ରମ୍ପଙ୍କ ସହ ନୂଆ ଚୁକ୍ତି କରିବା ପାଇଁ ଭାରତ ପ୍ରୟାସ କରିବ। ଏହି ଚୁକ୍ତି ମଧ୍ୟ ଟ୍ରମ୍ପଙ୍କ ସର୍ତ୍ତରେ ହେବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହାକୁ ଚୂଡ଼ାନ୍ତ ରୂପ ଦେବେ ବୋଲି ଲୁଟନିକ କହିଛନ୍ତି।

### ଆପୋସ ସମାଧାନ...

ସମାଧାନ କରନ୍ତି, ତାହେଲେ ଏହା ଇତିହାସରେ ପ୍ରଥମ ଘଟଣା ହେବ ବୋଲି ଶ୍ରୀ ଆଚାର୍ଯ୍ୟ କରିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଯେ ଚଳିତ ମାସରେ ପ୍ରତି ସପ୍ତାହରେ ବୈଷୟିକ ଟିମ ବୈଠକ କରିବ। ଉଭୟ ରାଜ୍ୟ ମଧ୍ୟରେ ଥିବା ସମସ୍ୟାର ସମାଧାନ ପାଇଁ ଉଦ୍ୟମ କରାଯିବ। ଉଭୟ ରାଜ୍ୟ ମଧ୍ୟରେ ପ୍ରାୟ ୪୬ଟି ପ୍ରସଙ୍ଗ ରହିଥିବା ସେମାନେ ଟ୍ରିବ୍ୟୁନାଲଙ୍କୁ ଜଣାଇଛନ୍ତି। ତେବେ ସେଥିମଧ୍ୟରୁ ୪୦ଟି ପ୍ରସଙ୍ଗ ସେତେ ଗୁରୁତ୍ୱପୂର୍ଣ୍ଣ ନୁହେଁ ବୋଲି ସେ ମତବ୍ୟକ୍ତ କରିଛନ୍ତି। ଅପରପକ୍ଷେ ଆପୋସ ବୁଝାମଣାକୁ ଜଳ ବିଶେଷଜ୍ଞ ଏବଂ ମହାନଦୀ ସହ ଜଡ଼ିତ ସାମାଜିକ ସଂଗଠନ ଗୁଡ଼ିକ ସ୍ୱାଗତ କରିଛନ୍ତି। ତେବେ ଛତିଶଗଡ଼ ସହ କୌଣସି ନିର୍ଦ୍ଦିଷ୍ଟ ଆଲୋଚନା ପୂର୍ବରୁ ରାଜ୍ୟ ସରକାର ଜଳ ବିଶେଷଜ୍ଞ, ନଦୀ ସହ ଜଡ଼ିତ ବିଭିନ୍ନ ଅଂଶୀଦାରଙ୍କ ସହ ଆଲୋଚନା କରିବା ଜରୁରୀ ବୋଲି ସେମାନେ ମତପ୍ରକାଶ କରିଛନ୍ତି।

### ବିଭାଗ ମଧ୍ୟରେ...

ରାଉରକେଲା, ସମ୍ବଲପୁର ସହ ସମସ୍ତ ପ୍ରମୁଖ ସହର ତଥା ସମସ୍ତ ଜିଲ୍ଲାର ରାସ୍ତାଘାଟର ସ୍ଥିତି ସମୀକ୍ଷା କରିଥିଲେ। ଏଥି ସହିତ ରାସ୍ତାର ସ୍ଥାୟୀତ୍ୱ ଏବଂ ମରାମତି ସହ ଯେଉଁ ସଂସ୍ଥା ଓ ବିଭାଗମାନେ ରାସ୍ତା ବ୍ୟବହାର କରୁଛନ୍ତି, ସେନେଇ ଆଗାମୀ ଦିନରେ ଏକ ସ୍ୱତନ୍ତ୍ର ନୀତି ପ୍ରଣୟନ ନେଇ ମନ୍ତ୍ରୀ ସୂଚନା ଦେବା ସହିତ ସମ୍ପୃକ୍ତ ଇଞ୍ଜିନିୟରମାନେ ଆସନ୍ତା ଦୁଇଦିନ ମଧ୍ୟରେ ଅଞ୍ଚଳ ଗସ୍ତ କରି ରାସ୍ତାର ସ୍ଥିତି ବିଷୟରେ ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଥିଲେ।

ବିଭାଗୀୟ ପ୍ରମୁଖ ସଚିବ ସଞ୍ଜୟ କୁମାର ସିଂହ ବିନା ଅନୁମତିରେ ରାସ୍ତା ଖୋଳାକୁ ନେଇ ଆଲୋଚନା କରିଥିଲେ। ବିଏମ୍ସି, ଇଡ୍କୋ, ଓପିଟିସିଏଲ୍, ୱାଟ୍କୋ ଆଦିର ଅଧିକାରୀମାନଙ୍କ ମଧ୍ୟରେ ସମନ୍ୱୟ ଅଭାବରୁ ରାସ୍ତା, ଡ୍ରେନ୍ ଆଦି ଖରାପ ହେଉଥିବା ସମୀକ୍ଷାରୁ ଜଣାପଡ଼ିଥିଲା। ତେଣୁ ରାସ୍ତାର ମରାମତି, ସ୍ଥାୟୀତ୍ୱ ଏବଂ କ୍ଷତିଭରଣା ପାଇଁ କ'ଣ କରାଯାଇପାରିବ, ସେନେଇ ଆଲୋଚନା କରାଯାଇଥିଲା। ବୈଠକରେ ବିଧାୟକ ବାବୁ ସିଂ, ନବକିଶୋର ମଲ୍ଲିକ, ସୌଭିକ୍ ବିଶ୍ୱାଳ, ଭୁବନେଶ୍ୱର ମେୟର ସୁଲୋଚନା ଦାସ, ସିଏମ୍ସି ମେୟର ସୁବାସ ସିଂ, ବିଏମ୍ସି କମିସନର ଚଞ୍ଚଳ ରାଣା, ସିଏମ୍ସି କମିସନର କିରନ୍ଦୀପ୍ କୌର ସହୋତା, ନଗର ଉନ୍ନୟନ ବିଭାଗ ମ୍ୟୁନିସିପାଲ ପ୍ରଶାସନର ନିର୍ଦ୍ଦେଶକ ଅରବିନ୍ଦ ଡାକୁଆ ଏବଂ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।


**ନୂଆଖାଇ ଶୁଭେଚ୍ଛା ବାର୍ତ୍ତା**

ପଶ୍ଚିମ ଓଡ଼ିଶାର ବିଶେଷ ପର୍ବପର୍ବାଣି ନୂଆଖାଇ ଉପଲକ୍ଷେ ଜିଲ୍ଲାର ସମସ୍ତ ଅଭିଭାବକ, ଅଭିଭାବିକା, ବିଦ୍ୟାଳୟ ପରିଚାଳନା କମିଟିର ସଭ୍ୟସଭ୍ୟା, ବୁଦ୍ଧିଜୀବି, ଶିକ୍ଷାବିତ, ଶିକ୍ଷକ ଶିକ୍ଷୟତ୍ରୀ, କର୍ମରତ ବିଭାଗୀୟ ଅଧିକାରୀବୃନ୍ଦ ଓ ଅଧ୍ୟୟନରତ ଛାତ୍ରଛାତ୍ରୀମାନଙ୍କୁ ଶୁଭେଚ୍ଛା ଜଣାଉଛି । ଚଳିତ ବର୍ଷ ୨୦୨୫-୨୬ ଓଡ଼ିଶାରେ ପିଏମ ଶ୍ରୀ ଯୋଜନା ବା ପ୍ରଧାନମନ୍ତ୍ରୀ ସ୍କୁଲ ଫର ରାଇଜିଂ ଇଣ୍ଡିଆ ଯୋଜନା କାର୍ଯ୍ୟକାରୀ ଅବସରରେ ପିଲାମାନଙ୍କ ଦକ୍ଷତା ବୃଦ୍ଧି ସହ ସେମାନଙ୍କର ବୈଜ୍ଞାନିକ ମନୋଭାବକୁ ବଢ଼ାଇବା ପାଇଁ ଏବଂ କଳା, ସାହିତ୍ୟ ବିଜ୍ଞାନରେ ସୃଜନଶୀଳତା ବଢ଼ାଇବା ସହ ସବୁ ଦୃଷ୍ଟିରୁ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଦକ୍ଷତା ବଢ଼ାଇବା ଦିଗରେ ପିଏମଶ୍ରୀ ଯୋଜନା କାର୍ଯ୍ୟକାରୀ କରାଯାଉଛି । ଆମ ସୁବର୍ଣ୍ଣପୁର ଜିଲ୍ଲାପାଇଁ ପର୍ଯ୍ୟାୟକ୍ରମେ ୮ କୋଟି (ପ୍ରଥମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ) ସରକାରୀ ବିଦ୍ୟାଳୟମାନଙ୍କରେ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି ଓ ଏଥିପାଇଁ ସରକାର ପର୍ଯ୍ୟାପ୍ତ ମାତ୍ରାରେ ପାଣ୍ଠି ଯୋଗାଇ ଦେଇଛନ୍ତି । ପିଏମଶ୍ରୀ ସ୍କୁଲ ଗୁଡ଼ିକ ଉତ୍ସାହଜନକ ପରିବେଶରେ ଛାତ୍ରଛାତ୍ରୀଙ୍କୁ ଗୁଣାତ୍ମକ ଶିକ୍ଷା ସହ ସର୍ବବ୍ୟାପୀ ଓ ସର୍ବାଙ୍ଗୀଣ ଶିକ୍ଷା ପ୍ରଦାନ କରିବ। ଏହି ସ୍କୁଲ ଗୁଡ଼ିକ କେବଳ ଛାତ୍ରର ବିକାଶ ଉପରେ ଗୁରୁତ୍ୱ ଦେବ ନାହିଁ ବରଂ ଏକବିଂଶ ଶତାବ୍ଦୀର ପ୍ରମୁଖ ଦକ୍ଷତା ସହିତ ସାମଗ୍ରିକ ବିକାଶ ବୃଦ୍ଧି କରିବା ଦିଗରେ ସହାୟକ ହେବ। ପିଏମଶ୍ରୀ ସ୍କୁଲରେ ସମସ୍ତ ଛାତ୍ରଛାତ୍ରୀଙ୍କ ଯତ୍ନ ନିଆଯିବା ସହ ସେମାନଙ୍କ ପାଠପଢ଼ା ପାଇଁ ଉତ୍ତମ ଭିତ୍ତିଭୂମି ଏବଂ ଉପଯୁକ୍ତ ସମ୍ବଳ ସହିତ ଅନେକ ଅଭିଜ୍ଞତା ଆଧାରିତ ଶିକ୍ଷା ପ୍ରଦାନ କରାଯିବ । ଜିଲ୍ଲାର ପ୍ରତ୍ୟେକ ପିଲା ଏହି ଯୋଜନାଦ୍ୱାରା ଉପକୃତ ହୋଇ ଉଜ୍ଜ୍ୱଳମୟ ଭବିଷ୍ୟତ ଗଠନ କରିବାରେ ମା ସୁରେଶ୍ୱରୀ ସହାୟକ ହୁଅନ୍ତୁ ।

ଜିଲ୍ଲା ଶିକ୍ଷା ଅଧିକାରୀ ତଥା ପ୍ରକଳ୍ପ ସଂଯୋଜିକା
ସମଗ୍ର ଶିକ୍ଷା, ସୁବର୍ଣ୍ଣପୁର

ଜିଲ୍ଲାପାଳ ତଥା ଅଧ୍ୟକ୍ଷ
ସମଗ୍ର ଶିକ୍ଷା, ସୁବର୍ଣ୍ଣପୁର


**OFFICE OF THE NOTIFIED AREA COUNCIL** C-1015
**KASHINGAAR, GAJAPATI**
Ph. & FAx No.: 06815-284215, email: kasingarn.hud@nic.in
Notice No.: 1009 / NAC , Date: 03.09.2025
'e' - Procurement Notice
Bid Identification No. KNGR/NAC/02/2025-26

| | | |
|---|---|---|
| 1 | Nature of the work | Preparation of Comprehensive Drainage Master Plan and DPR for Storm Water Drainage System of Kashinagar NAC in the District of Gajapati, Odisha. |
| 2 | Date and time of availability of bid documents in the portal | From 06.09.2025 at 10.00 A.M. to 17.09.2025 at 5.00 P.M. |
| 3 | Last date / Time for receipt of bids in the portal | 17.09.2025 at 5.00 P.M. |
| 4 | Submission of Documents (Bid Processing Fee, EMD, Annexure, other documents etc.) by Register Post or Speed Post | On or before 20.09.2025 by 5.00 P.M. |
| 5 | Date and time of opening of bid | 22.09.2025 at 11.00 A.M. |
| 6 | Name and address of the officer Inviting Bid | Executive Officer, Kashinagar NAC. |

Further details can be seen from the e-procurement portal "https://tendersorissa.gov.in"

Executive Officer
N.A.C. Kashinagar, Gajapati
OIPR-13116/11/0017/2526

A-588 E-mail : eemisundargarh@yahoo.co.in
**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**MINOR IRRIGATION DIVISION, SUNDARGARH.**
'e' Procurement Notice
**Bid Reference No. SE MID SNG 04/2025-26**

Bid documents consisting name of Works, Estimated cost, Cost of tender paper, EMD, time of completion, Class of Contractor, the set of terms and conditions of contract and other necessary documents can be seen in e-procurement portal https://tendersodisha.gov.in.

| | | |
|---|---|---|
| 1 | Name of the works: - | Civil Construction work. |
| 2 | No of Works: - | 05 (Five) Nos. |
| 3 | Estimated cost: - | Varies from Rs. 5.03 lakh to Rs. 5.48 lakh (Approximately) |
| 4 | Period of completion | 02 (Two) Calendar months |
| 5 | Date and Time of availability of bid documents in the portal: - | From dt.**09.09.2025** at 10.00 AM to dt.**18.09.2025** up to 5.30 PM. |
| 6 | Last date / time of receipt of bids in the portal: - | Dt.**18.09.2025** up to 5.30 PM |
| 7 | Date of opening of Bid: - | Dt.**19.09.2025** at 11.00 AM onwards |
| 8 | Name and address of the OIT: - | Superintending Engineer, Minor Irrigation Division, Sundargarh. |

** Further details can be seen from the e-Procurement market place http://tendersodisha.gov.in

Superintending Engineer
M.I. Division, Sundargarh
OIPR-32124/11/0032/2526

O-689 E-Mail ID - rwd.padampur@yahoo.co.in
Ph.No. 9437255440
**Government of Odisha "e" Procurement Notice**
**Bid Identification No: Online- 07-OF 2025-26**

1. Name of the work : **Building works (As per Annexure-'A')**
2. Amount put to Bid Excluding GST : As per Annexure-'A'
3. Class of contractor : "D" "C" & "B" Class
5. Date & Time of availability of bid document in the portal : From Dt. 08.09.2025 at 10.00 A.M.
6. Last date & Time for receipt of bids in the portal : Dt. 17.09.2025up to 05:00 P.M.
7. Last date of seeking clarification : Dt. 16.09.2025 up to 5.00 P.M
8. Date & Time of technical bid opening : Dt. 18.09.2025 at 11.00 A.M .
9. Date & Time of technical bid opening for Double Cover bids : To be intimated later on
10. Name and address of the Officer Inviting Bid : Executive Engineer, R.W.Division, Padampur, At/Po-Padampur, Dist-Bargarh,Pin- 768036

(1) Other details can be seen from DTCN available in website www.tendersodisha.gov.in
(2) Corrigendum if any shall only be published in the above website

Sd/-
Executive Engineer,
Rural Works Division, Padampur
OIPR-25069/11/0034/2526

O-696 Email id: eerw_blgr@yahoo.co.in
**GOVERNEMENT OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION: BOLANGIR**
e-Procurement Notice
IFB IDENTIFICATION NO. EEBLGR-Online-05/2025-26

| | | | |
|---|---|---|---|
| 1. | Name of work | : | Building Works |
| 2. | Total no of works | : | 40 (Forty) nos |
| 3. | Approximate Estimated Cost | : | Rs 1.68 Lakh to Rs. 10.08 Lakh |
| 4. | Time for completion | : | 2 (Two) calendar months |
| 5. | Mode of Submission of tender | : | Tender should be submitted online in www.tendersodisha.gov.in |
| 6. | Other details are as follow | | As per TCN No. EEBLGR-Online-05/2025-26 |

| Procurement Officer | Bid Identification No. | Availability of Tender on line for bidding | | Last date and time of seeking tender clarification | Date & time of opening of tender |
|---|---|---|---|---|---|
| | | From | To | | |
| Executive Engineer, R.W. Division. Bolangir | EEBLGR-online-05/2025-26 | 10.09.2025 at 11.00 A.M | 23.09.2025 upto 5.00PM | 22.09.2025 upto 1.00PM | 24.09.2025 at 11.00A.M |

• Further details can be seen from the website www.tendersodisha.gov.in
• Any Corrigendum/Addendum will be displayed in the above e tender website only.

Executive Engineer
R.W. Division, Bolangir
OIPR-25068/11/0027/2526

**PUBLIC NOTICE**

We are pleased to announce that "Koustuv Institute of Professional Studies" (KIPS) will be changing its name to "College of Engineering Bhubaneswar (COEB), effective from the session 2025-26.

If anyone have any questions or objections, please do not hesitate to reach out to us within 30 days from the date of publication of this Notice through E-Mail. We appreciate your understanding and continued support.

Contact Information: Koustuv Institute of Professional Studies (KIPS) Mail ID- **kips@koustuvgroup.ac.in**
Regional Director of Education (RDE), Govt. of Odisha, E-mail: **rdebbsr@rediffmail.com**

**AFFIDAVIT**

By virtue of an Affidavit before Notary Public, Malkangiri, I, **Lalmati Dhakad**, aged about 73 years, W/o.: Lalasin Dhakad resident of Village: Rauliguda, PO.: Gangala, P.S./Dist.: Malkangiri, Odisha, declare by this Affidavit No.: 8940, Dated: 06.09.2025 that I have changed my name from Balamati Dhakad to **Lalmati Dhakad**. Henceforth I shall be known as **Lalmati Dhakad** for all future purposes.

**AFFIDAVIT**

By virtue of an affidavit sworn before The Executive Magistrate, Sohela on dated 04.09.2025, I Sri Nakula Samini, S/o- Ganda Samini resident of Vill.- Tandol, Ps.- Sohela, Dist.- Bargarh, Odisha state that in my son's Aadhar Card his name has been wrongly mentioned as **NIPU SAMNI** where as in his school certificate the name has been mentioned as **MIKU SAMINI**. His actual name is **MIKU SAMINI** and DOB is **20.09.2010**.

**AFFIDAVIT**

I, Nasad Ali Khan, S/O- Asaf Ali Khan, Presently residing At - Mohana, PO, Mohana, PS - Salipur, Dist -Cuttack,Pin - 754201, Odisha, declare by this affidavit No - 132, dated - 05.09.2025, that now onwards I shall be known as **NAUSHAD ALI KHAN** for all future purposes.

**AFFIDAVIT**

I, Shubhasmita Jena, D/o- Bira Kishor Jena, resident of At- Baidyarajpur, Saipura-III, Jajpur, Dist- Jajpur, PIN- 755007, Odisha declared by this affidavit No-719, dtd- 05/09/2025 that now onwards I shall be known as **SUBHASMITA JENA** for all future purposes.

**LOST**

I, **Lingaraj Mishra,** aged about 72 years, S/o Late Raghunatha Mishra, resident of At- Biraramachandrapur Part-4, PO- Biraramachandrapur, PS- Satyabadi, Dist- Puri, PIN- 752014, Odisha declare that on dtd. 01/08/2025, while I was coming from Sakhigopal bazar to my resident at Biraramachandrapur in a Auto Rickshaw, I have lost my original interim deed (Link Document) sale deed No. 11541400619, date- 29/10/2014 and Khata-219, Plot No-896, Area- A0.12dcml, Mouza- Biramchandrapur in name of Gopal Chandra Mishra along with other documents which was kept in my hand bag somewhere said bag has been misplaced / lost anywhere. Therefore, notice is hereby given to general public that, if anybody has got any right, title interest over the property on the missing document or on the above property they have to claim before the LICHFL, at: IPICOL House within 15 days from the date of publication and after that the documents will lose its legal force and LICHFL will not be responsible for any claim what-so-ever on the property after 15 days.

**LICHFL Branch, BBSR**
**N.C. Pattnaik, Advocate**
**Mob: 9853311189**

**AFFIDAVIT**

I, Rubina Begum, aged about 33 years, W/o- Mohammed Hussain, resident of Kalimandir Pada, Po- Bhawanipatna, Ps- Town, Bhawanipatna, Dist- Kalahandi, Odisha, PIN- 766001 declare by this affidavit No- 1811 , dtd. 06.09.2025, that now onwards I shall be known as **RUBINA BANO** for all future purposes.

**AFFIDAVIT**

By virtue of an affidavit sworn before Executive Magistrate, Niali, dated- 29/08/2025. I, **Mita Nayak,** D/O- Bishnu Charan Nayak, Address: At-Alakunda, Po- Tampalo, Ps-Charichhak, Dist- Puri, Odisha, PIN- 752110 declare that I have changed my name from **Mitali Nayak** to **Mita Nayak.** Henceforth, I shall be known as **Mita Nayak** for all purposes.

**(Mita Nayak)**

**AFFIDAVIT**

By virtue of an affidavit No. 5302, sworn before the Executive Magistrate, Champua, dated- 04/09/2025, I **Mohammad Akhlak,** resident of At- Word No.5, Champua, P.o/P.s- Champua, Dist- Keonjhar, Odisha, Pin- 758041 declare that I have changed my minor daughter name from **ANSARA AKHLAK** (old name) to **ANSARAH AKHLAQUE** (new name). Henceforth she shall be known as **ANSARAH AKHLAQUE** for all future purposes.

**Mohammad Akhlak**

**AFFIDAVIT**

By virtue of an affidavit No. 5303, sworn before the Executive Magistrate, Champua, dated- 04/09/2025, I **Mohammad Akhlak,** resident of At- Word No.5, Champua, P.o/P.s- Champua, Dist- Keonjhar, Odisha, Pin- 758041 declare that I have changed my minor daughter name from **ROKAIYA AKHLAK** (old name) to **RUQAIYA AKHLAQUE** (new name). Henceforth she shall be known as **RUQAIYA AKHLAQUE** for all future purposes.

**Mohammad Akhlak**

**AFFIDAVIT**

I, Murali Malik, S/o- Gandharba Malik, resident of At/Po- Barunia, Ps- Badachana, Dist- Jajpur, PIN- 754082, Odisha declared by this affidavit No- 726, dtd- 06/09/2025 that now onwards I shall be known as **MURALIDHAR MALIK** for all future purposes.

**AFFIDAVIT**

By virtue of an affidavit sworn before The Executive, Magistrate, Baripada, Mayurbhanj, dated 01-03-2025. I, SARAJINI SOREN, W/o-Lt. Biswanath Soren, AT- Jamsola, PO-Chaksuliapada, PS- Suliapada, Dist- Mayurbhanj, declare that my actual & correct name is SARAJINI SOREN as per my aadhar & Bank pass book. But in the pension payment order vide No.5/043539/90 (ARMY) of my deceased husband my name has been wrongly mentioned as SAROJANI DEVI. SARAJINI SOREN and SAROJANI DEVI are one & same parson, i.e. my self. Henceforth I shall be known as SARAJINI SOREN for all purposes.

**SARAJINI SOREN**

**AFFIDAVIT**

By virtue of an affidavit sworn before executive magistrate, Titilagarh, dated 02-09-2025 I, Nimai Herna, Address- At/Po- Luthurbandh, Titilagarh, Balangir, 767033 declare that I have changed my name from Lime Herna to Nimai Herna. Henceforth, I shall be known as Nimai Herna for all purposes.

**AFFIDAVIT**

By virtue of an affidavit before The Notary Public, Titilagarh, on dated- 06/09/2025. I, **Ajaya Padhi** (Applicant name), S/O- Duryodhan Padhi, Permanent resident of At- Kursud, P.O. Kursud, P.S. Sindhekela, Dist- Balangir, (Odisha), PIN- 767035, now residing at the same place affirm that I have changed my minor daughter's name from **Manisa Padhi** (old name) to **Archita Padhi** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion she will be known as **Archita Padhi** (new name).

**Ajaya Padhi**

**AFFIDAVIT**

I, Dasarath Lal Gupta, S/o- Chhedi Lal Gupta, resident of Gandhi Nagar, Jatani, Dist- Khordha, PIN- 752050, Odisha declared by this affidavit No- 171, dtd- 25/07/2025 that now onwards I shall be known as **DASRATH LAL GUPTA** for all future purposes.

**AFFIDAVIT**

I, Digambara Malik, S/o- Muralidhar Malik, resident of At/Po- Barunia, Ps- Badachana, Dist-Jajpur, PIN- 754082, Odisha declared by this affidavit No-725, dtd- 06/09/2025 that now onwards I shall be known as **DIGAMBAR MALIK** for all future purposes.

**AFFIDAVIT**

I, Farzana Pervin, D/o- Sk Masiuddin, resident of Purusottampur, Khairabad, Jafarpur, Po- Aranga Purusottampur, Dist- Jajpur, PIN- 755007, Odisha declared by this affidavit No- 721, dtd- 05/09/2025 that now onwards I shall be known as **FARZANA PARWEEN** for all future purposes.

**AFFIDAVIT**

By virtue of an affidavit sworn before Executive Magistrate, Banpur vide no-3378, dated-3/9/2025 I, Gouranga Maharana, S/o- Jalandhar Maharana, of Address At/Po- Badasireipur, Ps- Banpur, Khordha, Odisha, Pin-752031, declare that I have changed my name from **Gourang Moharana**, S/o- Makadam Moharana to **Gouranga Maharana**, S/o- Jalandhara Maharana. Henceforth, I shall be known as **Gouranga Maharana**, S/o- Jalandhara Maharana for all purposes.

**AFFIDAVIT**

I, Hanifa, aged about 31 years, W/o- Mohammed Sabir, resident of At- Ward No-2, Khariar, Dist- Nuapada, Odisha, PIN- 766107 declare by this affidavit No. 1810, dtd- 06/09/2025, that now onwards I shall be known as **HANIFA BANU** for all future purposes.

ସକାଳ THE SAKALA



# ଦେବଗିରି ମହାବିଦ୍ୟାଳୟର ପ୍ରତିଷ୍ଠା ଦିବସ

କଲ୍ୟାଣସିଂହପୁର,୬।୯ (ସମିସ): ରାୟଗଡ଼ା ଜିଲ୍ଲା ଆଦିବାସୀ ଅଧ୍ୟୁଷିତ କଲ୍ୟାଣସିଂହପୁର ବ୍ଲକର ଏକମାତ୍ର ମହାବିଦ୍ୟାଳୟର ୧୪ତମ ପ୍ରତିଷ୍ଠା ଦିବସ ଓ ଗୁରୁଦିବସ ଆଡ଼ମ୍ବର ସହ ପାଳିତ ହଇଯାଇଛି । ଏହି ଉତ୍ସବରେ କଲେଜର ସଭାପତି ବି ଭି ପ୍ରସାଦରାଓଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବେ ଥାନା ଅଧିକାରୀ ନୀଳକଣ୍ଠ ବେହେରା, ମୁଖ୍ୟବକ୍ତା ଭାବେ ସୁଶ୍ରୀ ସଂଯୁକ୍ତା ମାଦଳା, ସମ୍ମାନିତ ଅତିଥି ପୂର୍ବତନ ଅଧକ୍ଷ ଭି ସୂର୍ଯ୍ୟପ୍ରକାଶ ରାଓ, ଦେବଗିରି କ୍ରାନ୍ତିକାରୀ ଆଶ୍ରମର ବାବା ସ୍ୱରୂପା ନନ୍ଦଗିରି, ଯୁକ୍ତ ଦୁଇ ମହା ବିଦ୍ୟାଳୟର ସମ୍ପାଦକ ମାଉଡ଼ି ବାରିକ, ଯୁକ୍ତ ତିନି ମହା ବିଦ୍ୟାଳୟର ସମ୍ପାଦକ ଏଙ୍କେଟେଶ୍ୱର ପାଢୀ ଓ ପ୍ରିନ୍ସପାଲ ଯୋଗେଶ୍ୱର ଗରଡ଼ା ମଞ୍ଚାସୀନ ହୋଇଥିଲେ । ପ୍ରିନ୍ସପାଲ ଶ୍ରୀ ଗରଡ଼ା ବାର୍ଷିକ ବିବରଣୀ ପାଠ କରିଥିଲେ ।ଏହି ମହା ବିଦ୍ୟାଳୟ ଶିକ୍ଷାର ଅଭିବୃଦ୍ଧି କ୍ଷେତ୍ରରେ ଜିଲ୍ଲାର ପ୍ରମୁଖ ସ୍ଥାନ ଗ୍ରହଣ କରିଥିବାରୁ ଭୂୟସୀ ପ୍ରଶଂସା କରିଥିଲେ ।ବୀର ମାଟିରେ ଶିକ୍ଷାର ବିକାଶ ଉପରେ ଦେଶର ବିଭିନ୍ନ ପ୍ରାନ୍ତରେ ଥିବା ଗ୍ରାମବାସୀ ମାନେ ମହା ବିଦ୍ୟାଳୟ ଉନ୍ନତି କରିବା ପାଇଁ ଆଗକୁ ଆସି ଶିକ୍ଷାର ବିକାଶ ରେ ସାମିଲ ହେବାପାଇଁ ବକ୍ତାମାନେ ମତବ୍ୟକ୍ତ କରିଥିଲେ । ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ପ୍ରତିଯୋଗିତାର ପୁରସ୍କାର ପ୍ରଦାନ କରାଯାଇଥିଲା । ଶେଷରେ ସଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମର ମଞ୍ଚ ପରିଚାଳନା କରିଥିଲେ ଅଧ୍ୟାପକ ହେମାନନ୍ଦ ବାଗ । କାର୍ଯ୍ୟକ୍ରମରେ ଅଧ୍ୟାପକ ବରୁଣ, ହେମନନ୍ଦ, ଅଧ୍ୟାପିକା ସରିତା ପାତ୍ର, ଭବାନି ସାହୁ, ସଂଯୁକ୍ତା ଗରଡ଼ା ଗାୟତ୍ରୀ ପରେପକା ବସୁଧା ଖସଲା, ସୁନିତା ଗୌଡ଼, ସୋମି ମତୁରାଙ୍ଗୀ ଓ ସମସ୍ତ କର୍ମଚାରୀ ଓ ଛାତ୍ରଛାତ୍ରୀମାନେ ସହଯୋଗ କରିଥିଲେ । ମହାବିଦ୍ୟାଳୟର ପରିଚାଳନା କମିଟିର ସଦସ୍ୟ ସଦସ୍ୟା ଓ ସମସ୍ତ କର୍ମଚାରୀ ସମସ୍ତ କାର୍ଯ୍ୟକ୍ରମକୁ ତଦାରଖ କରିଥିଲେ । ଅନୁଷ୍ଠିତ ଖେଳ, ବକ୍ତୃତା, ସଂଗୀତର କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା ।

# ଆଦି କର୍ମଯୋଗୀ ତାଲିମ କାର୍ଯ୍ୟକ୍ରମ ଉଦ୍‌ଘାଟିତ

ମାଲକାନଗିରି,୬।୯ (ସମିସ) :ମାଲକାନଗିରି ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟଙ୍କ ନିର୍ଦ୍ଦେଶ କ୍ରମେ ମାଲକାନଗିରି ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ହଳଧର ଶବରଙ୍କ ଅଧ୍ୟକ୍ଷତାରେ ତିନିଦିନିଆ ଜିଲ୍ଲା ସ୍ତରୀୟ ଆଦି କର୍ମଯୋଗୀ ତାଲିମ କାର୍ଯକ୍ରମ ଉଦ୍‌ଘାଟିତ ହୋଇଯାଇଛି । ଏହି ତାଲିମ ରେ ଶିକ୍ଷା, ସ୍ୱାସ୍ଥ୍ୟ, ଗ୍ରାମ୍ୟ ଉନ୍ନୟନ, ମହିଳା ଓ ଶିଶୁ ବିକାଶ, ପଞ୍ଚାୟତିରାଜ, ଅନୁସୂଚିତ ଜନଜାତି ଓ ଅନୁସଚିତ ଜାତି ଉନ୍ନୟନ ବିଭାଗର ବ୍ଲକ ସ୍ତରୀୟ ଅଧିକାରୀ ମାନଙ୍କୁ ଜିଲ୍ଲାସ୍ତରୀୟ ତାଲିମ ପ୍ରଦାନ କରାଯାଇଛି । ଉକ୍ତ ତାଲିମ ରେ ଜିଲ୍ଲା ମଙ୍ଗଳ ଅଧିକାରୀ ଏ ଶ୍ରୀନିବାସ ଆଚାରି କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବିଷୟରେ ବୁଝାଇଥିଲେ । ତାଲିମ ଦାତା ହିସାବରେ ବିଡ଼ିଓ ମାଥିଲି, ବିଡ଼ିଓ କାଲିମେଳା, ବିଡ଼ିଓ ମାଲକାନଗିରି, ବିଇଓ ମାଥିଲି, ନିର୍ବାହୀ ଯନ୍ତ୍ରୀ ଗ୍ରାମ୍ୟ ଉନ୍ନୟନ, ଡେପୁଟି ରେଞ୍ଜର, ପ୍ରୋଗ୍ରାମ ଅଫିସର, ମହିଳା ଓ ଶିଶୁ ବିକାଶ ବିଭାଗ, ପ୍ରୋଗ୍ରାମ ମ୍ୟାନେଜର, ପିରାମଲ୍ ଫାଉଣ୍ଡେସନ, ସହକାରୀ ନିର୍ବାହୀ ଯନ୍ତ୍ରୀ, ଜିଲ୍ଲା ମହାମାରୀ ବିଶେଷଜ୍ଞ, ବ୍ଲକ ଶିକ୍ଷା ଅଧିକାରୀ ମାଥିଲି ତିନି ଦିନ ଧରି ଆବାସିକ ତାଲିମ ପ୍ରଦାନ କରିଥିଲେ । ଉକ୍ତ ତାଲିମରେ ୩୧ ଜଣ ଅଂଶ ଗ୍ରହଣ କରିଛନ୍ତି । ତିନି ଦିନିଆ ତାଲିମ କାର୍ଯକ୍ରମକୁ ବିଶ୍ୱନାଥ ମିଶ୍ର ପ୍ରକଳ୍ପ ପରିଚାଳକ ଆଇଟିଡିଏ ପରିଚାଳନା କରିଥିଲେ ।

# ଶିକ୍ଷକ ଦିଲୀପଙ୍କୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର



ପଦ୍ମପୁର,୬।୯ (ସମିସ): ରାୟଗଡ଼ା ଜିଲ୍ଲା ପଦ୍ମପୁର ବ୍ଲକ୍ ଅଧିନସ୍ଥ ସରକାରୀ ପ୍ରାଥମିକ ବିଦ୍ୟାଳୟ ଉପର ଜୁମୁରୁଗୁଡ଼ାର ଶିକ୍ଷକ ଦିଲୀପ କୁମାର କରଙ୍କୁ ଚଳିତ ୨୦୨୪-୨୦୨୫ ଶିକ୍ଷା ବର୍ଷର ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ରାୟଗଡ଼ାଠାରେ ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣି ମାନପତ୍ର ଓ ଶିକ୍ଷା ପୁରସ୍କାର ଟ୍ରଫି ଦେଇ ସମ୍ମାନିତ କରିଛନ୍ତି । ଉକ୍ତ ପୁରସ୍କାର ପ୍ରଦାନ ସମୟରେ ସମ୍ମାନିତ ଅତିଥି ଜିଲ୍ଲା ପରିଷଦ ଅଧ୍ୟକ୍ଷା ସୁଶ୍ରୀ ସରସ୍ୱତୀ ମାଝୀ, ଜିଲ୍ଲା ଶିକ୍ଷାଧିକାରୀ ରାମଚନ୍ଦ୍ର ନାହାକ, ଜିଲ୍ଲା ମଙ୍ଗଳ ଅଧିକାରୀ ଅସୀମା ରାଓ, ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ଅଧ୍ୟକ୍ଷ ଜଗନ୍ନାଥ ମେହେର ଓ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଭଜନଲାଲ ମାଝୀ ପ୍ରମୁଖ ମଞ୍ଚାସୀନ ଥିଲେ । ସମ୍ମାନିତ ଶିକ୍ଷକ ଚଳିତ ବର୍ଷ ପଦ୍ମପୁର ବ୍ଲକ ତରଫରୁ ଏକମାତ୍ର ଶିକ୍ଷକ ଭାବେ ଏହି ପୁରସ୍କାର ପାଇଛନ୍ତି । ଏଥିପାଇଁ ପଦ୍ମପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ କୁରେଶୁ ଜାନି, ବ୍ଲକ୍ ଗୋଷ୍ଠୀ ଶିକ୍ଷା ଅଧିକାରୀ ହୃଷିକେଶ ରଥ, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଚନ୍ଦ୍ର ସେନ ଲିମା, ତହସିଲଦାର ଶଙ୍କର ବାଗ, ବିଧାୟକ ସତ୍ୟଜିତ ଗମାଙ୍ଗଙ୍କ ସହ ସ୍ଥାନୀୟ ଜନପ୍ରତିନିଧି, ଶିକ୍ଷକ ଶିକ୍ଷୟିତ୍ରୀ, ପୁରାତନ ଛାତ୍ରଛାତ୍ରୀ ତଥା ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ , ବିଦ୍ୟାଳୟ କମିଟିର ସଭ୍ୟ ସଭ୍ୟା ଓ ଅଭିଭାବକ ଓ ଗ୍ରାମବାସୀଙ୍କ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ଆଜି ପଦ୍ମପୁର ସ୍ଥିତ ବାଳକ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ଅନୁଷ୍ଠିତ କ୍ଲଷ୍ଟରସ୍ତରୀୟ ବୈଠକରେ ପଦ୍ମପୁର କ୍ଲଷ୍ଟର ସାଧନ ସଂଯୋଜକ ଅଜିତ ଚୌଧୁରୀ, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ, ଉକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମୀନା ରଥ ଓ ବରିଷ୍ଠ ପ୍ରଧାନ ଶିକ୍ଷକ ଭୁବନାନନ୍ଦ ଖାଡ଼ଙ୍ଗା ପ୍ରମୁଖ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଥିବା ଶିକ୍ଷକଙ୍କୁ ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରିଛନ୍ତି ।

# ମହମ୍ମଦଙ୍କ ଜୟନ୍ତୀ ପାଳିତ

ପାପଡାହାଣ୍ଡି,୬।୯ (ସମିସ) :

ନବରଙ୍ଗପୁର ସୁନ୍ନି ରାଜା ଜାମା ମସଜିଦ୍ ଠାରେ ମହମ୍ମଦଙ୍କ ଜୟନ୍ତୀ ପାଳିତ ହୋଇଯାଇଛି । ଧର୍ମର ପତାକା ଓ ଜାତୀୟ ପତାକା ଧରି , ମହମ୍ମଦଙ୍କର ଗୁଣ ଗାନ କୋରି ପାପଡାହାଣ୍ଡି ଗ୍ରାମ ପରିକ୍ରମା କରି ପୁଣି ମସଜିଦ୍ ନିକଟରେ ପହଞ୍ଚି ଥିଲେ ଲୋକେ । ମସଜିଦ୍‌ର ମୌଲାନା ମହମ୍ମଦ ରାହିଶ ଆଜାମଙ୍କ ଦ୍ୱାରା ପତାକା ଉତ୍ତୋଳନ ହୋଇଥିଲା । ଏହି ସମୟ ରେ ମସଜିଦ କମିଟି ସଦସ୍ୟ ମାନେ ଗରିବ ,ଅସହାୟ ବୃଦ୍ଧ ଓ ବୃଦ୍ଧା ଲୋକୋଙ୍କୁ ଶାଢ଼ୀ ଓ ଲୁଙ୍ଗି, ତୁୱାଲ୍ ବଣ୍ଟନ କରାଯାଇଥିଲା । ମସଜିଦ କମିଟି ସଦସ୍ୟ ସଭାପତି ଅବଦୁଲ ୱାହାବ ଖାନ, ସମ୍ପାଦକ ସାଏୟଦ ଗୁଲମ୍ ହୁସେନ, ବାବଲୁ ଖାନ, ହାସ୍ୱାନ ରାଜା, ଲାଲ ମହମ୍ମଦ ଖାନ, ଅବଦୁଲ ଗଫାର୍ ଖାନ, ଅବଦୁଲ ଅଜିଜ , ଏମ ଡି ଗୁଫରାନ ସହ ପ୍ରମୁଖ ଉପସ୍ଥିତ ରହିଥିଲେ ।

# କଳାଦିବସ ରୂପେ ପାଳିଲେ ଅଣ ଅନୁଦାନପ୍ରାପ୍ତ ଅଧ୍ୟାପକ ଓ କର୍ମଚାରୀ ସଂଘ

ରାୟଗଡ଼ା,୬।୯ (ସମିସ): ଓଡ଼ିଶା ରାଜ୍ୟ ବେସରକାରୀ ଅଧ୍ୟାପକ କର୍ମଚାରୀ ସଂଘକୁ ସମର୍ଥନ ଜଣାଇ ୧୯ଦିନ ଧରି ଅଧିକାର ଯାତ୍ରା ଅନ୍ତର୍ଗତ କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରହିଥିବା ବେଳେ ଆଜି ରାୟଗଡ଼ା ଜିଲ୍ଲାର ରାୟଗଡା ସ୍ୱୟଂ ଶାସିତ ମହାବିଦ୍ୟାଳୟରେ କାର୍ଯ୍ୟରତ ଅଣ ଅନୁଦାନପ୍ରାପ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ସଂଘ ଗୁରୁ ଦିବସକୁ କଳା ଦିବସ ରୂପେ ପାଳନ କରିଛି । ବିଭିନ୍ନ ବେସରକାରୀ ଅନୁଦାନପ୍ରାପ୍ତ ଓ ଅଣ ଅନୁଦାନ ମହାବିଦ୍ୟାଳୟ ମାନଙ୍କରେ ୨୦୦୮ ରୁ ୨୦୧୮ (ଶିକ୍ଷାରେ ଅଗ୍ରଗାମୀ ଜିଲ୍ଲା) ଏବଂ ୨୦୧୦ରୁ ୨୦୨୦(ଶିକ୍ଷାରେ ପଛରେ ପଡିଥିବା ଜିଲ୍ଲା) ମଧ୍ୟରେ ପରିଚାଳନା କମିଟି ଦ୍ୱାରା ନିଯୁକ୍ତ ଅଧ୍ୟାପକ ଓ କର୍ମଚାରୀଙ୍କୁ ସରକାରୀ ଅନୁଦାନ ପରିସର ଭୁକ୍ତ କରିବା ନେଇ ସରକାରଙ୍କ ବୈମାତୃକ ମନୋଭାବର ପ୍ରକାଶ ପାଇଛି ବୋଲି କୁହାଯାଇଛି । ରାଜ୍ୟ ସଭାପତି ବିଶ୍ୱରଂଜନ ଦାସଙ୍କ ଆହ୍ୱାନ କ୍ରମେ ନୂତନ ସରକାର ଆସିବା ଦିନଠୁ ପର୍ଯ୍ୟାୟକ୍ରମେ ସରକାରଙ୍କ ପାଖରେ ଦାବି ଉପସ୍ଥାପନା କରାଯାଇଛି ତଥାପି ଫଳଶୁନ । ସରକାରଙ୍କ ୧୩ ମାସର କାର୍ଯ୍ୟକାଳ ମଧ୍ୟରେ ଗୁରୁ ଦିବସକୁ କଳା ଦିବସ, ଦେଢ ଲକ୍ଷ ସାଧାରଣ ଲୋକଙ୍କର ଦସ୍ତଖତ, ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ୧୧ ଥର ସିଧା ସଳଖ ସାକ୍ଷାତ ସହିତ ଆଲୋଚନା କରିବା, ରାଜ୍ୟରେ ଥିବା ପାଞ୍ଚଟି ଶିକ୍ଷା ନିର୍ଦ୍ଦେଶାଳୟ ମାଧ୍ୟମରେ ଦାବିପତ୍ର ପ୍ରଦାନ, ୩୦ ଜିଲ୍ଲାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ୧୨ ଘଣ୍ଟିଆ ଧାରଣା ସହିତ ମୁଖ୍ୟମନ୍ତ୍ରୀ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ ପରେ ମଧ୍ୟ ସରକାର ନିଦାବିଷ୍ଣୁ ସାଜି ଚୁପ୍ ହୋଇ ବସିବା ଅତ୍ୟନ୍ତ ଦୁଃଖଦାୟକ । ଏଣୁ କାର୍ଯ୍ୟବନ୍ଦ ଆନ୍ଦୋଳନ ଭୁବନେଶ୍ୱରରୁ ରାଜ୍ୟର ବିଭିନ୍ନ ବେସରକାରୀ ଅନୁଦାନ ପ୍ରାପ୍ତ ଏବଂ ଅଣ ଅନୁଦାନ ମହାବିଦ୍ୟାଳୟର ଫାଟକ ସମ୍ମୁଖକୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ସ୍ଥାନାନ୍ତରିତ ହେଲା ବୋଲି ସଂଘର ସଭାପତି ବିଶ୍ୱରଂଜନ ଦାସ କହିଛନ୍ତି । ଗୁରୁ ଦିବସକୁ କଳାଦିବସ ରୂପେ ପାଳନ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି ବୋଲି ରାୟଗଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ଅଣ ଅନୁଦାନ ପ୍ରାପ୍ତ ଅଧ୍ୟାପକ ଓ କର୍ମଚାରୀ ସଂଘ ପକ୍ଷରୁ କୁହାଯାଇଛି ।

## ଘରଡିହ ଜାଗାରୁ ହଟାଯାଉନି ଟ୍ରାନ୍ସଫର୍ମର

# ପ୍ରଶାସନ ନିକଟରେ ଅଭିଯୋଗ କରି ନୟାନ୍ତ ଘର ମାଲିକ



ରାୟଗଡ଼ା,୬।୯ (ସମିସ): ବିଦ୍ୟୁତ୍ ବିଭାଗ ପକ୍ଷରୁ ଘରଡିହ ଜାଗାରେ ଅବସ୍ଥାପିତ କରାଯାଇଛି ଟ୍ରାନ୍ସଫର୍ମର । ଫଳରେ ଘରମାଲିକଙ୍କ ସମେତ ତିନି ପରିବାର ପ୍ରତି ବିପଦ ଘନେଇବା ଆଶଙ୍କା ରହିଛି । ଗତ ୫ ବର୍ଷ ଧରି ଖୋଲାମେଲାରେ ଏପରି ଟ୍ରାନ୍ସଫର୍ମର ରହିଥିବା ବେଳେ ଭୟରେ ଦିନ କାଟୁଛନ୍ତି ତିନି ପରିବାର । ଏନେଇ ଜାଗା ମାଲିକ ଅଭିମନ୍ୟୁ ବାଗ ୫ ବର୍ଷ ଧରି ଜିଲ୍ଲା ପ୍ରଶାସନ ଠାରୁ ଆରମ୍ଭ କରି ବିଦ୍ୟୁତ୍ ବିଭାଗୀୟ ଅଧିକାରୀଙ୍କ ଯାଏଁ ଟ୍ରାନ୍ସଫର୍ମର ହଟାଇବାକୁ ଅଭିଯୋଗ କରି ନୟାନ୍ତ ହୋଇଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିବା ସେ ଅଭିଯୋଗ କରିଛନ୍ତି । ଗୁରୁବାର ରାୟଗଡ଼ା ଉପଜିଲ୍ଲାପାଳ ରମେଶ ଚନ୍ଦ୍ର ଜେନାଙ୍କୁ ସାକ୍ଷାତ କରି ଏକ ଅଭିଯୋଗ ପତ୍ର ପ୍ରଦାନ କରିବା ସହ ନ୍ୟାୟ ଭିକ୍ଷା କରିଛନ୍ତି । ସମସ୍ୟାର ତଦନ୍ତ କରାଯାଇ ତୁରନ୍ତ ସମାଧାନ ପାଇଁ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଉପଜିଲ୍ଲାପାଳ ପ୍ରତିଶ୍ରୁତି ଦେଇଥିବା ଶ୍ରୀ ବାଗ ପ୍ରକାଶ କରିଛନ୍ତି । ସୂଚନାନୁଯାୟୀ, ରାୟଗଡ଼ା ଜିଲ୍ଲା କାଶିପୁର ତହସିଲ ମୌଜା ପାଇକକୁପାଖାଲ ଗ୍ରାମର ଖାତା ନଂ ୭୨/୩୪,ପ୍ଲଟ ନଂ ୩୩୪/୭୪୭ ଘରଡିହ ଜାଗା ଗ୍ରାମର ଅଭିମନ୍ୟୁ ବାଗଙ୍କ ନାମରେ ରହିଛି । ଗତ ୨୦୨୦ମସିହାରେ ବିଦ୍ୟୁତ ବିଭାଗ ପକ୍ଷରୁ ଶ୍ରୀ ବାଗଙ୍କ ଘରୋଇ ଜାଗାରେ ଏକ ଟ୍ରାନ୍ସଫର୍ମରେ ଅବସ୍ଥାପିତ କରାଯାଇଥିଲା । ଯାହାକୁ ସେ ବିରୋଧ କରି ଆସୁଥିବା ବେଳେ କେହି ପ୍ରଶାସନିକ ଅଧିକାରୀ ତାଙ୍କ କଥା ଶୁଣୁ ନ ଥିବା ସେ ଅଭିଯୋଗ କରିଛନ୍ତି । ଅନ୍ୟପଟରେ ବିଭାଗୀୟ ଚିଠି ସଂଖ୍ୟା ୧୩୫୪/୧୧/୭/୨୪ରେ ୩୯,୬୫୧ ଟଙ୍କା ବିଦ୍ୟୁତ ବିଭାଗ କାର୍ଯ୍ୟାଳୟରେ ପୈଠ କଲେ ଟ୍ରାନ୍ସଫର୍ମର ଘୁଞ୍ଚାଇ ଦିଆଯିବ ବୋଲି ଆଦେଶ ଦିଆଯାଇଥିବା ବେଳେ ଏହାକୁ ଚ୍ୟାଲେଞ୍ଜ କରି ଶ୍ରୀ ବାଗ ତତ୍କାଳୀନ ଜିଲ୍ଲାପାଳଙ୍କୁ ଅଭିଯୋଗ କରିଥିଲେ । ଯାହାକୁ ନେଇ ବିଭାଗୀୟ ଅଧିକାରୀଙ୍କୁ ବିନା ଖର୍ଚ୍ଚରେ ଶ୍ରୀ ବାଗଙ୍କ ଜାଗାରୁ ଟ୍ରାନ୍ସଫର୍ମର ଅନ୍ୟତ୍ର ସ୍ଥାନକୁ ଘୁଞ୍ଚାଇବାକୁ ଜିଲ୍ଲାପାଳ ଆଦେଶ କରିଥିବା ବେଳେ ବିଭାଗୀୟ ଯନ୍ତ୍ରୀ ତାହାକୁ ଅଣଦେଖା କରି ଟଙ୍କା ଜମା କରିବାକୁ ବାଧ କରୁଥିବା ଶ୍ରୀ ବାଗ ଅଭିଯୋଗ କରିଛନ୍ତି । ତେବେ ଏନେଇ ରାୟଗଡ଼ା ଟିପିଏସଓଡିଏଲ ନିର୍ବାହୀ ଯନ୍ତ୍ରୀ ହେମନ୍ତ ସାହୁଙ୍କ ପ୍ରତିକ୍ରିୟା ନେବାରୁ ଓଇଆରସି ଗାଇଡଲାଇନ ଅନୁଯାୟୀ ବିଭାଗ ପକ୍ଷରୁ ଦିଆଯାଇଥିବା ନୋଟିସ ପ୍ରକାରେ ଏକ ସ୍ଥାନରୁ ଅନ୍ୟତ୍ର ସ୍ଥାନକୁ ସ୍ଥାନାନ୍ତର ପାଇଁ ଘର ମାଲିକଙ୍କୁ ସମସ୍ତ ଖର୍ଚ୍ଚର ୬ ପ୍ରତିଶତ ଟଙ୍କା ଜମା ଦେବାକୁ ପଡିଥାଏ । ତେଣୁ ଟଙ୍କା ଜମା କରାଯିବାକୁ ନୋଟିସ ହୋଇଛି ବୋଲି କହିଛନ୍ତି । ଟ୍ରାନ୍ସଫର୍ମର ଅବସ୍ଥାପିତ ପୂର୍ବରୁ ଶ୍ରୀ ବାଗ ଜାଗା କ୍ରୟକରି ନ ଥିଲେ । ଗ୍ରାମବାସୀଙ୍କ ଦ୍ୱାରା ସ୍ଥାନ ଚିହ୍ନଟ ପରେ ଉକ୍ତ ଜାଗାରେ ଟ୍ରାନ୍ସଫର୍ମର ଅବସ୍ଥାପିତ ହୋଇଥିଲା । ଯାହା ଫଳରେ ଏହି ସମସ୍ୟା ଦେଖାଦେଇଛି ବୋଲି ଶ୍ରୀ ସାହୁ ପ୍ରକାଶ କରିଛନ୍ତି । ତେବେ ଘରୋଇ ଜାଗାରେ ଟ୍ରାନ୍ସଫର୍ମର ଅବସ୍ଥାପିତ କରାଯାଇ ଘର ମାଲିକଙ୍କ ଠାରୁ ଘୁଞ୍ଚାଇବା ପାଇଁ ଟଙ୍କା ପୈଠ କରିବାର ଏ କିଭଳି ନିୟମ କରାଯାଇଛି ବୋଲି ସାଧାରଣରେ ପ୍ରଶ୍ନ ଉଠୁଛି ।

# କାଉନସିଲରଙ୍କ ପୁଅକୁ ହତ୍ୟା ଘଟଣାକୁ ନିନ୍ଦା

କୋରାପୁଟ,୬।୯ (ସମିସ): ଜମିଜମା ବିବାଦକୁ ନେଇ ବିଶିପୁର ଥାନା ପାଙ୍ଗିଗୁଡ଼ା ଗ୍ରାମରେ ଗୁରୁବାର ଅପରାହ୍ନରେ କୋରାପୁଟ ପୌର ପରିଷଦ ୧୦ ନଂ ୱାର୍ଡର ବିଜୁ ଜନତା ଦଳ କାଉନ୍‌ସିଲର କମଳା ନାୟକଙ୍କ ସ୍ୱାମୀ ଧନୁର୍ଜୟ ନାୟକ ଓ ପୁଅ ଶିବା ନାୟକକୁ ୫ ଜଣ ଦୁର୍ବୃର୍ତ୍ତ ଖଣ୍ଡାରେ ହାଣି ମରଣାନ୍ତକ ଆକ୍ରମଣ କରିଥିଲେ । ପୁଅ ଅତ୍ୟନ୍ତ ଗୁରୁତର ଥିବାରୁ ବିଶାଖାପାଟଣା ସ୍ଥାନାନ୍ତର କରାଯାଇଥିଲା । ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି । ଶିବା ନାୟକଙ୍କ ମୃତ୍ୟୁ ଖବର ପ୍ରଚାର ହେବା ପରେ ବିଭିନ୍ନ ମହଲରେ ଦୁଃଖ ପ୍ରକାଶ ପାଇଥିବାବେଳେ ଘଟଣାକୁ ନିନ୍ଦା କରା ଯାଇଛି । ପୂର୍ବତନ ବିଧାୟକ ରଘୁରାମ ପଡ଼ାଲ ଘଟଣାର ନିନ୍ଦା କରି ଅଭିଯୁକ୍ତ ମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନେବାକୁ ଦାବୀ କରିଛନ୍ତି ।

# ୩୮ .୫ କେଜି ଗଞ୍ଜେଇ ଜବତ; ୩ ଗିରଫ




ରାୟଗଡା,୬।୯ (ସମିସ): ରାୟଗଡ଼ା ଜିଲ୍ଲା ଅବକାରୀ ବିଭାଗ ଦ୍ୱାରା ପୃଥକ ପୃଥକ ଦୁଇଟି ସ୍ଥାନରେ ଚଢ଼ଉ କରି ୩୮ .୫ କେଜି ଗଞ୍ଜେଇ ଜବତ ହୋଇଥିବା ଜଣାପଡିଛି । ରାୟଗଡ଼ା ରେଳ ଷ୍ଟେସନ ନିକଟସ୍ଥ ରାସ୍ତା ଓ ବିଷମକଟକ ବ୍ଲକ୍ ହାଟମୁନିଗୁଡା ଅଞ୍ଚଳରେ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଅବକାରୀ ବିଭାଗ ଚଢ଼ଉ କରିଥିଲା । ଏହି ୨ଟି ସ୍ଥାନରୁ ୩ ଜଣଙ୍କୁ ଗିରଫ କରିଥିବା ଜଣାପଡ଼ିଛି । ସୂଚନାନୁଯାୟୀ, ଆଜି ହାଟମୁନିଗୁଡା ଅଞ୍ଚଳରୁ ୧୮ କେଜି ଗଞ୍ଜେଇ ଜବତ ହୋଇଥିବା ବେଳେ ରାୟଗଡ଼ା ରେଳ ଷ୍ଟେସନ ନିକଟରୁ ୨୦.୫ କେଜି ଗଞ୍ଜେଇ ଜବତ ହୋଇଥିଲା । ଆନ୍ଧ୍ରପ୍ରଦେଶର କେ.କାର୍ତିକ ନାମକ ଅଭିଯୁକ୍ତ ହାଟମୁନିଗୁଡ଼ାରୁ ଗିରଫ ହୋଇଥିବା ବେଳେ ରାୟଗଡ଼ା ରେଳ ଷ୍ଟେସନ ନିକଟସ୍ଥ ରାସ୍ତାରୁ କର୍ଣ୍ଣାଟକ ରାଜ୍ୟର ଆଜାଜ ପଚ୍ଚା ଓ ଏ ନୁରୁଲ୍ଲା ଦୁଇ ଅଭିଯୁକ୍ତ ଗିରଫ ହୋଇଥିଲେ । ଜବତ ଗଞ୍ଜେଇ ବାହାର ରାଜ୍ୟକୁ ଚୋରା ଚାଲାଣ ପାଇଁ ଉଦ୍ୟମ କରାଯାଉଥିବା ନେଇ ଜିଲ୍ଲା ଅବକାରୀ ଅଧିକ୍ଷକ ସନ୍ତୋଷ କୁମାର ଧଳସାମନ୍ତ ସୂଚନା ଦେଇଛନ୍ତି । ୨ଟି ଘଟଣାରେ ଜିଲ୍ଲାରେ ଜବତ ହୋଇଥିବା ଗଞ୍ଜେଇର ଆନୁମାନିକ ବଜାର ମୂଲ୍ୟ ୩ ଲକ୍ଷ ୮୫ ହଜାର ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି କୁହାଯାଇଛି । ଆଜିର ଏହି ଚଢ଼ଉ ବେଳେ ଜିଲ୍ଲା ଅବକାରୀ ଅଧିକ୍ଷକ ସନ୍ତୋଷ କୁମାର ଧଳସାମନ୍ତ, ଅବକାରୀ ପୁଲିସ ଅଧିକ୍ଷକ ସତ୍ୟ ନାରାୟଣ ଦାଶ, ସଞ୍ଜୟ ପ୍ରଧାନ, ଛବିର ତାଣ୍ଡି, ରମଜାନ ଖାନ, ମିତାରାଣୀ ପାତ୍ର, ରାଶି ନାୟକ, ମେଲେକା କୁମାରୀ, ଅମର କୁମାର ଦଳାଇ, ପାଲକା ଅପାୟା, ପଙ୍କଜ ନାୟକଙ୍କ ସମେତ ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ । ଉଭୟ ଘଟଣାରେ ତଦନ୍ତ ଚାଲିଥିବା ବେଳେ ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥବା ଅବକାରୀ ଅଧିକ୍ଷକ ଶ୍ରୀ ଧଳସାମନ୍ତ ସୂଚନା ଦେଇଛନ୍ତି ।

# ଗୁଟଖା ଜବତ ନେଇ ଖୁଚୁରା ଦୋକାନ ଉପରେ ଚଢ଼ଉ

ଜୟପୁର,୬।୯ (ସମିସ): ସାରା ରାଜ୍ୟରେ ମାଦକ ଦ୍ରବ୍ୟ, ଗୁଟଖା ଓ ପାନମସଲା ଜବତ ନେଇ ଅପରେସନ ପ୍ରହାର ମାଧ୍ୟମରେ ଜୟପୁର ଟାଉନଥାନା ପୁଲିସ ପକ୍ଷରୁ ଶୁକ୍ରବାର ଅପରାହ୍ନରେ ସହରର ବାଘଭଣ୍ଡାର ସାହି, ମାଦଳା ସାହି, ପାୱାର ହାଉସ ପ୍ରଭୃତି ସ୍ଥାନରେ ରହିଥିବା ବିଦ୍ୟାଳୟ ଓ ଶିକ୍ଷାନୁଷ୍ଠାନ ଉପରେ ଚଢଉ କରାଯାଇ ଗୁଟଖା, ସିଗାରେଟ ଏବଂ ପାନମସଲା ସାମଗ୍ରୀ ଜବତ କରିଛନ୍ତି । ଏହିପରି ଆଇନ ଉଲଘ୍ନନ କରିଥିବା ଉକ୍ତ ଖୁଚୁରା ଦୋକାନୀ ମାନଙ୍କୁ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହ ଆଗାମୀ ଦିନରେ ନ ବିକିବା ନେଇ ତାଗିଦ କରାଯାଇଛି ବୋଲି ଥାନା ଅଧିକାରୀ ଉଲ୍ଲାସ ଚନ୍ଦ୍ର ରାଉତ ପ୍ରକାଶ କରିଛନ୍ତି ।

# ଶିକ୍ଷକ ବିନୋଦଙ୍କୁ ମୁଖ୍ୟମନ୍ତ୍ରୀ ଶିକ୍ଷକ ପୁରସ୍କାର



ମୁନିଗୁଡ଼ା,୬।୯ (ସମିସ): ଗୁରୁ ଦିବସରେ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଛନ୍ତି ଅମ୍ବାଦଳା ମାଟିର ସୁନା ପୁଅ ଶିକ୍ଷକ ବିନୋଦ ବାତ୍ରା ।କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ ଉଚ୍ଚ ବିଦ୍ୟାଳୟରେ ଶିକ୍ଷକ ଭାବେ କାର୍ଯ୍ୟରତ ବିନୋଦ ବାତ୍ରା ଏହି ପୁରସ୍କାର ପାଇଁ ମନୋନୀତ ହୋଇଥିବା ବେଳେ ଲୋକସଭା ଭବନ ଭୁବନେଶ୍ୱରରେ ଆୟୋଜିତ ଏକ ସମାରୋହରେ ମୁଖ୍ୟମନ୍ତ୍ରୀ ଏହି ସମ୍ମାନ ପ୍ରଦାନ କରିଛନ୍ତି । ଏହି ପୁରସ୍କାର ସ୍ୱରୂପ ତାଙ୍କୁ ୪୦ ହଜାର ଟଙ୍କା ଓ ମାନପତ୍ର ସହିତ ସମ୍ବର୍ଦ୍ଧନା କରାଯାଇଥିଲା ଓ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କ ସମେତ ଶିକ୍ଷା ମନ୍ତ୍ରୀ, ଶିକ୍ଷା ବିଭାଗ କମିଶନର, ଓସେପା ଡାଇରେକ୍ଟରଙ୍କ ସମେତ ବହୁ ଅଧିକାରୀ ଉପସ୍ଥିତ ଥିଲେ । ଏଥିପାଇଁ ଅଞ୍ଚଳବାସୀ ଓ ଛାତ୍ରଛାତ୍ରୀଙ୍କ ମହଲରୁ ଶିକ୍ଷକ ଶ୍ରୀ ବାତ୍ରାଙ୍କୁ ଅଭିନନ୍ଦନ ଓ ଶୁଭକାମନା ଜଣାଯାଇଛି । ସୂଚନା ଥାଉକି, ଶିକ୍ଷକ ଶ୍ରୀ ବାତ୍ରା ପୂର୍ବ ବର୍ଷ ଶ୍ରେଷ୍ଠ ୧୦ ଜଣଙ୍କ ମଧ୍ୟରେ ଷଷ୍ଠ ସ୍ଥାନରେ ରହିଥିବା ବେଳେ ଚଳିତ ଶିକ୍ଷା ବର୍ଷରେ ପ୍ରଥମ ସ୍ଥାନ ଅଧିକାର କରି ରାଜ୍ୟର ସର୍ବ ଶ୍ରେଷ୍ଠ ସାମାଜିକ ବିଜ୍ଞାନ ଶିକ୍ଷକ ଭାବେ ଏହି ପୁରସ୍କାର ପାଇବାର ଗୌରବ ଅର୍ଜନ କରିଛନ୍ତି । ଶ୍ରୀ ବାତ୍ରା ରାୟଗଡ଼ା ଜିଲ୍ଲା ମୁନିଗୁଡ଼ା ବ୍ଲକ ଅମ୍ବାଦଳା ଗ୍ରାମର ହୋଇଥିବା ବେଳେ ସେ କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ ଉଚ୍ଚ ବିଦ୍ୟାଳୟରେ ଶିକ୍ଷକତା କରନ୍ତି । ଅପହଞ୍ଚ ଅଞ୍ଚଳରେ ପାଠପଢ଼ା ଛାଡିଥିବା ପାଖାପାଖି ଅର୍ଦ୍ଧଶତକ ପିଲାଙ୍କୁ ବିଗତ ତିନିବର୍ଷରେ ପୁନଶ୍ଚ ଶିକ୍ଷାର ମୁଖ୍ୟସ୍ରୋତରେ ସାମିଲ କରିବାରେ ସେ ସଫଳ ହେବା ସହ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଁ ଯୋଗ୍ୟତା ହାସଲ କରିଛନ୍ତି ।

# ଗଜଲକ୍ଷ୍ମୀ ପୂଜା ପାଇଁ ଶୁଭଖୁଣ୍ଟି ସ୍ଥାପନ

ରାୟଗଡ଼ା,୬।୯ (ସମିସ ): ରାୟଗଡ଼ା ସହରର ରାମକୃଷ୍ଣ ନଗରଠାରେ ଅକ୍ଟୋବର ୬ ତାରିଖରୁ ୧୬ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଗଜଲକ୍ଷ୍ମୀ ପୂଜା ନିମନ୍ତେ ରାମକୃଷ୍ଣ ନଗର ଗଜଲକ୍ଷ୍ମୀ ପୂଜା କମିଟି ପକ୍ଷରୁ ଶୁକ୍ରବାର ଶୁଭ ଖୁଣ୍ଟି ସ୍ଥାପନ କରାଯାଇଛି । ଶୁକ୍ରବାର ସକାଳ ୮ଟାରେ କମିଟି ସଭାପତି ରାଜକିଶୋର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଉପସଭାପତି ତପନ ମହାଲିକ, ସମ୍ପାଦକ ବିପିନ ବିହାରୀ ବିଶ୍ୱାଳ, ସଚ୍ଚିଦାନନ୍ଦ ଖାଡ଼ଙ୍ଗା, ଜି. ବାପି, ଭବାନୀ ଶଙ୍କର ଜେନା ଓ ସୁନୀଲ ପାଢ଼ୀଙ୍କ ସମେତ ସମସ୍ତ କର୍ମକର୍ତ୍ତାଙ୍କ ଉପସ୍ଥିତିରେ ଶୁଭଖୁଣ୍ଟି ସ୍ଥାପନ କରାଯାଇଥିଲା ।

# ଦିବଂଗତ ପୁରାତନ ଛାତ୍ରଙ୍କ ପାଇଁ ଶ୍ରଦ୍ଧାଞ୍ଜଳି ସଭା



ଗୁଣପୁର,୬।୯ (ସମିସ): ସ୍ଥାନୀୟ ସରକାରୀ ଶତାୟୁ ଉଚ୍ଚ ବିଦ୍ୟାଳୟର ୬ ଜଣ ପୁରାତନ ଛାତ୍ରଙ୍କ ବିୟୋଗ ଘଟିଥିବା ବେଳେ ଆଜି ସେହି ସମସ୍ତଙ୍କ ଉଦ୍ଦେଶ୍ୟରେ ବିଦ୍ୟାଳୟ ପରିସରରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି । ପୁରାତନ ଛାତ୍ର ସଂସଦର ସମ୍ପାଦକ ଡଃ ଚନ୍ଦ୍ରଧ୍ୱଜ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସହରର ବିଭିନ୍ନ ବୟସର ବହୁ ପୁରାତନ ଛାତ୍ର ଏକାଠି ହୋଇଥିଲେ । ଦ୍ୱୀପ ପ୍ରଜ୍ୱଳନ କରି ପୁଷ୍ପମାଲ୍ୟାର୍ପଣ ସହ ନିରବ ପ୍ରାର୍ଥନା କରି ସାମୁହିକ ଭାବେ ଦିବଙ୍ଗତମାନଙ୍କ ଆତ୍ମାର ସଦ୍‌ଗତି କାମନା କରିଥିଲେ । ଅବସରପ୍ରାପ୍ତ ବିଡ଼ିଓ ସୁବାସ ଚନ୍ଦ୍ର ସାହୁ, ଅବସରପ୍ରାପ୍ତ ମଙ୍ଗଳ ସଂପ୍ରସାରଣ ଅଧିକାରୀ ହରିଶ୍ଚନ୍ଦ୍ର ପଣ୍ଡା, କଂଗ୍ରେସ ନେତା ବେଲାଣା ୱାସୁ, ଅବସରପ୍ରାପ୍ତ ଶିକ୍ଷକ ନିଳକଣ୍ଠ ଶତପଥି, ସାହିତ୍ୟିକ ନରସିଂହ ପ୍ରଶାଦ ଦାସ ଓ ଅବସରପ୍ରାପ୍ତ ଭାରତୀୟ ସେନାର ଯବାନ ମନୋରଞ୍ଜନ ରଥଙ୍କ ଉଦେଶ୍ୟରେ ଆଜିର ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା । ସଭା ଶେଷରେ ପ୍ରଧାନ ଶିକ୍ଷକ ହେମାନନ୍ଦ ବରିହା ବିଦ୍ୟାଳୟର କେତେକ ସମସ୍ୟାର ସମାଧାନ ପାଇଁ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ଆଲୋକପାତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପୌର ଉପାଧ୍ୟକ୍ଷ ଶିବ ପ୍ରସାଦ ଗୌଡ, ବରିଷ୍ଠ ଆଇନଜୀବୀ ଉମା ଚରଣ ପଟ୍ଟନାୟକ, ସମାଜସେବୀ ଅକ୍ଷୟ ଦାସ, ଅବସରପ୍ରାପ୍ତ ଶିକ୍ଷକ କୈଳାସ ଦାଶ, ନୀଳମାଧବ ପାଢ଼ି, ରାଜେନ୍ଦ୍ର ନାୟକ, ରାମ ପଟ୍ଟନାୟକ, ଶୁରେସ ପାଢି, ଅବସରପ୍ରାପ୍ତ ଇଂଜିନିୟର ଲାଡି ରମେଶ, ଏସ୍. ରାମାରାଓ, ଆଇନଜୀବୀ ଏସ୍ ବାବା ପ୍ରଶାଦ, ଗୋପାଳ ପଡିହାରୀ, ଉମା ଦାସ, ମୁନା ପାଣି, ଅନିଲ ସାଉକାର, ମିଲି ପାଢି, ମୁନା ପାଢି, ଚିନାରୀ ଶ୍ରୀନିବାସ ରାଓ, ଶତିସ କୁମାର, ରବି କୁମାର, ଦୀପୁ ପଟ୍ଟନାୟକ, ରାମ ପଣ୍ଡା, ସଂଜୀବ ପଟନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

## ପାଦୁକାପାଡୁ ଗାଁରେ ପାନୀୟ ଜଳ ସଙ୍କଟ

# ଝରଣା ପାଣି ଉପରେ ନିର୍ଭର ଗ୍ରାମବାସୀ



ରାୟଗଡ଼ା,୬।୯ (ସମିସ): ପାଦୁକାପାଡୁ ଗାଁରେ ପାନୀୟ ଜଳ ସଙ୍କଟ । ଗତ ୩ ସପ୍ତାହରୁ ଅଧିକ ସମୟ ଧରି ଏହା ଲାଗି ରହିଥିବା ବେଳେ ଦିନକୁ ଦିନ ଏହି ସମସ୍ୟା ଗମ୍ଭୀର ହୋଇପଡିଛି । ଗ୍ରାମରେ ଘରକୁ ଘର ପାଇପ୍ ଯୋଗେ ପାନୀୟ ଜଳ ବ୍ୟବସ୍ଥା ନ ଥିବା ବେଳେ ଥିବା ଗୋଟିଏ ନଳକୂପ ଅଚଳ ହୋଇପଡିଛି । ଫଳରେ ପିଇବା ପାଣି ପାଇଁ ଗ୍ରାମବାସୀ ଦୁଃଖ ଭୋଗିବା ସହ ଅନ୍ୟ ବିକଳ୍ପ ନ ପାଇ ଗାଁଠାରୁ ଜଙ୍ଗଲ ପାହାଡିଆ ରାସ୍ତା ଦେଇ ପ୍ରାୟ ୧କିମି ଦୂର ବାଟରେ ଥିବା ଏକ ଝରଣା ପାଣି ଉପରେ ନିର୍ଭର କରୁଛନ୍ତି । ସାମାନ୍ୟ ବର୍ଷା ହେଲେ ଏହି ଝରଣା ପାଣି ଗୋଳିଆ ଅପରିଷ୍କାର ପାଣିରେ ପରିଣତ ହେଉଥିବା ବେଳେ ଏହାକୁ ଗ୍ରାମବାସୀ ପାନୀୟ ଜଳ ଭାବେ ବ୍ୟବହାର କରି ଚର୍ମରୋଗ, ଜ୍ୱର ଓ ଅନ୍ୟାନ୍ୟ ଜଳଜନିତ ରୋଗରେ ପୀଡିତ ହେଉଥିବା ଗ୍ରାମର ଶାନ୍ତି ମିଣିଆକା, ରାଜ ପିଡିକା,ଜିଆ ମିଣିଆକା, ପୁନି ମଣିଆକା, ଜାମାଲୁ ମିଣିଆକା ପ୍ରକାଶ କରିଛନ୍ତି । ରାୟଗଡ଼ା ଜିଲ୍ଲା ସଦର ବ୍ଲକ ତାଡମା ଗ୍ରାମପଞ୍ଚାୟତ ଅନ୍ତର୍ଗତ ପାଦୁକାପାଡୁ ଗାଁରେ ଦେଖାଦେଇଛି ପାନୀୟ ଜଳସଙ୍କଟ । ଏହି ଗ୍ରାମରେ ୨୭ ଘର ଆଦିବାସୀ ପରିବାର ରହୁଛନ୍ତି । ଗାଁରେ ପୂର୍ବରୁ ୨ଟି ନଳକୂପ ରହିଥିବା ବେଳେ ଗୋଟିଏ ଆରମ୍ଭ ଦିନରୁ ଅଚଳ ହୋଇପଡିଥିବା ବେଳେ ଅନ୍ୟଟି ବ୍ୟବହାର ଉପଯୋଗୀ ହୋଇଥିଲେ ମଧ୍ୟ ଦୀର୍ଘ ବର୍ଷରୁ ମରାମତି ଅଭାବରୁ ଆବଶ୍ୟକ ଅନୁଯାୟୀ ପାନୀୟ ଜଳ ନିର୍ଗତ ହେଉନାହିଁ ବୋଲି ଗ୍ରାମବାସୀ କହିଛନ୍ତି । ଗତ ୩ ସପ୍ତାହରୁ ଉର୍ଦ୍ଧ ସମୟ ଧରି ଗାଁର ନଳକୂପ ଅଚଳ ହୋଇପଡିଥିବା ବେଳେ ଅଭିଯୋଗ ସ୍ୱତେ କୌଣସି ସୁଫଳ ମିଳୁ ନ ଥିବାରୁ ଗାଁ ଠାରୁ କିଲୋମିଟର ଦୂରରେ ଥିବା ଅପରିଷ୍କାର ଝରଣା ପାଣି ଉପରେ ନିର୍ଭର କରି ଭୋର ସକାଳୁ ଗାଁର ମହିଳାମାନେ ଓ ଶିଶୁମାନେ ଚାଲି ଚାଲି ଯାଇ ବାଲଟି, ଘଗରା, ମଟକା, ହାଣ୍ଡି ନେଇ ବାଧ ହୋଇ ପାଣି ଆଣୁଛନ୍ତି ବୋଲି ଗ୍ରାମର କାଦା ହୁଇକା, କବିର ହୁଇକା, ଲାଚି ହୁଇକା,ପାଇକେଣି ମେଲେକା,ଦିୱାଡ ପିଡିକା,କାମସୋରି ମିଣିଆକା ଓ ଅନ୍ୟମାନେ ପ୍ରକାଶ କରିବା ସହ ତୁରନ୍ତ ଗାଁରେ ପାନୀୟ ଜଳ ସମସ୍ୟାର ସମାଧାନ ପାଇଁ ଏବଂ ପାଇପ୍ ଲାଇନ ଯୋଗେ ଘରକୁ ଘର ପାନୀୟ ଜଳ ଯୋଗାଣ ବ୍ୟବସ୍ଥା କରିବା ପାଇଁ ଦାବି କରିଛନ୍ତି । ଏ ନେଇ ସ୍ଥାନୀୟ ତାଡ଼ମା ଗ୍ରାମ ପଞ୍ଚାୟତ ସରପଞ୍ଚ ସୋମନାଥ ଜାକକାଙ୍କ ପ୍ରତିକ୍ରିୟା ନେବାରୁ ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ ଗ୍ରାମ୍ୟ ଜଳ ଯୋଗାଣ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଯାଇଛି । ପାଦୁକାପାଡୁ ଗାଁରେ ପାନୀୟ ଜଳ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଉଦ୍ୟମ କରାଯାଉଛି ବୋଲ କହିଛନ୍ତ ।

# ରାଜନୀତି ବିଜ୍ଞାନ ବିଭାଗର ଆଲୋଚନା ଚକ୍ର

ବିଷମ କଟକ,୬।୯ (ସମିସ): ରାୟଗଡ଼ା ଜିଲ୍ଲା ବିଷମ କଟକ ବ୍ଲକ୍‌ର ସ୍ଥାନୀୟ ମା' ମାର୍କମା ଯୁକ୍ତ ତିନି ମହାବିଦ୍ୟାଳୟ ପରିସରରେ ରାଜନୀତି ବିଜ୍ଞାନ ବିଭାଗ ପକ୍ଷରୁ ପାଠ୍ୟଚକ୍ର ତଥା ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି । "ପ୍ରସ୍ତାବନା ଭାରତ ସମ୍ବିଧାନର ଆତ୍ମା ସଦୃଶ୍ୟ' ଶୀର୍ଷକ ଆଲୋଚନା ଚକ୍ରକୁ ପରିଚଳନା କରିଥିଲେ ରାଜନୀତି ବିଜ୍ଞାନ ବିଭାଗର ଛାତ୍ର ବିକାଶ ୱାଡକା । ମା' ମାର୍କମା ମହାବିଦ୍ୟାଳୟ ଅନୁଷ୍ଠାନର ଅଧ୍ୟକ୍ଷ ଡକ୍ଟର ଅଶ୍ୱିନୀ କୁମାର ପଣ୍ଡା ଏହାକୁ ଶୁଭାରମ୍ଭ କରିବା ସହ ପ୍ରସ୍ତାବନାର ଇତିହାସକୁ ଆଲୋଚନା କରିଥିଲେ । ଆଲୋଚନାଚକ୍ରର ମୁଖ୍ୟବକ୍ତା ଥିଲେ ଯୁକ୍ତ ଦୁଇ ରାଜନୀତି ବିଜ୍ଞାନ ଅଧ୍ୟାପକ ଚକ୍ରଧର କରକୋରିଆ । ସେ ସମ୍ବିଧାନରେ ପ୍ରସ୍ତାବନାର ଗୁରୁତ୍ୱ ବିଷୟରେ ଆଲୋଚନା କରିଥିଲେ । ବିଭାଗର ମୁଖ୍ୟ ନିରଞ୍ଜନ ପାଢ଼ୀ ପ୍ରସ୍ତାବନାର ଅର୍ଥକୁ ଛାତ୍ରଛାତ୍ରୀଙ୍କୁ ବୁଝାଇ ଥିଲେ । ସେହିପରି ଅଧ୍ୟାପକ ୱିନନ୍ତ ଡଙ୍ଗ୍ରି ସମ୍ବିଧାନରେ ପ୍ରସ୍ତାବନାର ଆଶା କିପରି ପରିଲକ୍ଷିତ ହୁଏ ତାହା ବର୍ଣ୍ଣନା କରିଥଲେ । ଯୁକ୍ତ ତିନି ଦ୍ୱିତୀୟ ବର୍ଷ ଛାତ୍ର ପ୍ରଶାନ୍ତ ହିକାକା, ଯୁକ୍ତ ତିନିର ପ୍ରଥମବର୍ଷ ଛାତ୍ର ବସନ୍ତ ଟାକ୍ରି, ଫିରୋଜ ନାଲା ଓ ଛାତ୍ରୀ ନମିତା କୁସୁଲିଆ ପାଠଚକ୍ରକୁ ଉପସ୍ଥାପନା କରିଥିଲେ ।

# ପୂଜାରୀବମ୍ପୁ ଗାଁରେ ପହଞ୍ଚି ସମସ୍ୟା ଶୁଣିଲେ ବିଧାୟକ



> ପକ୍କା ରାସ୍ତା ପାଇଁ ପ୍ରସ୍ତାବ ଦେବାକୁ ଦେଲେ ପ୍ରତିଶ୍ରୁତି
> ଅଣ୍ଟାଏ ପାଣିରେ ନାଗାବଳୀ ନଦୀ ପାର ହୋଇ ଫେରିଲେ

ରାୟଗଡ଼ା,୬।୯ (ସମିସ): ରାୟଗଡ଼ା ନିର୍ବାଚନ ମଣ୍ଡଳୀର ବିଧାୟକ କାଡ୍ରକା ଆପଲାସ୍ୱାମୀ ଆଜି ରାୟଗଡ଼ା ବ୍ଲକ୍ ସଦର ମହକୁମା ଠାରୁ ମାତ୍ର ୮କିମି ଦୂର ବାଇସିଂ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ପୂଜାରୀବମ୍ପୁ ଗାଁକୁ ଗସ୍ତ କରିଥିଲେ। ଗ୍ରାମବାସୀଙ୍କ ନିବେଦନ ପରେ ଆଜି ସକାଳେ ବିଧାୟକ ଶ୍ରୀ କାଡ୍ରକା ଗାଁ ଅଭିମୁଖେ ବାହାରିଥିଲେ। ଗାଁକୁ ଯିବା ପାଇଁ ପକ୍କା ରାସ୍ତା ନ ଥିବାରୁ କାଦୁଅ ପଚପଚ ଓ ଖାଲଢିପ ମାଟି ରାସ୍ତାରେ ତାଙ୍କ ବୋଲେରୋ ଗାଡି ଯିବା ସମ୍ଭବ ପର ହୋଇ ନ ଥିବାରୁ ସେଠାରୁ ସ୍ଥାନୀୟ ଯୁବକଙ୍କ ସହଯୋଗରେ ମୋଟର ସାଇକେଲ ଯୋଗେ କିଛି ବାଟ ଯାଇଥିଲେ। ପରେ କାଦୁଅ ରାସ୍ତା ଯୋଗୁଁ ମୋଟର ସାଇକେଲ ମଧ୍ୟ ଆଗକୁ ଯାଇ ପାରି ନ ଥିବାରୁ ସେଠାରୁ ସେ ଦୀର୍ଘ ୫କିମି ଦୂର ରାସ୍ତା ଚାଲି ଚାଲି ଯାଇ ଗ୍ରାମରେ ପହଞ୍ଚିଥିଲେ। ସେଠାରେ ଗ୍ରାମବାସୀ ବିଧାୟକଙ୍କୁ ଗ୍ରାମର ମୌଳିକ ସମସ୍ୟା ବିଷୟରେ କହିବା ସହ ଦୈନନ୍ଦିନ ଯାତାୟାତରେ ଭୋଗୁଥିବା ସମସ୍ୟା ସମ୍ବନ୍ଧରେ ପ୍ରକାଶ କରିଥିଲେ। ଏହି ପୂଜାରୀବମ୍ପୁ ଗାଁରେ ୭୦ଟି ପରିବାର ବସବାସ କରୁଥିବା ବେଳେ ଗାଁରେ ଅନେକ ସମସ୍ୟା ଲାଗି ରହିଥିବା ବିଧାୟକ ଜାଣିବାକୁ ପାଇଥିଲେ। ଗାଁକୁ ଯିବା ପାଇଁ ନାଗାବଳୀ ନଦୀ ବାଟ ଓଗାଳୁଥିବା ବେଳେ କାଦୁଅ ପଚପଚ ରାସ୍ତା ପାହାଡିଆ ରାସ୍ତା ଗାଁର ବିକାଶରେ ବାଧକ ସାଜିଛି। ଗାଁର ଗର୍ଭବତୀ ମହିଳା,ରୋଗୀ,ବୟସ୍କମାନେ ଏହି ରାସ୍ତା ଦେଇ କିଭଳି ଯାତାୟାତ କରୁଥିବେ ବିଧାୟକ ହୃଦୟଙ୍ଗମ କରିବା ସହ ଯଥାଶୀଘ୍ର ଏନେଇ ସ୍ଥାନୀୟ ପ୍ରଶାସନ ଏବଂ ସରକାରଙ୍କ ସହ ଆଲୋଚନା କରି ଗାଁକୁ ରାସ୍ତାଟିଏ ସଂଯୋଗ କରିବାକୁ ପରାମର୍ଶ ଦେବି ବୋଲି ଗ୍ରାମବାସୀଙ୍କୁ ଆଶ୍ୱସନା ଦେଇଥିଲେ। ପରେ ଗାଁକୁ ଯିବା ରାସ୍ତାରେ ଫେରିବା ସମ୍ଭବପର ହୋଇ ନ ଥିବାରୁ ପୁଣି ୬ କିମି ବାଟ ଚାଲି ଚାଲି ଅଣ୍ଟାଏ ପାଣିରେ ନାଗାବଳୀ ନଦୀ ଗର୍ଭରେ ପଶି ନଦୀ ପାର ହୋଇ ରାୟଗଡ଼ାକୁ ଫେରିଥିଲେ। ବିଧାୟକଙ୍କ ଏଭଳି କର୍ତବ୍ୟ ଓ ଦାୟିତ୍ୱକୁ ଗ୍ରାମବାସୀମାନେ ଭୂୟସୀ ପ୍ରଶଂସା କରିବା ସହ ଆଗାମୀ ଦିନରେ ଗାଁର ବିକାଶ ପାଇଁ ରାସ୍ତା ସଂଯୋଗର ପ୍ରତିଶୃତି ପାଇ ଖୁସିବ୍ୟକ୍ତ କରିଥିବା ଗ୍ରାମବାସୀମାନେ କହିଛନ୍ତି।

# ବନ ବିଭାଗ ପକ୍ଷରୁ 'ମା' ପାଇଁ ଗଛଟିଏ' ସଚେତନତା ରଥ ଉଦ୍‌ଘାଟିତ



କୋରୁକୋଣ୍ଡା,୬।୯ (ସମିସ): ମାଲକାନଗିରି ଜିଲ୍ଲା ବାଲିମେଲା ବନ ବିଭାଗ ପକ୍ଷରୁ ଜିଲ୍ଲା ସହକାରୀ ବନ ସଂରକ୍ଷକ ପ୍ରିୟଙ୍କା ମହୁକାଙ୍କ ତତ୍ତ୍ୱାବଧାନରେ ଏବଂ ବାଲିମେଲା ବନାଞ୍ଚଳ ଅଧିକାରୀ ଲିପ୍ସିତା କଅଁରଙ୍କ ନେତୃତ୍ୱରେ ଏକ ପେଡ ମା' କେ ନାମ ସଚେତନତା ରଥ ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲଙ୍କ କର କମଳରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଉଦଘାଟନୀ ଉତ୍ସବରେ ବନପାଳ ମୋହନ ଗୁଡିଆ, ଶ୍ରୀଚନ୍ଦ୍ର ମାଝୀଙ୍କ ସମେତ ବନରକ୍ଷୀ ପ୍ରଶାନ୍ତ କୁମାର ରାଉତ, ସୁପ୍ରଭା ଦାସ, ଜ୍ୟୋତ୍ସ୍ନାରାଣୀ ପଣ୍ଡାଙ୍କ ସମେତ ବିଭାଗର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ବାଲିମେଲା ବନାଞ୍ଚଳ ପକ୍ଷରୁ କୋରୁକୋଣ୍ଡା ବ୍ଲକ୍ ଅଧିନସ୍ତ ସମସ୍ତ ପଞ୍ଚାୟତରେ ଆଜି ଠାରୁ ଚାରା ଯୋଗାଇ ଦିଆଯିବା ସହ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ନେତୃତ୍ୱରେ ପଞ୍ଚାୟତର ବିଭିନ୍ନ ଅଞ୍ଚଳରେ ବୃକ୍ଷ ରୋପଣ କରାଯିବ। ଆସନ୍ତା ସେପ୍ଟେମ୍ବର ମାସ ୧୭ ତାରିଖ ଦିନ ବନ ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ସମୂହ ଚାରାରୋପଣ କାର୍ଯ୍ୟକ୍ରମ କରାଯିବା ସହିତ ବିଭିନ୍ନ ପ୍ରକାର ଫଳ ଓ ଔଷଧିୟ ବୃକ୍ଷ ରୋପଣ କରାଯିବାକୁ ବିଭାଗ ପକ୍ଷରୁ ସ୍ଥିର କରାଯାଇଛି ବୋଲି ବନାଞ୍ଚଳ ଅଧିକାରୀ ଶ୍ରୀମତୀ କଅଁର କହିଛନ୍ତି।

# ସମାଜ ନିର୍ମାଣର ହେଉଛନ୍ତି ଗୁରୁ : ବିକେ ନମିତା



ନବରଙ୍ଗପୁର,୬।୯ (ସମିସ): ନବରଙ୍ଗପୁର ଏଲ୍‌ଆଇସି କଲୋନୀ ସ୍ଥିତ ବ୍ରହ୍ମା କୁମାରୀ ଆଶ୍ରମ ପରିସରରେ ଶୁକ୍ରବାର ରାତ୍ରରେ ମହାଆଡ଼ମ୍ବରରେ ଗୁରୁ ଦିବସ ପାଳନ କରାଯାଇଛି। ଏହି ଅବସରରେ ଜିଲ୍ଲା ମଙ୍ଗଳ ଅଧିକାରୀ ରବୀନ୍ଦ୍ର କୁମାର ପାଲକା ମୁଖ୍ୟଅତିଥି ରୂପେ ଯୋଗଦେଇଥିବା ବେଳେ ମୁଖ୍ୟ ବକ୍ତା ଭାବରେ ନବରଙ୍ଗପୁର ସେବାକେନ୍ଦ୍ର ସଞ୍ଚାଳିକା ବ୍ରହ୍ମା କୁମାରୀ ନମିତା ଦିଦି ଯୋଗଦେଇଥିଲେ। ଶିକ୍ଷା ଅର୍ଥ ସର୍ବାଙ୍ଗୀନ ବିକାଶ। ସମାଜ ନିର୍ମାଣର କର୍ଣ୍ଣଧାର ଗୁରୁ ଅଟନ୍ତି। ସମାଜ ନିର୍ମାଣର ସ୍ଥାନ ସଂସଦ ନୁହେଁ କ୍ଲାସ ରୁମ୍। ବର୍ତ୍ତମାନ ସମାଜରେ ଛାତ୍ରମାନଙ୍କର ମାନସିକ ପରିବର୍ତ୍ତନ ନିମନ୍ତେ ଭୌତିକ ଶିକ୍ଷା ସହ ଆଧ୍ୟାତ୍ମିକ ଶିକ୍ଷା ଅତ୍ୟନ୍ତ ଜରୁରୀ ଅଟେ ବୋଲି ସେ ମତ ବ୍ୟକ୍ତ କରିଥିଲେ। ଏହି ଅବସରରେ ସମ୍ମାନୀତ ଅତିଥି ଭାବରେ ଡ଼ାଏଟ୍‌ର ଅଧ୍ୟକ୍ଷ ଓଁ କାର ପଟ୍ଟନାୟକ, ପାପଡ଼ାହାଣ୍ଡି ଓ ତେନ୍ତୁଳିଖୁଣ୍ଟି ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଦୀପ୍ତ କୁମାର ଦାଶ, ନବରଙ୍ଗପୁର ଓ ନନ୍ଦାହାଣ୍ଡି ଗୋଷ୍ଠୀ ଶିକ୍ଷା ଅଧିକାରୀ ଶ୍ରୀକାନ୍ତ ଜାନି ପ୍ରମୁଖ ଯୋଗଦେଇ ଗୁରୁର ପରିଭାଷା ଅର୍ଥାତ୍ ଅନ୍ଧକାରରୁ ଆଲୋକ ନେବା ଦିଗରେ ଗୁରୁଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଟେ ବୋଲି କହିଥିଲେ। କାର୍ଯ୍ୟକ୍ରମ ପାଳନ ଅବସରରେ ବ୍ରହ୍ମା କୁମାରୀ ରାକ୍ଷୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ବିକେ ସୁରେଶ , ବିକେ ବିଜୟ, ବିକେ ବିଦ୍ୟା, ବିକେ ଅଭିଜିତ, ବିକେ କାହ୍ନା, ବିକେ ବିଷ୍ଣୁ , ବିକେ ଅନିତା, ବିକେ ସରବେଶ୍ୱର, ବିକେ ସୁନୀଲ, ବିକେ କପିଳ ପ୍ରମୁଖଙ୍କ ସମେତ ବହୁ ବ୍ରହ୍ମ କୁମାର ଏବଂ ବ୍ରହ୍ମ କୁମାରୀ ଭାଇ ଭଉଣୀ ଉପସ୍ଥିତ ରହି ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରାୟ ୧୦୦ରୁ ଉର୍ଦ୍ଧ୍ୱ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ।

# ଉନ୍ନୟନ କାର୍ଯ୍ୟ ବୁଲି ଦେଖିଲେ ଜିଲ୍ଲାପାଳ



ମାଲକାନଗିରି,୬।୯ (ସମିସ): ଆଜି ମାଲକାନଗିରି ପୌର ପରିଷଦ ଅନ୍ତର୍ଗତ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ବୁଲି ଦେଖିଛନ୍ତି ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ। ପୌର ପରିଷଦ ଅଧୀନରେ ଥିବା ଆଦର୍ଶ ଶ୍ମଶାନ, ନୂତନ ଭାବେ ଲୋକାର୍ପଣ ହୋଇଥିବା ବହୁମୁଖୀ ହଲ୍, ପ୍ରଧାନୀଗୁଡାଠାରେ ଥିବା ପୋଖରୀ ଓ ଫିକଲ୍ ସ୍ଲଡଜ୍ ଟ୍ରିଟମେଣ୍ଟ ପ୍ଲାଣ୍ଟ ବୁଲି ଦେଖିବା ସହ ପ୍ରକଳ୍ପ ଗୁଡ଼ିକର ଉପଯୁକ୍ତ ରକ୍ଷଣାବେକ୍ଷଣ ହେଉଛି ନା ନାହିଁ ତଦାରଖ କରିଥିଲେ ଜିଲ୍ଲାପାଳ। ଏହି ଅବସରରେ ଆବଶ୍ୟକ ଥିବା ସମସ୍ତ ପ୍ରକଳ୍ପ ଭିତ୍ତିଭୂମିର ଉନ୍ନତିକରଣ ପାଇଁ ପୌରପାଳିକା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଜିଲ୍ଲାପାଳ। ଆଜିର ଏହି ପରିଦର୍ଶନରେ ପୌର ପରିଷଦ ନିର୍ବାହୀ ଅଧିକାରୀ ରାଜୀବ ଲୋଚନ ନାୟକ, ପୌର ପରିଷଦ ଯନ୍ତ୍ରୀ ଇନ୍ଦୁ ମାଧବ ସରକାର୍, ପୌର ପରିଷଦ କନିଷ୍ଠ ଯନ୍ତ୍ରୀ ପଦ୍ମନାଭ ବେଟି, ମାଲକାନଗିରି ବ୍ଲକ୍ ସହାୟକ ଯନ୍ତ୍ରୀ ଅଭିଜିତ ସେଠୀ, ଯନ୍ତ୍ରୀ ସରୋଜ ସାମନ୍ତରାୟ, ରାସ୍ତା ଓ କୋଠାବାଡ଼ି-୧ ନିର୍ବାହୀ ଯନ୍ତ୍ରୀ ସୁଜାତା ଦିଶାରି ଏବଂ ମାଲକାନଗିରି ସିଡିପିଓ ଉପସ୍ଥିତ ଥିଲେ।

# ରଶି ଲଗାଇ ଆତ୍ମହତ୍ୟା

ପଡିଆ,୬।୯ (ସମିସ): ମାଲକାନଗିରି ଜିଲ୍ଲା ପଡ଼ିଆ ବ୍ଲକ ଅନ୍ତର୍ଗତ ଏମପିଭି- ୬୬ ଗ୍ରାମରେ ଘର ଭିତରେ ବେକରେ ରଶି ଲଗାଇ ୪୦ ବର୍ଷୀୟ ବ୍ୟକ୍ତି ଆତ୍ମହତ୍ୟା କରିଥିବା ଦେଖିବାକୁ ମିଳିଛି। ମୃତ ବ୍ୟକ୍ତି ଜଣଙ୍କ ହେଲେ ମିପେନ ମିସ୍ତ୍ରୀଙ୍କ ପୁତ୍ର ବାସୁଦେବ ମିସ୍ତ୍ରୀ (୪୦)। ମୃତ୍ୟୁର ଖବର ପାଇ ପଡ଼ିଆ ପୁଲିସ ପହଞ୍ଚି ଶବ ଜବତ କରିଥିଲେ। ସୂଚନାମୁତାବକ ସାଇଣ୍ଟିଫିକ୍ ଟିମ ଦତନ୍ତ ପରେ ପୁଲିସ ଶବ ଉଦ୍ଧାର କରି ଏକ ଅପମୃତ୍ୟୁ ମାମଲା କେଶ ନମ୍ବର ୧୯/୨୫ରେ ରୁଜୁ କରି ଶବ ବ୍ୟବଛେଦ ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରିଥିବା ଜଣାପଡିଛି।

# ଗୁରୁଦିବସରେ ଗୁରୁଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ଲକ୍ଷ୍ମୀପୁର,୬।୯ (ସମିସ): କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ସଦର ମହକୁମା ସ୍ଥିତ ବାସନ୍ତୀ କଲ୍ୟାଣ ମଣ୍ଡପ ଠାରେ ଗୁରୁ ଦିବସରେ ୧୨ ଜଣ ଗୁରୁଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏଥିରେ ଗୋଷ୍ଠୀ ଶିକ୍ଷାଧିକାରୀ ରିତା ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ରାଜ୍ୟ ଶିକ୍ଷକ ସଙ୍ଘର ଉପସଭାପତି ସୁରେନ୍ଦ୍ର କୁଲଦୀପ, କୋରାପୁଟ ଜିଲ୍ଲା ଶିକ୍ଷକ ସଙ୍ଘ ସଭାପତି ତ୍ରିନାଥ ହରିଜନ, ଉପସଭାପତି ବୈଜନ୍ତିମଳା ଖୋସ୍ଲା, ଜିଲ୍ଲା ଶିକ୍ଷକ ସଙ୍ଘ ସମ୍ପାଦକ ରାଜେନ୍ଦ୍ର ସାହୁ, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ବିଭୂତି ଭୂଷଣ ଟାକ୍ରି, ନାରାୟଣପାଟଣା ପୂର୍ବତନ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ସୂର୍ଯ୍ୟନାରାୟଣ ପାଇରାପୁ, ପ୍ରଦୀପ କୁମାର ଲିମା ଥିଲେ। ଲକ୍ଷ୍ମୀପୁର ବ୍ଲକ୍ ଶିକ୍ଷକ ସଂଘର ସଭାପତି ଦୟାନିଧି ଗରଡା, ସଂପାଦକ ତ୍ରିନାଥ ମହାପାତ୍ର ମଞ୍ଚାସୀନ ଥିଲେ। ଏହା ଲକ୍ଷ୍ମୀପୁର ବ୍ଲକ୍ ଶିକ୍ଷକ ସଂଘ ପକ୍ଷରୁ ଏହି ସଭା ଆୟୋଜନ କରାଯାଇଥିଲା। ଏହି ଅବସରରେ ଅବସରଗ୍ରହଣ କରିଥିବା ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଅବସର ନେଇଥିବା ଶିକ୍ଷକ, ଶିକ୍ଷୟିତ୍ରୀମାନେ ହେଲେ ଗୋପାଳ କୃଷ୍ଣ ସେଣ୍ଠ, ବିନୋଦ ବିହାରି ବିଶ୍ୱାଳ, ଗୋବିନ୍ଦ ଚନ୍ଦ୍ର ଖୋସ୍ଲା, କୁମାରୀ ପାଇରାପୁ, ଲକ୍ଷ୍ମୀ ଦେବୀ, ନମିତା କୁମାରୀ ଭୋତ୍ରା, ସୁକାନ୍ତି ଦେଇ, କୌଶଲ୍ୟା ନାୟକ, ତ୍ରିସଙ୍କୁ ସୁବୁଦ୍ଧି, ସୁଭାଷିନୀ ସାଆନ୍ତାଣୀ, ଶୋଷିରେଖା ବିଡିକ୍, ବ୍ରଜକିଶୋର ବିଶ୍ୱାଳ ଉକ୍ତ ଗୁରୁମାନଙ୍କୁ ତାଙ୍କ ଅବସର ଜୀବନୀ ସୁଖମୟ ପାଇଁ କାମନା କରିଥିଲେ।

# ଉନ୍ନତ ରାଷ୍ଟ୍ର ଗଠନରେ ନିଜ ଜୀବନକୁ ସମର୍ପିତ କରିଥାନ୍ତି ଗୁରୁ : ଜଗନ୍ନାଥ ମହାପାତ୍ର



ନବରଙ୍ଗପୁର,୬।୯ (ସମିସ); : ଡଃ ସର୍ବପଲ୍ଲୀ ରାଧାକୃଷ୍ଣନଙ୍କ ଜୟନ୍ତୀ ଓ ଗୁରୁ ଦିବସ ନବରଙ୍ଗପୁର ଶ୍ରୀ ଜଗନ୍ନାଥ ମନ୍ଦିର ନିକଟ ହୋଟେଲ ତୃପ୍ତି ସମ୍ମିଳନୀ ଗୃହରେ ଜିଲ୍ଲାର ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ଉତ୍କଳ ପରିଷଦ ପକ୍ଷରୁ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ମୁଖ୍ୟ ଉପଦେଷ୍ଟା ତଥା ନବରଙ୍ଗପୁର ଜିଲ୍ଲାର ବିଶିଷ୍ଟ ସମାଜସେବୀ ଜଗନ୍ନାଥ ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗ ଦେଇ ଗୁରୁମାନେ ହିଁ ଛାତ୍ର ଛାତ୍ରୀଙ୍କ ଭବିଷ୍ୟତ ଗଠନରେ ମୁଖ୍ୟ ଭୂମିକା ଗ୍ରହଣ କରିଥାନ୍ତି ଓ ଗୁରୁ ଉନ୍ନତ ରାଷ୍ଟ୍ର ଗଠନରେ ନିଜ ଜୀବନକୁ ସମର୍ପିତ କରିଥାନ୍ତି ବୋଲି ନିଜ ବକ୍ତବ୍ୟରେ କହିଥିଲେ। ଆଜିର ଏହି ଅବସରରେ ସମ୍ମାନୀତ ଅତିଥି ଭାବରେ ଜିଲ୍ଲା ନାଗରିକ କମିଟିର ସମ୍ପାଦକ ଆଇନଜୀବୀ ରାମ ପ୍ରସାଦ ପାତ୍ର ଏବଂ ଜଗଦୀଶ ଚନ୍ଦ୍ର ତ୍ରିପାଠୀ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ନବରଙ୍ଗପୁର ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷା ୱାଇ. ଭେଙ୍କଟେଶ୍ୱରୀ, କୁମୁଦିନୀ ପଟ୍ଟନାୟକ, ସରସ୍ୱତୀ ଶିଶୁ ମନ୍ଦିରର ପୂର୍ବତନ ପ୍ରଧାନ ଆଚାର୍ଯ୍ୟ ହୃଷୀକେଶ ଦାଶ, ପ୍ରଧାନ ଆଚାର୍ଯ୍ୟା ରେଣୁକା ଆଚାର୍ଯ୍ୟ, ରାଜା ଚୈତନ୍ୟ ଦେବ ଉଚ୍ଚ ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ ହର ପ୍ରସାଦ ଦାଶ, କିଶୋର ଚନ୍ଦ୍ର ସାହୁ, ଜଗନ୍ନାଥ ଦାଶ, ରୀତା ରାଣୀ ପଟ୍ଟନାୟକ, ବି. ରାମ ମୂର୍ତ୍ତି ପଟ୍ଟନାୟକ, ପ୍ରଦୀପ କୁମାର ମିଶ୍ର ପ୍ରମୁଖ ଦଶ ଜଣ ପ୍ରାଥମିକ, ଉଚ୍ଚ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ ଓ ଅଧ୍ୟକ୍ଷାଙ୍କୁ ଅନୁଷ୍ଠାନ ତରଫରୁ ମାନପତ୍ର ଓ ଉତ୍ତରୀୟ ସହ ସମ୍ବର୍ଦ୍ଧିତ କରଯାଇଥିଲା। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଅଧ୍ୟାପକ ଅଖିଳ କୁମାର ଭଟ୍ଟ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଅନୁଷ୍ଠାନର ସଭାପତି ବିଜୟ ଚୌଧୁରୀ ଅଧ୍ୟକ୍ଷତା କରି କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଡଃ ସାଇ ରମେଶ ରାଓ ଧନ୍ୟବାଦ ପ୍ରଦାନ କରିଥିଲେ। ଏହି ଅବସରରେ ଅନୁଷ୍ଠାନର ସମ୍ପାଦକ ତପନ କୁମାର ବିଷୋୟୀ, ଅବସରପ୍ରାପ୍ତ ପ୍ରାଧ୍ୟାପକ ଡଃ ବିଜୟ କୁମାର ମିଶ୍ର, ବାଣୀ ଆଚାର୍ଯ୍ୟ, ପର୍ଶୁ ରାମ ସାହୁ, ନିରଞ୍ଜନ ମିଶ୍ର, ଜାହ୍ନବୀ ପଣ୍ଡା, ସୁଶୋଭିତା ମେରିଲିନ ତୁରୁକ, ମନୋଜ କୁମାର ପଟ୍ଟନାୟକ, ଶ୍ରୀଧର ଶତପଥୀ, ପୂର୍ଣ୍ଣ ଚନ୍ଦ୍ର ମହାପାତ୍ର, ଝରଣା ପଟ୍ଟନାୟକ, ସିଦ୍ଧାର୍ଥ ଶଙ୍କର ବେହେରା, ସ୍ୱର୍ଣ୍ଣ ଲତା ପଟ୍ଟନାୟକ, ସୁବ୍ରତ ବେହେରା, କୁମୁଦ ନାୟକ, ବେଣୁ ଗୋପାଳ ରାଓ, ତାପସ କୁମାର ମାଝୀ, ପବିତ୍ର ନାୟକ, ତପନ କୁମାର ମାଳୀ, ବରନ ପାଇକ, ଦିଭ୍ୟାଂଶୁ ନାୟକ, ଦେବେନ୍ଦ୍ର ପୂଜାରୀ, ନିଳାଞ୍ଚଳ ବିଶୋଇ ପ୍ରମୁଖ ଶିକ୍ଷକ, ଶିକ୍ଷୟିତ୍ରୀ, ବୁଦ୍ଧିଜୀବୀ ଯୋଗ ଦେଇଥିଲେ। ସମାଜସେବୀ ନିନି ବାବୁ ତ୍ରିପାଠୀ, ଦାଶରଥି ପଟ୍ଟନାୟକ ପ୍ରମୁଖ ସମସ୍ତ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

■ ସହରବାସୀଙ୍କ ମଧ୍ୟରେ ଅନ୍ଧ ବିଶ୍ୱାସ ନମୁନା

# ପାରାବେଡ଼ା ଅଞ୍ଚଳରେ ତନ୍ତ୍ରମନ୍ତ୍ରକୁ ନେଇ ସାହିବାସିନ୍ଦା ଭୟଭୀତ



ଜୟପୁର,୬।୯ (ସମିସ): ଆଧୁନିକ ଓ ବିଜ୍ଞାନ ଯୁଗରେ ମଧ୍ୟ ଲୋକେ ପୁରୁଣା ଅନ୍ଧବିଶ୍ୱାସକୁ ମଧ୍ୟ ଆପଣାଉଥିବା ଦେଖିବାକୁ ମିଳିଛି। ଏପରି ଦୃଶ୍ୟ କୌଣସି ଗ୍ରାମାଞ୍ଚଳରେ ନୁହେଁ ବରଂ ଜୟପୁର ସହରର ଅଧିକାଂଶ ଶିକ୍ଷିତମାନେ ରହୁଥିବା ପାରାବେଡ଼ା ଝାଙ୍କଦେଇ ମନ୍ଦିର ଅଞ୍ଚଳରେ ଦେଖିବାକୁ ମିଳିଛି। ଯାହାକୁ ନେଇ ଅଞ୍ଚଳବାସୀ ଭୟଭୀତ ହୋଇଥିବା ଦେଖିବାକୁ ମିଳିଛି। ପ୍ରାପ୍ତ ସୂଚନାନୁଯାୟୀ, ପାରାବେଡ଼ା ଝାଙ୍କଡଦେଈ ଅଞ୍ଚଳରେ ଗୁରୁବାର ମଧ୍ୟ ରାତିରେ କେହି ଜଣେ ଲୋକଙ୍କୁ ଭୟଭୀତ କରିବା ଉଦ୍ଦେଶ୍ୟରେ ସାହିରେ ରାସ୍ତା ମଝି ଅଂଶରେ ଏକ ତାରା ସଦୃଶ ବିଭିନ୍ନ ରଙ୍ଗୀନ ମୁରୁଜରେ ଚିତ୍ର ଆଙ୍କିବା ସହ ୬ଟି ଦୀପ ଜଳାଇ ଚାଲିଯାଇଥିବା ଦେଖିବାକୁ ମିଳିଥିଲା। ଏପରିକି ନିକଟସ୍ଥ ମାଳି ସାହିରେ ରହୁଥିବା ଝାଙ୍କଡଦେଈ ମନ୍ଦିର ପୂଜକ ଗୋବିନ୍ଦ ପୂଜାରୀଙ୍କ ଘରକୁ ମଧ୍ୟ ରାତିରେ ଟିଣ ଉପରେ ପଥରମାଡ କରିଥିବା ଜଣାପଡ଼ିଛି। ଯାହାଯୋଗୁଁ ଉକ୍ତ ପରିବାର ଭୟଭୀତ ହୋଇଥିବା ବେଳେ ଶୁକ୍ରବାର ସକାଳେ ଝାଙ୍କଡଦେଈ ରାସ୍ତାରେ ଏହି ତାରା ଚିତ୍ର, ନିଆଁ ଲିଭିଥିବା ଦୀପ ଓ ଲାଲ କପଡ଼ା ପଡି ରହିଥିବା ଲୋକେ ଦେଖିଥିଲେ। ଗୁଣିଗାରେଡିକୁ ନେଇ ସାରାଦିନ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଥିଲା। ଆଦିବାସୀ ସାହିବାସନ୍ଦାମାନଙ୍କୁ ତୁରନ୍ତ ପ୍ରଶାସନ ପକ୍ଷରୁ ସଚେତନ କରିବା ସହ ନିକଟସ୍ଥ ସିସି କ୍ୟାମେରା ଯାଞ୍ଚ କରି ଏପରି ଭୟ ସୃଷ୍ଟି କରୁଥିବା ବ୍ୟକ୍ତିଙ୍କୁ ଠାବ କରି ଆଇନଅନୁଯାୟୀ ଦଣ୍ଡିତ କରିବାକୁ ସ୍ଥାନୀୟବାସୀନ୍ଦାମାନେ ଦାବି କରିଛନ୍ତି।

# ଲଗାଣ ବର୍ଷାରେ ଭାଙ୍ଗିଲା ଘର; ଅଳ୍ପକେ ବର୍ତ୍ତିଲେ ପରିବାର



ସେମିଳିଗୁଡା,୬।୯ (ସମିସ): କୋରାପୁଟ ଜିଲ୍ଲା ସେମିଳିଗୁଡ଼ା ବ୍ଲକ୍ ଅନ୍ତର୍ଗତ ରେଙ୍ଗା ପଞ୍ଚାୟତ ମାଳି ଗୁଞ୍ଜା ଗ୍ରାମର ଶୁକ୍ରବାର ରାତିରେ ଲଗାଣ ବର୍ଷା ଯୋଗୁଁ ଗୋଟାଏ ଘର ଭାଙ୍ଗିଗଲା। କିନ୍ତୁ ପରିବାର ଲୋକ ଅଳ୍ପକେ ବର୍ତ୍ତିଗଲେ । ମିଳିଥିବା ସୂଚନାନୁଯାୟୀ, ଉକ୍ତ ଗ୍ରାମରେ ଉମେଶ ଖିନବୁଡି ଘରେ ପରିବାର ସଦସ୍ୟ ଶୋଇଥିବା ସମୟରେ ଲଗାଣ ବର୍ଷାରେ ଘର ଭାଙ୍ଗିଯାଇଥିଲା। ଘରର ମାଟି କାନ୍ଥ ହଠାତ୍ ଖସିପଡିଥିଲା। ଏକ ବଡ଼ ଅଘଟଣରୁ ବର୍ତ୍ତି ଯାଇଛନ୍ତି ପରିବାର ଲୋକେ। ଘର ଭାଙ୍ଗିଯିବା ପରେ ଏବେ କେଉଁଠି ରହିବେ। ତାକୁ ନେଇ ଚିନ୍ତାରେ ପରିବାର। ଲଗାଣ ବର୍ଷାରେ ଘର ଭାଙ୍ଗିଯାଇଥିବା ବେଳେ ସରପଞ୍ଚ, ସମିତି ସଭ୍ୟଙ୍କୁ ଗୁହାରି କଲେ ମଧ୍ୟ କୌଣସି ଗୁରୁତ୍ୱ ଦେଇ ନ ଥିବା କ୍ଷତିଗ୍ରସ୍ତ ପରିବାର ଅଭିଯୋଗ କରିଛନ୍ତି। ଆବାସ ଯୋଜନାରେ ଘର ଖଣ୍ଡେ ମିଳିପାରିନଥିବା ଅଭିଯୋଗ କରିଛନ୍ତି। କ୍ଷତିଗ୍ରସ୍ତ ପରିବାରଙ୍କୁ ସରକାରୀ ସହାୟତା ଯୋଗାଇଦେବାକୁ ଅନୁରୋଧ କରିଛନ୍ତି ଗ୍ରାମବାସୀ।

# ଦିବ୍ୟଜ୍ଞାନ ଭବନରେ ଗୁରୁଦିବସ



ନନ୍ଦପୁର,୬।୯ (ସମିସ): ନନ୍ଦପୁର ସ୍ଥାନୀୟ ବ୍ରହ୍ମାକୁମାରୀ ଇଶ୍ୱରୀୟ ବିଶ୍ୱବିଦ୍ୟାଳୟ ଶାଖା ପକ୍ଷରୁ ଦିବ୍ୟଜ୍ଞାନ ଭବନଠାରେ ଗୁରୁଦିବସ ପାଳନ କରାଯାଇଛି। ଏହି ମହୋତ୍ସବରେ ନନ୍ଦପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦୁର୍ଗା ପ୍ରସାଦ ଦୋରା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବାବେଳେ ସମ୍ମାନୀତ ଅତିଥି ଭାବେ ସାହିତ୍ୟିକା ଓ ଲେଖିକା ଗୋପାଳକୃଷ୍ଣ ବେବର୍ତ୍ତା ଯୋଗ ଦେଇଥିଲେ। କେନ୍ଦ୍ର ସଂଚାଳିକା ରାଜଯୋଗିନୀ ବ୍ରହ୍ମା କୁମାରୀ ସାବିତ୍ରୀ ଭଉଣୀ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। ଜୟପୁରରୁ ଆସିଥିବା ବ୍ରହ୍ମା କୁମାରୀ ପଦ୍ମାଳୟା ଭଉଣୀ ମଞ୍ଚ ପରିଚାଳନା କରିଥିବା ବେଳେ ବ୍ରହ୍ମା କୁମାରୀ ମୀତା ଭଉଣୀ ସମସ୍ତଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ଶେଷରେ ବ୍ରହ୍ମାକୁମାରୀ ପୁଷ୍ପା ଭଉଣୀ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ବ୍ରହ୍ମାକୁମାରୀ ତ୍ରିନାଥ, ଦେବା ତଥା ପୂର୍ଣ୍ଣ ଭାଇ ସହଯୋଗ କରିଥିଲେ।

# ସ୍ୱଦେଶୀ ଜାଗରଣ ମଞ୍ଚର ବୈଠକ



କୋରାପୁଟ,୬।୯ (ସମିସ): ସ୍ଥାନୀୟ ଅତିଥି ଭବନ ସଭଗୃହରେ କୋରାପୁଟ ଜିଲ୍ଲା ସ୍ୱଦେଶୀ ଜାଗରଣ ମଞ୍ଚର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଛି। କୋରାପୁଟ ବିଭାଗର ତିନି ଜିଲ୍ଲାରୁ ୧୨ ଜଣ କାର୍ଯ୍ୟକର୍ତ୍ତା ଉକ୍ତ ବୈଠକରେ ଉପସ୍ଥିତ ଥିବା ବିଭାଗ ସଂଯୋଜକ ମୁରଲୀଧର ଅଧିକାରୀ ସୂଚନା ଦେଇଛନ୍ତି। ମଞ୍ଚର ରାଜ୍ୟ ସହ ସଂଯୋଜକ ମନୋରଞ୍ଜନ ରାଉତରାୟ ବୈଠକରେ ଯୋଗଦେଇ ଆମେରିକା ଦ୍ୱାରା ଭାରତୀୟ ଉତ୍ପାଦ ଉପରେ ଟ୍ୟାରିଫ୍ ଲଗାଯିବା ଦ୍ୱାରା ଭାରତକୁ ନିଜର ଘରୋଇ ଉତ୍ପାଦ ତଥା ଖୁଚୁରା ବଜାରକୁ ରକ୍ଷା କରିବାର ଏକ ସୁଯୋଗ ମିଳିଛି। ଯେତେବେଳେ ଆମେ ବ୍ରାଣ୍ଡ ନାମରେ ନିଜର ପରିଚୟ ଦେଖାଇବା ଛାଡ଼ି ସ୍ୱଦେଶୀ ଜିନିଷର ବ୍ୟବହାର କରିବା ଆରମ୍ଭ କରିବା, ସେତେବେଳେ ଯାଇ ଆମେ ଆମ ଭାରତୀୟ ବଜାରକୁ ରକ୍ଷା କରିପାରିବା, ସହ ବେକାରୀ ସମସ୍ୟାକୁ ମଧ୍ୟ ଦୂର କରିପାରିବା ବୋଲି କହିଥିଲେ। ଆଗାମୀ ଦିନରେ ବ୍ୟାପକ ଜନଜାଗରଣ ପାଇଁ ସାରା ଦେଶରେ ସ୍ୱଦେଶୀ ସୁରକ୍ଷା ସ୍ୱାବଲମ୍ବନ ଯାତ୍ରା ଆୟୋଜନ କରାଯିବ ବୋଲି ଏଥିରେ କୁହାଯାଇଥିଲା। ମଞ୍ଚର ରାଜ୍ୟ ବିଚାର ବିଭାଗ ପ୍ରମୁଖ ରବି ମିଶ୍ର ବୈଠକ ପରିଚାଳନା କରିଥିବା ବେଳେ କୋରାପୁଟ ଜିଲ୍ଲା ସଂଯୋଜକ ମୃତ୍ୟୁଞ୍ଜୟ ଶତପଥୀ, ନବରଙ୍ଗପୁର ଜିଲ୍ଲା ସଂଯୋଜକ ସୁବ୍ରତ କୁମାର ମିଶ୍ର, ମାଲକାନଗିରି ଜିଲ୍ଲା ସହ ସଂଯୋଜକ ମନୋଜ କୁମାର ସୁବୁଦ୍ଧି, ପ୍ରଭଞ୍ଜନ ମିଶ୍ର, କେଶବ ପଟ୍ଟନାୟକ, ଅର୍ଜୁନ ଦାସ,ଦେବାଶିଷ ବିଶୋଇ,ପ୍ରଭାକର ପାତ୍ର,ରାଜେନ୍ଦ୍ର ରଥ ପ୍ରମୁଖ ଉପସ୍ଥିତ ଥିଲେ।

# ଗ୍ରାମରେ ଉତ୍ତେଜନା; ଶିକ୍ଷକଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଦାବି

## ଛାତ୍ରଙ୍କୁ ଅସଦାଚରଣ ଓ ଗୁପ୍ତାଙ୍ଗକୁ ଆଘାତ ଅଭିଯୋଗ



ମାଲକାନଗିରି,୬।୯ (ସମିସ): ଶିକ୍ଷା ବିଭାଗରେ ଛାତ୍ରଛାତ୍ରୀଙ୍କୁ ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ ମାଡ ମାରିବା ଉପରେ ସରକାର ରୋକ ଲଗାଇଥିବା ବେଳେ ମାଲକାନଗିରି ଜିଲ୍ଲାରେ ଜଣେ ଶିକ୍ଷକ ଛାତ୍ରଙ୍କୁ ଅସଦାଚରଣ ଓ ଗୁପ୍ତାଙ୍ଗକୁ ଆଘାତ ଦେଇଥିବା ନେଇ ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ, ମାଲକାନଗିରି ଜିଲ୍ଲାସଦର ବ୍ଲକ ଅନ୍ତର୍ଗତ ଏମଭି ୯ ଗ୍ରାମ ସ୍ଥିତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରଶାନ୍ତ ସାମନ୍ତରା କ୍ରମାଗତ ଭାବେ ଅନେକ ସମୟରେ ନିଜ କାର୍ଯ୍ୟରେ ଅବହେଳା କରୁଥିବା ବେଳେ ପିଲାଙ୍କ ସହ ଅଶ୍ଳୀଳ ବ୍ୟବହାର କରୁଥିବା ଅଭିଯୋଗ ହୋଇଛି। ତେବେ ବିଗତ କିଛିଦିନ ପୂର୍ବେ ଏହି ଶିକ୍ଷକ ଜଣଙ୍କ ଜଣେ ୭ମ ଶ୍ରେଣୀ ଛାତ୍ରଙ୍କ ସହ ଅସଦାଚରଣ କରି ଛାତ୍ରଙ୍କ ଗୁପ୍ତାଙ୍ଗକୁ ଆଘାତ ଦେଇଥିଲେ। ଫଳରେ ଛାତ୍ର ଜଣଙ୍କ ଅସହ୍ୟ ଯନ୍ତ୍ରଣାରେ ଛଟପଟ ହୋଇଥିଲା। ଏନେଇ ଗ୍ରାମବାସୀ ଜାଣିବା ପରେ ବିଭାଗୀୟ ଅଧିକାରୀଙ୍କୁ ଅଭିଯୋଗ କରିଥିଲେ। ତେବେ ଏହାସତ୍ତ୍ୱେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇ ନଥିବାରୁ ଗ୍ରାମରେ ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଛି। ଉକ୍ତ ଶିକ୍ଷକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ତେବେ ଶିକ୍ଷକ ଜଣଙ୍କ ମଧ୍ୟାହ୍ନ ଭୋଜନର ଅର୍ଥ, ବିଦ୍ୟାଳୟକୁ ଆସୁଥିବା ବିଭିନ୍ନ ଯୋଜନାର ଅର୍ଥରେ ମଧ୍ୟ ବ୍ୟାପକ ହେରଫେର କରିଥିବା ଅଭିଯୋଗ ହୋଇଛି। ଏହି ଶିକ୍ଷକ ଜଣଙ୍କ ପୂର୍ବରୁ ମଧ୍ୟ ଏପରି ଅନେକ ଅବହେଳା କରିଥିବାରୁ ଅନେକ ସମୟରେ ତାଙ୍କ ବିରୋଧରେ ବିଭାଗ ପକ୍ଷରୁ ପଦକ୍ଷେପ ନିଆଯାଇ ତାଙ୍କର ଦରମା ବନ୍ଦ କରାଯିବା ସହ କାର୍ଯ୍ୟରୁ ନିଲମ୍ବିତ ହୋଇଥିଲେ। ତଥାପି ନିଜ ତ୍ରୁଟିକୁ ସଜାଡୁ ନଥିବା ଅଭିଯୋଗ ହୋଇଛି। ଏନେଇ ସମ୍ପୃକ୍ତ ଶିକ୍ଷକ ଶ୍ରୀସାମନ୍ତରାଙ୍କୁ ଯୋଗାଯୋଗ କରିବାରୁ ଏହି ଅଭିଯୋଗ ମିଥ୍ୟା ବୋଲି କହିଛନ୍ତି। ଘଟଣାକୁ ନେଇ ଅତିରିକ୍ତ ବ୍ଲକ୍ ଶିକ୍ଷା ଅଧିକାରୀ ଅଶ୍ୱିନି ମାଝିଙ୍କୁ ପଚାରିବାରୁ ଘଟଣାକୁ ନେଇ ତଦନ୍ତ ଚାଲିଛି, ଉପରିସ୍ଥ ଅଧିକାରୀଙ୍କୁ ତଦନ୍ତ ରିପୋର୍ଟ ଦେବା ପରେ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

## ଜିଲ୍ଲା ସଭାପତି ଚୟନ ପାଇଁ କଂଗ୍ରେସର ବୈଠକ

# ଡଜନେ ଆଶାୟୀ; ଦୁଇଗୋଷ୍ଠୀ ମଧ୍ୟରେ ଟଣାଓଟରା

କୋରାପୁଟ, ୬।୯ (ସମିସ): ଏଆଇସିସି ନିର୍ଦ୍ଦେଶକ୍ରମେ ଓଡ଼ିଶାରେ କଂଗ୍ରେସ ଆରମ୍ଭ କରିଛି ସଂଗଠନ ସୃଜନ ଅଭିଯାନ। ରାଜ୍ୟର ସମସ୍ତ ୩୫ କଂଗ୍ରେସ ସାଂଗଠନିକ ଜିଲ୍ଲା ପାଇଁ ସଭାପତି ବଛାଯିବା ପ୍ରକ୍ରିୟା କ୍ରମରେ କୋରାପୁଟରେ ମଧ୍ୟ ଆରମ୍ଭ ହୋଇଛି ଅନୁରୂପ କାର୍ଯ୍ୟକ୍ରମ। ତେବେ ଏହି ପଦ ପାଇଁ କୋରାପୁଟରେ ଡଜନେରୁ ଊର୍ଦ୍ଧ୍ୱ ଆଶାୟୀ ଥିବାରୁ ନେତାଙ୍କ ମୁଣ୍ଡବିନ୍ଧାର କାରଣ ପାଲଟିଛି।

କେନ୍ଦ୍ରୀୟ ନେତାମାନେ କୋରାପୁଟରେ ଜିଲ୍ଲା ସଭାପତି ନିର୍ବାଚନ ନିମନ୍ତେ ଦଳୀୟ ନେତା ଓ କର୍ମୀମାନଙ୍କ ମତ ଗ୍ରହଣ କରିଛନ୍ତି। ଗୁରୁବାର କୋରାପୁଟ ଟାଉନ୍ ହଲଠାରେ ଜିଲ୍ଲା ସଭାପତି ଶଶିଭୂଷଣ ପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ପ୍ରଥମ ବୈଠକରେ ଏଆଇସିସି ଜିଲ୍ଲା ପର୍ଯ୍ୟବେକ୍ଷକ ଗଣେଶ କୁମାର ଯାଦବ, ପିସିସି ପର୍ଯ୍ୟବେକ୍ଷକ ଭାରତ ଭୂଷଣ ବିମଳ ଓ ପ୍ରଦ୍ୟୁମ୍ନ ଦାସ ପ୍ରମୁଖ ଜିଲ୍ଲା ସଭାପତି ପଦ ପାଇଁ ଦଳୀୟ ନେତାଙ୍କ ଯୋଗ୍ୟତା ଓ ମାପଦଣ୍ଡ ବିଷୟରେ ଉଲ୍ଲେଖ କରିଥିଲେ। କୋରାପୁଟ ସାଂସଦ ସପ୍ତଗିରି ଉଲ୍ଲାକା, ରାଜ୍ୟ ମହିଳା କଂଗ୍ରେସ ସଭାନେତ୍ରୀ ମୀନାକ୍ଷୀ ବାହିନୀପତି, ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି, ପଟ୍ଟାଙ୍ଗୀ ବିଧାୟକ ତଥା କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ, ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉଁନ୍ତା ପ୍ରମୁଖ ଜିଲ୍ଲା ସଭାପତି ଚୟନ ସର୍ବସମ୍ମତିକ୍ରମେ କରାଯିବା ଉପରେ ଗୁରୁତ୍ୱ ଦେଇଥିଲେ।






ଏଆଇସିସିର ପ୍ରତିନିଧି ଶୁକ୍ରବାର ଓ ଶନିବାର ବିଭିନ୍ନ ବ୍ଲକ୍, ପୌରାଞ୍ଚଳର କଂଗ୍ରେସ ନେତାଙ୍କ ସହ ଆଲୋଚନା କରିଛନ୍ତି। ସେହିପରି ରବିବାର ଲକ୍ଷ୍ମୀପୁରଠାରେ ଲକ୍ଷ୍ମୀପୁର, ଦଶମନ୍ତପୁର, ନାରାୟଣପାଟଣା ଓ ବନ୍ଧୁଗାଁ ବ୍ଲକ୍ ଏବଂ ସୋମବାର ସେମିଳିଗୁଡ଼ାଠାରେ ନନ୍ଦପୁର, ସେମିଳିଗୁଡ଼ା ଓ ପଟାଙ୍ଗି ବ୍ଲକ, ସୁନାବେଡ଼ା ମ୍ୟୁନିସିପାଲିଟି କର୍ମକର୍ତ୍ତାଙ୍କ ସହ ଆଲୋଚନା କରିବେ। ଏହାପରେ ୯ ତାରିଖ ଦିନ କୋରାପୁଟଠାରେ ଆଶାୟୀ ପ୍ରାର୍ଥୀ ଏବଂ ଦଳର ବରିଷ୍ଠ ନେତାମାନଙ୍କ ସହ ଆଲୋଚନା କରି ୧୦ ତାରିଖ ଦିନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଏବଂ ସାମାଜିକ ଗୋଷ୍ଠୀ ସଦସ୍ୟମାନଙ୍କ ସହ ଆଲୋଚନା କରିବା ପରେ ଆଶାୟୀ ପ୍ରାର୍ଥୀଙ୍କ ନାମ ତାଲିକା ଦିଲ୍ଲୀଠାରେ ଅଖିଳ ଭାରତ କଂଗ୍ରେସ କମିଟିର ଅଧ୍ୟକ୍ଷଙ୍କୁ ପ୍ରଦାନ କରାଯିବ।

ତେବେ ବର୍ତ୍ତମାନ ଜିଲ୍ଲା ସଭାପତି ଆଶାୟୀଙ୍କ ଲମ୍ବା ତାଲିକା ନେତାଙ୍କ ମୁଣ୍ଡବିନ୍ଧାର କାରଣ ପାଲଟିଛି। ବର୍ତ୍ତମାନର ସଭାପତି ଶଶିଭୂଷଣ ପାତ୍ରଙ୍କ ସମେତ ପୂର୍ବତନ ସାଂସଦ ଜୟରାମ ପାଙ୍ଗି, ପୂର୍ବତନ ବିଧାୟକ କ୍ରିଷ୍ଣା ସଗରିଆ, ପିସିସି ସମ୍ପାଦକ ରୂପକ ତୁରୁକ୍, ପୂର୍ବତନ ପିସିସି ସମ୍ପାଦକ ଜଗଦୀଶ ଖୋସଲା, ଜିଲ୍ଲା ପରିଷଦ ସଦସ୍ୟ ମିହିର କୁଲଦୀପ, ବିଧାୟକ ପ୍ରାର୍ଥୀ କୃଷ୍ଣ କୁଲଦୀପ, ବରିଷ୍ଠ କଂଗ୍ରେସ ନେତା ବାବୁଲା ବେନିଆ, କୃଷ୍ଣ ନେପାକ, ରାମ ନାୟକ ପ୍ରମୁଖ ସଭାପତି ପଦ ପାଇଁ ଆଶାୟୀ ଥିବା କୁହାଯାଉଛି। ତେବେ ଏହା ମଧ୍ୟରୁ ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତିଙ୍କ ଅତ୍ୟନ୍ତ ଘନିଷ୍ଠ ସହଯୋଗୀ ଜଗଦୀଶ ଖୋସଲା ଏବଂ କୋରାପୁଟ ସାଂସଦ ସପ୍ତଗିରି ଶଙ୍କର ଉଲ୍ଲାକାଙ୍କ ଦୃଢ଼ ସମର୍ଥକ ଯୁବନେତା ରୂପକ ତୁରୁକଙ୍କୁ ପ୍ରମୁଖ ଦାବିଦାର ମନେ କରାଯାଉଛି। ଜିଲ୍ଲା କଂଗ୍ରେସକୁ ନିଜ ଆୟତ୍ତରେ ରଖିବାକୁ ତାରାପ୍ରସାଦ ବାହିନୀପତି ଉଦ୍ୟମ ଚଳାଇଥିବା ବେଳେ ସାଂସଦ ସପ୍ତଗିରି ମଧ୍ୟ ଅନୁରୂପ ଚାହୁଁଛନ୍ତି ବୋଲି କୁହାଯାଉଛି। ଏହି ପରିପ୍ରେକ୍ଷୀରେ ଉଭୟ ନେତାମାନଙ୍କ ମଧ୍ୟରେ ନିଜ ଅନୁଗତଙ୍କୁ ଜିଲ୍ଲା ସଭାପତି ପଦରେ ବସାଇବାକୁ ପ୍ରତିଯୋଗିତା ଆରମ୍ଭ ହୋଇଥିବା ଚର୍ଚ୍ଚା ଚାଲିଛି।

## ବିଜ୍ଞପ୍ତି ଅନୁଯାୟୀ ଅକ୍ଷମତା ବର୍ଗଭୁକ୍ତ ହୋଇ ନ ଥିବା ଦିବ୍ୟାଙ୍ଗ ନିଯୁକ୍ତି ପାଇଁ ଦାବିଦାର ନୁହନ୍ତି: ହାଇକୋର୍ଟ

କଟକ,୬।୯(ସମିସ): ବିଜ୍ଞପ୍ତି ଅନୁଯାୟୀ ଅକ୍ଷମତା ବର୍ଗରେ ଅନ୍ତର୍ଭୁକ୍ତ ନଥିବା ଜଣେ ଦିବ୍ୟାଙ୍ଗ ପ୍ରାର୍ଥୀ ନିଯୁକ୍ତି ପ୍ରକ୍ରିୟାରେ ପଦବୀ ଦାବି କରିପାରିବେ ନାହିଁ ବୋଲି ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରକାଶ କରିଛନ୍ତି। ଯଦି ଉପଯୁକ୍ତ ଦିବ୍ୟାଙ୍ଗ ପ୍ରାର୍ଥୀ ଉପଲବ୍ଧ ନ ଥାନ୍ତି, ତେବେ ସଂରକ୍ଷିତ ପଦବୀ ଖାଲି ରହିପାରେ। ଜଣିକିଆ ବିଚାରପତିଙ୍କ ରାୟକୁ ଚାଲେଞ୍ଜ କରି ଓପିଏସ୍‌ସି (ଓଡ଼ିଶା ଲୋକସେବା ଆୟୋଗ) ତରଫରୁ ରୁଜୁ ମାମଲାର ଶୁଣାଣି କରି ଜଷ୍ଟିସ ମାନସ ରଞ୍ଜନ ପାଠକ ଏବଂ ଜଷ୍ଟିସ ମୃଗାଙ୍କଶେଖର ସାହୁଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଏଥିସହ ଜଣିକିଆ ବିଚାରପତିଙ୍କ ଆଦେଶକୁ ଖାରଜ କରିଦେଇଛନ୍ତି ଖଣ୍ଡପୀଠ। ୧୯୯୫ ମସିହାର ପିଡବ୍ଲୁଡି ଆଇନର ଧାରା ୩୨ ଏବଂ ୩୩ ଅନୁଯାୟୀ ଜାରି ହୋଇଥିବା ସରକାରୀ ବିଜ୍ଞପ୍ତି ଅନୁଯାୟୀ କମ୍ ଦୃଷ୍ଟିଶକ୍ତି ଅକ୍ଷମତାକୁ ପଦବୀ ପାଇଁ ଉପଯୁକ୍ତ ବୋଲି ଚିହ୍ନଟ କରାଯାଇ ନାହିଁ, ଏଣୁ ଏହି ମାମଲାରେ ଅକ୍ଷମତା ଥିବା ପ୍ରାର୍ଥୀ ସହାୟକ କୃଷି ଇଞ୍ଜିନିୟର ପଦବୀ ପାଇଁ ଚୟନ ଦାବି କରିପାରିବେ ନାହିଁ ବୋଲି ହାଇକୋର୍ଟ କହିଛନ୍ତି।

ଓଡ଼ିଶା ଲୋକସେବା ଆୟୋଗ ଦ୍ୱାରା ୨୦୧୯-୨୦ରେ ସହକାରୀ କୃଷି ଇଞ୍ଜିନିୟର (ଗ୍ରୁପ-ବି’) ପଦବୀରେ ନିଯୁକ୍ତି ପାଇଁ ଏକ ବିଜ୍ଞାପନ ଜାରି କରାଯାଇଥିଲା। ମୋଟ ଖାଲି ପଦବୀ ମଧ୍ୟରୁ ପାଞ୍ଚଟି ପଦବୀ ଭିନ୍ନକ୍ଷମ ବ୍ୟକ୍ତିଙ୍କ ପାଇଁ ସଂରକ୍ଷିତ ଥିଲା। ପ୍ରତିପକ୍ଷ ଜନୈକ ପ୍ରାର୍ଥୀ ଦିବ୍ୟାଙ୍ଗ ବର୍ଗରେ ଆବେଦନ କରିଥିଲେ। ସେ କମ୍ ଦୃଷ୍ଟିଶକ୍ତି (୪୦% ଅକ୍ଷମତା) ଥିବା ବ୍ୟକ୍ତି ଥିଲେ। ତେଣୁ ତାଙ୍କୁ ଲିଖିତ ପରୀକ୍ଷାରେ ଯୋଗଦେବାକୁ ଅନୁମତି ଦିଆଯାଇଥିଲା। ତାଙ୍କୁ ସାକ୍ଷାତକାର ପାଇଁ ଡକାଯାଇନଥିଲା। ପରେ କୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ତାଙ୍କୁ ସାକ୍ଷାତକାରରେ ଯୋଗଦେବାକୁ ଅନୁମତି ଦିଆଯାଇଥିଲା। ତଥାପି ଓପିଏସ୍‌ସି ତାଙ୍କର ଫଳାଫଳ ଘୋଷଣା କରିନଥିଲା। କାରଣ ୨୦୧୩ ଡିସେମ୍ବର ୩ ତାରିଖର ସରକାରୀ ବିଜ୍ଞପ୍ତି ଅନୁଯାୟୀ କମ୍ ଦୃଷ୍ଟିଶକ୍ତି ଥିବା ପ୍ରାର୍ଥୀମାନେ ଏହି ପଦବୀ ପାଇଁ ଯୋଗ୍ୟ ନୁହଁନ୍ତି। ଜଣିକିଆ ବିଚାରପତି ସମ୍ପୃକ୍ତ ପ୍ରତିପକ୍ଷ ପ୍ରାର୍ଥୀଙ୍କ ସପକ୍ଷରେ ରାୟ ଦେଇଥିଲେ।

## ୫ବର୍ଷର ଛାତ୍ରକୁ ମାଡ଼ ମାରି ଶିକ୍ଷୟିତ୍ରୀ ନିଲମ୍ବିତ

ବ୍ରହ୍ମପୁର, ୬।୯ (ସମିସ): ବ୍ରହ୍ମପୁର ସହରର ଏକ ଘରୋଇ ସ୍କୁଲ ସେଣ୍ଟ ଭିନ୍‌ସେଣ୍ଟ ଓଡ଼ିଆ ପ୍ରାଥମିକ ବିଦ୍ୟାଳୟରେ ପଢୁଥିବା ଜଣେ ୫ବର୍ଷର ଶିଶୁକୁ ଶିକ୍ଷୟିତ୍ରୀ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ଏନେଇ ଟାଉନ୍ ଥାନାରେ ଅଭିଯୋଗ ହୋଇଥିବା ବେଳେ ସ୍କୁଲ କର୍ତ୍ତୃପକ୍ଷ ସମ୍ପୃକ୍ତ ଶିକ୍ଷୟିତ୍ରୀଙ୍କୁ ନିଲମ୍ବନ କରିଛନ୍ତି।

ସୂଚନାନୁସାରେ, ବ୍ରହ୍ମପୁର ଧର୍ମନଗର ଅଞ୍ଚଳର ଜଣେ ମହିଳାଙ୍କ ୫ବର୍ଷର ପୁଅ ସେଣ୍ଟ ଭିନ୍‌ସେଣ୍ଟ ଓଡ଼ିଆ ପ୍ରାଥମିକ ବିଦ୍ୟାଳୟରେ ଶିଶୁ କ୍ଲାସରେ ପଢୁଛନ୍ତି। ୩ ଦିନ ତଳେ ଏହି ଛାତ୍ର ଜଣଙ୍କ ସକାଳୁ ବିଦ୍ୟାଳୟକୁ ଯାଇଥିଲେ। ମଧ୍ୟାହ୍ନରେ ଘରକୁ ଫେରିବା ବେଳେ ଜଣେ ଶିକ୍ଷୟିତ୍ରୀ ମାଡ଼ ମାରିଥିବା ଜଣାଇଥିଲେ। ଏପରିକି, ଶିକ୍ଷୟିତ୍ରୀଙ୍କ ମାଡ଼ରେ ତାଙ୍କ ନାକରୁ ରକ୍ତ ବାହାରିଥିବା ଛାତ୍ରଜଣଙ୍କ କହିଥିଲେ। ଏହା ଶୁଣିବା ପରେ ଛାତ୍ରଙ୍କ ବାପା ସ୍କୁଲକୁ ଯାଇ ସମ୍ପୃକ୍ତ ଶିକ୍ଷୟିତ୍ରୀଙ୍କୁ ପଚାରିଥିଲେ। ହେଲେ ଶିକ୍ଷୟିତ୍ରୀ ଜଣଙ୍କ ପ୍ରଥମେ ଏହାକୁ ଅସ୍ୱୀକାର କରିଥିଲେ। ହେଲେ ଛାତ୍ରଙ୍କ ଶ୍ରେଣୀର ଅନ୍ୟ ଛାତ୍ରମାନେ ଶିକ୍ଷୟିତ୍ରୀ ମାଡ଼ ମରିଥିବା କହିଥିଲେ। ପରେ ସମ୍ପୃକ୍ତ ଶିକ୍ଷୟିତ୍ରୀ ନିଜ ଦୋଷ ସ୍ୱୀକାର କରିଥିଲେ। ଘଟଣାକୁ ନେଇ ଛାତ୍ରଙ୍କ ପରିବାର ପକ୍ଷରୁ ସ୍କୁଲ କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ ଓ ପରେ ଛାତ୍ରଙ୍କ ମା’ ଟାଉନ୍ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଭାବକଙ୍କ ଅଭିଯୋଗ ପରେ ସ୍କୁଲ କର୍ତ୍ତୃପକ୍ଷ ଘଟଣାର ତଦନ୍ତ କରିବା ସହ ସମ୍ପୃକ୍ତ ଶିକ୍ଷୟିତ୍ରୀଙ୍କୁ କାରଣଦର୍ଶାଅ ନୋଟିସ ଜାରି କରିବା ପରେ ଚାକିରିରୁ ନିଲମ୍ବନ କରିଛନ୍ତି। ସେହିପରି, ଟାଉନ୍ ଥାନା ପୁଲିସ ସମ୍ପୃକ୍ତ ଶିକ୍ଷୟିତ୍ରୀଙ୍କୁ ଥାନାରୁ ନୋଟିସ୍ ଦେଇ ଛାଡ଼ିଥିବା ଜଣାପଡ଼ିଛି।

## ମହିଳାଙ୍କ ଭିଡିଓ ଭାଇରାଲ; ବନ୍ଧାହେଲେ ଗୃହରକ୍ଷୀ

ମହାକାଳପଡ଼ା, ୬।୯(ସମିସ): ଜଣେ ମହିଳାଙ୍କୁ ଅସଦାଚରଣ କରିବା ସହ ତାଙ୍କର ଆପତ୍ତିଜନକ ଫଟୋ ଓ ଭିଡିଓକୁ ସୋସିଆଲ ମିଡିଆରେ ଭାଇରାଲ କରିବା ଅଭିଯୋଗରେ ମହାକାଳପଡ଼ା ବ୍ଲକ୍ ତନ୍ତିଆପାଳ ପୁଲିସ୍ ଜଣେ ଗୃହରକ୍ଷୀଙ୍କୁ ଗିରଫ କରିଛି। ସେ ହେଲେ, ମହାକାଳପଡ଼ା ଥାନା ଅଧୀନ କଳପଡ଼ା ଅଞ୍ଚଳର ଅଭିଷେକ ପରିଡ଼ା। ସେ ତନ୍ତିଆପାଳ ସାମୁଦ୍ରିକ ଥାନା ଅଧୀନରେ ଗୃହରକ୍ଷୀ ଭାବେ କାମ କରୁଥିଲେ। ଆଜି ପୁଲିସ ତାଙ୍କୁ କୋର୍ଟଚାଲାଣ କରିଛି।

## ଶୋଇଥିବା ବେଳେ ଧସିଲା କାନ୍ଥ; ନାବାଳକ ମୃତ

**ଡାକ୍ତରଖାନାରେ ଗୁରୁତର ମା’-ପୁଅ**

ଆନନ୍ଦପୁର, ୬।୯(ସମିସ): ଘସିପୁରା ଥାନା ଖଇଲ ଗ୍ରାମରେ କାନ୍ଥ ଭୁଶୁଡ଼ି ଜଣେ ନାବାଳକର ମୃତ୍ୟୁ ହୋଇଛି। ମୃତ ନାବାଳକ ହେଲା, କୋଲହବେଡ଼ା ସାହିର ଚନ୍ଦନ ଜେନାଙ୍କ ପୁଅ ରାଜା(୧୨)। ଏହି ଅଘଟଣରେ ଚନ୍ଦନଙ୍କ ସ୍ତ୍ରୀ ମଞ୍ଜୁ ଓ ୫ ବର୍ଷର ପୁଅ ମଧ୍ୟ ଗୁରୁତର ଆହତ ହୋଇଛନ୍ତି। ସେମାନଙ୍କୁ ଆନନ୍ଦପୁର ଡାକ୍ତରଖାନାରେ ଚିକିତ୍ସା କରାଯାଉଛି।



ସୂଚନାନୁଯାୟୀ, ଗତ ରାତିରେ ଖାଇପିଇ ସାରିବା ପରେ ଚନ୍ଦନ, ସ୍ତ୍ରୀ ମଞ୍ଜୁ ଓ ଦୁଇ ପୁଅ ଗୋଟିଏ ଘରେ ଶୋଇଥିଲେ। କିଛି ଦିନ ହେଲା ଜିଲ୍ଲାରେ ଜାରି ରହିଥିବା ଲଗାଣ ବର୍ଷା ଯୋଗୁଁ ସେମାନେ ଶୋଇଥିବା ମାଟି ଘରର କାନ୍ଥ ସେମାନଙ୍କ ଉପରେ ଭୁଶୁଡ଼ି ପଡ଼ିଥିଲା। ଗ୍ରାମବାସୀ ସମସ୍ତଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଆନନ୍ଦପୁର ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। କିନ୍ତୁ ସେଠାରେ ରାଜାକୁ ଡାକ୍ତର ମୃତ ଘୋଷଣା କରିଥିଲେ।

ଅପରପକ୍ଷେ, ଗତ ରାତିରେ ଏହି ଅଘଟଣ ପରେ ପରିବାରଲୋକ ଆମ୍ବୁଲାନ୍ସକୁ ଖବର ଦେଇଥିଲେ। କିନ୍ତୁ ଆମ୍ବୁଲାନ୍ସଟି ବିଳମ୍ବରେ ପହଞ୍ଚିଥିବା ଅଭିଯୋଗ ହୋଇଛି। ଆନନ୍ଦପୁର ଉପଜିଲ୍ଲାପାଳ ନୀଳମାଧବ ସୁନା ଡାକ୍ତରଖାନାରେ ପହଞ୍ଚି ଆହତଙ୍କ ଅବସ୍ଥା ଅନୁଧ୍ୟାନ କରିବା ସହ ଆମ୍ବୁଲାନ୍ସର ବିଳମ୍ବ ନେଇ ତଦନ୍ତ କରିଥିଲେ। ଜିଲ୍ଲା ଖଣିଜ ପାଣ୍ଠି ଅନୁଦାନରେ ରୋଗୀଙ୍କ ପାଇଁ ଆମ୍ବୁଲାନ୍ସ ଓ ସହାୟତା ପାଇଁ ସଂଜୀବନୀ ସଂସ୍ଥାରେ କର୍ମଚାରୀଙ୍କୁ ଆନନ୍ଦପୁର ଡାକ୍ତଖାନାରେ ନିୟୋଜିତ କରାଯାଇଛି। କିନ୍ତୁ ଅନେକ ସମୟରେ ରୋଗୀ ସେବା ପାଉନଥିବା ଭଳି ଗୁରୁତର ଅଭିଯୋଗ ହେଉଛି। ତେବେ ସଂଜୀବନୀ ସଂସ୍ଥାର ଦାୟିତ୍ୱରେ ଥିବା କର୍ମଚାରୀ ଡିଏମ୍‌ଏଫ୍ ଆମ୍ବୁଲାନ୍ସ ସହ ଆମର ସମ୍ପର୍କ ନାହିଁ ବୋଲି ଯୁକ୍ତି ବାଢ଼ିବାରୁ ଉପଜିଲ୍ଲାପାଳ ବିରକ୍ତି ପ୍ରକାଶ କରିଥିଲେ।

**ପରିବହନ ବିଭାଗ ପକ୍ଷରୁ ଗାଡିରେ ଓଭର୍‌ଲୋଡିଂ ଓ ଫିଟ୍‌ନେସ ଯାଞ୍ଚ**

## ୪୦୧ ଗାଡ଼ିର ଫିଟ୍‌ନେସ୍ ପ୍ରମାଣପତ୍ର ରଦ୍ଦ

**୫୬ଲକ୍ଷ ଟଙ୍କା ଜରିମାନା ଆଦାୟ**

କଟକ, ୬।୯(ସମିସ): ସଡ଼କ ଦୁର୍ଘଟଣା ହ୍ରାସ କରିବା ପାଇଁ ବାଣିଜ୍ୟ ଓ ପରିବହନ ବିଭାଗ ସଚେତନତା ସହ ଏନ୍‌ଫୋର୍ସମେଣ୍ଟକୁ ପ୍ରାଧାନ୍ୟ ଦେଇଛି। ଏଥିପାଇଁ ପ୍ରତି ସପ୍ତାହରେ ବିଭିନ୍ନ ବିଷୟରେ ରାଜ୍ୟ ପରିବହନ ପ୍ରାଧିକରଣ ନେତୃତ୍ୱରେ ସ୍ୱତନ୍ତ୍ର ଏନ୍‌ଫୋର୍ସମେଣ୍ଟ କରାଯାଉଛି। ରାଜ୍ୟବ୍ୟାପୀ ଆରଟିଓ ଟିମ୍ ଦ୍ୱାରା ଓଭରଲୋଡିଂ ଏବଂ ଫିଟନେସ୍ ଯାଞ୍ଚକୁ ଗୁରୁତ୍ୱ ଦିଆଯାଇଥିଲା। ଗତ ୩ ଦିନରେ ରାଜ୍ୟରେ ଓଭରଲୋଡିଂ ପାଇଁ ୨୭୫ଟି ଗାଡ଼ି ବିରୋଧରେ ଚାଲାଣ କଟିଥିବା ବେଳେ ଗାଡ଼ିର ଫିଟନେସ୍ ଠିକ୍ ନଥିବା ଯୋଗୁଁ ୫୩୬ ଗାଡ଼ି ବିରୋଧରେ ଚାଲାଣ କଟିଛି। ସମୁଦାୟ ୨,୫୩୨ଟି ଚାଲାଣ କଟିଛି। ସେହିଭଳି ୪୦୧ଟି ଗାଡ଼ିର ଫିଟନେସ ପ୍ରମାଣ ପତ୍ର ରଦ୍ଦ କରାଯାଇ ୫୬ଲକ୍ଷ ୩୭ ହଜାର ୬୩୨ ଟଙ୍କା ଜରିମାନା ବାବଦରେ ଆଦାୟ କରାଯାଇଛି।

ଓଭରଲୋଡିଂ ବାବଦରେ କଟକ ଆରଟିଓଙ୍କ ଦ୍ୱାରା ୧୪, ସମ୍ବଲପୁରରେ ୨୫, କେନ୍ଦୁଝରର ଆରଟିଓରେ ୧୪, ଅନୁଗୋଳରେ ୧୫, ଗଞ୍ଜାମ ଆରଟିଓରେ ୧୪, କଳାହାଣ୍ଡି ଆରଟିଓରେ ୧୩ଟି ଗାଡ଼ି ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଚାଲାଣ କଟାଯାଇଛି। ସେହିପରି, ଫିଟନେସ୍ ଯାଞ୍ଚରେ କଟକ ଆରଟିଓ ଅଧୀନରେ ୫୦, ଭୁବନେଶ୍ୱର-୧ ଆରଟିଓରେ ୬୮, ଯାଜପୁରରେ ୨୯, ସୋନପୁରରେ ୨୬, ଭଞ୍ଜନଗରରେ ୩୯ଟି, ଖୋର୍ଦ୍ଧା ଏଆରଟିଓଙ୍କ ଦ୍ୱାରା ସଡ଼କରେ ଚାଲିବାକୁ ଉପଯୁକ୍ତ ନଥିବ ୩୫ଟି ଗାଡ଼ିର ଚାଲାଣ କଟାଯାଇଛି। ଜଗତସିଂହପୁର ଆର୍‌ଟିଓରେ ୬୦ଟି ଫିଟନେସ୍ ପ୍ରମାଣପତ୍ର ରଦ୍ଦ ହୋଇଥିବା ବେଳେ ସୋନପୁରରେ ୨୬ଟି, କେନ୍ଦୁଝରରେ ୧୭ଟି, ଅନୁଗୋଳରେ ୧୮ଟି, କୋରାପୁଟରେ ୧୪ଟି ଗାଡ଼ି ଫିଟନେସ୍ ପ୍ରମାଣପତ୍ର ରଦ୍ଦ ହୋଇଛି। ଅନୁଗୋଳ ଆର୍‌ଟିଓରେ ସର୍ବାଧିକ ୯,୯୮,୫୨୦ ଟଙ୍କା ଆଦାୟ କରାଯାଇଛି। ରାଜ୍ୟ ପରିବହନ ପ୍ରାଧିକରଣ ପକ୍ଷରୁ ସୂଚନା ଦିଆଯାଇଛି ଯେ ସ୍ୱତନ୍ତ୍ର ଏନଫୋର୍ସମେଣ୍ଟ ଆଗକୁ ଆହୁରି କଡ଼ାକଡ଼ି କରାଯିବ।

## ସାର ସ୍ଥିତିର ସମୀକ୍ଷା କଲେ ମୁଖ୍ୟ ସଚିବ

ଭୁବନେଶ୍ୱର, ୬।୯(ସମିସ): କୃଷକମାନଙ୍କ ପାଖରେ ସାର ପହଞ୍ଚିବାରେ ଉପୁଜୁଥିବା ଅସୁବିଧା ଉପରେ ଆଜି ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ସମସ୍ତ ଜିଲ୍ଲାପାଳମାନଙ୍କ ସହ ଏକ ବୈଠକ କରି ସ୍ଥିତି ସମୀକ୍ଷା କରିଥିଲେ। ଲୋକସେବା ଭବନରେ ଅନୁଷ୍ଠିତ ଏହି ବୈଠକରେ ଜିଲ୍ଲାପାଳମାନେ ଆଭାସୀ ମାଧ୍ୟମରେ ଯୋଡ଼ି ହୋଇଥିବା ବେଳେ କୃଷି ବିଭାଗ ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ ପାଢ଼ୀ, ସମବାୟ ବିଭାଗ ଶାସନ ସଚିବ ରାଜେଶ ପ୍ରଭାକର ପାଟିଲ, କୃଷି ନିର୍ଦ୍ଦେଶକ ଶୁଭମ୍ ସକ୍ସେନାଙ୍କ ସମେତ ସମବାୟ ଏବଂ କୃଷି ବିଭାଗର ବରିଷ୍ଠ ପଦାଧିକାରୀ ଉପସ୍ଥିତ ଥିଲେ। ମୁଖ୍ୟ ଶାସନ ସଚିବ ଶ୍ରୀ ଆହୁଜା ଚାଷୀଙ୍କ ପାଖରେ ଶୀଘ୍ର ସାର ପହଞ୍ଚାଇବା ଉପରେ ଗୁରୁତ୍ୱାରୋପ କରିଥିଲେ।

## ନଭେମ୍ବର ୧୦ରୁ ଅନ୍ତର୍ଜାତୀୟ ପୁଷ୍ଟିଶସ୍ୟ ସମ୍ମିଳନୀ

ଭୁବନେଶ୍ୱର, ୬।୯ (ସମିସ): ଆସନ୍ତା ନଭେମ୍ବର ୧୦ ଓ ୧୧ରେ ଦୁଇଦିନ ଧରି ଓଡ଼ିଶାରେ ଅନ୍ତର୍ଜାତୀୟ ପୁଷ୍ଟିଶସ୍ୟ ସମ୍ମିଳନୀ ଅନୁଷ୍ଠିତ ହେବ। ଏହି ସମାବେଶରେ ୪୦୦ରୁ ଅଧିକ ଚାଷୀ, ଏମଏସ ସ୍ୱାମୀନାଥନ ରିସର୍ଚ୍ଚ ଫାଉଣ୍ଡେସନର ଅଧ୍ୟକ୍ଷା ଡ. ସୌମ୍ୟା ସ୍ୱାମୀନାଥନ, ୟୁନାଇଟେଡ ନେସନ୍ସର ଫୁଡ୍ ଆଣ୍ଡ ଏଗ୍ରିକଲଚର ଅର୍ଗାନାଇଜେସନରୁ ବୈଜ୍ଞାନିକ, ୱାର୍ଲଡ୍ ଫୁଡ୍ ପ୍ରୋଗ୍ରାମ, ଆଇସିଏଆର, ଆଇସିଏଆର-ସିଆଇଡବ୍ଲୁଏର ବୈଜ୍ଞାନିକଙ୍କ ସମେତ ଦେଶବିଦେଶରୁ ବହୁ ଖ୍ୟାତନାମା ବୈଜ୍ଞାନିକ ତଥା ଅଧିକାରୀ ଯୋଗଦେବେ। ମାଣ୍ଡିଆ ଦିବସ-୨୦୨୫ ଅବସରରେ ଲୋକସେବା ଭବନରେ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଚ୍ଚସ୍ତରୀୟ ପ୍ରସ୍ତୁତି ବୈଠକରେ ଏହି ସୂଚନା ଦିଆଯାଇଛି।



ପ୍ରତିବର୍ଷ ନଭେମ୍ବର ମାସ ୧୦ ତାରିଖକୁ ମାଣ୍ଡିଆ ଦିବସ ଭାବେ ପାଳନ କରାଯାଉଥିବା ବେଳେ ଓଡ଼ିଶା ଏକମାତ୍ର ରାଜ୍ୟ ଭାବେ ମାଣ୍ଡିଆ ଦିବସ ପାଳନ କରୁଛି। ଚଳିତବର୍ଷର ଥିମ୍ ରହିଛି ‘କୃଷି, ଜୈବ ବିବିଧତା ଓ ଐତିହ୍ୟରେ ମହିଳା କୃଷକଙ୍କ ଅବଦାନ’ ରହିଛି। ପୂର୍ବବର୍ଷ ଭଳି ବିଭିନ୍ନ ସେସନ୍ ବିଶିଷ୍ଟ ଗବେଷକ/ବୈଜ୍ଞାନିକଙ୍କ ଦ୍ୱାରା ପରିଚାଳିତ ହେବ ବୋଲି କୃଷି ବିଭାଗ ପ୍ରମୁଖ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ କହିବା ସହ ବିଭାଗର ଆଗାମୀ କାର୍ଯ୍ୟପନ୍ଥା ବିଷୟରେ ସୂଚନା ପ୍ରଦାନ କରିଥିଲେ। ଏଥିରେ କୃଷି ନିର୍ଦ୍ଦେଶକ ଶୁଭମ୍ ସକ୍ସେନା, ମୃତ୍ତିକା ସଂରକ୍ଷଣ ଓ ଜଳବିଭାଜିକା ନିର୍ଦ୍ଦେଶକ ସୁବ୍ରତ କୁମାର ପଣ୍ଡାଙ୍କ ସମେତ ବିଭାଗୀୟ ଅଧିକାରୀମାନେ ଯୋଗଦେଇଥିଲେ।


## ଦୁର୍ଗାପୂଜା ଭସାଣି ପାଇଁ ପୁଲିସ ଏସ୍‌ଆଇ ତୃତୀୟ ପତ୍ର ପରୀକ୍ଷା ଘୁଞ୍ଚିଲା

କଟକ, ୬।୯ (ସମିସ): ଆସନ୍ତା ଶାରଦୀୟ ଦୁର୍ଗାପୂଜା ଭସାଣ ଉତ୍ସବକୁ ଦୃଷ୍ଟିରେ ରଖି ଓଡ଼ିଶା ପୁଲିସ ଏସ୍‌ଆଇ ତୃତୀୟ ପତ୍ର ପରୀକ୍ଷାକୁ ପୁନଃନିର୍ଦ୍ଧାରିତ କରାଯାଇଛି। ଓଡ଼ିଶା ପୁଲିସ ନିଯୁକ୍ତିବୋର୍ଡ (ଓପିଆରବି) ଦ୍ୱାରା ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ, ଦୁର୍ଗାପୂଜା ଭସାଣି ଯୋଗୁଁ ପରୀକ୍ଷା ସୂଚୀରେ ପରିବର୍ତ୍ତନ କରାଯାଇଛି। ହେଲେ ଅକ୍ଟୋବର ୫ରେ ହେବାକୁ ଥିବା ଦୁଇଟି ପତ୍ରର ପରୀକ୍ଷା ପୂର୍ବ ସୂଚୀ ଅନୁସାରେ ଅନୁଷ୍ଠିତ ହେବ। ପୁଲିସ୍ ଏସ୍‌ଆଇ ନିଯୁକ୍ତି ପାଇଁ କମ୍ବାଇନ ପୁଲିସ ସେବା ପରୀକ୍ଷା (ସିପିଏସଇ-୨୦୨୪)ର ତୃତୀୟପତ୍ର ୨୦୨୫ ଅକ୍ଟୋବର ୪ରେ ହେବାର ଥିଲା। ହେଲେ ଏହି ପରୀକ୍ଷାକୁ ଅକ୍ଟୋବର ୬କୁ ଘୁଞ୍ଚାଯାଇଛି। ତୃତୀୟ ପତ୍ର, ଯେଉଁଥିରେ ପଦାର୍ଥ ବିଜ୍ଞାନ ଏବଂ ରସାୟନ ବିଜ୍ଞାନ ବିଷୟ ଅନ୍ତର୍ଭୁକ୍ତ, ତାହା ୬ତାରିଖ ସକାଳ ୧୦ଟାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। କିଛି ପ୍ରମୁଖ ସହରରେ ଆସନ୍ତା ଅକ୍ଟୋବର ୩ ଓ ୪ ତାରିଖରେ ହେବାକୁ ଥିବା ‘ଦୁର୍ଗାପୂଜା ଭସାଣି’ ମହୋତ୍ସବକୁ ଦୃଷ୍ଟିରେ ରଖି କିଛି ପ୍ରାର୍ଥୀ ପରୀକ୍ଷା କେନ୍ଦ୍ରରେ ପହଞ୍ଚିବା ନେଇ ଆଶଙ୍କା ଦେଖାଦେଇଥିଲା। ଉପରୋକ୍ତ ଦିଗକୁ ଧ୍ୟାନ ଦେଇ କେବଳ ଏହି ବିଷୟ ପରୀକ୍ଷା ୬ ତାରିଖକୁ ଘୁଞ୍ଚାଇ ଦିଆଯାଇଛି ବୋଲି ପୁଲିସ ନିଯୁକ୍ତି ବୋର୍ଡ ବିଜ୍ଞପ୍ତି ଜାରି କରିଛି।

## ଏନ୍‌କାଉଣ୍ଟର୍‌ରେ ମହିଳା ମାଓବାଦୀ ନିହତ

**ମୁଣ୍ଡ ଉପରେ ଥିଲା ୮ ଲକ୍ଷର ପୁରସ୍କାର ରାଶି ■ ବିପୁଳ ଅସ୍ତ୍ରଶସ୍ତ୍ର ଓ ସାମଗ୍ରୀ ଜବତ**

ମାଲକାନଗିରି, ୬।୯ (ସମିସ): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ ଦାନ୍ତେୱାଡ଼ା ଓ ନାରାୟଣପୁର ଜିଲ୍ଲା ମଧ୍ୟରେ ଥିବା ଆବୁଝମାଡ଼ ଅଞ୍ଚଳରେ ସୁରକ୍ଷାବାହିନୀକୁ ପୁଣି ଏକ ସଫଳତା ମିଳିଛି। ଯବାନଙ୍କ ଗୁଳିରେ ଜଣେ ୮ ଲକ୍ଷ ଇନାମୀ ମହିଳା ମାଓବାଦୀ ନିହତ ହୋଇଛି। ସେ ହେଲା, ସୋଡି ବିମଳା। ସେ ମାଓ ସଙ୍ଗଠନର ପ୍ଲାଟୁନ ନଂ ୧୬ର କମାଣ୍ଡର୍ ଥିଲା। ଏହାସହ ଘଟଣାସ୍ଥଳରୁ ଯବାନମାନେ ବିପୁଳ ଅସ୍ତ୍ରଶସ୍ତ୍ର ଏବଂ ବିସ୍ଫୋରକ ସାମଗ୍ରୀ ଜବତ କରିଛନ୍ତି। ଜବତ ସାମଗ୍ରୀ ମଧ୍ୟରେ ୩୦୩ ରାଇଫଲ୍, ୩୧୫ ବୋର୍ ରାଇଫଲ୍, ବିଜିଏଲ ଲଞ୍ଚର୍, ୧୯ କେଜି ତରଳ ବିସ୍ଫୋରକ, ଜିଲାଟିନ୍ ଷ୍ଟିକ୍ ସହ ଅନ୍ୟାନ୍ୟ ମାଓ ଏବଂ ଦୈନନ୍ଦିନ ବ୍ୟବହାର ସାମଗ୍ରୀ ଉଦ୍ଧାର ହୋଇଛି। ନାରାୟଣପୁର ଏସ୍‌ପି ରବିନସନ ଗୁଡ଼ିଆ ଏହି ସୂଚନା ଦେଇଛନ୍ତି।

ସୂଚନାନୁଯାୟୀ, ମାଓ ଦମନ ନିମନ୍ତେ ଛତିଶଗଡ଼ରେ ଅପରେସନ ‘ମନସୁନ’ ଜାରି ରହିଛି। ଏହି ଅଭିଯାନରେ ଜିଲ୍ଲାର ଡିଆରଜି ଏବଂ ଏସଟିଏଫ ଯବାନଙ୍କ ମିଳିତ ଦଳ ଅବୁଝମାଡ଼ ଅଞ୍ଚଳର ବୋଣ୍ଡୋସ, ନେନ୍ଦୁର, ଗାୱାଡି ଏବଂ ଆଖପାଖ ଜଙ୍ଗଲରେ ତଲାସି ଅଭିଯାନ ଚଳାଇଥିଲେ। ଏହି ସମୟରେ ନେନ୍ଦୁର ଓ ଗାୱାଡ଼ିର ଜଙ୍ଗଲରେ ମାଓବାଦୀ ଓ ଯବାନ ମୁହାଁମୁହିଁ ହୋଇଥିଲେ। ଉଭୟ ପକ୍ଷ ମଧ୍ୟରେ ଗୁଳି ବିନିମୟ ହୋଇଥିଲା। ତେବେ ଯବାନଙ୍କ ସାମ୍ନା କରି ନ ପାରି ମାଓବାଦୀମାନେ ଛତ୍ରଭଙ୍ଗ ଦେଇଥିଲେ। ପରେ ଖାନତଲାସି ବେଳେ ସେଠାରୁ ମହିଳା ନକ୍ସଲ ସୋଡ଼ି ବିମଳାଙ୍କ ମୃତଦେହ ମିଳିଥିଲା।

## ବ୍ରହ୍ମପୁର ମହାନଗର ନିଗମକୁ ବୁଲାକୁକୁର ଚିନ୍ତା

**ବନ୍ଧ୍ୟାକରଣ ପାଇଁ ଅଣ୍ଟା ଭିଡ଼ିଲା**
**୮ରେ ଟେଣ୍ଡର୍ ଆହ୍ୱାନ**
**ମାସିକ ଅନ୍ୟୁନ ୭୦ କୁକୁରଙ୍କ ବନ୍ଧ୍ୟାକରଣ ଟାର୍ଗେଟ୍**
**ପ୍ରତି କୁକୁର ପିଛା ଖର୍ଚ୍ଚ ହେବ ୨ ହଜାର**



ବ୍ରହ୍ମପୁର, ୬।୯(ସମିସ): ବ୍ରହ୍ମପୁରରେ ବୁଲା କୁକୁରଙ୍କ ସଂଖ୍ୟା ବୃଦ୍ଧି ପାଇବା ସହ ଦିନକୁ ଦିନ ସେମାନଙ୍କ ଦୌରାତ୍ମ୍ୟ ବଢ଼ିବାରେ ଲାଗିଛି। ଲୋକଙ୍କୁ ଗୋଡ଼େଇଗୋଡ଼େଇ କାମୁଡ଼ୁଥିବା ବେଳେ ଅଧିକାଂଶ ସଡ଼କ ଦୁର୍ଘଟଣା ପଛରେ କୁକୁର ଦାୟୀ। ଏଥିରେ ଅତିଷ୍ଠ ବ୍ରହ୍ମପୁରବାସୀ ବିଏମସିକୁ ଦାୟୀ କରିଆସୁଥିଲେ। ଏବେ ବିଏମ୍‌ସି ଏହାର ସମାଧାନ କରିବାକୁ ଅଣ୍ଟା ଭିଡ଼ିଛି। ପୂର୍ବ ନିଷ୍ପତ୍ତିକ୍ରମେ ସହରରେ ଆନିମଲ ବାର୍ଥ କଣ୍ଟ୍ରୋଲ(ଏବିସି) କାର୍ଯ୍ୟକ୍ରମ ହାତକୁ ନେବାକୁ ନିଷ୍ପତ୍ତି ହୋଇଛି। ଏନେଇ ଶନିବାର ମେୟର୍ ସଂଘମିତ୍ରା ଦଳେଇ ଓ କମିସନର୍ ପ୍ରଥମେଶ ଅରବିନ୍ଦ ରାଜେସିର୍କେଙ୍କ ସହ ଅନ୍ୟ ଅଧିକାରୀ ଓ କର୍ପୋରେଟର୍‌ଙ୍କ ଉପସ୍ଥିତିରେ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଛି।

ବୈଠକରେ କମିସନର୍ ସହରରେ ଥିବା ବୁଲା କୁକୁରଙ୍କ ବନ୍ଧ୍ୟାକରଣ ପାଇଁ ତୁରନ୍ତ ଏକ ଘରୋଇ ସଂସ୍ଥା ବା ଏନ୍‌ଜିଓକୁ ଦାୟିତ୍ୱ ପ୍ରଦାନ କରିବା ଉପରେ ଗୁରୁତ୍ୱ ଦେଇଛନ୍ତି। ଏଥିପାଇଁ ଆସନ୍ତା ୮ ତାରିଖରେ ଟେଣ୍ଡର୍ ଆହ୍ୱାନ କରାଯାଇ ୧୫ ତାରିଖ ସୁଦ୍ଧା ପ୍ରକ୍ରିୟା ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି। ବୁଲା କୁକୁରଙ୍କୁ ଧରିବା ସହ ଯେଉଁ ସ୍ଥାନରୁ ଅଣାଯାଇଛି, ବନ୍ଧ୍ୟାକରଣ ପରେ ସେମାନଙ୍କୁ ପୁନଃ ସେହି ସ୍ଥାନରେ ଛାଡ଼ିବା, ଔଷଧ, ଖାଦ୍ୟ ଓ ବନ୍ଧ୍ୟାକରଣ ପାଇଁ ପ୍ରତି କୁକୁରଙ୍କ ପିଛା ୨ହଜାର ଟଙ୍କା ଖର୍ଚ୍ଚ କରିବାକୁ ମୂଲ୍ୟ ଧାର୍ଯ୍ୟ କରାଯାଇଛି।

କମିସନରଙ୍କ ନିର୍ଦ୍ଦେଶ ଅନୁଯାୟୀ ପ୍ରତିମାସରେ ଅନ୍ୟୁନ ୭୦ଟି ବୁଲା କୁକୁରଙ୍କ ବନ୍ଧ୍ୟାକରଣ କରିବାକୁ ଟାର୍ଗେଟ୍ ରଖାଯାଇଛି। ଏଥିସହ ଯେଉଁ ସଂସ୍ଥାକୁ ଏହି ଦାୟିତ୍ୱ ପ୍ରଦାନ କରାଯିବ, ଉକ୍ତ ସଂସ୍ଥା ପକ୍ଷରୁ ବନ୍ଧ୍ୟାକରଣ ପାଇଁ ଜଣେ ଅନୁଭବୀ ପ୍ରାଣୀ ଚିକିତ୍ସକ, ଜଣେ ସହାୟକ ଓ ଜଣେ ଲାଇଭଷ୍ଟକ୍ ଇନ୍ସପେକ୍ଟର୍ (ଏଲ.ଆଇ) ନିଯୁକ୍ତ କରିବା ବାଧ୍ୟତାମୂଳକ କରାଯାଇଛି।

ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ବିଏମସି କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ସୁଶାନ୍ତ ଡୁଙ୍ଗୁଡୁଙ୍ଗ, ନିଗମ କର୍ପୋରେଟର୍ ଟି. କିଶୋର କୁମାର ପାତ୍ର, ବ୍ରହ୍ମପୁର ପ୍ରାଣୀସମ୍ପଦ ଚିକିତ୍ସାଧିକାରୀ ଡା. ସତ୍ୟନାରାୟଣ କର, ଉପଖଣ୍ଡ ପ୍ରାଣୀ ସମ୍ପଦ ଚିକିତ୍ସାଧିକାରୀ ଡା. ଅରବିନ୍ଦ ବେହେରା, ଏସ୍‌ପିସିଏ ସଦସ୍ୟ ଲଲାଟେନ୍ଦୁ ଚୌଧୁରୀ, ସମାଜସେବୀ ଓ ପ୍ରାଣୀପ୍ରେମୀ ଅନୀଲ କୁମାର ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ। ଯେତେଶୀଘ୍ର ନିଗମ ପକ୍ଷରୁ ଏବିସି କାର୍ଯ୍ୟକ୍ରମକୁ କାର୍ଯ୍ୟକାରୀ କରାଯିବ, ସେତେଶୀଘ୍ର ସହରରେ ବୁଲା କୁକୁରଙ୍କ ସଂଖ୍ୟା ଓ ଦୌରାତ୍ମ୍ୟ ହ୍ରାସ ପାଇବା ସହିତ ଅତିଷ୍ଠ ସହରବାସୀଙ୍କୁ ଆଶ୍ୱସ୍ତି ମିଳିବ ବୋଲି ଆଲୋଚନା ହେଉଛି।

# ଆସୁଛି 'ଅନନ୍ତ ଲୀଳା'

ଏକଦା ଓଡ଼ିଶାର ଘରେ ଘରେ ପରିଚିତ ସମ୍ରାଟ କ୍ୟାସେଟ୍ ତଥା ଏହାର ପ୍ରତିଷ୍ଠାତା ବିଶ୍ୱମ୍ବର ସାବତ ଓ ଲୋକପ୍ରିୟ ଅଭିନେତ୍ରୀ ଶ୍ୱେତା ମଲ୍ଲିକ ଦୀର୍ଘ ୨୦ ବର୍ଷ କାଳ ରାଜ୍ୟ ଏବଂ ରାଜ୍ୟ ବାହାରେ ଏପରିକି ବିଦେଶରେ ଯଜ୍ଞ କରୁଥିଲେ। ବର୍ତ୍ତମାନ ନିଜର ପ୍ରଡକସନ୍ସ କମ୍ପାନି 'ଆଦ୍ୟା ଅନନ୍ତ ସମ୍ରାଟ ପ୍ରଡକସନ୍' ଆନୁକୂଲ୍ୟରେ ସତ୍ୟ ଘଟଣା ଉପରେ ଆଧାରିତ ଏକ ଚଳଚ୍ଚିତ୍ର 'ଅନନ୍ତ ଲୀଳା' ର କାମ ଆରମ୍ଭ କରିଛନ୍ତି। ଏହି ଚଳଚ୍ଚିତ୍ରର ନିର୍ଦ୍ଦେଶନା ଦାୟିତ୍ୱ ରଣଜିତ ମହାନ୍ତି ନେଇଛନ୍ତି। ସଂଳାପ ଭରଦ୍ୱାଜ ପଣ୍ଡା ନିର୍ବାହ କରୁଛନ୍ତି। ଆଧ୍ୟାତ୍ମିକ ଦୁନିଆରେ ପୂର୍ଣ୍ଣ ରୂପେ ଜଡ଼ିତ ଏହି ଦୁଇ ବ୍ୟକ୍ତିତ୍ୱ ପୂର୍ବରୁ ଓଡ଼ିଆ ସିନେ ଜଗତରେ ସର୍ବଦା ଆକର୍ଷଣର କେନ୍ଦ୍ର ପାଲଟିଥିଲେ। ହେଲେ ହଠାତ ଚାକଚକ୍ୟ ଭରା ସିନେ ଦୁନିଆକୁ ଛାଡ଼ି ଆଧ୍ୟାତ୍ମିକତାରେ ନିଜକୁ ସଂପୂର୍ଣ୍ଣ ରୂପେ ନିୟୋଜିତ କରିଲେ। ବର୍ତ୍ତମାନ ସେମାନଙ୍କର ଲେଉଟାଣି ଓଡ଼ିଆ ସିନେ ଦୁନିଆରେ କି ପ୍ରଭାବ ପକାଇବ, ତାହା ଜାଣିବା ପାଇଁ ଚଳଚ୍ଚିତ୍ର ମୁକ୍ତିଲାଭକୁ ଅପେକ୍ଷା କରିବାକୁ ପଡ଼ିବ। ■




# 'ଜଲ୍‌ସା' ଗୀତରେ ମନ୍ତ୍ରମୁଗ୍ଧ

ସବୁଠି 'ଜଲସା'ର ଜଲୱା। ପିଲାଠୁ ବୁଢ଼ା ସମସ୍ତେ ମତୁଆଲା ଏହି ଗୀତରେ। ମେଲୋଡି ମଞ୍ଚରୁ ଆରମ୍ଭ କରି ପୂଜା ମଣ୍ଡପ। ସବୁଠି ଏହି ଗୀତର ଧୁମ୍। ଏହି ଗୀତ ମନ୍ତ୍ରମୁଗ୍ଧ କରିଛି ଶ୍ରୋତା ତଥା ଦର୍ଶକଙ୍କୁ। ବର୍ତ୍ତମାନ 'ମନ୍ତ୍ରମୁଗ୍ଧ' ଚଳଚ୍ଚିତ୍ରର ଏହି ଗୀତଟି ଟ୍ରେଣ୍ଡିଂରେ ଅଛି। ମୁକ୍ତିଲାଭ କରିବାର ପ୍ରଥମ ୧୪ ଘଣ୍ଟାରେ ୧,୦୦,୦୦୦ ଦର୍ଶକ ଦେଖିସାରିଥିବା ବେଳେ ଆଜିଯାଏ ୩,୫୦, ୦୦୦ ଦର୍ଶକ ଦେଖିସାରିଛନ୍ତି, ଯାହା ଓଡ଼ିଆ ଚଳଚ୍ଚିତ୍ର କ୍ଷେତ୍ରରେ ଏକ ସର୍ବକାଳୀନ ରେକର୍ଡ। ତେବେ ଉଲ୍ଲେଖନୀୟ କଥାଟି ହେଉଛି, 'ଜଲସା' ଗୀତ ଓଡ଼ିଆ ଚଳଚ୍ଚିତ୍ରର ସବୁଠୁ ଦାମୀ ବା ବ୍ୟୟବହୁଳ ଗୀତ। ଏହାର ନିର୍ମାଣ ପାଇଁ ପାଖାପାଖି ୨୨ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି। ଆଖି ଝଲସା ଆଲୋକ ସାଙ୍ଗକୁ ଅତ୍ୟାଧୁନିକ ଡ୍ୟାନ୍ସ ଫ୍ଲୋର ଓ ଆକର୍ଷଣୀୟ ସେଟ୍ 'ଜଲସା'ର ଫିଭର୍‌କୁ ଦ୍ୱିଗୁଣିତ କରିଛି। ଯୁବ ବର୍ଗର ଶ୍ରୋତା ଓ ଦର୍ଶକ ଏହାକୁ ନେଇ ସର୍ବାଧିକ ରିଲ୍‌ସ ବନାଇବାରେ ବ୍ୟସ୍ତ। ଫିଲ୍ମ 'ମନ୍ତ୍ରମୁଗ୍ଧ'ରେ ସ୍ଥାନିତ ଏହି ଗୀତର ପରିକଳ୍ପନା କରିଛନ୍ତି ଯୁବ ପ୍ରଯୋଜିକା ବର୍ଷା ପଟ୍ଟନାୟକ ଓ ଯୁବ ନିର୍ଦ୍ଦେଶକ ଅନୁପମ ପଟ୍ଟନାୟକ। ସଙ୍ଗୀତ ଦେଇଛନ୍ତି ଆଶିଷ ପ୍ରଧାନ। ନୃତ୍ୟ ନିର୍ଦ୍ଦେଶନାରେ ଅଛନ୍ତି ଅମିତ। ମନୋଜ କୁମାର ପଣ୍ଡା ରଚନା କରିଥିବା ଏହି ଗୀତରେ କଣ୍ଠଦାନ କରିଛନ୍ତି ହ୍ୟୁମାନ ସାଗର ଓ ଅନ୍ତରା ଚକ୍ରବର୍ତ୍ତୀ। ଗୀତଟି ସନୋଜ, ସୂର୍ଯ୍ୟମୟୀ, ସୌରଭ, ମନ୍ମୟ, ନିଶାନ୍ତ ଓ ପିହୁଙ୍କ ଉପରେ ରୂପାୟିତ ହୋଇଛି। ଆଗକୁ ଆସୁଛି ମେଲୋଡି ସିଜିନ। ତେଣୁ ପୂଜା ବଜାରରେ ଏହି ଗୀତଟି ଧମାଲ ମଚାଇବ ବୋଲି ଆଶା କରାଯାଉଛି। ■





# ଉଦୀୟମାନ କଣ୍ଠଶିଳ୍ପୀ ସତ୍ୟବ୍ରତ

ଓଡ଼ିଆ ସଂଗୀତ ଦୁନିଆର ଉଦୀୟମାନ କଣ୍ଠଶିଳ୍ପୀ ଭାବେ ଶ୍ରୋତାଙ୍କ ମନ ଜିଣିବାରେ ସଫଳ ହୋଇଛନ୍ତି ସତ୍ୟବ୍ରତ ଜେନା। ବାଲେଶ୍ୱର ଜିଲ୍ଲା ବସ୍ତା ବ୍ଲକ୍ କୁଡ଼ିଆ ଗାଁର କାଞ୍ଚନ ଜେନା ଓ ଗଣେଶ୍ୱର ଜେନାଙ୍କ ପୁଅ ହେଉଛନ୍ତି ସତ୍ୟବ୍ରତ। ପିଲାଟି ଦିନରୁ ତାଙ୍କର ସଂଗୀତ ପ୍ରତି ରୁଚି ରହିଥିଲା। ତେବେ ଦ୍ୱିତୀୟ ଶ୍ରେଣୀରେ ସେ ତାଙ୍କ ସଂଗୀତ ଶିକ୍ଷାର ଯାତ୍ରା ଆରମ୍ଭ କରିଥିଲେ। ସେତେବେଳେ ସେ ନୀଳଗିରିରେ ଥିବା କଳାବିକାଶ କେନ୍ଦ୍ରରେ ଗୁରୁ ଗୌରହରି ଜେନାଙ୍କ ପାଖରେ ସଙ୍ଗୀତ ଶିକ୍ଷା ଆରମ୍ଭ କରିଥିଲେ। ସେହିପରି ସେ ପ୍ରାଚୀନ କଳା କେନ୍ଦ୍ର, ଚଣ୍ଡୀଗଡ଼ର ନୀଳଗିରି ଶାଖାରେ ସଂଗୀତରେ ବିଶାରଦ ଉପାଧି ହାସଲ କରିଛନ୍ତି। ବର୍ତ୍ତମାନ ସେ ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟରେ ଯୁକ୍ତ ତିନି ତୃତୀୟ ବର୍ଷର ଛାତ୍ର ଭାବେ ହିନ୍ଦୁସ୍ତାନୀ ଶାସ୍ତ୍ରୀୟ ସଙ୍ଗୀତ ବିଭାଗରେ ଅଧ୍ୟୟନରତ। ସେହିପରି ତାଙ୍କ ସଂଗୀତ ଜୀବନ ବିଦ୍ୟାଳୟ ମଞ୍ଚରୁ ଆରମ୍ଭ ହୋଇ ଏବେ ବଡ଼ ମଞ୍ଚରେ ପହଞ୍ଚି ପାରିଛି। ଏମିତି କୌଣସି ଗୀତ ନାହିଁ, ଯାହାକି ତାଙ୍କ କଣ୍ଠରେ ଶୁଣିବାକୁ ମିଳି ନାହିଁ। ଭକ୍ତିଗୀତଠାରୁ ଆରମ୍ଭ କରି ରୋମାଣ୍ଟିକ୍ ଗୀତ ଗାଇ ସେ ଲୋକଙ୍କ ହୃଦୟ ଜିଣିଛନ୍ତି। ସତ୍ୟବ୍ରତ ବିଭିନ୍ନ ରିଆଲିଟି ଶୋ'ରେ ସାମିଲ ହୋଇଥିବା ବେଳେ ଲାଇଭ୍ ଶୋ' ମାନ ବି କରୁଛନ୍ତି। ଏହାବାଦ୍ ସଂଗୀତ କ୍ଷେତ୍ରରେ ଜିଲ୍ଲା ତଥା ରାଜ୍ୟ ସ୍ତରରେ ସତ୍ୟବ୍ରତ ଅନେକ ପୁରସ୍କାର ଓ ସମ୍ମାନର ଅଧିକାରୀ ହୋଇଛନ୍ତି। ତାଙ୍କ ସଫଳତାର ଉପଲବ୍ଧି କେବଳ ତାଙ୍କ ପାଇଁ କି ତାଙ୍କ ପରିବାର ପାଇଁ ଗୌରବ ଆଣି ନାହିଁ, ବରଂ ସେ ନିଜ ପ୍ରତିଭା ମାଧ୍ୟମରେ ଓଡ଼ିଶାକୁ ଗର୍ବିତ କରାଇଛନ୍ତି। ସେ ତାଙ୍କ ସଫଳତାର ସମସ୍ତ ଶ୍ରେୟ ନିଜ ବାପା ମାଆଙ୍କୁ ଦେଇଥିବା କହିଛନ୍ତି। ଅନ୍ୟପଟେ ସତ୍ୟବ୍ରତ ଜାତୀୟ ସ୍ତରରେ କଣ୍ଠଶିଳ୍ପୀ ହେବାର ଲକ୍ଷ୍ୟ ରଖିଛନ୍ତି। ■

# ଚିତ୍ରପ୍ରେମୀ ସଲମାନ

ବଲିଉଡ୍‌ର ଲୋକପ୍ରିୟ ଅଭିନେତା ସଲମାନ ଖାନ୍‌ଙ୍କୁ ଅଭିନୟ ସହିତ ଚିତ୍ର କରିବା ଖୁବ୍ ପସନ୍ଦ। ବିଭିନ୍ନ ସମୟରେ ସେ ଚିତ୍ର ଆଙ୍କିବାକୁ ଭଲପାଆନ୍ତି। ସେହିପରି ସେ ନିଜର ଚିତ୍ରକଳାର ଫଟୋ ମଧ୍ୟ ସାମାଜିକ ଗଣମାଧ୍ୟମରେ ସେୟାର୍ କରିଥାନ୍ତି। ଯାହାକି ଖୁବ୍ ଭାଇରାଲ୍ ହୁଏ। ତେବେ ଚିତ୍ରକଳାର ଗୁଣ ସେ ତାଙ୍କ ମା' ସଲମା ଖାନ୍‌ଙ୍କଠାରୁ ଆଣିଛନ୍ତି। ପୂର୍ବରୁ ସଲମାନଙ୍କ ବାପା ସଲିମ ମଧ୍ୟ ସଲମାନଙ୍କର ଏହି ସଉକ ବାବଦରେ କହିଛନ୍ତି। ଏପରିକି ଅଭିନେତା ନ ହୋଇଥିଲେ ସଲମାନ ଆର୍ଟିଷ୍ଟ ହୋଇଥାନ୍ତେ ବୋଲି ସଲିମ ଏକାଧିକ ସାକ୍ଷାତକାରରେ କହିସାରିଛନ୍ତି। ପିଲାଦିନେ ସଲମାନଙ୍କୁ ତାଙ୍କ ମା' ଚିତ୍ର ଆଙ୍କିବା ଶିଖାଉ ଥିଲେ। ସେହିପରି ସଲମାନ ତାଙ୍କର ନିଜର ଘନିଷ୍ଠ ଲୋକଙ୍କୁ ନିଜ ହାତ ତିଆରି ପେଣ୍ଟିଂ ଉପହାର ଦେଇଥାନ୍ତି। କେବଳ ସେତିକି ନୁହେଁ, ସେ ତାଙ୍କ ଚିତ୍ରକଳାର ପ୍ରଦର୍ଶନ କରି ପାଣ୍ଠି ସଂଗ୍ରହ କରନ୍ତି। ■



# ପରଦା ପଛର କାହାଣୀ

## ବର୍ଷାରେ ଫିଲ୍ମ ଗୀତ ସୁଟିଂ

ଅତୀତରେ ଅନେକ ହିନ୍ଦୀ ଫିଲ୍ମର ଗୀତ କୃତ୍ରିମ ବର୍ଷାରେ ସୁଟିଂ କରାଯାଇଛି। ଏହାର ତାଲିକା ଖୁବ୍ ଲମ୍ବା। ତେବେ ଏଭଳି ଏକ ଗୀତ ସୁଟିଂ ପାଇଁ ଆର୍ଟିଫିସିଆଲ୍ ବର୍ଷା ବା କୃତ୍ରିମ ବର୍ଷା ପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଥିଲା। ତେବେ ସୁଟିଂ ସମୟରେ ଅନାଚକ୍ ଜୋର୍‌ରେ ବର୍ଷା ହୋଇଥିଲା। ଆଉ କୃତ୍ରିମ ବର୍ଷା ବଦଳରେ ପ୍ରାକୃତିକ ବର୍ଷାରେ ଗୀତଟି ସୁଟିଂ ହୋଇଥିଲା। ଏହି ଗୀତଟି ୯୦ ଦଶକରେ ମୁକ୍ତିଲାଭ ରୋମାଣ୍ଟିକ୍ ଡ୍ରାମା ଫିଲ୍ମ 'ଲମ୍‌ହେ' ର ଥିଲା। 'ମେଘାରେ ମେଘାରେ...' ଏହି ୪ ମିନିଟ୍‌ର ଗୀତ ୧୯୫୭ ମସିହାରେ ଧୁମ୍ ମଚାଇଥିଲା। ଏହି ଗୀତ ମଧ ଲୋକଙ୍କ ହୃଦୟକୁ ଛୁଇଁ ପାରିଥିଲା। ତେବେ ଏହି ଗୀତଟିକୁ ନକଲି ବର୍ଷାରେ ସୁଟିଂ କରିବା ପାଇଁ ସ୍ଥିର ହୋଇଥିଲା। କିନ୍ତୁ କ୍ୟାମେରା ଅନ୍ ହେବା ମାତ୍ରେ ସତସତିକା ବର୍ଷା ହୋଇଥିଲା। ଏହାକୁ ନେଇ ଫିଲ୍ମର ସଦସ୍ୟମାନେ ଓ ଫିଲ୍ମ ନିର୍ମାତା ତଥା ନିର୍ଦ୍ଦେଶକ ଯଶ୍ ଚୋପ୍ରା ଖୁସିରେ ନାଚି ଉଠିଥିଲେ। ଭାରତୀୟ ସିନେମା ଜଗତରେ ଏହା ଏକ ଅବିସ୍ମରଣୀୟ ଓ ବାସ୍ତବ ଅନୁଭୂତି ଦେଇଥିଲା। ଯାହାକୁ ନେଇ ଫିଲ୍ମ ସଦସ୍ୟମାନେ ବେଶ୍ ଖୁସି ହୋଇଥିଲେ। ତେବେ ଏହି ଫିଲ୍ମରେ ଶ୍ରୀଦେବୀଙ୍କ ଚମତ୍କାର ଅଭିନୟ ଓ ଯଶ୍ ଚୋପ୍ରାଙ୍କ ବଳିଷ୍ଠ ନିର୍ଦ୍ଦେଶନା ପ୍ରତିଭା ଓ ସିନେମାର ଯାଦୁ ସଭିଁଙ୍କ ହୃଦୟ ଜିଣି ନେଇଥିଲା। ଏହି ଗୀତ ସୁଟିଂ ସମୟରେ ଯେଉଁ ସଂଯୋଗ ଘଟିଥିଲା ତାହା ସିନେମା ଜଗତରେ ଖୁବ୍ କମ୍ ଦେଖିବାକୁ ମିଳିଥାଏ। ଏହି ଗୀତ ରାଜସ୍ଥାନର ମାଣ୍ଡବାରେ ସୁଟିଂ ହୋଇଥିଲା। ଏହି ଗୀତର ସୁଟିଂ ସମୟରେ ଅସଲି ବର୍ଷା ଦେଖି ଯଶ୍ ଚୋପ୍ରା କହିଥିଲେ "କ୍ୟାମେରା ଚାଲିବାକୁ ଦିଅ। କାରଣ ଏପରି ମୁହୂର୍ତ୍ତ ତିଆରି କରାଯାଇପାରିବ ନାହିଁ।" ■



# "ଚରିତ୍ର ଭିତରେ ପଶିଲେ ଜୀବନ୍ତ ହୁଏ ଅଭିନୟ"



ଭଦ୍ରକ ଜିଲ୍ଲା ଅନ୍ତର୍ଗତ ସାବରଙ୍ଗର ତନୁଶ୍ରୀ ଦାଶ। ସେ ଜଣେ ମେଧାବୀ ଛାତ୍ରୀ। ଭବିଷ୍ୟତରେ ଶିକ୍ଷୟିତ୍ରୀ ହେବାକୁ ସ୍ୱପ୍ନ ଦେଖିଛନ୍ତି। ହେଲେ ତାଙ୍କ ଭାଗ୍ୟ ତାଙ୍କୁ ଟାଣି ଆଣିଛି ଓଡ଼ିଆ ଫିଲ୍ମ ଜଗତକୁ। 'ବିଗ୍ ବ୍ରେକ୍-୨' ରିଆଲିଟି ଶୋ'କୁ ସେ ନିଜର ଜଣେ ସମ୍ପର୍କୀୟଙ୍କ ସହିତ ଆସିଥିଲେ। ହଠାତ୍ ତାଙ୍କୁ ଅଡିସନ୍ ଦେବାକୁ ମିଳିଲା ସୁଯୋଗ। ଏହି ପ୍ଲାଟ୍‌ଫର୍ମରେ ଫାଇନାଲିଷ୍ଟ ଟପ୍ ୯ ରେ ତାଙ୍କୁ ବିଉଟି ଡିଭା ଟ୍ୟାଗ୍ ମିଳିଥିଲା। ପରେ ପରେ ସେ ଓଡ଼ିଆ ଫିଲ୍ମରେ କାମ କରିବାକୁ ଦେଲେ ଅଡିସନ୍। 'ଅନୁ ଦିଦି ନଟ୍ ଆଉଟ୍' ତାଙ୍କର ପ୍ରଥମ ସିନେମା। ସେ ଏକାଧିକ ଟେଲିଫିଲ୍ମ ଏବଂ ସିନେମାରେ କାମ କରିଛନ୍ତି। ତେବେ ପାଠପଢ଼ା ଆଉ ଅଭିନୟ ମଧ୍ୟରେ ସେ କେମିତି ସମନ୍ୱୟ ରଖୁଛନ୍ତି ଜାଣିବା ତାଙ୍କ ମୁହଁରୁ।

**ତନୁଶ୍ରୀ ଦାଶ, ଅଭିନେତ୍ରୀ**

**ଶିକ୍ଷୟିତ୍ରୀ ହେବାକୁ ସ୍ୱପ୍ନ ଦେଖି ଅଭିନୟ ଜଗତ ପ୍ରତି କିପରି ଆକୃଷ୍ଟ ହେଲେ ?**

● ପିଲାଦିନୁ ପାଠକୁ ଗୁରୁତ୍ୱ ଦେଉଆସୁଛି। ଶିକ୍ଷୟିତ୍ରୀ ହେବା ମୋର ଲକ୍ଷ୍ୟ। ବର୍ତ୍ତମାନ ମୁଁ ଇଣ୍ଟିଗ୍ରେଟେଡ୍ ବି.ଏସ୍.ସି. ବି.ଇଡିର ଶେଷ ବର୍ଷର ଛାତ୍ରୀ। କେବେ ବି ହିରୋଇନ୍ ହେବି ବୋଲି ଭାବି ନ ଥିଲି। ତେବେ ଦଶମ ପରେ ଜଣେ ସଂପର୍କୀୟଙ୍କ ସହିତ 'ବିଗ୍ ବ୍ରେକ୍-୨' ରିଆଲିଟି ଶୋ'କୁ ଯାଇଥାଏ। ହଠାତ୍ ମୋତେ ବି ଅଡିସନ୍ ଦେବାକୁ କୁହାଯାଇଥିଲା। ସେଠି ଯାହା ଶିଖାଗଲା ମୁଁ କଲି। ଅଡିସନ୍ ଦେଇ ଫାଇନାଲିଷ୍ଟ ଟପ୍ ୯ ହୋଇଥିଲି। ବିଉଟି ଡିଭାର୍ ଟ୍ୟାଗ୍ ମିଳିଲା। ଏହି ଯାତ୍ରା ମୋ ଜୀବନକୁ ସମ୍ପୂର୍ଣ୍ଣ ବଦଳାଇ ଦେଲା। ତାପସ ସରଗରିଆ ସାର୍ 'ଅନୁ ଦିଦି ନଟ୍ ଆଉଟ୍'ରେ କାମ କରିବାକୁ ପ୍ରଥମେ ସୁଯୋଗ ଦେଲେ। ଏହାପରେ ମୁଁ 'ପ୍ରେମିକାୟ ନମଃ', 'ବୋଉ', 'ଆମେ ତ ମିଡିଲ୍ କ୍ଲାସ୍', 'ସରକାରୀ ଜ୍ୱାଇଁ' ଆଦି ଟେଲି ଫିଲ୍ମରେ କାମ କରିଛି। ବଡ଼ ପରଦା ମଧ୍ୟରେ ରମେଶ ବାରିକଙ୍କ 'ମହାବାହୁ' ଓ ତପନ ଦାଶଙ୍କ ପ୍ରଯୋଜିତ 'ଆଶ୍ରମ'ରେ ମଧ୍ୟ ଅଭିନୟ କରିବାକୁ ସୁଯୋଗ ମିଳିଛି। ସବୁବେଳେ ବରିଷ୍ଠ କଳାକାରଙ୍କ ସହିତ କାମ କରିବା ଖୁସିକୁ ମୁଁ ଅନୁଭବ କରେ।

**ପ୍ରଥମେ କ୍ୟାମେରାକୁ କେମିତି ସାମ୍ନା କରିଥିଲେ?**

● ମୋ ପ୍ରଥମ ଫିଲ୍ମର ସୁଟିଂ ଥାଏ। ସେବେ ଅଭିନୟ ବିଷୟରେ ଏତେ କିଛି ଜାଣି ନ ଥାଏ। ଏଥିପାଇଁ ପ୍ରସ୍ତୁତ ବି ନଥିଲି। ଯେହେତୁ ସ୍କୁଲସ୍ତରରେ ବିଭିନ୍ନ କାର୍ଯ୍ୟକ୍ରମରେ ଭାଗ ନେଉଥିଲି, ସୁଟିଂ କେମିତି ହୁଏ ଜାଣିଥିଲି। ତେଣୁ ଭୟ ଲାଗି ନ ଥିଲା। ବରିଷ୍ଠ କଳାକାରଙ୍କ ସହ କେମିତି ଭଲ କାମ କରିବି କେବଳ ସେତିକି ଚିନ୍ତା ଥାଏ। ସେବେ ମୁଁ ସ୍କ୍ରିପ୍ଟକୁ ପୂରା ଘୋଷି ଦେଇଥିଲି। ଧୀରେ ଧୀରେ କାମ ଶିଖିଥିଲି।

**କେଉଁ ଫିଲ୍ମ ଆପଣଙ୍କୁ ଲୋକପ୍ରିୟ କରାଇଛି ?**

● 'ଅନୁଦିଦି ନଟ୍ ଆଉଟ୍' ଫିଲ୍ମରୁ ଲୋକେ ମୋତେ ଚିହ୍ନିଥିଲେ। ଏବେ ବି ସେହି ଫିଲ୍ମର କାହାଣୀ ଆଉ ମୋ ଅଭିନୟକୁ ଭଲ ପାଇବା ମିଳୁଛି।

**ସ୍ମରଣୀୟ ମୁହୂର୍ତ୍ତ ?**

● ବିଳମ୍ବିତ ରାତି ଯାଏଁ ସୁଟିଂ ଥାଏ। 'ଅନୁ ଦିଦି ନଟ୍ ଆଉଟ୍'ର ତିନି ପୃଷ୍ଠାର ଭାଷଣ ସିନ୍ କରୁ କରୁ ପାଖାପାଖି ଭୋର ତିନିଟା ହୋଇଯାଇଥିଲା। ପୂରା ଥକି ପଡ଼ିଥାଏ। ଭାରି ଅଳଙ୍କାର ସାଙ୍ଗକୁ ଓଜନିଆ ଶାଢ଼ି ମୁଁ ପିନ୍ଧିଥିଲି। ସେତେବେଳେ ମୁଁ ଖାଲି କାନ୍ଦୁଥାଏ। ତାପସ ସାର୍ ମୋତେ ବହୁତ ବୁଝାଇଲା ପରେ ସିନ୍ କରିଥିଲି। ସେହି ମୁହୂର୍ତ୍ତକୁ କେବେ ବି ଭୁଲି ପାରିବିନି। ଅବଶ୍ୟ ଏବେ ବିଳମ୍ବିତ ରାତି ହେଉ କି ୨୪ ଘଣ୍ଟା ଧରି କାମ କରିବାରେ ଅଭ୍ୟସ୍ତ ହୋଇଗଲିଣି।

**ଡ୍ରିମ୍ ରୋଲ୍ ?**

● ଶାନ୍ତ କି ବୁଲ୍‌ବୁଲ୍ ଚରିତ୍ରରେ କାମ କରିସାରିଲିଣି। ଆଗକୁ ଥ୍ରିଲର କିମ୍ବା ହରର ମୁଭି କରିବାର ଇଚ୍ଛା ଅଛି। କେବଳ ସେତିକି ନୁହେଁ, ପ୍ରତ୍ୟେକଟି ଚରିତ୍ରରେ ମୋତେ କାମ କରିବାର ଇଚ୍ଛା ରହିଛି।

● **ପଢ଼ା ଆଉ ଅଭିନୟ ପାଇଁ କେମିତି ସମୟ ଦିଅନ୍ତି ?**

ମୁଁ ଯଦି ପାଠ ଆଉ ଫିଲ୍ମରେ ଭଲ କରିବି ଭାବିବି ତାହା ତ କେବେ ହେବନି। ସେଥିପାଇଁ ମୁଁ ପାଠକୁ ଗୁରୁତ୍ୱ ଦେଇ ବର୍ଷକୁ ଗୋଟେ ଗୋଟେ ଫିଲ୍ମ କରିଛି। ଅଭିନୟ ପାଇଁ କେବେ ପାଠ ଉପରେ ପ୍ରଭାବ ପଡୁ ତାହା ମୁଁ ଚାହେଁନି। କି ଆଗକୁ ମଧ ଚାହିଁବିନି। ସମୟ ଦେଖି ଭଲ କାହାଣୀ ମିଳିଲେ ମୁଁ ନିଶ୍ଚିତ କାମ କରିବି।

**ଅଭିନୟକୁ ମାର୍ଜିତ କରିବାକୁ କେମିତି ପ୍ରସ୍ତୁତ ହେବା ଦରକାର ?**

● ପ୍ରଥମତଃ କହିବି ଶିକ୍ଷାକୁ ଶେଷ କରି ଏ ଲାଇନ୍‌କୁ ଆସନ୍ତୁ। ଷ୍ଟ୍ରଗଲ୍ ଆକ୍ଟର ହୋଇ ରହି ନ ଯାଇ ନିଜକୁ ଗ୍ରୁମିଂ କରନ୍ତି। କଠିନ ପରିଶ୍ରମ କରନ୍ତୁ। ସ୍କ୍ରିପ୍ଟ କ'ଣ ମାଗୁଛି ତାକୁ ଦେଖି ବୁଝନ୍ତୁ। ସ୍କ୍ରିପ୍ଟକୁ ନ ଘୋଷି ପ୍ରଥମେ ଚରିତ୍ରକୁ ବୁଝନ୍ତୁ। ଯେଉଁ ଚରିତ୍ର ତୁମକୁ ମିଳିଛି ତା' ଭିତରେ ପଶିଲେ ଅଭିନୟ ଜୀବନ୍ତ ହୋଇପାରିବ। ■

ୟୁଏସ୍ ଓପନ୍ ଟେନିସ୍ -୨୦୨୫ : ସିନର୍-ଆଲ୍‌କାରାଜ୍ ଫାଇନାଲ୍

# ଜୋକୋଭିଚ୍‌ଙ୍କ ୨୫ତମ ଗ୍ରାଣ୍ଡସ୍ଲାମ୍ ସ୍ୱପ୍ନ ଅଧୁରା



ନ୍ୟୁୟର୍କ, ୬।୯ (ଏଜେନ୍ସି)

ବିଶ୍ୱର ଅନ୍ୟତମ ମହାନ ଟେନିସ ଖେଳାଳି ସର୍ବିଆର ନୋଭାକ ଜୋକୋଭିଚ୍‌ଙ୍କ ୨୫ତମ ଟାଇଟଲ୍ ଜିତିବା ସ୍ୱପ୍ନ ପୁଣିଥରେ ଅଧୁରା ରହିଯାଇଛି। ଏଠାରେ ଚାଲିଥିବା ବର୍ଷର ଅନ୍ତିମ ତଥା ୪ର୍ଥ ଗ୍ରାଣ୍ଡସ୍ଲାମ ୟୁଏସ୍ ଓପନ୍ ଟୁର୍ଣ୍ଣାମେଣ୍ଟର ପୁରୁଷ ସିଙ୍ଗଲ୍ସ ସେମିଫାଇନାଲରେ ଜୋକୋଭିଚ୍ ହାରିଯାଇଛନ୍ତି। ଫଳରେ ୨୫ତମ ଗ୍ରାଣ୍ଡସ୍ଲାମ ଜିତିବା ଲାଗି ୩୮ ବର୍ଷୀୟ ଜୋକୋଭିଚ୍‌ଙ୍କୁ ଆସନ୍ତା ବର୍ଷ ଜାନୁଆରୀରେ ଖେଳାଯିବାକୁ ଥିବା ଅଷ୍ଟ୍ରେଲିଆନ ଓପନ୍‌କୁ ଅପେକ୍ଷା କରିବାକୁ ପଡ଼ିବ। ଜୋକୋଭିଚ୍ ତାଙ୍କର ଶେଷ ତଥା ୨୪ତମ ଗ୍ରାଣ୍ଡସ୍ଲାମ ୨ ବର୍ଷ ତଳେ ଏହି ୟୁଏସ୍ ଓପନ୍‌ରେ ଜିତିଥିଲେ।

ଶନିବାର ସକାଳେ ଖେଳାଯାଇଥିବା ପୁରୁଷ ସିଙ୍ଗଲ୍ସ ୨ୟ ସେମିଫାଇନାଲରେ ଦ୍ୱିତୀୟ ସିଡ୍ ସ୍ପେନର କାର୍ଲୋସ ଆଲ୍‌କାରାଜ ୬-୪, ୭-୬ (୪), ୬-୨ ସେଟ୍‌ରେ ୨୪ଥରର ମେଜର ଟାଇଟଲ୍ ବିଜେତା ଜୋକୋଭିଚ୍‌ଙ୍କୁ ସହଜରେ ପରାସ୍ତ କରିଥିଲେ। ଜୋକୋଭିଚ୍‌ଙ୍କଠାରୁ ୧୬ ବର୍ଷ ସାନ ଆଲ୍‌କାରାଜ ଏହି ସେମିଫାଇନାଲ ମୁକାବିଲାକୁ ସହଜରେ ଜିତିନେଇଥିଲେ। ରବିବାର ରାତିରେ ଖେଳାଯିବାକୁ ଥିବା ଫାଇନାଲ ମୁକାବିଲାରେ ଆଲ୍‌କାରାଜ ଡିଫେଣ୍ଡିଂ ଚାମ୍ପିଅନ ତଥା ଟପ୍ ସିଡ୍ ଇଟାଲୀର ଜାନ୍ନିକ ସିନ୍ନରଙ୍କୁ ଭେଟିବେ। ପୂର୍ବରୁ ଖେଳାଯାଇଥିବା ପ୍ରଥମ ସେମିଫାଇନାଲରେ ସିନ୍ନର ୬-୧, ୩-୬, ୬-୩, ୬-୪ ସେଟ୍‌ରେ କାନାଡାର ଫେଲିକ୍ସ ଅଗର-ଆଲିଆସିମେଙ୍କୁ ପରାସ୍ତ କରିଥିଲେ। ରବିବାର ଦୁଇ ଟପ୍ ସିଡ୍ ଖେଳାଳି ସିନ୍ନର ଓ ଆଲକାରାଜଙ୍କ ମଧ୍ୟରେ ଟାଇଟଲ୍ ଲଢ଼େଇ ରୋମାଞ୍ଚକ ହେବ ବୋଲି ଆକଳନ କରାଯାଉଛି। ଏଥିସହ ଓପନ୍ ଏରା ଇତିହାସରେ ପ୍ରଥମଥର ଲାଗି ଗୋଟିଏ ସିଜନରେ ଦୁଇ ଖେଳାଳି କ୍ରମାଗତ ୩ଟି ଗ୍ରାଣ୍ଡସ୍ଲାମ ଫାଇନାଲରେ ପରସ୍ପର ବିରୋଧରେ ଖେଳିବେ। ଏଥିପୂର୍ବରୁ ଜୁନରେ ଅନୁଷ୍ଠିତ ଫ୍ରେଞ୍ଚ ଓପନ୍ ଏବଂ ଜୁଲାଇରେ ଖେଳାଯାଇଥିବା ୱିମ୍ବଲଡନ ଫାଇନାଲରେ ଏହି ଦୁଇ ଖେଳାଳି ପରସ୍ପରକୁ ଭେଟିଥିଲେ। ଯେଉଁଥିରେ ଫ୍ରେଞ୍ଚ ଓପନ୍‌ରେ ଆଲ୍‌କାରାଜ ଓ ୱିମ୍ବଲଡନରେ ସିନ୍ନର ଟାଇଟଲ୍ ବିଜୟୀ ହୋଇଥିଲେ।

## ଗ୍ରାବିଏଲା-ଏରିନ ଯୋଡ଼ିଙ୍କୁ ୨ୟ ଟାଇଟଲ୍



ୟୁଏସ୍ ଓପନ୍ ମହିଳା ଡବଲ୍ସରେ କାନାଡାର ଗ୍ରାବିଏଲା ଡାବ୍ରୋସ୍କି ଓ ନ୍ୟୁଜିଲାଣ୍ଡର ଏରିନ ରୌତଲିଫ୍ ଯୋଡ଼ି ଚାମ୍ପିଅନ ହୋଇଛନ୍ତି। ଫାଇନାଲ ମୁକାବିଲାରେ ୩ୟ ସିଡ୍ ଗ୍ରାବିଏଲା-ଏରିନ ଯୋଡ଼ି ୬-୪, ୬-୪ ସିଧାସଳଖ ସେଟରେ ଟପ୍ ସିଡ୍ ଟେଲର ଟାଉନସେଣ୍ଡ ଓ କାଟେରିନା ସିନିଆକୋଭା ଯୋଡ଼ିଙ୍କୁ ହରାଇଥିଲେ। ଫଳରେ ଏହି କାନାଡା-ନ୍ୟୁଜିଲାଣ୍ଡ ଯୋଡ଼ି ଏଠାରେ ୨ୟଥର ଲାଗି ଚାମ୍ପିଅନ ହେବାର ସୌଭାଗ୍ୟ ଲାଭ କରିଛନ୍ତି। ୨୦୨୩ ୟୁଏସ୍ ଓପନ୍‌ରେ ଗ୍ରାବିଏଲା-ଏରିନ ଯୋଡ଼ି ମହିଳା ଡବଲ୍ସ ଟାଇଟଲ୍ ହାସଲ କରିଥିଲେ। ଚଳିତ ବର୍ଷ ଚାମ୍ପିଅନ ହେବା ସହ ଏହି ଯୋଡ଼ି ପୁରସ୍କାର ବାବଦରେ ୧୦ ଲକ୍ଷ ଡଲାର (ଭାରତୀୟ ମୁଦ୍ରାରେ ୮.୮୧ କୋଟି) ପାଇଛନ୍ତି।

● ଅଷ୍ଟ୍ରେଲିଆ-ଏ ବିପକ୍ଷ ସିରିଜ୍

## ଆୟରଙ୍କୁ ମିଳିଲା ଭାରତ-ଏ ଦଳର ନେତୃତ୍ୱ

ମୁମ୍ବଇ, ୬।୯ (ଏଜେନ୍ସି): ନିକଟରେ ଏସିଆ କପ୍ ଦଳରୁ ବାଦ୍ ପଡ଼ିଥିବା ଅଭିଜ୍ଞ ମୁମ୍ବଇ ବ୍ୟାଟର୍ ଶ୍ରେୟାସ ଆୟରଙ୍କୁ ଆଶ୍ୱସ୍ତି ମିଳିଛି। ଆଗାମୀ ଅଷ୍ଟ୍ରେଲିଆ-ଏ ବିପକ୍ଷ ଦୁଇଟି ଦ୍ୱି-ଦିବସୀୟ ମ୍ୟାଚ ଲାଗି ଶନିବାର ଘୋଷିତ ୧୫ ଜଣିଆ ଭାରତ-ଏ ଦଳର ନେତୃତ୍ୱ ଭାର ଆୟରଙ୍କୁ ପ୍ରଦାନ କରାଯାଇଛି। ସେହିଭଳି ୱିକେଟ୍‌କିପର ଧ୍ରୁବ ଜୁରେଲଙ୍କୁ ଏହି ଦଳର ଉପ-ଅଧିନାୟକ ଦାୟିତ୍ୱ ଦିଆଯାଇଛି। ନିକଟରେ ଇଂଲଣ୍ଡ ବିପକ୍ଷ ଟେଷ୍ଟ ସିରିଜରେ ଖେଳିଥିବା ସାଇ ସୁଦର୍ଶନ, ପ୍ରସିଦ୍ଧ କ୍ରିଷ୍ଣା, ଅଭିମନ୍ୟୁ ଈଶ୍ୱରନଙ୍କୁ ଭାରତ-ଏ ଦଳରେ ମଧ୍ୟ ସ୍ଥାନ ମିଳିଛି। ସେପ୍ଟେମ୍ବର ୧୬ରୁ ଭାରତ-ଏ ଓ ଅଷ୍ଟ୍ରେଲିଆ-ଏ ମଧ୍ୟରେ ଲକ୍ଷ୍ନୌ ପ୍ରଥମ ଦ୍ୱି-ଦିବସୀୟ ମ୍ୟାଚ୍ ଆରମ୍ଭ ହେବ। ଏହାପରେ ଅନ୍ତିମ ତଥା ୨ୟ ମ୍ୟାଚ୍ ସେପ୍ଟେମ୍ବର ୨୩ରୁ ଖେଳାଯିବ। ପରବର୍ତ୍ତୀ ସମୟରେ ଦୁଇ ଦଳ ମଧ୍ୟରେ ୩ଟି ଦିନିକିଆ ମ୍ୟାଚ୍ ଖେଳାଯିବାର କାର୍ଯ୍ୟସୂଚୀ ରହିଛି। ଏହି ୩ଟି ମ୍ୟାଚ୍ ସେପ୍ଟେମ୍ବର ୩୦, ଅକ୍ଟୋବର ୩ ଓ ଅକ୍ଟୋବର ୫ରେ କାନପୁରରେ ଖେଳାଯିବ।



**ଘୋଷିତ ଭାରତ-ଏ ଦଳ** : ଶ୍ରେୟାସ ଆୟର (ଅଧିନାୟକ), ଧ୍ରୁବ ଜୁରେଲ (ଉପ-ଅଧିନାୟକ), ଅଭିମନ୍ୟୁ ଈଶ୍ୱରନ, ଏନ ଜଗଦିଶନ, ସାଇ ସୁଦର୍ଶନ, ଦେବଦତ୍ତ ପାଡିକଲ, ହର୍ଷ ଦୁବେ, ଆୟୁଷ ବଦୋନୀ, ନୀତୀଶ କୁମାର ରେଡ୍ଡୀ, ତନୁଷ କୋଟିଆନ, ପ୍ରସିଦ୍ଧ କ୍ରିଷ୍ଣା, ଖଲିଲ ଅହମ୍ମଦ, ମାନବ ସୁତାର, ଯଶ ଠାକୁର ଓ ଗୁରନୁର୍ ବ୍ରାର୍।

## ୨୮ରେ ବିସିସିଆଇକୁ ମିଳିବ ନୂଆ ସଭାପତି

ନୂଆଦିଲ୍ଲୀ, ୬।୯ (ଏଜେନ୍ସି): ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ୯୪ତମ ବାର୍ଷିକ ସାଧାରଣ ବୈଠକ ତଥା ଏଜିଏମ୍ ଆସନ୍ତା ୨୮ ତାରିଖରେ ବସିବ। ଏହି ବୈଠକରେ ବିସିସିଆଇର ନୂଆ ସଭାପତି ଚୟନ ହେବେ। ସଭାପତିଙ୍କ ସମେତ ଉପ-ସଭାପତି, ସମ୍ପାଦକ, ଯୁଗ୍ମ- ସମ୍ପାଦକ ଓ କୋଷାଧ୍ୟକ୍ଷ ପଦ ପାଇଁ ମଧ୍ୟ ନିର୍ବାଚନ ହେବ। ଏହି ଗୁରୁତ୍ୱପୂର୍ଣ୍ଣ ବୈଠକରେ ଆଇପିଏଲ୍ ଓ ମହିଳା ପ୍ରିମିୟର ଲିଗ୍‌ର ଗଭର୍ଣ୍ଣିଂ କାଉନସିଲର ମଧ୍ୟ ନିର୍ବାଚନ ହେବ। ପୁଣି ଏହି ଦିନ ଆଗାମୀ ଏସିଆ କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲ ମୁକାବିଲା ଖେଳାଯିବ। ବିସିସିଆଇ ଏସିଆ କପ୍‌ର ଆୟୋଜକ ହୋଇଥିଲେ ମଧ୍ୟ ଏଜିଏମ୍ କାରଣରୁ କୌଣସି ଅଧିକାରୀ ଫାଇନାଲ ମ୍ୟାଚ୍‌ରେ ଯୋଗଦେଇ ପାରିବେ ନାହିଁ। ନିର୍ବାଚିତ ହେବାକୁ ଥିବା ଅଧିକାରୀମାନେ ୩ ବର୍ଷ ପାଇଁ ଦାୟିତ୍ୱରେ ରହିବେ। ସମ୍ପାଦକ ଭାବେ ଦେବଜିତ ସାଇକିଆ ପଦ ବଜାୟ ରଖିବା ଏକପ୍ରକାର ନିଶ୍ଚିତ। ତେବେ କିଏ ସଭାପତି ପଦ ଅଳଙ୍କୃତ କରିବେ ସେ ନେଇ କିଛି ସ୍ପଷ୍ଟ ହୋଇନାହିଁ। ରୋଜର ବିନ୍ନି ପଦ ଛାଡିବା ପରେ ରାଜୀବ ଶୁକ୍ଲା କାର୍ଯ୍ୟକାରୀ ସଭାପତି ଭାବେ ଦାୟିତ୍ୱରେ ରହିଛନ୍ତି।

## ଏସିଆ ରଗ୍‌ବୀ ଚାମ୍ପିଅନସିପ୍‌ରେ ଭାଗନେବେ କିସ୍‌ର ୭ ଖେଳାଳି



ଭୁବନେଶ୍ୱର, ୬।୯ (ସମିସ): ଏସିଆ ରଗ୍‌ବୀ ଏମିରେଟ୍ସ ଚାମ୍ପିଅନସିପ୍ ସେପ୍ଟେମ୍ବର ୧୩ରୁ ଚାଇନାର ହୋହୋତାରେ ଆରମ୍ଭ ହେବ। ୧୮ ବର୍ଷରୁ କମ୍ ଏହି ରଗ୍‌ବୀ ଚାମ୍ପିଅନସିପ୍‌ରେ ଭାରତର ଉଭୟ ପୁରୁଷ ଓ ମହିଳା ଦଳ ଅଂଶଗ୍ରହଣ କରିବ। ଏଥିଲାଗି ଭାରତୀୟ ରଗ୍‌ବୀ ଫୁଟ୍‌ବଲ ୟୁନିୟନ (ଆଇଆର୍‌ଏଫ୍‌ୟୁ) ପକ୍ଷରୁ ଶନିବାର ଦଳ ଘୋଷଣା କରାଯାଇଥିଲା। ଘୋଷିତ ଭାରତୀୟ ଦଳରେ ଓଡ଼ିଶାର କଳିଙ୍ଗ ଇନଷ୍ଟିଚ୍ୟୁଟ୍ ଅଫ୍ ସୋସିଆଲ୍ ସାଇନ୍ସ (କିସ୍)ର ୭ଜଣ ଖେଳାଳି ସ୍ଥାନ ପାଇଛନ୍ତି। ମହିଳା ଦଳରେ ଓଡ଼ିଶାର ମାମାଲି ସିଂ, ଅନିତା ମୁର୍ମୁ, ରାଇମଣୀ ମୁର୍ମୁ ରହିଛନ୍ତି। ସେହିଭଳି ବିଦ୍ୟାଧର ମାଝୀ, ଭାରତ କିସାନ, ଚରଣ ହେମ୍ବ୍ରମ ଓ ଆଉମା ମୁର୍ମୁ ପୁରୁଷ ଦଳରେ ସ୍ଥାନ ପାଇଛନ୍ତି। କୋଲକାତାର ସାଇ ସେଣ୍ଟରରେ ୯ ଦିନିଆ କ୍ୟାମ୍ପ ପରେ ଏହି ଦଳ ଚୟନ କରାଯାଇଛି। ଏକାଥରକେ କିସ୍‌ର ୭ଜଣ ଖେଳାଳି ଜାତୀୟ ରଗବୀ ଦଳରେ ସ୍ଥାନ ପାଇ ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। କିଟ୍ ଓ କିସ୍‌ର ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତ ସମସ୍ତ ଖେଳାଳିଙ୍କୁ ଶୁଭେଚ୍ଛା ଓ ଶୁଭକାମନା ଜଣାଇଛନ୍ତି। ଭାରତୀୟ ଦଳ ସେପ୍ଟେମ୍ବର ୯ରେ ଚାଇନା ଅଭିମୁଖେ ଗସ୍ତ କରିବ।

■ ଦୁଲୀପ୍ ଟ୍ରଫି ସେମିଫାଇନାଲ

## କେନ୍ଦ୍ରାଞ୍ଚଳର ଗୁରୁତ୍ୱପୂର୍ଣ୍ଣ ପ୍ରଥମ ପାଳି ଅଗ୍ରଣୀ

ବେଙ୍ଗାଲୁରୁ, ୬।୯ (ଏଜେନ୍ସି): ପଶ୍ଚିମାଞ୍ଚଳ ବିପକ୍ଷରେ ଚାଲିଥିବା ଦୁଲୀପ୍ ଟ୍ରଫି ଦ୍ୱିତୀୟ ସେମିଫାଇନାଲରେ ରଜତ ପଟିଦାରଙ୍କ କେନ୍ଦ୍ରାଞ୍ଚଳ ଦଳ ଗୁରୁତ୍ୱପୂର୍ଣ୍ଣ ପ୍ରଥମ ଇନିଂସ ଅଗ୍ରଣୀ ହାସଲ କରିଛି। ପଶ୍ଚିମାଞ୍ଚଳର ୪୩୮ ରନ ଜବାବରେ କେନ୍ଦ୍ରାଞ୍ଚଳ ଶନିବାର ୩ୟ ଦିବସ ଷ୍ଟମ୍ପ ସୁଦ୍ଧା କେନ୍ଦ୍ରାଞ୍ଚଳ ୧୫୭ ଓଭର ଖେଳି ୮ ୱିକେଟ୍‌ରେ ୫୫୬ ରନର ବିଶାଳ ସ୍କୋର ଠିଆ କରାଇଛି। ଦୁଇଟି ୱିକେଟ୍ ବଳକା ଥାଇ କେନ୍ଦ୍ରାଞ୍ଚଳ ୧୧୮ ରନରେ ଆଗୁଆ ରହିଛି। ଷ୍ଟମ୍ପ ବେଳକୁ ସାରାଂଶ ଜୈନ ୩୭ ଓ ଯଶ ଠାକୁର ୪ ରନରେ ଖେଳୁଛନ୍ତି। ଅନ୍ୟ ବ୍ୟାଟର୍‌ଙ୍କ ମଧ୍ୟରେ ଶୁଭମ ଶର୍ମା ୯୬ ରନ କରି ଦୁର୍ଭାଗ୍ୟଜନକ ଭାବେ ରନଆଉଟ୍ ହୋଇ ଶତକରୁ ବଞ୍ଚିତ ହୋଇଥିଲେ। ସେହିଭଳି ୱିକେଟରକ୍ଷକ ଉପେନ୍ଦ୍ର ଯାଦବ (୮୭), ଅଧିନାୟକ ରଜତ (୭୭), ହର୍ଷ ଦୁବେ (୭୫) ଓ ଦାନିଶ ମାଲେୱାର (୭୬) ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ମ୍ୟାଚ୍ ଆହୁରି ଦୁଇଦିନ ବାକି ଥିବାରୁ କେନ୍ଦ୍ରାଞ୍ଚଳର ସ୍ଥିତି ଦୃଢ଼ ରହିଛି।

■ ଉତ୍ତରାଞ୍ଚଳର ଲଢ଼େଇ ଜାରି

ସେହିଭଳି ଅନ୍ୟ ଏକ ସେମିଫାଇନାଲରେ ଦକ୍ଷିଣାଞ୍ଚଳ ବିପକ୍ଷରେ ଉତ୍ତରାଞ୍ଚଳ ଲଢ଼େଇ ଜାରି ରଖିଛି। ଏନ୍ ଜଗଦିଶନ (୧୯୭)ଙ୍କ ମାରାଥନ ଶତକ ବଳରେ ପ୍ରଥମେ ବ୍ୟାଟିଂ କରିଥିବା ଦକ୍ଷିଣାଞ୍ଚଳ ପ୍ରଥମ ପାଳିରେ ୫୩୬ ରନ କରି ଅଲ୍‌ଆଉଟ୍ ହୋଇଥିଲା। ଜବାବରେ ପ୍ରଥମ ପାଳି ଆରମ୍ଭ କରିଥିବା ଉତ୍ତରାଞ୍ଚଳ ଶନିବାର ଖେଳ ଶେଷ ସୁଦ୍ଧା ୫ ୱିକେଟ୍‌ରେ ୨୭୮ ରନ କରିଛି। ଓପନର୍ ଶୁଭମ ଖଜୁରିଆ ୧୨୮ ରନର ଶତକୀୟ ପାଳି ଖେଳି ଅପରାଜିତ ରହିଛନ୍ତି। ସେହିଭଳି ବୋଲିଂରେ ୫ ୱିକେଟ୍ ନେଇଥିବା ନିଶାନ୍ତ ସିନ୍ଧୁ ବ୍ୟାଟିଂରେ ମଧ୍ୟ ୮୨ ରନ କରିଛନ୍ତି। ୫ ୱିକେଟ୍ ବଳକା ଥାଇ ଉତ୍ତରାଞ୍ଚଳ ପ୍ରଥମ ପାଳିରେ ଆହୁରି ୨୫୮ ରନ ପଛରେ ରହିଛି।

ଦ୍ୱିତୀୟ ଟି-୨୦

## ଶ୍ରୀଲଙ୍କାକୁ ହରାଇଦେଲା ଜିମ୍ବାୱେ

ହରାରେ, ୬।୯ (ଏଜେନ୍ସି): ଜିମ୍ବାୱେ ଗସ୍ତରେ ଯାଇଥିବା ଶ୍ରୀଲଙ୍କା କ୍ରିକେଟ୍ ଦଳକୁ ବଡ଼ ବିପର୍ଯ୍ୟୟର ସାମ୍ନା କରିବାକୁ ପଡ଼ିଛି। ଶନିବାର ଟି-୨୦ ସିରିଜର ଖେଳାଯାଇଥିବା ଦ୍ୱିତୀୟ ମୁକାବିଲାରେ ଘରୋଇ ଜିମ୍ବାୱେ ୫ ୱିକେଟ୍‌ରେ ସହଜରେ ଶ୍ରୀଲଙ୍କାକୁ ହରାଇ ଦେଇଥିଲା। ଧାର୍ଯ୍ୟ ୮୧ ରନର ଛୋଟିଆ ଲକ୍ଷ୍ୟକୁ ଜିମ୍ବାୱେ ୧୪.୨ ଓଭରରେ ୫ ୱିକେଟ୍ ହରାଇ ହାସଲ କରିନେଇଥିଲା। ର୍‌ୟାନ ବର୍ଲ ୨୦ ଓ ତାସିଙ୍ଗା ମୁସେକିୱା ୨୧ ରନ କରି ଅପରାଜିତ ରହିଥିଲେ। ଓପନର୍ ବ୍ରାଏନ ବେନେଟ୍ଟ ୧୯ ରନ କରିଥିବାବେଳେ ସିକନ୍ଦର ରାଜା (୨) ଓ ସିନ୍ ୱିଲିୟମ୍ସ (୦) ନିରାଶ କରିଥିଲେ। ପୂର୍ବରୁ ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଭ୍ରମଣକାରୀ ଶ୍ରୀଲଙ୍କା ପ୍ରତିପକ୍ଷ ବୋଲିଂକୁ ସାମ୍ନା କରି ନ ପାରି ୧୭.୪ ଓଭରରେ ୮୦ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଦଳ ପକ୍ଷରୁ ୩ଜଣ ଖେଳାଳି କାମିଲ ମିଶ୍ରା (୨୦), ଅଧିନାୟକ ଚାରିଥ ଆସଲଙ୍କା (୧୮) ଓ ଦସୁନ ସନକା (୧୮) ଦୁଇଅଙ୍କ ବିଶିଷ୍ଟ ସ୍କୋର କରିପାରିଥିଲେ। ଟି-୨୦ରେ ଶ୍ରୀଲଙ୍କାର ଏହା ଦ୍ୱିତୀୟ ସର୍ବନିମ୍ନ ଦଳଗତ ସ୍କୋର ହେବାର ରେକର୍ଡ ହୋଇଛି। ଜିମ୍ବାୱେ ପକ୍ଷରୁ ରାଜା, ବ୍ରାଡ୍ ଇଭାନ୍ସ ୩ଟି ଲେଖାଏ ଏବଂ ବ୍ଲେସିଂ ମୁଜରବାନୀ ୨ଟି ୱିକେଟ୍ ନେଇଥିଲେ। ପୂର୍ବରୁ ପ୍ରଥମ ମ୍ୟାଚକୁ ଶ୍ରୀଲଙ୍କା ୪ ୱିକେଟ୍‌ରେ ହାରିଥିବା ଜିମ୍ବାୱେ ଏବେ ସିରିଜକୁ ୧-୧'ର ବରାବର୍‌ସ୍ଥିତିକୁ ଆଣିଛି। ନିର୍ଣ୍ଣାୟକ ୩ୟ ଟି-୨୦ ରବିବାର ଖେଳାଯିବ।



## ୧୦ ବର୍ଷ ପରେ ୟୁଏସ୍ ଓପନ୍ ଦେଖିବେ ଟ୍ରମ୍ପ

ନ୍ୟୁୟର୍କ, ୬।୯ (ଏଜେନ୍ସି): ବର୍ଷର ଅନ୍ତିମ ତଥା ୪ର୍ଥ ଗ୍ରାଣ୍ଡସ୍ଲାମ ଟେନିସ ପ୍ରତିଯୋଗିତା ୟୁଏସ୍ ଓପନ୍ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ରବିବାର ଦୁଇ ଟପ୍ ସିଡ୍ ଖେଳାଳି ଇଟାଲୀର ଜାନିକ ସିନ୍ନର ଓ ସ୍ପେନର କାର୍ଲୋସ ଆଲକାରାଜଙ୍କ ମଧ୍ୟରେ ପୁରୁଷ ସିଙ୍ଗଲ୍ସ ଫାଇନାଲ ଖେଳାଯିବ। ଏହି ହାଇଭୋଲଟେଜ ମ୍ୟାଚ୍ ଦେଖିବା ଲାଗି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଷ୍ଟାଡିୟମକୁ ଯିବେ ବୋଲି ହ୍ୱାଇଟ୍ ହାଉସ ପକ୍ଷରୁ ଜଣାପଡ଼ିଛି। ଫଳରେ ଆମେରିକାର ରାଷ୍ଟ୍ରପତି ଭାବେ ୭୯ ବର୍ଷୀୟ ଟ୍ରମ୍ପ ପ୍ରଥମଥର ଲାଗି ୟୁଏସ୍ ଓପନ୍ ଦେଖିବେ। ଏଥିପୂର୍ବରୁ ଟ୍ରମ୍ପ ୧୦ ବର୍ଷ ତଳେ ଅର୍ଥାତ୍ ୨୦୧୫ରେ ୟୁଏସ୍ ଓପନ୍‌ରେ ଷ୍ଟାଡିୟମରେ ବସି ମ୍ୟାଚ୍ ଉପଭୋଗ କରିଥିଲେ। ସେତେବେଳେ କିନ୍ତୁ ସେ ଆମେରିକାର ସର୍ବୋଚ୍ଚ ପଦ ଗ୍ରହଣ କରି ନ ଥିଲେ। ଟ୍ରମ୍ପ ୨୦୧୬ରେ ପ୍ରଥମଥର ଲାଗି ରାଷ୍ଟ୍ରପତି ନିର୍ବାଚିତ ହୋଇଥିଲେ।

ଏସିଆ କପ୍ ପୁରୁଷ ହକି

# ଭାରତ-ଦକ୍ଷିଣ କୋରିଆ ଫାଇନାଲ ଆଜି

ରାଜଗିର, ୬।୯ (ଏଜେନ୍ସି)



ବିହାରରେ ଚାଲିଥିବା ପୁରୁଷ ଏସିଆ କପ୍ ହକିର ଦ୍ୱାଦଶ ସଂସ୍କରଣରେ ଆୟୋଜକ ଭାରତୀୟ ଦଳ ଫାଇନାଲରେ ପ୍ରବେଶ କରିଛି। ଶନିବାର ଭାରତ ଖେଳିଥିବା ଏହାର ଅନ୍ତିମ ତଥା ତୃତୀୟ ସୁପର୍-୪ ମ୍ୟାଚରେ ଚୀନକୁ ୭-୦ ଗୋଲ୍‌ର ବୃହତ୍ ବ୍ୟବଧାନରେ ପରାସ୍ତ କରିଥିଲା। ଫଳରେ ସୁପର୍-୪ରେ ତିନୋଟି ମ୍ୟାଚରୁ ୨ ବିଜୟ ଓ ଗୋଟିଏ ଡ୍ର ସହ ୭ ପଏଣ୍ଟ ପାଇ ଭାରତ ଶୀର୍ଷ ସ୍ଥାନ ହାସଲ କରିଛି। ଏଥିସହ ଏସିଆ କପ୍ ଇତିହାସରେ ଭାରତ ୯ମଥର ଲାଗି ଫାଇନାଲରେ ପହଞ୍ଚିଛି। ହରମନପ୍ରୀତ୍ ସିଂହଙ୍କ ନେତୃତ୍ୱାଧୀନ ଭାରତ ପୂର୍ବରୁ ସୁପର୍-୪ର ପ୍ରଥମ ମ୍ୟାଚରେ ଡିଫେଣ୍ଡିଂ ଚାମ୍ପିଅନ ଦକ୍ଷିଣ କୋରିଆ ବିପକ୍ଷରେ ୨-୨ ଗୋଲ୍‌ରେ ଡ୍ର ରଖିଥିଲା। ଏହାପରେ ଦ୍ୱିତୀୟ ମୁକାବିଲାରେ କିନ୍ତୁ ଦମ୍‌ଦାର ପ୍ରଦର୍ଶନ କରି ମାଲେସିଆକୁ ୪-୧ ଗୋଲରେ ହରାଇଥିଲା। ରବିବାର ଫାଇନାଲ ମୁକାବିଲାରେ ଦକ୍ଷିଣ କୋରିଆକୁ ଭେଟିବ ଭାରତ। ଦକ୍ଷିଣ କୋରିଆ ଦଳ ସୁପର୍-୪ରେ ତିନୋଟି ମ୍ୟାଚରୁ ଗୋଟିଏ ଲେଖାଏ ବିଜୟ, ପରାଜୟ ଓ ଡ୍ର ସହ ୪ ପଏଣ୍ଟ ପାଇ ଦ୍ୱିତୀୟ ସ୍ଥାନରେ ରହିଥିଲା। ଚାମ୍ପିଅନ ଦଳ ୨୦୨୬ ଏଫ୍‌ଆଇଏଚ୍ ବିଶ୍ୱକପ୍‌କୁ ସିଧାସଳଖ ଯୋଗ୍ୟତା ଅର୍ଜନ କରିବ। ତେଣୁ ଭାରତ ନିକଟରେ ବିଶ୍ୱକପ୍ ଟିକଟ୍ ହାସଲ କରିବାର ସୁବର୍ଣ୍ଣ ସୁଯୋଗ ରହିଛି।

■ ଶିଳାନନ୍ଦ ଦେଲେ ପ୍ରଥମ ଗୋଲ୍

ଶନିବାର ଭାରତ ଏହାର ଶେଷ ସୁପର୍-୪ ମ୍ୟାଚରେ ଚୀନ ବିପକ୍ଷରେ ଦମ୍‌ଦାର ପ୍ରଦର୍ଶନ କରିଥିଲା। ଭାରତ ପ୍ରଥମାର୍ଦ୍ଧରେ ହିଁ ୩ଟି ଗୋଲ୍ ଦେଇ ଚୀନକୁ ବ୍ୟାକଫୁଟ୍‌କୁ ଠେଲି ଦେଇଥିଲା। ମ୍ୟାଚର ୪ର୍ଥ ମିନିଟ୍‌ରେ ଓଡ଼ିଆ ଖେଳାଳି ଶିଳାନନ୍ଦ ଲାକ୍ରା ସୁନ୍ଦର ଫିଲ୍ଡ ଗୋଲ୍ ଦେଇ ଘରୋଇ ଦଳ ପାଇଁ ଖାତା ଖୋଲିଥିଲେ। ଏହାପରେ ଗୋଲ୍ ବର୍ଷା ଆରମ୍ଭ ହୋଇଥିଲେ। ୭ମ ମିନିଟ୍‌ରେ ପେନାଲ୍ଟି କର୍ଣ୍ଣର ଜରିଆରେ ଦିଲପ୍ରୀତ୍ ସିଂହ ଦଳ ପାଇଁ ଦ୍ୱିତୀୟ ଗୋଲ୍ ଦେଇଥିଲେ। ଏହାପରେ ଦ୍ୱିତୀୟ କ୍ୱାର୍ଟର ତଥା ୧୮ତମ ମିନିଟ୍‌ରେ ମନଦୀପ୍ ସିଂହ ପେନାଲ୍ଟି କର୍ଣ୍ଣରରୁ ଆଉ ଏକ ଗୋଲ୍ ସ୍କୋର କରି ଦଳର ଅଗ୍ରଣୀକୁ ୩-୦ରେ ପହଞ୍ଚାଇଥିଲେ। ତେବେ ଦ୍ୱିତୀୟାର୍ଦ୍ଧରେ ଭାରତ ଅଧିକ ଆକ୍ରମଣାତ୍ମକ ପ୍ରଦର୍ଶନ କରି ଆଉ ୪ଟି ଗୋଲ୍ ଦେଇଥିଲା। ଏଥିରୁ ତୃତୀୟ କ୍ୱାର୍ଟରରେ ରାଜ କୁମାର ପାଲ୍ ଓ ସୁଖଜିତ୍ ସିଂହ ଗୋଟିଏ ଲେଖାଏ ଏବଂ ଅଭିଷେକ ନିର୍ଣ୍ଣାୟକ ୪ର୍ଥ କ୍ୱାର୍ଟରରେ ୨ଟି ଗୋଲ୍ ଦେଇଥିଲେ। ମୋଟ୍ ୭ଟି ଗୋଲ୍ ମଧ୍ୟରୁ ଭାରତ ଫିଲ୍ଡ ଗୋଲ୍ ଜରିଆରେ ୫ଟି ଦେଇଥିଲା। ଶିଳାନନ୍ଦଙ୍କୁ ମ୍ୟାଚର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା। ପୂର୍ବରୁ ଦକ୍ଷିଣ କୋରିଆ ଖେଳିଥିବା ଏହାର 'କର ବା ମର' ମୁକାବିଲାରେ ୪-୩ ଗୋଲ୍‌ରେ ମାଲେସିଆକୁ ହରାଇ ଫାଇନାଲରେ ସ୍ଥାନ ପକ୍କା କରିଥିଲା।

ନନ୍ଦିଘୋଷ

'ନନ୍ଦିଘୋଷ ଟିଭି'

ନିମ୍ନଲିଖିତ ପଦବୀ ନିମନ୍ତେ ଦରଖାସ୍ତ ଆହ୍ୱାନ କରୁଛନ୍ତି।
ଆଶାୟୀ ପ୍ରାର୍ଥୀମାନେ ଏଥିପାଇଁ ଆବେଦନ କରିପାରିବେ।

| ପଦବୀ | ଅଭିଜ୍ଞତା |
|---|---|
| ୧) ସ୍କ୍ରୋଲ୍ କପି ଏଡିଟର | ୩ ବର୍ଷର ଅଭିଜ୍ଞତା |
| ୨) ଇନପୁଟ୍ କପି ଏଡିଟର | ୩ ବର୍ଷର ଅଭିଜ୍ଞତା |
| ୩) ବୁଲେଟିନ ପ୍ରଡ୍ୟୁସର | ୫ ବର୍ଷର ଅଭିଜ୍ଞତା |

ନିଜର ସମ୍ପୂର୍ଣ୍ଣ ଶିକ୍ଷାଗତ ଓ ଅନ୍ୟାନ୍ୟ ଯୋଗ୍ୟତା ପ୍ରମାଣପତ୍ର, ସଦ୍ୟ ପାସପୋର୍ଟ ଫଟୋ ସହିତ ୭ ସେପ୍ଟେମ୍ବର ୨୦୨୫ ସୁଦ୍ଧା hr@nandighoshatv.com ଇମେଲ୍ ଯୋଗେ ଆବେଦନ କରିପାରିବେ।

*କେବଳ ନିର୍ବାଚିତ ଆବେଦନଗୁଡିକୁ ସାକ୍ଷାତକାର ପାଇଁ ଡକାଯିବ।

ଯୋଗାଯୋଗ: ୯୪୩୭୦୧୭୪୯୯

ସ୍ୱା/- ମାନବ ସମ୍ବଳ ବିଭାଗ

ନନ୍ଦିଘୋଷ ନେଟ୍‌ୱର୍କ ପ୍ରାଇଭେଟ୍ ଲିମିଟେଡ୍
ଠିକଣା: ପ୍ଲଟ୍ ନଂ.: ୯୦ / ୯୧, ଭଗବାନପୁର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଭୁବନେଶ୍ୱର-୭୫୧୦୧୯

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, PLOT NO.125, IRRIGATION COLONY, JEYPORE-764001, DIST: KORAPUT, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS